RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-100 ♦MONDAY ♦6 OCTOBER 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୦୦ ♦ସୋମବାର ♦୬ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦



'ଫୋର୍ସ-୩'ରେ ମୀନାକ୍ଷୀ
▶ପୃଷ୍ଠା ୧୧ ଦେଖନ୍ତୁ...

# କଟକ ଅଶାନ୍ତ
## କର୍ଫ୍ୟୁ ଜାରି

## ପୁଲିସ-ଶୋଭାଯାତ୍ରାକାରୀ ଖଣ୍ଡଯୁଦ୍ଧ ■ ଲାଠିଚାର୍ଜ, ଟିୟର୍-ଗ୍ୟାସ୍ ମାଡ଼



### ଡିସିପିଙ୍କ ସମେତ ଜଣେ ଏଡିସିପି, ୩ ଏସିପି ଓ ୨ ଆଇଆଇସି ଗୁରୁତର

### ମଲ୍‌ରେ ଭଙ୍ଗାରୁଜା; ୧୦ କ୍ୟାବିନ୍, ଅଟୋ ଜାଳିଦେଲେ ବିକ୍ଷୋଭକାରୀ

### ୨୪ ଘଣ୍ଟା ଇଣ୍ଟରନେଟ୍ ସେବା ବନ୍ଦ, ସୋସିଆଲ୍ ମିଡିଆ ଉପରେ କଟକଣା

■ **କଟକ, ୫।୧୦ (ସମିସ):** ଦୁର୍ଗାପୂଜା ଭସାଣି ଗୋଷ୍ଠୀ ସଂଘର୍ଷ ପ୍ରତିବାଦରେ ଆସନ୍ତାକାଲି କଟକ ବନ୍ଦ ଡକରା ଦେଇଥିବା ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି)ର କର୍ମୀ ଓ ପୁଲିସ୍ ମଧ୍ୟରେ ଆଜି ଖଣ୍ଡଯୁଦ୍ଧ ଲାଗି କଟକ ସହର ଅଶାନ୍ତ ହୋଇପଡ଼ିଛି। ଆସନ୍ତାକାଲିର ବନ୍ଦକୁ ସଫଳ କରିବା ପାଇଁ ନିବେଦନ କରି ଭିଏଚ୍‌ପିର ଏକ ଶୋଭାଯାତ୍ରାକାରୀ ଦଳ ସହର ପରିକ୍ରମା କରୁଥିବା ବେଳେ ପୁଲିସ ସେମାନଙ୍କୁ ଅଟକାଇବା ପରେ ଏହି ସ୍ଥିତି ଉପୁଜିଛି। ପୁଲିସ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଉତ୍ତ୍ୟକ୍ତ ଶୋଭାଯାତ୍ରାକାରୀମାନେ ଦରଘାବଜାର ଅଞ୍ଚଳରେ ଥିବା ଏକ ବ୍ୟବସାୟ ପ୍ରତିଷ୍ଠାନରେ ଭଙ୍ଗାରୁଜା କରିବା ସହ ଗୋଟିଏ ଅଟୋ ରିକ୍ସା ଏବଂ ୧୦ଟି ଉଠା କ୍ୟାବିନ୍‌ରେ ନିଆଁ ଲଗାଇ ଦେଇଛନ୍ତି। ଏହି ସମୟରେ ଭିନ୍ନ ଏକ ଗୋଷ୍ଠୀ ପକ୍ଷରୁ ଶୋଭାଯାତ୍ରାକାରୀଙ୍କ ଉପରକୁ କାଚ ବୋତଲ ଓ ଢେଲାପଥର ମାଡ଼ କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ଓ ଶୋଭାଯାତ୍ରାକାରୀଙ୍କ ସହ ସଂଘର୍ଷରେ ୪ ଜଣ ଅଧିକାରୀଙ୍କ ସମେତ ୨୫ରୁ ଅଧିକ ପୁଲିସ କର୍ମଚାରୀ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଖବର ପାଇ ପୁଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସହରର ଉତ୍ତେଜନାମୂଳକ ସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତା ୩୬ ଘଣ୍ଟା ପାଇଁ କଟକର କେତେକ ସମ୍ବେଦନଶୀଳ ଅଞ୍ଚଳରେ କର୍ଫ୍ୟୁ ଜାରି କରାଯାଇଥିବା ପୁଲିସ କମିଶନର ଏସ୍ ଦେବଦତ୍ତ ସିଂହ ସୂଚନା ଦେଇଛନ୍ତି।


ଡିସିପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିଶନର ଶ୍ରୀ ସିଂ ସୂଚନା ଦେଇ କହିଛନ୍ତି, କଟକ ୟୁପିଡିର ୧୩ଟି ଥାନା ଅଞ୍ଚଳରେ ଏହି ସାନ୍ଧ୍ୟ ଆଇନ ଲାଗୁ ▶ପୃଷ୍ଠା-୭

## ବିଶୃଙ୍ଖଳା କଲେ କଠୋର କାର୍ଯ୍ୟାନୁଷ୍ଠାନ



■ **ଭୁବନେଶ୍ୱର, ୫।୧୦ (ସମିସ):** କଟକ ଗୋଷ୍ଠୀ ବିବାଦ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଶାନ୍ତି ବଜାୟ ରଖିବା ପାଇଁ ନିବେଦନ କରିଛନ୍ତି। ହଜାରେ ବର୍ଷର କଟକ ସହରରେ କିଛିଦିନ ଧରି କେତେକ ବିଶୃଙ୍ଖଳାକାରୀଙ୍କ ଯୋଗୁଁ ଶାନ୍ତି ଭଙ୍ଗ ହୋଇଛି ଓ ସାଧାରଣ ଲୋକଙ୍କ ଜୀବନଯାତ୍ରାରେ ବ୍ୟାଘାତ ସୃଷ୍ଟି ହେଉଛି। ବିଶୃଙ୍ଖଳାକାରୀଙ୍କ ଉପରେ ନଜର ରଖାଯାଇଛି। ଆଇନ୍ ଅନୁଯାୟୀ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଶାନ୍ତି ରକ୍ଷା ପାଇଁ ନବୀନଙ୍କ ଅନୁରୋଧ



■ **ଭୁବନେଶ୍ୱର, ୫।୧୦ (ସମିସ):** ଭାଇଚାରାର ସହର କଟକରେ ସମ୍ପ୍ରତି ସୃଷ୍ଟି ହୋଇଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଏକ ଶାନ୍ତିପ୍ରିୟ ରାଜ୍ୟ ଭାବରେ ଓଡ଼ିଶାର ସୁନାମ ରହିଛି। ଓଡ଼ିଶାବାସୀ, କଟକବାସୀ ସର୍ବଦା ଶାନ୍ତି ଓ ସଦ୍‌ଭାବ ଚାହାନ୍ତି। ତେଣୁ କଟକସହରରେ ଶାନ୍ତି ବଜାୟ ରଖିବା ପାଇଁ ସେ ସମସ୍ତ ସହରବାସୀଙ୍କୁ ଅନୁରୋଧ କରିଛନ୍ତି।

## ପୁଲିସ ଚାକିରି ବେପାର
# ଜାଲିଆତି ଚେର ଗଭୀର

## ବାଲେଶ୍ୱରରୁ ଧରାପଡ଼ିଲେ ଆଉ ଜଣେ ଦଲାଲ

■ **ଭୁବନେଶ୍ୱର, ୫।୧୦ (ସମିସ):** ପୁଲିସ ଏସ୍‌ଆଇ ଚାକିରି ବିକ୍ରିର ଚେର ବହୁ ଗଭୀରକୁ ଲମ୍ବିଛି। ଏହା ପଛରେ ପଞ୍ଚସଫ୍ଟ ମୁଖ୍ୟ ଶଙ୍କର ପ୍ରୁଷ୍ଟି ଓ ତାର ସହଯୋଗୀ ମୁନ୍ନା ମହାନ୍ତି ପ୍ରମୁଖ ଥିବା କୁହାଯାଉଥିଲେ ହେଁ ବାସ୍ତବରେ ଏମାନେ କେବଳ ଚେସ୍‌ବୋର୍ଡର ଗୋଟି ବୋଲି ସୂଚନା ମିଳିଛି । ଏହି ଘଟଣାରେ କ୍ରାଇମବ୍ରାଞ୍ଚ ଆଜି ବାଲେଶ୍ୱରରୁ ଚାକିରି ବେପାର ସିଣ୍ଡିକେଟ୍‌ର ଅନ୍ୟଜଣେ ସହଯୋଗୀ କୁହାଯାଉଥିବା ଅରବିନ୍ଦ ଦାସ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଏହାପରେ ଗିରଫ ସଂଖ୍ୟା ୧୧୯କୁ ବୃଦ୍ଧି ପାଇଛି। ତାଙ୍କ ନିକଟରୁ ଅନେକ ଆପତ୍ତିଜନକ ନଥିପତ୍ର ଜବତ ହୋଇଥିବା କୁହାଯାଇଛି। ସେହିପରି ପଞ୍ଚସଫ୍ଟ ମୁଖ୍ୟ ଶଙ୍କର ପ୍ରୁଷ୍ଟି ଦ୍ୱାରା ଭୁବନେଶ୍ୱର ରଘୁନାଥପୁରରେ ଏକ ପରୀକ୍ଷାକେନ୍ଦ୍ରରେ ମଧ୍ୟ ଚଢ଼ଉ କରାଯାଇଛି। ଅନ୍ୟପକ୍ଷରେ ଏହି ସମଗ୍ର ଘଟଣା ପଛରେ କିଛି ବଡ଼ବଡ଼ିଆଙ୍କ ହାତ ଥିବା କ୍ରାଇମବ୍ରାଞ୍ଚ ହାତରେ ସୁରାକ ଲାଗିଛି। ସେହିପରି କ୍ରାଇମବ୍ରାଞ୍ଚର ଅନ୍ୟଏକ ଟିମ୍ ଗଞ୍ଜାମ ଜିଲ୍ଲା ପୋଲସରା ଅଞ୍ଚଳର ଗୁପ୍ତ ରଞ୍ଜନ ନାୟକଙ୍କୁ ପଚରା ଉଚରା କରାଯାଉଛି। ▶ପୃଷ୍ଠା-୭

### ରଘୁନାଥପୁରସ୍ଥିତ ଶ୍ରୀଲିଙ୍ଗରାଜ ଇନ୍‌ଫୋସେଲ୍‌ରେ ଚଢ଼ଉ

### କଳା ତାଲିକାଭୁକ୍ତ ସଂସ୍ଥାକୁ ପ୍ରଶ୍ନପତ୍ର ପ୍ରସ୍ତୁତି ଦାୟିତ୍ୱ

## ଶଙ୍କର ପ୍ରୁଷ୍ଟିର ମହାରାଷ୍ଟ୍ର ଲିଙ୍କ୍

■ **ଭୁବନେଶ୍ୱର, ୫।୧୦ (ସମିସ):** ଏସଆଇ ପରୀକ୍ଷା ମହା ଦୁର୍ନୀତିର ଅନ୍ୟତମ ମୁଖ୍ୟ କାର୍ପଟଦାର ପଞ୍ଚସଫ୍ଟ ମାଲିକ ଶଙ୍କର ପ୍ରୁଷ୍ଟି ଫେରାର ହୋଇଯାଇଛି ବୋଲି କୁହାଯାଉଛି। ମାତ୍ର ଦୁଇଦିନ ତଳେ ଶଙ୍କର ପ୍ରୁଷ୍ଟି ଓଡ଼ି-୦୭-ଏୟୁ-୯୭୭୭ ଗାଡ଼ିରେ ରାଜଧାନୀରେ ବୁଲୁଥିବା ସୂଚନା ମିଳିଛି। ଶଙ୍କର ପ୍ରୁଷ୍ଟିର ଘର ଗଞ୍ଜାମ ଜିଲ୍ଲାର ହିଞ୍ଜିଳିକାଟୁ ନିକଟସ୍ଥ ବ୍ରାହ୍ମଣସାହି ଗ୍ରାମରେ। ବ୍ରହ୍ମପୁରରେ ମଧ୍ୟ ଶଙ୍କର ପ୍ରୁଷ୍ଟିର ଘର ରହିଛି; କିନ୍ତୁ ସେହି ଘରେ ▶ପୃଷ୍ଠା-୭

## ସଂଶୟରେ ଓସିଏସ୍ ଓ ଆର୍‌ଆଇ ପରୀକ୍ଷାର୍ଥୀ

■ **ଭୁବନେଶ୍ୱର, ୫।୧୦ (ସମିସ):** ରାଜ୍ୟରେ ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଘଟଣା ସାରା ଦେଶରେ ହଇଚଇ ସୃଷ୍ଟି କରିଛି। ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ପରିଚାଳିତ ପରୀକ୍ଷାରେ ଯାବତୀୟ ଅନିୟମିତତା ଓ କେଲେଙ୍କାରୀ ପଦାକୁ ଆସିବା ପରେ ମେଧାବୀମାନେ ନିରାଶ ହୋଇଛନ୍ତି। ଏହି ସମୟରେ ଆସନ୍ତା ୮ ତାରିଖରେ ଆରମ୍ଭ ହେବାକୁ ଥିବା ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପରିଚାଳିତ ଆର୍‌ଆଇ, ଏଆର୍‌ଆଇ ଓ ଅମିନ ପରୀକ୍ଷା ଏବଂ ଆସନ୍ତା ୧୨ ତାରିଖରେ ହେବାକୁଥିବା ଓପିଏସ୍‌ସି ପରିଚାଳିତ ଓସିଏସ୍ ପରୀକ୍ଷାର ପରୀକ୍ଷାର୍ଥୀମାନେ ସଂଶୟ ମଧ୍ୟରେ ଗତି କରୁଛନ୍ତି। ବିଧାନସଭାର ଗତ ଶୀତ ଅଧିବେଶନ ସମୟରେ ଖୋଦ୍ ମୁଖ୍ୟମନ୍ତ୍ରୀ ଓପିଏସ୍‌ସି ଦ୍ୱାରା ପରିଚାଳିତ ପରୀକ୍ଷା ସମ୍ପର୍କରେ ପ୍ରଦାନ କରିଥିବା ନକରାତ୍ମକ ମନ୍ତବ୍ୟ ପ୍ରଦାନ କରିବା ସହ ନିଯୁକ୍ତି ଜାଲିଆତିର ସବୁ ଗଳାବାଟ ବନ୍ଦ କରିଥିବା ଦୃଢ଼ୋକ୍ତି ବାଢ଼ିଥିଲେ। ମାତ୍ର କେଇଟା ମାସ ଯାଇନାହିଁ, ଗୋଟିଏ ପରେ ଗୋଟିଏ ପରୀକ୍ଷାର ପ୍ରଶ୍ନ ▶ପୃଷ୍ଠା-୭







# ଇଂଲଣ୍ଡରେ ଏୟାର ଇଣ୍ଡିଆ ବିମାନର ଜରୁରୀ ଅବତରଣ

## ଆପେ ଖୋଲିଗଲା ଏମର୍ଜେନ୍ସି ଟର୍ବାଇନ




**ଅମୃତସର, ୫ ।୧୦(ଏଜେନ୍ସି):** ପଞ୍ଜାବର ଅମୃତସରରୁ ଇଂଲଣ୍ଡର ବର୍ମିହାମ ଯାଉଥିବା ଏୟାର ଇଣ୍ଡିଆ ବିମାନ ଏଆଇ-୧୧୭ (ବୋଇଂ ଡ୍ରିମ୍‌ଲାଇନର ୭୮୭-୮) ବର୍ମିହାମ ବିମାନବନ୍ଦରରେ ଜରୁରୀ ଅବତରଣ କରିଛି।

### ଅହମଦାବାଦରେ ଏହି ମଡେଲ ବିମାନର ଦୁର୍ଘଟଣା ହୋଇଥିଲା

ଏହି ବିମାନ ଶନିବାର ଅମୃତସରରୁ ଯାତ୍ରା ଆରମ୍ଭ କରି ପ୍ରାୟ ୧୦ ଘଣ୍ଟା ୪୫ ମିନିଟ୍ ପରେ ବର୍ମିହାମରେ ପହଞ୍ଚି ଥିଲା। ଆଶ୍ଚର୍ଯ୍ୟଜନକ ଭାବେ ଅବତରଣ କରିବା ପୂର୍ବରୁ ବିମାନର ରାମ ଏୟାର ଟର୍ବାଇନ୍ (ଆରଏଟି) ଆପେ ଖୋଲି ଯାଇଥିଲା। ଫଳରେ ପାଇଲଟ ସତର୍କତା ଅବଲମ୍ବନ କରି ବିମାନର ଜରୁରୀକାଳୀନ ଅବତରଣ କରାଇଥିଲେ। ବର୍ମିହାମ୍‌ରେ ପହଞ୍ଚିବାର ଠିକ୍ ପୂର୍ବରୁ ଏହି ଘଟଣା ଘଟିଥିଲା। ତେବେ ସବୁ ଯାତ୍ରୀ ଓ କ୍ରୁ ମେମ୍ବର ସୁରକ୍ଷିତ ଅଛନ୍ତି ବୋଲି ଏୟାର ଇଣ୍ଡିଆ ତରଫରୁ କୁହାଯାଇଛି। ବିମାନର ସବୁ ଇଲେକ୍‌ଟ୍ରିକାଲ ଓ ହାଇଡ୍ରୋଲିକ ସିଷ୍ଟମ ସାମାନ୍ୟ ଭାବେ କାର୍ଯ୍ୟ କରୁଥିଲା ବୋଲି ଯାଞ୍ଚ ପରେ ଜଣାପଡିଛି। ବିମାନକୁ ସୁରକ୍ଷିତ ଭାବେ ଅବତରଣ କରାଯାଇଛି। ବିମାନ ଦିଲ୍ଲୀ ପ୍ରତ୍ୟାବର୍ତ୍ତନକୁ ବାତିଲ କରାଯାଇଛି ବୋଲି କୁହାଯାଇଛି। ଯାତ୍ରୀମାନଙ୍କୁ ଅନ୍ୟଏକ ବିମାନରେ ଭାରତ ପଠାଯାଇଛି। ଉଲ୍ଲେଖଥାଉ କି, ବୋଇଂ ଡ୍ରିମଲାଇନରର ଏହି ମଡେଲ ବିମାନ ଜୁନ୍ ୧୨ରେ ଅହମଦାବାଦ୍‌ରେ ଉଡ଼ାଣ କରିବାର କିଛି ମୂହୁର୍ତ୍ତ ପରେ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲା। ଏଥିରେ ୨୭୦ ଜଣ ଲୋକ ମୃତ୍ୟୁବରଣ କରିଥିଲେ।

# ନ୍ୟାୟିକ ତଦନ୍ତ ନ ହେବା ଯାଏଁ ଜେଲ୍‌ରେ ରହିବି



ସୋନମ ୱାଙ୍ଗଚୁକ୍

**ନୂଆଦିଲ୍ଲୀ, ୫।୧୦ (ଏଜେନ୍ସି):** ଲଦାଖ ହିଂସା ମାମଲାରେ ଗିରଫ ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍‌ଙ୍କୁ ଯୋଧପୁର କେନ୍ଦ୍ରୀୟ ଜେଲ୍‌ରେ ରଖାଯାଇଛି। ସେ ଏହି ଜେଲ୍‌ରୁ ଏକ ଚିଠି ଲେଖି ହିଂସାରେ ୪ ଜଣଙ୍କ ମୃତ୍ୟୁ ମାମଲାର ସ୍ୱତନ୍ତ୍ର ନ୍ୟାୟିକ ତଦନ୍ତ ଦାବି କରିଛନ୍ତି। ନ୍ୟାୟିକ ତଦନ୍ତ ନ ହେବା ପର୍ଯ୍ୟନ୍ତ ସେ ଜେଲ୍‌ରେ ରହିବେ ବୋଲି ଉଲ୍ଲେଖ କରିଛନ୍ତି। ରବିବାର ଜାରି କରାଯାଇଥିବା ଏହି ଚିଠିରେ ସୋନମ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ପ୍ରତି ଗଭୀର ସମବେଦନା ପ୍ରକାଶ କରିଛନ୍ତି। ସେ ଆହତ ଏବଂ ଗିରଫ ଲୋକଙ୍କ ପାଇଁ ମଧ ପ୍ରାର୍ଥନା କରିଛନ୍ତି। ଶାନ୍ତି ଏବଂ ଏକତାକୁ ବଜାୟ ରଖି ଗାନ୍ଧୀଜୀଙ୍କ ଅହିଂସା ମାର୍ଗରେ ନିଜ ସଂଘର୍ଷକୁ ଆଗକୁ ବଢ଼ାଇବା ପାଇଁ ସେ ଲେହ ଏବଂ ଲଦାଖ ଲୋକଙ୍କୁ ଅନୁରୋଧ କରିଛନ୍ତି।

ଲେହ ଆପେକ୍ସ ବଡି (ଏଲଏବି)ର ଆଇନ ପରାମର୍ଶଦାତା ତଥା ଓକିଲ ମୁସ୍ତଫା ହାଜି ରବିବାର ଏହି ଚିଠି ଜାରି କରିଛନ୍ତି। ସେ ଏବଂ ସୋନମଙ୍କ ଭାଇ ତା ସେତନ ଦୋରଜେ ଲେ ଯୋଧପୁର ଜେଲ୍‌କୁ ଯାଇ ଶନିବାର ସାମାଜିକ କର୍ମୀଙ୍କୁ ଭେଟିଥିଲେ। ଗତ ୨୪ ତାରିଖରେ ହୋଇଥିବା ହିଂସାକୁ ଉସୁକାଇବା ମାମଲାରେ ରାଷ୍ଟ୍ରୀୟ ସୁରକ୍ଷା ଆଇନ (ଏନଏସଏ) ଅଧିନରେ ସୋନମଙ୍କୁ ଗତ ୨୬ ତାରିଖରେ ଗିରଫ କରାଯାଇଥିଲା। ତାଙ୍କ ମୁକ୍ତି ଦାବିରେ ହେବିୟସ କର୍ପସ (ବନ୍ଦୀ ପ୍ରତ୍ୟକ୍ଷୀକରଣ) ଆବେଦନ ଦାଏର କରାଯାଇଛି। ସୋମବାର ଏହି ମାମଲାର ଶୁଣାଣି ହେବ। ଚିଠିରେ ୱାଙ୍ଗଚୁକ କହିଛନ୍ତି ଯେ ସେ ଶାରୀରିକ ଏବଂ ମାନସିକ ଭାବେ ସୁସ୍ଥ ଅଛନ୍ତି। ଶୁଭେଚ୍ଛୁଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି। ସେ ଏଲଏବି ଏବଂ କାର୍‌ଗିଲ ଡେମୋକ୍ରାଟିକ୍ସ ଆଲାଏନ୍ସ (କେଡିଏ)କୁ ସମ୍ପୂର୍ଣ୍ଣ ସମର୍ଥନ ଦେବୁ। ଲଦାଖକୁ ରାଜ୍ୟ ମାନ୍ୟତା ଏବଂ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦରେ ସାମିଲ କରିବା ଦାବି ନ୍ୟାୟ ସଙ୍ଗତ। ଲଦାଖ ପାଇଁ ଏଲଏବି ଯେଉଁ ପଦକ୍ଷେପ ନେବ ତାହାକୁ ସମ୍ପୂର୍ଣ୍ଣ ସମର୍ଥନ ଦିଆଯିବ। ଏହା ପୂର୍ବରୁ ସ୍ୱାମୀଙ୍କୁ ନିର୍ଦ୍ଦୋଷ ଦର୍ଶାଇ ସୋନମଙ୍କ ସ୍ତ୍ରୀ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ।

## ଗେଷ୍ଟ ହାଉସ ହେବ କେଜ୍ରିୱାଲଙ୍କ ଶୀଶ୍ ମହଲ

**ନୂଆଦିଲ୍ଲୀ, ୫ ।୧୦(ଏଜେନ୍ସି):** ଦିଲ୍ଲୀ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ସରକାରୀ ବାସଭବନ ତଥା ସିଏମ୍ ହାଉସ ଏବେ ନୂଆ ରୂପ ନେବାକୁ ଯାଉଛି। ଏହି ସିଏମ୍ ହାଉସ୍‌କୁ ଶୀଶ୍ ମହଲ କୁହାଯାଉଥିଲା। ଏହାର ପୁନର୍ଗଠନ ପାଇଁ କେଜ୍ରିୱାଲ ୪୫ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ତେଣୁ ବିଜେପି ଏହାକୁ ଶୀଶ୍ ମହଲ ବୋଲି କହି ଚର୍ଚ୍ଚା ସୃଷ୍ଟି କରିଥିଲା। ଏବେ ଏହି ଶୀଶ୍ ମହଲ ଗେଷ୍ଟ ହାଉସ୍‌ର ରୂପ ନେବ। ଗେଷ୍ଟ ହାଉସ୍ ହେବା ପରେ ଏଠାରେ ପାର୍କିଂ ପାଇଁ ସ୍ଥାନ, ବୈଠକ ପ୍ରକୋଷ୍ଠ, ବେଟିଂ ହଲ, କାଫେଟେରିଆ ଅର୍ଥାତ ସେଲ୍ଫ ସର୍ଭିସ ରେଷ୍ଟୋରାଁ ଓ ଅନ୍ୟ ସୁବିଧା ସୁଯୋଗ ଉପଲବ୍ଧ ହେବ ବୋଲି କୁହାଯାଇଛି। ଅନ୍ୟ ଗେଷ୍ଟ ହାଉସ୍ ଭଳି ଏଠାରେ ମନ୍ତ୍ରୀ, ଅଧିକାରୀ ରହିବେ ଓ ଭଡ଼ା ବି ଦେବେ।

## ଆମେରିକାରେ ବିଦେଶୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୫%ରେ ସୀମିତ ରହିବ

**ୱାଶିଂଟନ, ୫ ।୧୦ (ଏଜେନ୍ସି):** ଆମେରିକାର ବିଶ୍ୱ ବିଦ୍ୟାଳୟରେ ବିଦେଶୀ ଛାତ୍ରଛାତ୍ରୀଙ୍କ ସଂଖ୍ୟାକୁ ସୀମିତ କରିବା ପାଇଁ ଟ୍ରମ୍ପ ସରକାର ଏବେ ନୂଆ ନିଷ୍ପତ୍ତି ନେଇଛନ୍ତି। ବିଦେଶୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୫%ରେ ସୀମିତ ରଖିବାକୁ ଦେଶର ୯ଟି ବଡ଼ ବିଶ୍ୱବିଦ୍ୟାଳୟକୁ ଚିଠି ଲେଖି ସରକାର ନିର୍ଦ୍ଦେଶ ଦେଇଛନ୍ତି। ଯଦି ସରକାରୀ ପାଣ୍ଠି ଆବଶ୍ୟକ ତେବେ ବିଦେଶୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୫%ରୁ ନ ବଢ଼ାଇବାକୁ ଚିଠିରେ ଦର୍ଶାଯାଇଛି। ବିଶ୍ୱବିଦ୍ୟାଳୟରେ କୌଣସି ଦେଶର ଛାତ୍ରଛାତ୍ରୀଙ୍କ ସଂଖ୍ୟା ୫%ରୁ ଅଧିକ ହେବ ନାହିଁ। ଏହି ନିୟମ ଲାଗୁହେଲେ ଭାରତକୁ ଜବରଦସ୍ତ ଝଟ୍‌କା ଲାଗିବ। ଆମେରିକା ବିଶ୍ୱବିଦ୍ୟାଳୟରେ ଭାରତ ଓ ଚୀନ୍‌ରୁ ଆସୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୩୫% ରହିଥାଏ। ତେଣୁ ୫% ସୀମା ଲାଗୁ ହେଲେ ଭାରତୀୟ ଛାତ୍ରାଛାତ୍ରୀମାନେ ଆମେରିକାରେ ପଢ଼ିବାରୁ ବଞ୍ଚିତ ହୋଇପାରନ୍ତି। ଖାସ୍ କରି ଶସ୍ତା ବିଶ୍ୱବିଦ୍ୟାଳୟରେ ପଢ଼ିବାକୁ ଚାହୁଁଥିବା ଛାତ୍ରଛାତ୍ରୀ ନାମ ଲେଖାଇବାରୁ ବଞ୍ଚିତ ହେବେ।

## ଆମେରିକା ସେନାରେ ଦାଢ଼ି, ଲମ୍ବା କେଶ ରଖିବା ମନା

**ୱାଶିଂଟନ, ୫ ।୧୦(ଏଜେନ୍ସି):** ଆମେରିକା ସୈନ୍ୟ ବାହିନୀରେ ଦାଢ଼ି ଓ ଲମ୍ବା କେଶ ରଖିବାକୁ ବାରଣ କରାଯାଇଛି। ଆମେରିକା ପ୍ରତିରକ୍ଷା ସଚିବ ପିଟ୍ ହେଗ୍‌ସେଥ ଏହି ନୂଆ ନିୟମ ବିଷୟରେ ଘୋଷଣା କରିଛନ୍ତି। ଏହା ଅନୁସାରେ ଦାଢ଼ି, ଲମ୍ବା କେଶ ଓ ସ୍ୱତନ୍ତ୍ର କେଶ ବିନ୍ୟାସ ସହ ଗହଣା ଓ ପୋଷାକ ପ୍ରଦର୍ଶନ ଉପରେ ରୋକ ଲଗାଯାଇଛି। ଏହା ଉପରେ ସେନାରେ ଥିବା ଶିଖ୍ ସମ୍ପ୍ରଦାୟର ଯୁବକ ଅସନ୍ତୋଷ ଜାହିର କରିଛନ୍ତି। ଏହା ଦ୍ୱାରା ଶିଖ ସମ୍ପ୍ରଦାୟର ଧାର୍ମିକ ବିଶ୍ୱାସ ଓ ପରମ୍ପରା କ୍ଷୁର୍ଣ୍ଣ ହେବ ବୋଲି କୁହାଯାଇଛି।

# ଦାର୍ଜିଲିଂରେ ବର୍ଷା, ଭୂସ୍ଖଳନ ତାଣ୍ଡବ

**କୋଲକାତା, ୫ ।୧୦(ଏଜେନ୍ସି):** ଦେଶରୁ ମୌସୁମୀ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ବିଭିନ୍ନ ରାଜ୍ୟରେ ବର୍ଷା ଜାରି ରହିଛି। ତେବେ ସବୁଠାରୁ ଭୟଙ୍କର ସ୍ଥିତି ଦେଖିବାକୁ ମିଳିଛି ପଶ୍ଚିମବଙ୍ଗର ପାର୍ବତ୍ୟ ଅଞ୍ଚଳରେ। ଗତକାଲି ଠାରୁ ପ୍ରବଳ ବର୍ଷା ଓ ଭୂସ୍ଖଳନ ଯୋଗୁ ଅତିକମରେ ୪୦ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଶତାଧିକ ଆହତ ହୋଇଛନ୍ତି। ତେବେ ସରକାରୀ ଭାବେ

**୪୦ ମୃତ, ଶତାଧିକ ଆହତ**
**ପୋଲ ଭାଙ୍ଗିଲା, ପର୍ଯ୍ୟଟନ ସ୍ଥଳ ବନ୍ଦ**
**ସିକିମ୍ ବାହ୍ୟଜଗତରୁ ବିଚ୍ଛିନ୍ନ**





ମୃତ୍ୟୁସଂଖ୍ୟା ୨୦ ବୋଲି କୁହାଯାଇଛି। ଭୂସ୍ଖଳନ ଓ ପୋଲ ଭୁଶୁଡ଼ିବା ଯୋଗୁଁ ହଜାରେରୁ ଅଧିକ ଲୋକ ବିଭିନ୍ନ ସ୍ଥାନରେ ଅଟକ ରହିଛନ୍ତି। ସେହିଭଳି ସିକିମ୍ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି।

ମିଳିଥିବା ସୂଚନା ଅନୁଯାୟୀ ପ୍ରବଳ ବର୍ଷା ହେବା କାରଣରୁ ଗତକାଲି ରାତିରେ ଦାର୍ଜିଲିଂର ୭ଟି ସ୍ଥାନରେ ଭୂସ୍ଖଳନ ହୋଇଛି। ମିରିକ୍- ସୁଖିଆ ପୋଖରୀ ରୋଡ୍ ନିକଟରେ ପାହାଡ଼ର ଏକ ଅଂଶ ଧସିଛି। ଫଳରେ ଅନେକ ଘର ଭାଙ୍ଗିଯାଇଛି ଓ ଏଥିରେ ୭ ଶିଶୁଙ୍କ ସମେତ ୨୦ ଜଣ ମୃତ୍ୟୁବରଣ କରିଛନ୍ତି। ମୃତ୍ୟୁ ସଂଖ୍ୟା ବୃଦ୍ଧିପାଇବାର ଆଶଙ୍କା ରହିଛି। ଭୂସ୍ଖଳନ ଯୋଗୁଁ ଉଦ୍ଧାରକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଆଖାପାଖରେ ବହୁ ଅଞ୍ଚଳ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଦାର୍ଜିଲିଂ ଜିଲ୍ଲାରେ ଦୁଇଟି ଲୁହା ନିର୍ମିତ ପୋଲ ଭାଙ୍ଗିଯାଇଛି। ପ୍ରବଳ ବର୍ଷା କାରଣରୁ ତିସ୍ତା ନଦୀରେ ବନ୍ୟା ଆସିଛି। ତିସ୍ତା ବଜାର ନିକଟରେ ବଲୁଖୋଲାରେ ପାଣି ପଶିଛି। ସିଲିଗୁଡି ସହ ସିକିମ ଓ କାଲିମପଙ୍ଗକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ସମ୍ପୂର୍ଣ୍ଣ ବନ୍ଦ ହୋଇଛି। ଦାର୍ଜିଲିଂ ସହରର କେତେକ ଅଞ୍ଚଳ ସହ ସମ୍ପର୍କ ଛିନ୍ନ ହୋଇଛି। ଦୁର୍ଗାପୂଜା ପରେ କୋଲକାତା ଓ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରୁ ପର୍ଯ୍ୟଟକ ଦାର୍ଜିଲିଂ ଯାଇଥିଲା ବେଳେ ସେଠାରେ ବହୁ ସଂଖ୍ୟାରେ ପର୍ଯ୍ୟଟକ ଫସି ରହିଛନ୍ତି। । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର ଦାର୍ଜିଲିଂ ଗସ୍ତ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୂସ୍ଖଳନରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପାଇଁ ଶୋକ ବ୍ୟକ୍ତ କରିଛନ୍ତି।

କିଛି ଅପ୍ରୀତିକର ଘଟଣାକୁ ରୋକିବା ପାଇଁ ଗୋର୍ଖାଲାଣ୍ଡ ପ୍ରାଦେଶିକ ପ୍ରଶାସନ ଦାର୍ଜିଲିଂରେ ସବୁ ପର୍ଯ୍ୟଟନ ସ୍ଥଳକୁ ବନ୍ଦ କରିଛି। ଟାଇଗର ହିଲ ଓ ରକ୍ ଗାର୍ଡେନକୁ ମଧ ବନ୍ଦ କରିଦିଆଯାଇଛି। ସେହିପରି ଟଏ ଟ୍ରେନ୍ ଚଳାଚଳକୁ ମଧ ବନ୍ଦ କରିଦିଆଯାଇଛି। ପ୍ରବଳ ବର୍ଷା କାରଣରୁ ଦାର୍ଜିଲିଂ ସମେତ ଉତ୍ତର ବେଙ୍ଗଲ କ୍ଷତିଗ୍ରସ୍ତ ହୋଇଛି। ଜଲପାଇଗୁଡ଼ି, ସିଲିଗୁଡ଼ି ଓ କୁଚ ବେହାରରେ ବହୁ ଅଞ୍ଚଳ ଜଳମଗ୍ନ ହୋଇଛି। ପୂର୍ବରୁ ଉତ୍ତର ବେଙ୍ଗଲରେ ପ୍ରବଳ ବର୍ଷା ହେବ ବୋଲି ସ୍ଥାନୀୟ ପାଣିପାଗ କାର୍ଯ୍ୟାଳୟ ସତର୍କତା ଜାରି କରିଥିଲା। ସିକିମକୁ ମଧ ଦୁଇଥର ରେଡ୍ ଆଲର୍ଟ ଜାରି କରାଯାଇଥିଲା। ଏହି ଅଞ୍ଚଳରେ ୭ ତାରିଖ ପର୍ଯ୍ୟନ୍ତ ବର୍ଷା ଜାରି ରହିବ ଓ ବହୁ ଅଞ୍ଚଳରେ ବନ୍ୟା ଆସିବ ବୋଲି ସତର୍କତା ଜାରି କରାଯାଇଛି। ପଡୋଶୀ ନେପାଳରେ ମଧ ପ୍ରବଳ ବର୍ଷା କାରଣରୁ ଗତ ୪୮ ଘଣ୍ଟା ମଧରେ ୫୨ ଜଣ ମୃତ୍ୟୁବରଣ କରିଛନ୍ତି।

# ନେପାଳରେ ଭୟଙ୍କର ଭୂସ୍ଖଳନ, ୫୨ ମୃତ



**କାଠମାଣ୍ଡୁ, ୫।୧୦ (ଏଜେନ୍ସି):** ନେପାଳରେ ଶୁକ୍ରବାରଠାରୁ ଭୀଷଣ ବର୍ଷା ଜାରି ରହିଛି। ଏହା ଦେଶରେ ବିପର୍ଯ୍ୟୟ ସୃଷ୍ଟି କରିଛି। ବର୍ଷା ଯୋଗୁଁ ଅଚାନକ ବନ୍ୟା ମାଡି ଆସିଛି। ଅନେକ ସ୍ଥାନରେ ଭୟଙ୍କର ଭୂସ୍ଖଳନ ହୋଇଛି। ଏହା ଫଳରେ ଅନେକ ରାସ୍ତା ବନ୍ଦ ହୋଇ ଯାଇଛି। ପୋଲ ଭାସି ଯାଇଛି। ଶତାଧିକ ଘର ଭୁଶୁଡ଼ି ଯାଇଛି। ଏଥିରେ ଗତ ଦୁଇ ଦିନ ମଧରେ ୫୨ ଜଣ ପ୍ରାଣ ହରାଇଛନ୍ତି। ଶତାଧିକ ଆହତ ହୋଇଛନ୍ତି। ଅନେକ ଲୋକେ ଭାସି ଯାଇଛନ୍ତି। ଅବଶେଷ ତଳେ ଦବି ହୋଇ ରହିଛନ୍ତି। ଏବେ ୯ ଜଣ ନିଖୋଜ ଅଛନ୍ତି। ଏହି ବର୍ଷା ଜନିତ ଅଘଟଣରେ ପୂର୍ବ ନେପାଳର ଇଲାମ ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇଛି। ଏଠାରେ ଭୂସ୍ଖଳନରେ ୩୭ ଜଣଙ୍କ ମୃତ୍ୟୁ ହୋଇଛି। ଉଦ୍ଧାରକାର୍ଯ୍ୟରେ ସେନା ମୁତୟନ କରାଯାଇଛି। ଫସିଥିବା ଲୋକଙ୍କୁ ହେଲିକପ୍ଟର ମାଧ୍ୟମରେ ସୁରକ୍ଷିତ ସ୍ଥାନକୁ ନିଆଯାଉଛି। ଇଲାମ ଜିଲ୍ଲା ଅଧିକାରୀ ସୁନିତା ନେପାଳ କହିଛନ୍ତି ଯେ ସାରା ରାତି ଭୟଙ୍କର ବର୍ଷା ହୋଇଥିଲା। ଏଥିପାଇଁ ଭୂସ୍ଖଳନ ହୋଇ ପ୍ରବଳ କ୍ଷୟକ୍ଷତି ଘଟିଥିଲା। ଅନେକ ଅଞ୍ଚଳରେ ରାସ୍ତା ଭାସି ଯାଇଥିବାରୁ ଏବଂ ଅବଶେଷ ଗଦା ହୋଇ ରହିଥିବାରୁ ଉଦ୍ଧାରକାର୍ଯ୍ୟରେ ସମସ୍ୟା ସୃଷ୍ଟି ହେଉଛି। ଉଦ୍ଧାରକାରୀ ଦଳ ଚାଲି ଚାଲି ପ୍ରଭାବିତ କ୍ଷେତ୍ରରେ ପହଞ୍ଚିବାକୁ ପ୍ରୟାସ କରୁଛନ୍ତି। ରାଜଧାନୀ କାଠମାଣ୍ଡୁର ସ୍ଥିତି ମଧ ବିପଜ୍ଜନକ ରହିଛି। ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ଅନେକ ଘର ଏବଂ ବସ୍ତି ବୁଡି ଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ପଡୋଶୀ ପ୍ରଥମ ନୀତିରେ ଆବଶ୍ୟକ ପଡିଲେ ନେପାଳକୁ ଯଥାସମ୍ଭବ ସହାୟତା ଦିଆଯିବ ବୋଲି କହିଛନ୍ତି।

# 'ବିହାରରେ ଏସ୍‌ଆଇଆର ସଫଳ; ଏବେ ସାରା ଦେଶରେ ଲାଗୁ ହେବ'

**ପାଟନା, ୫।୧୦ (ଏଜେନ୍ସି):** ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ ତଥା ଏସ୍‌ଆଇଆର ପ୍ରକ୍ରିୟା ସମ୍ପୂର୍ଣ୍ଣ ସଫଳ ହୋଇଛି। ଭୋଟର ତାଲିକାରେ ଏହା ସବୁଠାରୁ ବଡ଼ ପଦକ୍ଷେପ ଥିଲା। ଚଳିତ ବର୍ଷ ଜୁନ୍ ୨୪ରେ ଏସଆଇଆର ଆରମ୍ଭ ହୋଇ ସଠିକ୍ ସମୟରେ ଶେଷ ହୋଇଥିଲା। ଏହି ସଫଳତା ପାଇଁ ଭୋଟରଙ୍କୁ ଧନ୍ୟବାଦ। ଏବେ ସାରା ଦେଶରେ ଏସ୍‌ଆଇଆର କରାଯିବ। ବିହାର ବିଧାନସଭା ନିର୍ବାଚନ ପ୍ରସ୍ତୁତିକୁ ନେଇ ରବିବାର ପାଟନାରେ ସାମ୍ବାଦିକ ସମ୍ମିଳନୀ କରି ଭାରତର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏହି ସୂଚନା ଦେଇଛନ୍ତି।



**ପୋଲିଂ ବୁଥ୍‌ର ଶହେ ପ୍ରତିଶତ ୱେବ୍‌କାଷ୍ଟିଂ କରାଯିବ**
**କୌଣସି ବୁଥ୍‌ରେ ୧୨୦୦ରୁ ଅଧିକ ଭୋଟର ରହିବେନି**


ସିଇସି କହିଛନ୍ତି ଯେ ଜନ ପ୍ରତିନିଧି ଆଇନ ଅନୁଯାୟୀ ପ୍ରତ୍ୟେକ ନିର୍ବାଚନ ପୂର୍ବରୁ ଭୋଟର ତାଲିକା ଯାଞ୍ଚ କରାଯିବା ଉଚିତ। ନିର୍ବାଚନ ପରେ ଏସଆଇଆର ହୁଏ ନାହିଁ। ଏହା ନ୍ୟାୟ ସଙ୍ଗତ ନୁହେଁ। ବିହାରରେ ୯୦, ୨୧୭ ବୁଥ୍ ଲେଭୁଲ ଅଫିସର (ବିଏଲଓ) ବହୁତ ଭଲ କାମ କରିଛନ୍ତି। ସାରା ଦେଶରେ ହେବାକୁ ଥିବା ଏସ୍‌ଆଇଆର ପାଇଁ ବିହାର ବିଏଲଓ ଉଦାହରଣ ସୃଷ୍ଟି କରିବେ। ଏବେ ବୁଥ୍ ପର୍ଯ୍ୟନ୍ତ ମୋବାଇଲ ନେଇ ହେବ। ବୁଥ୍ ସେଣ୍ଟରର ୧୦୦ ମିଟର ଦୂରରେ ପୋଲିଂ ଏଜେଣ୍ଟ ବସିପାରିବେ। ବିହାର ନିର୍ବାଚନରେ ଇଭିଏମ ଉପରେ ପ୍ରାର୍ଥୀଙ୍କ କଲର ଫଟୋ ଲଗାଯିବ। ୱାନ ଷ୍ଟପ୍ ଡିଜିଟାଲ ପ୍ଲାଟଫର୍ମ ମଧ ବିହାରରେ ଲାଗୁ ହେବ। ବୁଥ୍‌ରୁ ଶହେ ମିଟର ଦୂରରୁ ପ୍ରାର୍ଥୀ ନିଜ ଏଜେଣ୍ଟଙ୍କୁ ଫୋନ କରିପାରିବେ। ପୋଲିଂ ବୁଥ୍‌ର ଶହେ ପ୍ରତିଶତ ୱେବ୍‌କାଷ୍ଟିଂ ମଧ କରାଯିବ। ଏହା ବ୍ୟତୀତ ଭୋଟର ଚିହ୍ନିବା ପାଇଁ ବିଏଲଓଙ୍କ ନିମନ୍ତେ ମଧ ଆଇଡି କାର୍ଡ ଦିଆଯିବ। ଏଥର ମତଦାନ କେନ୍ଦ୍ର ବାହାରେ ମୋବାଇଲ ଜମା କରି ଲୋକେ ଭୋଟ ଦେଇପାରିବେ।

ଏବେ ବିହାର ବ୍ୟତୀତ ଦେଶର ଅନ୍ୟ କୌଣସି ବୁଥ୍‌ରେ ୧୨୦୦ରୁ ଅଧିକ ଭୋଟର ରହିବେ ନାହିଁ ବୋଲି ସିଇସି ସୂଚନା ଦେଇଛନ୍ତି। ଯାହାର ଭୋଟର କାର୍ଡ ତଥ୍ୟରେ କୌଣସି ସଂଶୋଧନ ହୋଇନାହିଁ ତାଙ୍କୁ ୧୫ ଦିନ ଭିତରେ ଭୋଟର କାର୍ଡ ମିଳିଯିବ। ତଥ୍ୟ ପରିବର୍ତ୍ତନ ହୋଇ ନ ଥିଲେ ପୁରୁଣା ଭୋଟର କାର୍ଡ ଦେଖାଇ ଲୋକେ ଭୋଟ ଦେଇପାରିବେ।

# ଆମେରିକା ସଟ୍‌ଡାଉନ: ନୂଆଦିଲ୍ଲୀ, ମୁମ୍ବାଇରେ ପ୍ରଭାବ

**ୱାଶିଂଟନ, ୫।୧୦ (ଏଜେନ୍ସି):** ହଠାତ୍ ମଧରାତ୍ରିରେ ଆମେରିକା ରାଜଧାନୀ ୱାଶିଂଟନର ଚଡ଼କ ପଡ଼ିଥିଲା। ଆମେରିକା ସରକାର ସଟ୍‌ଡାଉନ ହୋଇ ଯାଇଥିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନକୁ କାମ ବନ୍ଦ କରିବାକୁ ପଡ଼ିଥିଲା। ସିନେଟରେ ସାଧାରଣ ସହମତି ପ୍ରକାଶ ନ ପାଇବାରୁ ଏହି ସ୍ଥିତି ସୃଷ୍ଟି ହୋଇଥିଲା। ଅର୍ଥ ବିଲ୍‌କୁ ଅନୁମୋଦନ ଦେବାରେ ସାଂସଦମାନେ ବିଫଳ ହେବାରୁ ଲକ୍ଷାଧିକ କର୍ମଚାରୀଙ୍କ ଉପରେ ବିପଦ ପଡ଼ିଥିଲା। ଏହା ଏକ ଘରୋଇ ରାଜନୈତିକ ଅଚଳାବସ୍ଥା ପରି ମନେ ହୁଏ। ଏହା ବିଶ୍ୱର ବୃହତ ଅର୍ଥନୀତି ଆମେରିକାର ଅଣ୍ଟାକୁ ଭାଙ୍ଗିଦେଇଛି। ପ୍ରଶାସନର କିଛି ଅଂଶକୁ ଧ୍ୱସ୍ତ କରିଦେଇଛି। ୭ ଲକ୍ଷ ୫୦ ହଜାର କର୍ମଚାରୀଙ୍କୁ ଛୁଟିରେ ପଠାଇ ଦିଆଯାଇଛି। ଏମାନଙ୍କ ମଧ୍ୟରୁ ୩ ଲକ୍ଷଙ୍କ ଉପରେ ଛଟେଇର ଖଣ୍ଡା ଝୁଲୁଛି। ଅନେକ ଜରୁରୀକାଳୀନ ସେବା ମଧ ବନ୍ଦ ହୋଇଯାଇଛି। କେବଳ କ୍ୟାପିଟଲ ହିଲ୍ ନୁହେଁ, ସମଗ୍ର ଦେଶ ଏହି ଆର୍ଥିକ ଝଟ୍‌କାରେ ଥରି ଉଠିଛି। ଏହାକୁ ନେଇ ବିଶ୍ୱର ସବୁଠୁ ଶକ୍ତିଶାଳୀ ଦେଶ ଆମେରିକାରେ ସଙ୍କଟ ବଢ଼ିବାରେ ଲାଗିଛି। ଗଣତନ୍ତ୍ରକୁ ନେଇ ଡିଣ୍ଡିମ ପିଟୁଥିବା ଏହି ଦେଶ ୫ ଦିନ ହେଲା ସଟ୍‌ଡାଉନ ରହିଛି।

ବିଶ୍ୱ ବଜାର ଅନିଶ୍ଚିତତାକୁ ପସନ୍ଦ କରି ନ ଥାଏ। କିନ୍ତୁ ବିଶ୍ୱ ବାଣିଜ୍ୟର ମୁଖ୍ୟ କେନ୍ଦ୍ର ଆମେରିକାରେ ଏବେ ଅସ୍ଥିରତା ଲାଗି ରହିଛି। ଟ୍ରମ୍ପ ପ୍ରଶାସନ ଦେଇଥିବା ଶୁଳ୍କ ଏବଂ ନୀତିଗତ ଝଟ୍‌କା ମଧ୍ୟରେ ବିଶ୍ୱରେ ଛବିକୁ ଖରାପ କରୁଛି। ଏହି ସଟ୍‌ଡାଉନ ସକାରାତ୍ମକ ସଙ୍କେତ ଦେଉ ନାହିଁ। ଗତ ୩୦ ଏବଂ ୧ ତାରିଖ ମଧରାତ୍ରିରେ ବିବାଦ ଯୋଗୁଁ ସିନେଟରେ ଅର୍ଥ ବିଲ୍‌କୁ ଅନୁମୋଦନ ମିଳି ନ ଥିଲା। ନୂଆ ନୀତିଗତ ଆଶ୍ୱସ୍ତି ବିନା ସରକାର ଚଳାଇବା ପାଇଁ ରିପବ୍ଲିକାନ ଦଳ ଏକ ସଙ୍କଳ୍ପ ଆଣିଥିଲା। ମାତ୍ର ସ୍ୱାସ୍ଥ୍ୟନୀତିରୁ ସବ୍‌ସିଡି ପ୍ରତ୍ୟାହାରକୁ ଡେମୋକ୍ରାଟ ଦଳ ବିରୋଧ କରିବାରୁ ବିଲ୍‌କୁ ଅନୁମତି ମିଳି ନ ଥିଲା। ଏଥିଯୋଗୁଁ ୨୭ ଟ୍ରିଲିୟନ ଡଲାରର ଅର୍ଥନୀତି ଅଚଳ ହୋଇ ଯାଇଥିଲା। ସରକାର ପରିଚାଳନା ପାଇଁ ବର୍ଷକୁ ଖର୍ଚ୍ଚ କରାଯାଉଥିବା ୬.୫ ଟ୍ରିଲିୟନ ଡଲାରକୁ ମଧ ଅଟକାଇ ଦିଆଯାଇଥିଲା। ଆମେରିକାରେ ସୃଷ୍ଟି ହୋଇଥିବା ଏହି ସଙ୍କଟର ପ୍ରଭାବ ନୂଆଦିଲ୍ଲୀ ଏବଂ ମୁମ୍ବାଇ ଉପରେ ପଡ଼ିଛି। ନୀତି ନିର୍ମାତା ଏବଂ ଆର୍ଥିକ ବିଶେଷଜ୍ଞମାନେ ସ୍ଥିତି ଉପରେ ତୀକ୍ଷଣ ନଜର ରଖିଛନ୍ତି। କାରଣ ଟ୍ରମ୍ପ ଦେଇ ଶୁଳ୍କ ଏବଂ ନର୍ସି ଟାରିଫର କ୍ଷତକୁ ଭାରତ ଭୁଲି ନାହିଁ। ଯଦି ଏହି ସଟ୍‌ଡାଉନର ଶୀଘ୍ର ସମାଧାନ ନ ହୁଏ ତେବେ ସ୍ଥିତି ବିକଟାଳ ହୋଇଯିବ। ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତକୁ ୫୦ ବିଲିୟନ ଡଲାରର ଏଫଡିଆଇ ଆସିଥଇଲା। ଏହା ପୂର୍ବ ବର୍ଷ ତୁଳନାରେ ୧୩ ପ୍ରତିଶତ ଅଧିକ ଥିଲା। ଏଥିର ଅଧିକାଂଶ ଆମେରିକୀୟ କମ୍ପାନୀ ଏବଂ ଗ୍ଲୋବାଲ କ୍ୟାପାବିଲିଟି ସେଣ୍ଟର (ଜିସିସି)ରୁ ଆସିଥିଲା। ଶୁଳ୍କ ଯୋଗୁ ଆମେରିକା ସହ ସମ୍ବନ୍ଧ ପୂର୍ବରୁ ଖରାପ ରହିଛି। ରପ୍ତାନୀକାରୀଙ୍କ ଉପରେ ଚାପ ବଢି ଚାଲିଛି। ଫରେନ ଇନ୍‌ଷ୍ଟିଚ୍ୟୁସନାଲ ଇନଭେଷ୍ଟର୍ସ (ଏଫଆଇଆଇ) ଏବଂ ଫରେନ ପୋର୍ଟୋଫୋଲିଓ ଇନଭେଷ୍ଟର୍ସ (ଏଫପିଆଇ) ପାଣ୍ଠି ପ୍ରତ୍ୟାହାର କରିଚାଲିଛନ୍ତି।



# ଭାରତକୁ ପାକ୍ ପ୍ରତିରକ୍ଷା ମନ୍ତ୍ରୀଙ୍କ ଧମକ

**ଇସ୍‌ଲାମାବାଦ୍, ୫ ।୧୦(ଏଜେନ୍ସି):** ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଭାରତକୁ ଧମକ ଦେଇଛନ୍ତି। ଯଦି ପୁଣିଥରେ ଭାରତ ଓ ପାକିସ୍ତାନ ମଧରେ ଯୁଦ୍ଧ ହୁଏ ତେବେ ଭାରତକୁ ତା'ର ପରିଣାମ ଭୋଗିବାକୁ ହେବ।। ଭାରତ ନିଜ ଲଡ୍ଡୁଆ ବିମାନର ଧ୍ୱଂସାବଶେଷ ତଳେ ହିଁ ଦବିଯିବ ବୋଲି ସେ ଧମକାଇଛନ୍ତି। ଭାରତୀୟ ନେତୃତ୍ୱ ହରାଇଥିବା ନିଜର ବିଶ୍ୱସନୀୟତାକୁ ଫେରିପାଇବା ପାଇଁ ଜାଣିଶୁଣି ଉତ୍ତେଜକ ମନ୍ତବ୍ୟ ଦେଉଥିବା ସେ ଉଲ୍ଲେଖ କରିଛନ୍ତି। ଭାରତ ଜାଣିଶୁଣି ବିବାଦ ବଢ଼ାଉଛି ଓ ଦେଶରେ ଦେଖା ଦେଇଥିବା ବିଭିନ୍ନ ସମସ୍ୟାରୁ ନାଗରିକଙ୍କ ନଜର ହଟାଇବା ପାଇଁ ଭାରତ ଏଭଳି ପ୍ରହସନ କରୁଛି ବୋଲି ସେ କହିଛନ୍ତି। ପୂର୍ବରୁ ପାକିସ୍ତାନ ସେନା ଶନିବାର ଭାରତ ବିରୋଧୀ ମନ୍ତବ୍ୟ ଦେଇଥିଲା। ଯଦି ଦୁଇଦେଶ ମଧରେ ଯୁଦ୍ଧ ହୁଏ, ତେବେ ଧ୍ୱଂସର ବିଭୀଷିକା ସୃଷ୍ଟି ହେବ। ପୁଣିଥରେ ଶତ୍ରୁତାର ନୂଆ ଯୁଗ ଆରମ୍ଭ ହେଲେ ପାକିସ୍ତାନ ପଛକୁ ହଟିବ ନାହିଁ। ବିନା କୌଣସି ଦ୍ୱିଧାରେ ଆମେ ଭାରତକୁ କଡ଼ା ଜବାବ ଦେବୁ ବୋଲି ପାକିସ୍ତାନ ସେନା କହିଥିଲା। ଉଲ୍ଲେଖଥାଉ କି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ, ବାୟୁସେନା ପ୍ରମୁଖ ମାର୍ଶାଲ ଏପି ସିଂ ପାକିସ୍ତାନକୁ ସତର୍କ କରାଇ ବିଭିନ୍ନ ଧମକ ଦେଇଥିଲେ। ଗୌରବ ଓ ସମ୍ମାନ ଉପରେ ଆଞ୍ଚ ଆସିଲେ ଭାରତ କୌଣସି ବୁଝାମଣା କରିବ ନାହିଁ। ଦେଶର ଏକତା ଓ ଅଖଣ୍ଡତା ରକ୍ଷା ପାଇଁ ଯଦି ଆବଶ୍ୟକ ହୁଏ ତେବେ ଭାରତ କୌଣସି ସୀମାକୁ ପାର କରିପାରିବ ବୋଲି ରାଜନାଥ କହିଥିଲେ। ସେହିପରି ଅପରେସନ ସିନ୍ଦୂର ୧.୦ରେ ଭାରତ ଯେପରି ସଂଯମତା ରକ୍ଷା କରିଥିଲା, ଏଥର ଆଉ ସଂଯମତା ପ୍ରଦର୍ଶନ କରିବନି ବୋଲି ଉପେନ୍ଦ୍ର ଦ୍ୱିବେଦୀ କହିଥିଲେ। ଅପରେସନ ସିନ୍ଦୂରରେ ପାକିସ୍ତାନର ୧୨ରୁ ୧୩ଟି ବିମାନକୁ ଭାରତୀୟ ସେନା ଧ୍ୱଂସ କରିଥିବା ସୂଚନା ଦେଇଥିଲେ।

# କଫ୍ ସିରପ୍ ସେବନ ପାଇଁ ଲେଖିଥିବା ଡାକ୍ତର ଗିରଫ

**ଛିନ୍ଦୱାଡ଼ା, ୫ ।୧୦(ଏଜେନ୍ସି):** ମଧ୍ୟପ୍ରଦେଶ ଛିନ୍ଦୱାଡ଼ାରେ ଛୋଟ ପିଲାଙ୍କ ପାଇଁ ବିଷାକ୍ତ କଫ୍ ସିରପ ଲେଖିଥିବା ଜଣେ ଡାକ୍ତରଙ୍କୁ ଗିରଫ କରାଯାଇଛି। କଫ୍ ସିରପ ସେବନ କରି ରାଜ୍ୟରେ ୧୧ଜଣ ଶିଶୁ ମୃତ୍ୟୁବରଣ କରିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଷାକ୍ତ କଫ୍ ସିରପ ସେବନ କରିବାକୁ ଲେଖିଥିବା ଏହି ଡାକ୍ତର ହେଉଛନ୍ତି ପ୍ରବୀଣ ସୋନୀ। ମୃତ୍ୟୁବରଣ କରିଥିବା ଅଧିକାଂଶ ପିଲା ପ୍ରବୀଣଙ୍କ କ୍ଲିନିକ୍‌ରେ ଚିକିତ୍ସିତ ହେଉଥିଲେ। ପ୍ରବୀଣଙ୍କ ସମେତ କୋଲଡ୍ରିଫ୍ ସିରପ ତିଆରି କରୁଥିବା କମ୍ପାନୀ ଶ୍ରୀସାନ ଫାର୍ମାସିଟିକାଲ୍ସ ବିରୋଧରେ ମାମଲା ରୁଜୁ କରାଯାଇଛି। ଏହି କମ୍ପାନୀ ତାମିଲନାଡୁର କାଞ୍ଚିପୁରମ ଜିଲ୍ଲାରେ ଅବସ୍ଥିତ ଓ ଏଠାରେ କୋଲଡ୍ରିଫ୍ କଫ୍ ସିରପ ତିଆରି କରାଯାଇଥାଏ। ପ୍ରବୀଣ ଜଣେ ସରକାରୀ ଡାକ୍ତର ଭାବେ କାର୍ଯ୍ୟ କରନ୍ତି। କିନ୍ତୁ ତାଙ୍କ କ୍ଲିନିକକୁ ଆସୁଥିବା ପିଲାମାନଙ୍କର ଚିକିତ୍ସା ପାଇଁ ସେ ଏହି ବିଷାକ୍ତ ସିରପ ସେବନ କରିବାକୁ ଲେଖିଥାନ୍ତି। ପୂର୍ବରୁ ଅବଶ୍ୟ ସରକାର କୋଲଡ୍ରିଫ୍ ସିରପ ଉତ୍ପାଦନ ଓ ବିକ୍ରି ଉପରେ ନିଷେଧାଦେଶ ଜାରି କରିଥିଲେ। ଏହି ସିରପରେ ୪୮.୬ ପ୍ରତିଶତ ଡାଇଇଥାଇଲିନ୍ ଗ୍ଲାଇକଲ ଭଳି ବିଷାକ୍ତ ରାସାୟନିକ ପଦାର୍ଥ ରହିଛି ବୋଲି ସରକାରୀ ଅଧିକାରୀମାନେ କହିଛନ୍ତି। କୋଲଡ୍ରିଫ୍ ସମେତ ନେକ୍ସଟ୍ରୋ- ଡିଏସ୍ ସିରପକୁ ମଧ ନିଷେଧ କରାଯାଇଥିଲା। ପିଲାଙ୍କ ଅକାଳ ମୃତ୍ୟୁର ତଦନ୍ତ ପାଇଁ ରାଜ୍ୟସ୍ତରରେ ଏକ ଟିମ୍ ଗଠିତ କରାଯାଇଛି ଓ ଏହି ଘଟଣାରେ ଦୋଷୀଙ୍କୁ ଛଡ଼ାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଯାଦବ କହିଛନ୍ତି।



କଫ୍ ସିରପ ସେବନ କରି ମଧ୍ୟପ୍ରଦେଶରେ ମାତ୍ର ୩୨ ଦିନ ମଧ୍ୟରେ ୧୬ ପିଲା ମୃତ୍ୟୁବରଣ କରିବା ପରେ ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେସନ (ସିଡିଏସ୍‌ସିଓ) ଏକ ବଡ଼ ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତୁତି ଚଳାଇଛି। ଏହିକ୍ରମରେ କୋଲଡ୍ରିଫ୍ ସିରପ ତିଆରି କରୁଥିବା ଶ୍ରୀ ସନ ଫାର୍ମାସିଟିକାଲ୍ସ କମ୍ପାନୀ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତାମିଲନାଡୁର କାଞ୍ଚିପୁରମରେ ଏହି କମ୍ପାନୀ ରହିଛି। ଏହି ସିରପକୁ ଏବେ ୩ଟି ରାଜ୍ୟ ଯଥା ମଧ୍ୟପ୍ରଦେଶ, କେରଳ ଓ ତାମିଲନାଡୁରେ ନିଷିଦ୍ଧ କରାଯାଇଛି। ଦେଶରେ ଔଷଧ ତିଆରି ଓ ବିକ୍ରୟକୁ ନିୟନ୍ତ୍ରଣ କରୁଥିବା ସିଡିଏସ୍‌ସିଓ ଏହି କମ୍ପାନୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତାମିଲନାଡୁ ଫୁଡ୍ ଆଣ୍ଡ ଡ୍ରଗ୍ ଆଡମିନିଷ୍ଟ୍ରେସନ (ଟିଏଫଡିଏ)କୁ ଚିଠି ଲେଖିବ ବୋଲି କହିଛି।






କଟକ ସହରରେ ରବିବାର ଶୋଭାଯାତ୍ରାକାରୀ ଓ ପୁଲିସ ମଧ୍ୟରେ ସଂଘର୍ଷ

# ବାଣ ଭିଡ଼ିବା ବେଳେ ପ୍ରଚଣ୍ଡ ବିସ୍ଫୋରଣ

## ଉଡ଼ିଗଲା ଛାତ; ମା’, ଦୁଇପୁଅ ଓ ବୋହୂ ଗୁରୁତର

ବୈଶିଙ୍ଗା, ୫ା୧୦ (ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ପଞ୍ଚାୟତର ବାଛୁରୀପଡ଼ା ଗ୍ରାମରେ ଆଜି ଏକ ବଡ଼ଧରଣର ଅଘଟଣ ଘଟିଛି। ବେଆଇନ ଭାବେ ବାଣ ତିଆରି ବେଳେ ପ୍ରଚଣ୍ଡ ବିସ୍ଫୋରଣରେ ପୂରା ଅଞ୍ଚଳ ଥରି ଉଠିଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ବାଣ ଭିଡ଼ା ଚାଲିଥିବା ଘରର ଛାତ ଉଡ଼ିଯିବା ସହ ୪ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ସଂକଟାପନ୍ନ ରହିଛି। ସେମାନେ ହେଲେ, ଗ୍ରାମର ସନ୍ତୋଷ ଦାସଙ୍କ ସ୍ତ୍ରୀ ଶାନ୍ତିଲତା ଦାସ, ବଡ଼ ପୁଅ ଅନିଲ ଦାସ, ବଡ଼ବୋହୂ କ୍ରିଷ୍ଣା ଦାସ ଓ ସାନ ପୁଅ ସୁନୀଲ ଦାସ। ଅନିଲଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ତାଙ୍କୁ ପ୍ରଥମେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ, ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ କଟକ ସ୍ଥାନାନ୍ତର କରାଯାଇଛି। ସେହିପରି ସୁନୀଲଙ୍କୁ ମଧ୍ୟ ସ୍ଥାନୀୟ ବୈଶିଙ୍ଗା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।



ସୂଚନାନୁଯାୟୀ, ସନ୍ତୋଷଙ୍କ ପରିବାର ବହୁବର୍ଷ ଧରି ବାଣ ପ୍ରସ୍ତୁତି କରି ଆସୁଛନ୍ତି। ଆଗକୁ ଦୀପାବଳି ଥିବାରୁ ତାଙ୍କ ଘରେ ବେଆଇନ ଭାବେ ବାଣଭିଡ଼ା ଚାଲିଥିଲା। ଆଜି ଦିନ ପ୍ରାୟ ୧୧ଟାରେ ଅନିଲ ବାଣ ତିଆରି କରୁଥିବା ବେଳେ ଅସାବଧାନତାବଶତଃ ବାରୁଦ ଗଦାରେ ନିଆଁ ଲାଗିଯିବାରୁ ପ୍ରଚଣ୍ଡ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଘରର ଛାତ ଉଡିଯାଇ ଗଛ ଡାଳରେ ଲାଗିଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀ ନିଆଁକୁ ଲିଭାଇବାକୁ ଚେଷ୍ଟା କରିଥିଲେ। ବେତନଟୀ ଏସ୍‌ଡିପିଓ ମିନତି ବିଶ୍ୱାଳ, ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ, ଅତିରିକ୍ତ ତହସିଲଦାର ଈଶ୍ୱର ଚନ୍ଦ୍ର ରଣା ପ୍ରମୁଖ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ଜାରି ରହିବ ବର୍ଷା

ଭୁବନେଶ୍ୱର,୫ା୧୦(ସମିସ): ପୁଣି ଗୋଟିଏ ଲଘୁଚାପ ଯୋଗୁଁ ରାଜ୍ୟରେ ବଢ଼ିବ ବର୍ଷା। ୭ ତାରିଖଠାରୁ ବର୍ଷା ବଢ଼ିବାର ପୁଣି ସମ୍ଭାବନା ସୃଷ୍ଟି ହୋଇଛି। ଆସନ୍ତା ୭ ତାରିଖ ବେଳକୁ ଉତ୍ତର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହା ପ୍ରଭାବରେ ୯ କିମ୍ବା ୧୦ ତାରିଖ ବେଳକୁ ଏକ ଲଘୁଚାପ ସୃଷ୍ଟି ହୋଇ ବିଭିନ୍ନ ସ୍ଥାନରେ ବର୍ଷା କରାଇବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ଘୂର୍ଣ୍ଣିବଳୟ କିମ୍ବା ଲଘୁଚାପ ପ୍ରଭାବରେ ୭ ରୁ ୧୨ ତାରିଖ ଯାଏଁ ରାଜ୍ୟରେ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବ। ଏହାର ବିଶେଷ ପ୍ରଭାବ ଉତ୍ତର ଓ ଉପକୂଳ ଓଡ଼ିଶାରେ ଦେଖା ଦେବ। ଅନ୍ୟପଟେ ରବିବାର ଏକ ଟ୍ରଫ୍ ଲାଇନ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ମେଘୁଆ ପାଗ ସାଙ୍ଗକୁ କିଛି କିଛି ସ୍ଥାନରେ ତୁହାକୁ ତୁହା ବର୍ଷା ହୋଇଛି। ଯାଜପୁରରେ ୨୪ ମିମି ବର୍ଷା ହୋଇଥିବା ବେଳେ ସୋନପୁରରେ ୩୨, ବଲାଙ୍ଗିର ୩୩, ମାଲକାନଗିରି ୧୬, ବାରିପଦା ୨୮, ପୁରୀ ୪୦ ଓ ପାରାଦୀପରେ ୧୨ ମିମି ବର୍ଷା ରେକର୍ଡ ହୋଇଛି। ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ବର୍ଷା ଜାରି ରହିବାର ସମ୍ଭାବନା ରହିଛି।

**ଫସଲ ଉଜାଡ଼ିଦେଲା ଲଗାଣ ବର୍ଷା**

# ବିଷ ପିଇ ଜୀବନ ହାରିଲେ ଚାଷୀ

ମୋହନା, ୫ା୧୦ (ସମିସ): ଲଗାଣ ବର୍ଷା ଯୋଗୁଁ ଆଖି ଆଗରେ ସବୁତକ ଫସଲ ଉଜୁଡ଼ିଯିବାରୁ ଜଣେ ଚାଷୀ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ଏଭଳି ଘଟଣା ଘଟିଛି ଗଜପତି ଜିଲ୍ଲା ମୋହନା ଥାନା ପ୍ରତାପପୁର ଗ୍ରାମରେ। ମୃତ ଚାଷୀଜଣଙ୍କ ହେଲେ, ପ୍ରତାପପୁର ଗାଁର ଲକ୍ଷ୍ମଣ ନାୟକ। ଲକ୍ଷ୍ମଣ ଚାଷବାସ କରି ପରିବାରର ଗୁଜୁରାଣ ମେଣ୍ଟାଉଥିଲେ। ଫସଲକୁ ମୋହନା ବଜାରରେ ବିକି ଯେଉଁ ଦି’ପଇସା ରୋଜଗାର କରୁଥିଲେ, ସେଇଥିରେ ତାଙ୍କର ପରିବାର ଚଳୁଥିଲା। ହେଲେ, ଗତ କିଛି ଦିନ ହେବ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଲକ୍ଷ୍ମଣଙ୍କ ସବୁ ଫସଲ ଧୋଇଯାଇଛି। ଆଜି ଲକ୍ଷ୍ମଣ ଜମିକୁ ଯାଇ ନଷ୍ଟ ହୋଇଥିବା ଫସଲର ଅବସ୍ଥା ଦେଖି ଦୁଃଖରେ ଭାଙ୍ଗି ପଡ଼ିଥିଲେ। ସେଠାରୁ ଘରକୁ ଫେରିବା ପରେ କୀଟନାଶକ ପିଇ ଦେଇଥିଲେ। ଏହା ଜଣାପଡ଼ିବା ପରେ ଗ୍ରାମବାସୀଙ୍କ ସହାୟତାରେ ପରିବାରଲୋକେ ତାଙ୍କୁ ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ବଞ୍ଚାଇ ପାରିନଥିଲେ। ଏହି ଘଟଣା ପଦାକୁ ଆସିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଉଲ୍ଲେଖଯୋଗ୍ୟ, ଲଗାଣ ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ଆଗୁଆ ସତର୍କ କରାଯାଇଥିଲେ ହେଁ ସରକାରଙ୍କ ପକ୍ଷରୁ କୌଣସି ପୂର୍ବପ୍ରସ୍ତୁତି କିମ୍ବା ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଗଜପତି ଜିଲ୍ଲାରେ ବର୍ଷା ବିପ୍ଲାତ ଯୋଗୁଁ ବ୍ୟାପକ ଧନଜୀବନ ହାନି ହୋଇଛି। ଲଗାଣ ବର୍ଷାରେ କିଏ ଭାସିଗଲା ତ ଆଉ କିଏ ମାଟି ତଳେ ରହିଗଲା।



**ଏସ୍‌ଆଇ ଚାକିରି କେଲେଙ୍କାରୀ**

# ମୁନାକୁ ଖୋଜୁଛି କ୍ରାଇମବ୍ରାଞ୍ଚ

କଟକ, ୫ା୧୦(ସମିସ): ଓଡ଼ିଶା ପୁଲିସ୍ ଏସ୍‌ଆଇ ଚାକିରି ବେପାର ଘଟଣାକୁ ନେଇ କ୍ରାଇମବ୍ରାଞ୍ଚ ଖୋଳତାଡ଼ ଜାରି ରହିଛି। ଏହି କେଲେଙ୍କାରୀରେ ଗିରଫଦାରୀ ସଂଖ୍ୟା ୧୧୮ ଛୁଇଁଲାଣି। ତେବେ ସମ୍ପୂର୍ଣ୍ଣ ଘଟଣାରେ ଅନ୍ୟତମ ମାଷ୍ଟରମାଇଣ୍ଡ କୁହାଯାଉଥିବା ବାଙ୍କୀ କଳାପଥର ଅଞ୍ଚଳର ମୁନା ମହାନ୍ତିଙ୍କୁ ଧରିବା ପାଇଁ କ୍ରାଇମବ୍ରାଞ୍ଚ ଜାଲ ବିଛାଇଥିବା କୁହାଯାଉଛି। ମୁନା ବିଷୟରେ ତଥ୍ୟ ସଂଗ୍ରହ କରିବାକୁ କ୍ରାଇମ୍‌ବ୍ରାଞ୍ଚର ଏକ ଟିମ୍ ବାଙ୍କୀ କଳାପଥରସ୍ଥିତ ତଳସାହିରେ ପହଞ୍ଚି ବାପା ସାଧୁଆ ମହାନ୍ତିଙ୍କ ସମେତ ପରିବାରର ଅନ୍ୟ ଲୋକଙ୍କୁ ପଚରାଉଚରା କରିଥିଲା। ବାପା ସାଧୁଆ ଜଣେ ଦିନମଜୁରିଆ। ହେଲେ ଚାକିରି ଆଶାୟୀଙ୍କଠାରୁ ଲକ୍ଷଲକ୍ଷ ଟଙ୍କା ଠକି ଅଭିଯୁକ୍ତ ମୁନା ଅୟସ କରୁଥିଲା। ଅଭିଯୁକ୍ତ ମୁନାକୁ ଖୁବଶୀଘ୍ର ଗିରଫ କରାଯିବ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି।

■ କଳାପଥର ଗ୍ରାମରେ ପରିବାର ଲୋକଙ୍କୁ ପଚରାଉଚରା
■ ୩୨ ଚାକିରି ଆଶାୟୀଙ୍କୁ ଠକିଥିବା ଅଭିଯୋଗ

ରାତାରାତି ଲକ୍ଷପତି ହୋଇଥିବା ମୁନା ମହାନ୍ତି ଏକ ନିମ୍ନ ମଧ୍ୟବିତ୍ତ ପରିବାରର। ଦୁଇ ଭଉଣୀରେ ସେ ଗୋଟିଏ ଭାଇ। ମାଟ୍ରିକ୍ ଫେଲ୍ ହେବା ପରେ ଗାଁରେ ଲୁଚାଛପାରେ ଗଞ୍ଜେଇ ବିକ୍ରି କରୁଥିଲା। ତାର ଏଭଳି କାରବାରକୁ ନେଇ ପରିବାରରେ ପ୍ରାୟ ସମୟ ଅଶାନ୍ତି ଦେଖାଦିଏ। ହଠାତ୍ ପ୍ଲଟ ବ୍ୟବସାୟରେ ମନ ଦେଇ ରାତାରାତି ଲକ୍ଷପତି ହେବାର ନିଶା ମୁନା ମୁଣ୍ଡରେ ସବାର୍ ହେଲା। ଭୁବନେଶ୍ୱର ଯାଇ ସେଠାରେ କିଛି ବିଲ୍ଡର୍ ସଂସ୍ଥା ସହ ଯୋଗାଯୋଗରେ ରହି ସେମାନଙ୍କୁ ବାଙ୍କୀ, ଆଠଗଡ଼, ବଡମ୍ବା ଆଦି ଅଞ୍ଚଳରେ ଜମି ରେଜିଷ୍ଟ୍ରି କରିବାରେ ସେ ସହଯୋଗ କଲା। ଏ ବାବଦରେ ମିଳୁଥିବା କମିସନ୍‌ରେ କିଛି ଦିନ ଭିତରେ ମୁନାର ଚଳଣି ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ଭୁବନେଶ୍ୱରରେ ରହୁଥିବା ମୁନା ପ୍ରାୟ ସମୟ ନୂଆନୂଆ କାର୍ ଧରି ଗାଁକୁ ଯାଏ। ଏପରିକି ଦାମୀ ଥର୍ କାର୍ ଚଢୁଥିବା ଲୋକେ ଦେଖିବାକୁ ପାଇଥିଲେ। ଏସଆଇ ଚାକିରି କେଲେଙ୍କାରୀରେ ଫସିଥିବା ଆଶାୟୀଙ୍କ ମଧ୍ୟରେ କଟକ ଜିଲ୍ଲାରେ ୩୨ ଜଣ ରହିଥିବା ବେଳେ ଏମାନଙ୍କ ସହ ମୁନା ଓ ତା’ର କିଛି ସହଯୋଗୀ ଡିଲ୍ କରିଥିଲେ ଓ ଆଶାୟୀଙ୍କଠାରୁ ଲକ୍ଷଲକ୍ଷ ଟଙ୍କା ନେଇଥିଲେ।

# ଗିରଫ ବିଶ୍ୱରଞ୍ଜନ ଏସ୍‌ଏସ୍‌ବି ଯବାନ

କଟକ, ୫ା୧୦(ସମିସ): ଏସ୍‌ଆଇ ଚାକିରି କେଲେଙ୍କାରୀ ଘଟଣାରେ କ୍ରାଇମବ୍ରାଞ୍ଚ ଦ୍ୱାରା ଗିରଫ ହୋଇଥିବା ବାରଙ୍ଗ ବିଦ୍ୟାଧରପୁର ଗ୍ରାମର ବିଶ୍ୱରଞ୍ଜନ ବେହେରା ଜଣେ ଏସ୍‌ଏସ୍‌ବି (ସ୍ପେଶିଆଲ ସିକ୍ୟୁରିଟି ବାଟାଲିୟନ) ଯବାନ। ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି)ର କେତେକ ସଦସ୍ୟଙ୍କ ସହ ତା’ର ଚିହ୍ନା ପରିଚୟ ରହିଥିଲା। କ୍ରାଇମବ୍ରାଞ୍ଚ ଦେଇଥିବା ପ୍ରେସ୍ ବିବୃତିରେ ବିଶ୍ୱରଞ୍ଜନ ଠକେଇ ସିଣ୍ଡିକେଟର ଦଲାଲ କୁହାଯାଉଥିବା ବେଳେ ତଦନ୍ତ ଅଗ୍ରଗତି କଲେ ବୋର୍ଡର କେଉଁ ସଦସ୍ୟଙ୍କ ଏଥିରେ ସମ୍ପୃକ୍ତି ରହିଛି, ତାହା ପଦାକୁ ଆସିବ। ଜଣେ ଏସ୍‌ଏସ୍‌ବି ଯବାନ ଏଭଳି କେଲେଙ୍କାରୀରେ ମଧ୍ୟସ୍ଥତା କରିବା ଜଣାପଡ଼ିବା ପରେ ପୁଲିସ ବିଭାଗର ବରିଷ୍ଠ ଅଧିକାରୀଙ୍କ ଉପରେ ମଧ୍ୟ ଅଙ୍ଗୁଳି ଉଠିଛି। ଅଭିଯୁକ୍ତ ବିଶ୍ୱରଞ୍ଜନ ୨୦୧୮ ମସିହାରେ ନିଯୁକ୍ତି ପାଇଥିଲା। ପୂର୍ବରୁ ସେ ଲୋକସେବା ଭବନ ସମେତ ଅନ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଡ୍ୟୁଟି କରୁଥିଲା। ଏହି ସିଣ୍ଡିକେଟ୍‌ରେ କେତେକ ପୁଲିସ ଅଧିକାରୀ ଥିବା ମଧ୍ୟ ସନ୍ଦେହ କରାଯାଉଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ସମସ୍ତ ଅଭିଯୁକ୍ତଙ୍କ ସିଡ଼ିଆର ରିପୋର୍ଟ ଯାଞ୍ଚ ହେଉଛି। ଆବଶ୍ୟକସ୍ଥଳେ ଆର୍ଥିକ କାରବାର ନେଇ ବ୍ୟାଙ୍କକୁ ଚିଠି ଲେଖାଯିବ। ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ତନାଘନାକୁ ବ୍ୟାପକ କରାଯାଇଛି। ୨୦୨୪ ଜୁନ୍‌ରୁ ଆଜି ପର୍ଯ୍ୟନ୍ତ ବାତିଲ ହୋଇଥିବା ପରୀକ୍ଷାଗୁଡ଼ିକର ରିପୋର୍ଟ ଦାଖଲ କରିବାକୁ ସମସ୍ତ ବୋର୍ଡ ଓ ଆୟୋଗଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

**ଲୋକସେବା ଭବନରେ ପୂର୍ବରୁ ଡ୍ୟୁଟି କରୁଥିଲା**

**ଅଶାନ୍ତ ରାଜଧାନୀ ଉପକଣ୍ଠ**

# ଆଶ୍ରମ ଭିତରେ ପଶି ୪ ରାଉଣ୍ଡ ଗୁଳିମାଡ଼

ଭୁବନେଶ୍ୱର,୫ା୧୦(ସମିସ): ପାର୍ବଣ ଋତୁରେ ଅଶାନ୍ତ ହୋଇଛି ରାଜଧାନୀ ଉପକଣ୍ଠ। ଇନ୍‌ଫୋଭ୍ୟାଲି ଥାନା ଅଧୀନ ଦେଉଳିଆପାଟଣାରେ ଥିବା ‘ଭାଇଭାଇ’ ଆଶ୍ରମରେ ପଶି ଗୁଳିମାଡ଼ କରିଛନ୍ତି ଦୁର୍ବୃତ୍ତ। ଏଥିରେ ୨ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ଗୁରୁତର ରହିଛି। ସେ ହେଲେ, ଜଗତସିଂହପୁର ସୁନୀଲ କୁମାର ବାରିକ ଓରଫ୍ ସୋନୁ (୫୫)। ତାଙ୍କୁ ଏମ୍‌ସରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁସାରେ, ଦେଉଳିଆପାଟଣାର ଭାଇଭାଇ ଆଶ୍ରମରେ ଉଭୟ ପୁରୁଷ ଓ ମହିଳାମାନେ ରହୁଛନ୍ତି। ରବିବାର ସନ୍ଧ୍ୟାରେ ସୋନୁ ଓ ତାଙ୍କ ବନ୍ଧୁମାନେ ଆଶ୍ରମ ପରିସରରେ ଥିଲେ। ସନ୍ଧ୍ୟା ପ୍ରାୟ ୭ଟା ବେଳେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକରେ ଆସିଥିଲେ। ଜଣେ ବାହାରେ ଅପେକ୍ଷା କରିଥିବା ବେଳେ ଆଉ ଜଣେ ହଠାତ୍ ଆଶ୍ରମ ଭିତରେ ପଶିଥିଲା। କେହି କିଛି ବୁଝିବା ଆଗରୁ ହଠାତ୍ ସୋନୁଙ୍କ ଉପରକୁ ଗୁଳି ଚଳାଇଥିଲା। ସୋନୁ ବର୍ତ୍ତିବାକୁ ଉଦ୍ୟମ କରୁଥିବା ବେଳେ ଦୁର୍ବୃତ୍ତ ଗୋଡ଼ାଇ ଗୋଡ଼ାଇ ଗୁଳି ମାରିଥିଲା। ଶବ୍ଦ ଶୁଣି ଆଉ ଜଣେ ସହଯୋଗୀ ଚାଲି ଆସିବାରୁ ତାଙ୍କ ଉପରକୁ ମଧ୍ୟ ଗୁଳି ଚଳାଇଥିଲା ଦୁର୍ବୃତ୍ତ। ଦୁର୍ବୃତ୍ତଜଣକ ସୋନୁ ଓ ତାଙ୍କ ସହଯୋଗୀଙ୍କ ଉପରକୁ ସମୁଦାୟ ୫ ରାଉଣ୍ଡ ଗୁଳି ଚଳାଇଥିଲା। ଗୋଟିଏ ଗୁଳି



■ ଗୁରୁତର ବ୍ୟକ୍ତି ଏମ୍‌ସରେ ଭର୍ତ୍ତି
■ ଛାତି ଓ ପେଟରେ ବାଜିଛି ଗୁଳି
■ ୪ ଖୋକା ଓ ଗୋଟିଏ ଗୁଳି ଜବତ

ସୋନୁଙ୍କ ଛାତିରେ ବାଜିଥିବା ବେଳେ ଆଉ ଦୁଇଟି ପେଟ ଓ ଡାହାଣ ହାତରେ ବାଜିଛି। ଅନ୍ୟ ଏକ ଗୁଳି ପିଚାରେ ବାଜି ବାହାରି ଯାଇଛି। ସେହିପରି ସୋନୁଙ୍କ ସହଯୋଗୀଙ୍କ ପେଟରେ ଗୋଟିଏ ଗୁଳି ଘଷି ହୋଇ ପଳାଇ ଥିବାରୁ ସେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ପ୍ରାୟ ୧୫ମିନିଟ୍ ଧରି ଆଶ୍ରମ ପରିସରରେ ଆତଙ୍କ ଖେଳାଇଥିଲେ ଦୁର୍ବୃତ୍ତ। ଏହାପରେ ଫାଙ୍କା ଗୁଳିଚାଳନାରେ ଭୟଭୀତ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସହଯୋଗୀମାନେ ସୁନୀଲଙ୍କୁ ଉଦ୍ଧାର କରି ଏମ୍‌ସରେ ଭର୍ତ୍ତି କରିଛନ୍ତି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାବେଳେ ବିଳମ୍ବିତ ରାତିରେ ତାଙ୍କର ଅସ୍ତ୍ରୋପଚାର କରାଯାଇଛି।

ଗୁଳିକାଣ୍ଡର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନଥିବା ବେଳେ ଇନଫୋଭ୍ୟାଲି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆଶ୍ରମ ଭିତରୁ ୪ଟି ଖୋକା ଓ ଗୋଟିଏ ଗୁଳି ଜବତ କରିଛି। ଆଶ୍ରମ ଅନ୍ତେବାସୀଙ୍କୁ ପଚରାଉଚରା କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କିଛି ସୁରାକ୍ ପାଇ ପାରିନାହିଁ। ସିସିଟିଭି କ୍ୟାମେରା ଫୁଟେଜରୁ ମଧ୍ୟ ପୁଲିସକୁ କୌଣସି ସୁଫଳ ମିଳି ପାରିନାହିଁ। ଗୁଳିକାଣ୍ଡ ପରେ ଅନ୍ତେବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। କିଛି ଅନ୍ତେବାସୀ ରାତାରାତି ଆଶ୍ରମ ଛାଡ଼ି ପଳାଇଛନ୍ତି।

# ସଂପତ୍ତି ପାଇଁ ଭଉଣୀକୁ ଏସିଡ୍ ମାଡ଼

ବାରିପଦା, ୫ା୧୦ (ସମିସ): ସଂପତ୍ତି ପାଇଁ ଭଉଣୀକୁ ଏସିଡ୍ ମାଡ଼। ବାରିପଦା ସହରର ବଡ଼ବଜାର ନିକଟରେ ଆଜି ଏପରି ଏକ ଆପରାଧିକ ଘଟଣା ଘଟିଛି। ଏସିଡ୍ ମାଡ଼ର ଶିକାର ମହିଳାଜଣଙ୍କ ହେଲେ, ବାରୁଣୀ ରୋଡ ଅଞ୍ଚଳର ସୁଷମା ମହାନ୍ତି। ଏସିଡ୍ ପଡ଼ି ତାଙ୍କ ଗୋଡ଼ର କିଛି ସ୍ଥାନ ପୋଡ଼ି ଯାଇଛି। ଏ ସଂପର୍କରେ ସୁଷମା ବାରିପଦା ଟାଉନ୍ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ବଡ଼ବଜାର ନିକଟରେ ସୁଷମାଙ୍କ ଏକ ଫଟୋ ବାଇଣ୍ଡିଂ ଦୋକାନ ଅଛି। ଉକ୍ତ ଦୋକାନ ଘରଟିକୁ ତାଙ୍କ ବାପା ତାଙ୍କୁ ଦେଇଥିଲେ। କିନ୍ତୁ ତାଙ୍କ ଭାଇ ଚନ୍ଦନେଶ୍ୱର ରଣା ଏହାକୁ ବିରୋଧ କରିଆସୁଥିଲେ। ଏହାକୁ ନେଇ ଭାଇ-ଭଉଣୀଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଆଜି ସକାଳେ ସୁଷମା ଦୋକାନରେ ଏକୁଟିଆ ଥିବା ବେଳେ ଚନ୍ଦନେଶ୍ୱର ଛାତ ଫାଙ୍କ ଦେଇ ତାଙ୍କ ଉପରକୁ ଏସିଡ୍ ପକାଇବା ସହ ଗାଳିଗୁଲଜ କରି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ଖବର ପାଇ ସୁଷମାଙ୍କ ପୁଅ ସେଠାରେ ପହଞ୍ଚି ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଇଥିଲା।

# ଚାକିରି ଚୋରି ଘଟଣାରେ ରାଜ୍ୟ ସରକାରଙ୍କ ମୁଖା ଖୋଲିଛି: ବିଜେଡି

ଭୁବନେଶ୍ୱର,୫ା୧୦(ସମିସ): ପୁଲିସ ଏସ୍‌ଆଇ ପରୀକ୍ଷାର କେଲେଙ୍କାରୀ ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ମାଧ୍ୟମରେ କେବଳ ଏଥିରେ ସମ୍ପୃକ୍ତ ବଡ଼ମୁଣ୍ଡମାନଙ୍କୁ ଖସାଇ ଦେବାକୁ ଚେଷ୍ଟା ଚାଲିଛି। କ୍ରାଇମବ୍ରାଞ୍ଚ ଏହି ଘଟଣାରେ ସମ୍ପୃକ୍ତ କେବଳ ଦଲାଲମାନଙ୍କୁ ଧରୁଛି ଓ ବଡ଼ ମୁଣ୍ଡକୁ ଛାଡି ଦିଆଯାଉଛି ବୋଲି ଅଭିଯୋଗ ଆଣିଛି ବିଜେଡି।

**ବଡ଼ମୁଣ୍ଡିଆଙ୍କୁ ଖସାଇ ଦେବାକୁ କ୍ରାଇମବ୍ରାଞ୍ଚକୁ ମୋହରା କରିଛନ୍ତି ବିଜେପି ସରକାର**

ଶଙ୍ଖ ଭବନରେ ରବିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତା ପ୍ରୀତିରଞ୍ଜନ ଘଡେଇ କହିଛନ୍ତି ଯେ ରାଜ୍ୟ ସରକାର ଏବେ ଚାକିରି ଚୋର ବୋଲି ସର୍ବତ୍ର ଆଲୋଚନା ଚାଲିଛି। ଏହି ଚାକିରି ଚୋରି ଯୋଗୁଁ ରାଜ୍ୟର ଯୁବ ସମାଜ ବ୍ୟତିବ୍ୟସ୍ତ ଓ ହତାଶ। ଯୁବ ସମାଜ ରାଜ୍ୟ ସରକାରଙ୍କ ଉପରେ ଆସ୍ଥା ହରାଇଛନ୍ତି। ଗୃହ ମନ୍ତ୍ରଣାଳୟ ହାତରେ ରଖିଥିବା ମୁଖ୍ୟମନ୍ତ୍ରୀ ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚକୁ ଦେଇଛନ୍ତି। ଏହି ନିଯୁକ୍ତି ପାଇଁ ପ୍ରଥମ ଥର ମାର୍ଚ୍ଚ



୭ ଓ ୮ରେ ହେବାକୁ ଥିବା ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରାଯାଇଥିଲା। ପରୀକ୍ଷା ବାତିଲର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ି ନ ଥିଲା ବେଳେ ଓପିଆରବିର ଅଧ୍ୟକ୍ଷଙ୍କୁ ବିଦା କରି ନୂତନ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହାପରେ ଆଇଟିଆଇର ସହଯୋଗୀ ସଂସ୍ଥା ଭାବେ ପୂର୍ବରୁ ଥିବା ରିଚ ମାଇଣ୍ଡ ସଂସ୍ଥାକୁ ହଟାଯାଇ ସିଲିକନ୍ ଟେକ୍‌କୁ ଦାୟିତ୍ୱ ଦିଆଯାଇଥିଲା। ସିଲିକନ ଟେକ ନିଜେ ପରୀକ୍ଷା ପରିଚାଳନା ପରିବର୍ତ୍ତେ ଅଖ୍ୟାତ ପଞ୍ଚସଫ୍ଟ ଟେକନୋଲୋଜିକୁ ସହଯୋଗୀ ଭାବେ ଗ୍ରହଣ କରିଥିଲା। ଆଉଟସୋର୍ସିଂ ମାଧ୍ୟମରେ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ପୁଲିସ ଏସ୍‌ଆଇ ଚାକିରି ବିକ୍ରି ପାଇଁ ଏକ ସୁଚିନ୍ତିତ ଯୋଜନା କରାଯାଇଥିଲା। ରାଜ୍ୟ ସରକାରଙ୍କ ଚାକିରି ଚୋରି କାର୍ଯ୍ୟକ୍ରମ ଓଡ଼ିଶାବାସୀଙ୍କ ସାମ୍ନାରେ ମୁଖା ଖସି ଯାଇଛି। କ୍ରାଇମବ୍ରାଞ୍ଚ ମାଧ୍ୟମରେ ସେ ଏଥିରେ ସମ୍ପୃକ୍ତ ବଡ଼ ମୁଣ୍ଡକୁ ଖସାଇ ଦେବାକୁ ଉଦ୍ୟମ କରୁଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟର ଗୃହ ସଚିବ, ଡିଜି ପୋଲିସ ଓ ଓପିଆରବିର ଅଧ୍ୟକ୍ଷ ଏହି ଚାକିରି ଚୋରି କାର୍ଯ୍ୟକ୍ରମ ବିଷୟରେ ସ୍ପଷ୍ଟୀକରଣ ରଖନ୍ତୁ ଓ ସିବିଆଇ ତଦନ୍ତର ନିର୍ଦ୍ଦେଶ ଦିଅନ୍ତୁ ବୋଲି ଶ୍ରୀ ଘଡ଼ାଇ ଦାବି କରିଛନ୍ତି।

# ଯୁବକଙ୍କୁ ଦଳିଦେଲେ ହାତୀ

ଲାଞ୍ଜିଗଡ଼, ୫ା୧୦ (ସମିସ): ଜଙ୍ଗଲକୁ ଗାଈ ଚରାଇବାକୁ ଯାଇଥିବା ବେଳେ ଦଳିଦେଲା ହାତୀ। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ କୁମଖାଲ ପଞ୍ଚାୟତ କାତୁଲବାଇ ଗାଁରେ ଏହି ଅଘଟଣ ଘଟିଛି। ମୃତକ ହେଲେ, ଗାଁର ଅନୀଲ ମାଝୀ (୧୮)। ଅନୀଲ ଓ କିଛି ଗ୍ରାମବାସୀ ନିକଟସ୍ଥ ବରୀ ଜଙ୍ଗଲକୁ ଗାଈ ଚରାଇବାକୁ ଯାଇଥିଲେ। ଏହି ସମୟରେ ହଠାତ୍ ସେମାନେ ଏକ ହାତୀପଲ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀପଲ ସେମାନଙ୍କୁ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ତେବେ ସମସ୍ତେ ଦୌଡ଼ି ପଳାଇଥିବା ବେଳେ ଅନୀଲ ହାତୀପଲ ହାବୁଡ଼ରେ ପଡ଼ିଯାଇଥିଲେ। ଗୋଟିଏ ହାତୀ ଅନୀଲଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ପାଦରେ ଦଳି ଦେଇଥିଲା। ପରିବାରଲୋକ ତାଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଉଥିବା ବେଳେ ଅନୀଲଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ବନବିଭାଗର ଅଧିକାରୀ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ନିଜ ବନ୍ଧୁକରୁ ଗୁଳି ଫୁଟି ଶିକାରୀ ମୃତ

ଲାଞ୍ଜିଗଡ଼, ୫ା୧୦(ସମିସ): ନିଜ ବନ୍ଧୁକରୁ ଗୁଳି ଫୁଟି ଶିକାରୀ ମୃତ। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ କଦମ୍ବଗୁଡ଼ା ପଞ୍ଚାୟତ ତଥା ନର୍ଲା ଥାନା ଅଧୀନ ଖିଲ୍ବାଭଟା ଗାଁରେ ଏଭଳି ଏକ ଘଟଣା ଘଟିଛି। ମୃତ ଶିକାରୀଜଣଙ୍କ ହେଲେ, ଗାଁର ସଦା ଗଉଡ଼। ସୂଚନାନୁସାରେ, ସଦା ନିଜର ତିନି ସାଙ୍ଗ ଲଛମନ ଗଉଡ଼, ଯଦୁମଣି ଗଉଡ଼ ଓ ଗୋପୀନାଥ ଗଉଡ଼ଙ୍କ ସହ ମିଶି ଶନିବାର ସକାଳୁ ଗାଁକୁ ଲାଗିଥିବା ଜଙ୍ଗଲକୁ ଶିକାର କରିବାକୁ ଯାଇଥିଲେ। ଦିନ ସାରା ବୁଲିବୁଲି କିଛି ନ ପାଇବାରୁ ଖାଇ ସାରି ପୁଣି ସନ୍ଧ୍ୟାରେ ଜନ୍ତୁ ଖୋଜିବାକୁ ବାହାରିଥିଲେ। ଆଗରେ ଚାଲୁଥିବା ସଦାଙ୍କ ଗୋଡ଼ ଏକ ପଥରରୁ ଖସିଯିବାରୁ ସେ ଧରିଥିବା ବନ୍ଧୁକର ଟ୍ରିଗର୍ ଭୁଲ୍‌ବଶତଃ ଚିପି ହୋଇଯାଇଥିଲା ଏବଂ ସେଥିରୁ ଗୁଳି ଫୁଟି ତାଙ୍କ ଅଣ୍ଟା ଭେଦି ବାହାରି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ସମ୍ପର୍କରେ ଗୋପୀନାଥ ତାଙ୍କ ପରିବାରକୁ ଖବର ଦେଇଥିଲା। ଏପରିକି, ୩ ସାଙ୍ଗ ସଦାଙ୍କ ଶବକୁ ଗାଁ ନିକଟକୁ ଆଣି ରାତିତମାମ ଜଗି ବସିଥିଲେ।

■ ହତ୍ୟା ଅଭିଯୋଗ ଆଣିଲା ପରିବାର
■ ଦେଶୀ ବନ୍ଧୁକ ଜବତ, ୩ ସାଙ୍ଗ ଅଟକ

ରବିବାର ସକାଳେ ଖବର ପାଇ କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ ମାଝୀଙ୍କ ସମେତ ନର୍ଲା ଥାନାଧିକାରୀ ବିଜୟରାଜ ମାଝୀ ଓ ସିକେରକୁପା ଫାଣ୍ଡି ଅଧିକାରୀ ମୁରଲୀ ମୋହନ ପିଡିକାଙ୍କ ନେତୃତ୍ୱରେ ପୁଲିସ ପହଞ୍ଚି ଶବ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛନ୍ତି। ଅପରପକ୍ଷେ, ମୃତକଙ୍କ ପରିବାରଲୋକେ ସଦାକୁ ସେଇ ତିନିଜଣ ଗୁଳି ମାରି ହତ୍ୟା କରିଥିବା ନେଇ ଅଭିଯୋଗ କରିଛନ୍ତି। ପୁଲିସ ଉଭୟ ଦିଗରୁ ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ସଦାଙ୍କ ତିନିଜଣ ସାଙ୍ଗଙ୍କୁ ଅଟକ ରଖିଥିବା ବେଳେ ଏକ ଦେଶୀ ବନ୍ଧୁକ ମଧ୍ୟ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।



# ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତବାର୍ଷିକୀ





**ପଦ୍ମପୁର, ୫।୧୦(ସମିସ)**

ସ୍ଥାନୀୟ ବିଦ୍ୟା ମନ୍ଦିର ଠାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପଦ୍ମପୁର ନଗର ତରଫରୁ ଶତ ବାର୍ଷିକୀ ଉପଲକ୍ଷେ ବିଜୟା ଦଶମୀ ଉତ୍ସବ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ବରଗଡ଼ ଜିଲ୍ଲା ହିନ୍ଦୁ ଜାଗରଣ ମଞ୍ଚର ସଦସ୍ୟ ପ୍ରଦୀପ ପଟ୍ଟନାୟକ ଏବଂ ବିଶ୍ୱ ହିନ୍ଦୁ ପରିଷଦ ପଶ୍ଚିମ ପ୍ରାନ୍ତର ଉପସଭାପତି ଭକ୍ତ ଚରଣ ସାହୁ ଭାବେ ଯୋଗଦାନ କରିଥିଲେ। ଅଧ୍ୟାପକ ଦିବ୍ୟ କିଶୋର ପଣ୍ଡା ଅତିଥି ପରିଚୟ କରିଥିବା ବେଳେ ନଚିକେତା ମିଶ୍ର ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ ଏବଂ ଆୟୁଷ ପତି ଅମୃତ ବଚନ ପ୍ରଦାନ କରିଥିଲେ ଶେଷରେ ରିତେଶ ରଞ୍ଜନ ମେହେର ପ୍ରାର୍ଥନା ଏବଂ ସୁଧାଂଶୁ ପତି ମୁଖ୍ୟ ଶିକ୍ଷକ ଦାୟିତ୍ୱ ତୁଲାଇ ଥିଲେ। କାର୍ଯ୍ୟକ୍ରମକୁ ନଗର କାର୍ଯ୍ୟାବାହ ଆଇନଜୀବୀ ଆଶିଷ ମିଶ୍ର ସମ୍ପାଦନା କରିଥିଲେ। ଏଥିରେ ଭରାତ ବିକାଶ ପରିଷଦ, ପ୍ରଜ୍ଞା ପ୍ରବାହ, ହିନ୍ଦୁ ଜାଗରଣ ମଞ୍ଚ, ବିଜ୍ଞାନ ଭାରତୀ, ଶିକ୍ଷା ବିକାଶ ସମିତି ଓ ନଗରର ଶତାଧିକ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

**ପଦ୍ମପୁର:** ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ୧୦୦ ବର୍ଷ ପୂର୍ତ୍ତି ଅବସରରେ ବିଜୟା ଦଶମୀ ଉତ୍ସବ ପାଇକମାଳ ଖଣ୍ଡ ଟେମରୀ ମଣ୍ଡଳ, ବୁକୁରାମୁଣ୍ଡା ଠାରେ ପାଳିତ ହୋଇଛି। ଉତ୍ସବରେ ମହୁଲପାଲି ଠାରୁ ବୁକୁରାମୁଣ୍ଡା ପର୍ଯ୍ୟନ୍ତ ପୂର୍ଣ୍ଣ ଗଣବେଶ ସହ ପଥ ଚଞ୍ଚଳନ ହୋଇଥିଲା। ଏହି ସମୟରେ ଗ୍ରାମବାସୀ ଭବ୍ୟ ସ୍ୱାଗତ ସହିତ ପୁଷ୍ପବର୍ଷଣ କରିଥିଲେ। ବୁକୁରାମୁଣ୍ଡା କଲ୍ୟାଣ ମଣ୍ଡପ ଠାରେ ପୂଜାର୍ଚ୍ଚନା ସହ ଉତ୍ସବ ପାଳିତ ହୋଇଥିଲା। ମୁଖ୍ୟ ଅତିଥି ଅଭୟ ଦେବତା, ମୁଖ୍ୟବକ୍ତା ଇନ୍ଦ୍ରମଣି ଭୋଇ, ଖଣ୍ଡ କାର୍ଯ୍ୟବହ ଶ୍ରୀଯୁକ ଅଜିତ ବାରିକ ଯୋଗ ଦେଇଥିଲେ। ଶେଷରେ ବରଗଡ଼ ସାଂସଦ ଶ୍ରୀଯୁକ ପ୍ରଦୀପ ପୁରୋହିତ, ବିଧାୟକ ପ୍ରାର୍ଥୀ ଶ୍ରୀଯୁକ ଗୋବର୍ଦ୍ଧନ ଭୁଏ ଓ ବୁକୁରାମୁଣ୍ଡା ସରପଞ୍ଚ ଅନୀତା ଭୋଇ ଯୋଗ ଦେଇ ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମରେ ଯୁଧିଷ୍ଠିର ସାହୁ, ଭୁବନେଶ୍ୱର ପ୍ରଧାନ, ନୀଲେ ବରିହା ଓ ଶତାଧିକ ସ୍ୱୟଂ ସେବକ ସହଯୋଗ କରିଥିଲେ।

**ଦହିତା:** ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଦହିତା ମଣ୍ଡଳ ପକ୍ଷରୁ ଶତାବ୍ଦୀ ସମାରୋହ ପାଳିତ ହୋଇଯାଇଛି। ଦୁର୍ଗା ମଣ୍ଡପ ପଡ଼ିଆରେ ଶତାଧିକ ସ୍ୱୟଂ ସେବକ ପୂର୍ଣ୍ଣ ଗଣବେଶରେ ସମବେତ ହୋଇ ଗାଁରେ ପଥ ସଞ୍ଚଳନ କରିଥିଲେ। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ମକରଧ୍ୱଜ ବଗାର ଯୋଗଦେଇ ସଂଘ ସଂସ୍ଥାପକ ଡ.ହେଡଗେୱାର ପରମ ପୂଜନୀୟ ଗୁରୁଜୀ ଏବଂ ଭାରତ ମାତାଙ୍କର ଫଟୋ ଚିତ୍ରରେ ଦୀପ ପ୍ରଜ୍ୱଳନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଜିଲ୍ଲା ପ୍ରଚାର ପ୍ରମୁଖ ରିତେଶ ମେହେର ଯୋଗଦେଇ ସ୍ୱୟଂ ସେବକ ମାନଙ୍କ ସେବା କାର୍ଯ୍ୟର ମହନୀୟତା ସମ୍ପର୍କରେ ବୌଦ୍ଧିକ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ମଣ୍ଡଳ ପ୍ରମୁଖ ଯଶୋବନ୍ତ ନାରାୟଣ ହୋତା ପରିଚାଳନା କରିଥିଲେ। ରଞ୍ଜନ ହୋତା ବ୍ୟକ୍ତିଗତ ଗୀତ ଗାନ କରିଥିବା ବେଳେ ମୋହନ ମେହେର ସୁଭାଷିତ ଏବଂ ମଦନ ମେହେର ଅମୃତ ବଚନ ପଢ଼ିଥିଲେ। ଏଥିରେ ଖଗେଶ୍ୱର ମେହେର, ବିପିନ ମେହେର, ଗୋବିନ୍ଦ ମେହେର, ଲିଙ୍ଗ ଦୀପ, ବନ୍ତ ମେହେର, କିଶୋର ଭୋଇ, ଶ୍ୟାମ ସୁନ୍ଦର ବଡମାଳୀଙ୍କ ସହ ଅନ୍ୟ ଭାଇ ମାନେ ସହଯୋଗ କରିଥିଲେ।

**ବରଗଡ଼:** ସ୍ଥାନୀୟ ବ୍ରହ୍ମ ବିହାର ସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରଗଡ଼ ଶଖା ତରଫରୁ ଆର୍‌ଏସ୍‌ଏସ୍‌ର ଶତ ବାର୍ଷିକୀ ପରିପ୍ରେକ୍ଷୀରେ ‘ଶ୍ରୀ ବିଜୟା ଦଶମୀ’ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ମହାପ୍ରବନ୍ଧକ ସନ୍ତୋଷ ଦାଶ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସିଡିଏମଓ ଡ.ସାଧୁ ଚରଣ ଦାଶ ଓ ମୁଖ୍ୟ ବକ୍ତା ଭାବେ ବରଗଡ଼ ଜିଲ୍ଲା ସହ ସଂଘ ଚାଳକ ଡାକ୍ତର ସତ୍ୟସାଇ ନାୟକ ଯୋଗ ଦେଇ ଦେଶର ଉନ୍ନତି ପାଇଁ ପ୍ରତ୍ୟେକ ହିନ୍ଦୁ ମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଡ.ରବିନାରାୟଣ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅମୃତ ବଚନ ପାଠ କରିଥିଲେ ଅର୍ଣ୍ଣବ ନାୟକ ଓ ଅନ୍ୟ ମାନଙ୍କ ମଧ୍ୟରେ ଅବିନାଶ ଆଚାର୍ଯ୍ୟ, ମୃତ୍ୟୁଞ୍ଜୟ ଆଚାର୍ଯ୍ୟ, ପ୍ରତାପ ପଟ୍ଟନାୟକ, ଭରତ ମେହେର, ପ୍ରସନ୍ନ ମେହେର, ଶିବ ପ୍ରସାଦ ସାହୁ ଓ ଅରୁଣ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପଦ୍ମପୁର ଉପକାରାଗାରରେ ଚଢ଼ଉ



## ନିଶା ସାମଗ୍ରୀ ଜବତ

**ପଦ୍ମପୁର, ୫।୧୦ (ସମିସ):** ବରଗଡ଼ ଏସପିଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ରବିବାର ପଦ୍ମପୁର ଉପକାରାଗାରରେ ହଠାତ୍ ଚଢ଼ଉ କରାଯାଇଛି। ପଦ୍ମପୁର ଉପଖଣ୍ଡ ପୁଲିସ ଅଧିକାରୀ ପାଣ୍ଡବ ଶବରଙ୍କ ନେତୃତ୍ୱରେ ଚଢ଼ଉ କରାଯାଇଥିଲା। ଏଥିରେ ପାଇକମାଳ ଥାନା ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ, ଜଗଦଲପୁର ଥାନାଧିକାରୀ ଅଭିମନ୍ୟୁ ଦୁର୍ଗା, ବୁଡେକ ଥାନା ଅଧିକାରୀ ଇସିମାଇଲ ଏକ୍କା, ମେଲଛାମୁଣ୍ଡା ଥାନା ଅଧିକାରୀ ମନୋହର ପଧାନ, ଗାଇସିଲେଟ ଥାନା ଅଧିକାରୀ ଏମ୍ ମିଞ୍ଜ ସମେତ ମାଜିଷ୍ଟ୍ରେଟ ବିପିନ ପଧାନ ପୁଲିସ ଫୋର୍ସ ସାମିଲ ଥିଲେ। ଚଢ଼ଉ ସମୟରେ ବିଡି, ଗଞ୍ଜେଇ ଏବଂ ଦିଆସିଲି କାଠି ଭଳି ନିଷିଦ୍ଧ ନିଶା ସାମଗ୍ରୀ ଜବତ କରାଯାଇଥିଲା। ଜେଲରେ ଶୃଙ୍ଖଳା ବଜାୟ ରଖିବା ଏବଂ ବେଆଇନ କାର୍ଯ୍ୟକଳାପ ରୋକିବା ପାଇଁ ଏପରି କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି।

# ପାୱାର ଅଫ ଦିବ୍ୟାଙ୍ଗସର ନିଆରା ପଦକ୍ଷେପ



**ବରଗଡ଼, ୫।୧୦(ସମିସ):** ଜିଲ୍ଲା ମେଡିକାଲ ବୋର୍ଡ ଅବସରରେ ପାୱାର ଅଫ ଦିବ୍ୟାଙ୍ଗସ ତରଫରୁ ଜିଲ୍ଲାର ଦିବ୍ୟାଙ୍ଗ ଭାଇ ଭଉଣୀ ମାନଙ୍କପାଇଁ ଟ୍ରେନ ପାସ୍ କରିବା ପାଇଁ ଡାକ୍ତରଖାନା ପରିସରରେ ଏକ କାଉଣ୍ଟରର ବ୍ୟବସ୍ଥା କରାଯାଇଛି। ଯେଉଁ ଦିବ୍ୟାଙ୍ଗ ଭାଇ ଭଉଣୀ ମାନଙ୍କର ଟ୍ରେନ ପାସ୍ ନାହିଁ କିମ୍ବା ଯେଉଁ ମାନଙ୍କର ଟ୍ରେନ ପାସ୍‌ର ତାରିଖ ଓଭର ହୋଇଛି କିମ୍ବା ଫର୍ମ ରିଜେକ୍ଟ ହୋଇଛି ସେମାନଙ୍କ ମଧ୍ୟରୁ ୨୧ ଜଣ ଦିବ୍ୟାଙ୍ଗ ମାନଙ୍କର ପାସ୍ ପାଇଁ ପ୍ରସ୍ତୁତ କରାଯାଇଥିଲା। କାର୍ଯ୍ୟକ୍ରମରେ ବରଗଡ଼ ବ୍ଲକର ତରଣୀ ସୁନା, ସାନ ମେହେର ଏବଂ ସୁମନ୍ତ ପଧାନ ସହଯୋଗ କରିଥିବା ବେଳେ, ବିଭିନ୍ନ ଦିବ୍ୟାଙ୍ଗ ସଂଗଠନ (ବ୍ଲକର) ସଭାପତି ତଥା କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ଭେଡେନ ବ୍ଲକର ସଭାପତି ବସନ୍ତ ଭୋଇ, ଅତାବିରା ବ୍ଲକର ସଭାପତି ପ୍ରମୋଦ ଗର୍ଡ଼ିଆ, ଭଟଲି ବ୍ଲକର ସଭାପତି ବିରକିଶୋର ବାଦୀ, ତଥା ଯୋଗେନ୍ଦ୍ର କଠାର ଏବଂ ବିଭିନ୍ନ ବ୍ଲକର କର୍ମକର୍ତ୍ତା ଯୋଗ ଦେଇଥିଲେ। ପାୱାର ଅଫ ଦିବ୍ୟାଙ୍ଗର ସଭାପତି ଶ୍ୟାମ ସୁନ୍ଦର ଅଗ୍ରୱାଲ, ସାଧାରଣ ସମ୍ପାଦକ ମେଘନାଦ ସାହୁ, ଜିଲ୍ଲା ଜନ ସମ୍ପର୍କ ସଂଯୋଜକ ସତ୍ୟଜିତ ଦାଶ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ପ୍ରକାଶ ଥାଉକି ପାୱାର ଅଫ ଦିବ୍ୟାଙ୍ଗସ ତରଫରୁ ୪୪ ଜଣ ଦିବ୍ୟାଙ୍ଗ ଭାଇ ଭଉଣୀ ମାନଙ୍କୁ ନେଇ ତୀର୍ଥଯାତ୍ରା ପାଇଁ ଆସନ୍ତା ନଭେମ୍ବର ୧୦ ତାରିଖରୁ ପ୍ରୟାଗରାଜ, ଅଯୋଧ୍ୟା ଏବଂ ବାରଣାସୀ ଯିବାପାଇଁ ନିଶ୍ଚିତ ହୋଇଛି।

# ଯୁବ ସମାଜସେବୀ ଧନଞ୍ଜୟ ସାହୁଙ୍କ ପରଲୋକ



**ଗାଇସିଲେଟ, ୫।୧୦(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କଟାବାହାଲ ପଞ୍ଚାୟତ କେନ୍ଦୁମାଲ ଗାଁର ଯୁବ ସମାଜସେବୀ ଧନଞ୍ଜୟ ସାହୁ (୩୭)ଙ୍କ ପରଲୋକ ଘଟିଛି। ସେ ୩ ବର୍ଷ ହେବ କିଡନୀ ରୋଗରେ ପୀଡ଼ିତ ଥିଲେ। ହଠାତ୍ ଦୁର୍ବଳ ଅନୁଭୁତ ହେବାରୁ ବରଗଡ଼ ବିକାଶ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ମର ଶରୀରକୁ ନିଜ ଗାଁ କେନ୍ଦୁମାଲକୁ ଅଣାଯାଇଥିଲା। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପୁଅ ଗଣେଶ୍ୱର, ଝିଅ ଭାରତୀ, ବାପା ଶିଶୁପାଲ, ମା’ ମେନକା, ଶ୍ୱଶୁର ଶ୍ୟାମ, ଶାଶୁ ଭୂମି, ଶଳା ଖଗେଶ୍ୱରଙ୍କ ସମେତ ଅନେକ ବନ୍ଧୁ ବାନ୍ଧବ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ ଧନଞ୍ଜୟଙ୍କ ଶେଷ ଦର୍ଶନ କରି ଗଭୀର ଶୋକ ବ୍ୟକ୍ତ କରିଥିଲେ। ତାଙ୍କ ମର ଶରୀରକୁ ଗାଁ ଶ୍ମଶାନରେ ସଂସ୍କାର କରାଯାଇଥିଲା ଓ ପୁଅ ଗଣେଶ୍ୱର ମୁଖାଗ୍ନି ଦେଇଥିଲେ

# ବାବା କେଦାରନାଥ ଉଠା ଜଳସେଚନ ପାଣି ପଞ୍ଚାୟତ ସଂଘର ନୂଆଁଖାଇ ଭେଟ୍‌ଘାଟ



**ଅମ୍ବାଭୋନା, ୫।୧୦(ସମିସ):** ବରଗଡ଼ ଜିଲ୍ଲାର ଭଟଲି ବ୍ଲକ ଓ ଅମ୍ବାଭୋନା ବ୍ଲକ ମିଳିତ ଆନୁକୂଲ୍ୟରେ ଅମ୍ବାଭୋନା ବ୍ଲକ ଗଙ୍ଗେଇ ଗାଁ ନିକଟସ୍ଥ ଧାନମଣ୍ଡି ପରିସରରେ ଜୟ ବାବା କେଦାରନାଥ ଉଠା ଜଳସେଚନ ପାଣି ପଞ୍ଚାୟତ ସଂଘ ଆୟୋଜିତ ନୂଆଁଖାଇ ଭେଟଘାଟ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଯୋଗ ଦେଇଥିଲେ। କୃଷ୍ଣଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ, ଅଧିକ୍ଷଣ ଯନ୍ତ୍ରୀ ସୂର୍ଯ୍ୟନାରାୟଣ ତ୍ରିପାଠୀ, ଉଦ୍ୟାନ କୃଷି ଅଧିକାରୀ ଭାବ ବଞ୍ଚୋର, କୃଷି ବିଭାଗ ଅଧିକାରୀ ସମ୍ଭୁନାଥ ବଘେଲ ଓ ଟାଟା ପାୱାରର ବିଶ୍ୱଜିତ୍ ପଧାନ ସମ୍ମାନିତ ଅତିଥି ଭାବେ ଆସନ ଅଳଙ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କେଦାର ନାଏକ କରିଥିଲେ ଓ ମନୋରଞ୍ଜନ ନାଏକ ସହଯୋଗ କରିଥିଲେ। ସରକାରୀ ପ୍ରାଥମିକ ବିଦ୍ୟାଳୟ ଗଙ୍ଗେଇର ଛୋଟ ଶିକ୍ଷାର୍ଥୀମାନେ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ନୃତ୍ୟ ପରିବେଷଣ କରିଥିଲେ। ପ୍ରଧାନଶିକ୍ଷକ ରୋହିତ ଭୁଏ ଏଥିରେ ସହଭାଗୀ ହୋଇଥିଲେ। ମାନ୍ୟଗଣ୍ୟ ଅତିଥିମାନଙ୍କ ମଧ୍ୟରେ ବୈଷ୍ଣବ ଭୋଇ, ଭବାନୀଶଙ୍କର ପ୍ରଧାନ, ରୋହିତ ଦୁଆନ, ସୁରେଶ ପଧାନ, ଅଲଡ୍ରିନ ପାତ୍ର, ସୁଦୀପ୍ତ ପାତ୍ର, ଚକ୍ରଧର ନାଏକ, ଦଶରଥ ନାଏକ, ଲଳିତ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ବିଧାୟକ ଇରାଶିଷ ଆଚାର୍ଯ୍ୟ ପାଣି ପଞ୍ଚାୟତର ନବୀକରଣ ଓ ଦୃଢ଼ୀକରଣ ଉପରେ ସରକାର ଗୁରୁତ୍ୱ ଦେଉଥିବା କଥା ଉଲ୍ଲେଖ କରିଥିଲେ। ଶେଷରେ ମନୋରଞ୍ଜନ ନାଏକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଭ୍ରାମ୍ୟମାଣ ପାଠ୍ୟଦାନ ‘ଆସ ଆମେ ପଢ଼ିବା’ କାର୍ଯ୍ୟକ୍ରମ



**ବରଗଡ଼, ୫।୧୦(ସମିସ):** ଦଶହରା ଛୁଟି ଅବସରରେ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ଆନୁକୂଲ୍ୟରେ ବସ୍ତି ପିଲାଙ୍କୁ ମାଗଣା ଓ ଭ୍ରାମ୍ୟମାଣ ପାଠ୍ୟ ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବନ୍ଧପଡ଼ା ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଶହରା ଛୁଟି କାଟୁଥିବା ଛାତ୍ରଛାତ୍ରୀଙ୍କ ମନରେ ଥିବା ବିଭିନ୍ନ ବିଷୟର ସଂଶୟ ଦୂର କରାଯାଇଥିଲା। ଏଥିସହିତ ଇଂରାଜୀ, ଗଣିତ, ଭୂଗୋଳ, ବିଜ୍ଞାନ ସଂସ୍କୃତ ଆଦି ବିଷୟରେ ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ମାଗଣା ଶିକ୍ଷାଦାନ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଡ.ଡୋଳାମଣି ଶତପଥୀ, କପିଳ ବାଗ, ଡାକ୍ତର ଭୋଇ, ସୁଧାଂଶୁ ଶେଖର ସାହୁ ପ୍ରମୁଖ ପଡ଼ାକୁ ଯାଇ ଘରକୁ ଘର ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କୁ ସ୍ଥାନୀୟ ଆଙ୍ଗନବାଡି କେନ୍ଦ୍ରରେ ଏକତ୍ରିତ କରି ପାଠ୍ୟ ଦାନ କରିଥିଲେ। ତେବେ ବରିଷ୍ଠ ସଦସ୍ୟ ଅର୍ଜୁନ ସେଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାଗଣା ପାଠ୍ୟ ଦାନ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ବିଭିନ୍ନ ବିଷୟରେ ରହିଥିବା ନିଜ ନିଜର ସନ୍ଦେହ ଦୂର କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା।

# ଏମ୍.ଶ୍ରୀଗିଡ଼ାରେ ପ୍ରସିଦ୍ଧ ଲଣ୍ଡାବୀର ଯାତ୍ରା

**ବିଜେପୁର, ୫।୧୦(ସମିସ):** ବରଗଡ଼ ଜିଲ୍ଲାର ବିଜେପୁର ଥାନା ଅଧୀନ ଏମ୍.ଶ୍ରୀଗିଡାର ଗ୍ରାମ୍ୟ ଦେବତା ଲଣ୍ଡାବୀରଙ୍କ ଯାତ୍ରା ମହୋତ୍ସବରେ ଅଞ୍ଚଳ ଉତ୍ସବ ମୁଖରିତ ହୋଇ ଉଠିଛି। ପ୍ରାୟ ଶତାଧିକ ବର୍ଷ ହେଲା ମାଁଙ୍କ ଏହି ପର୍ବ ପାଳିତ ହେଇ ଆସୁଛି। ଗ୍ରାମବାସୀ ଏକତ୍ରିତ ହୋଇ ପୂଜାସାମଗ୍ରୀ ସହିତ ଗାଁ ଝାଙ୍କର ତଥା ବରୁଆଙ୍କୁ ବରଣ କରିବା ପରେ ଏକ ବିରାଟ ଶୋଭାଯାତ୍ରାରେ ପୂଜା ପୀଠକୁ ଯାଇଥିଲେ। ଗ୍ରାମ୍ୟ ଝାଙ୍କର ଦେବତାଙ୍କ ପୀଠରେ ପୂଜାର୍ଚ୍ଚନା କରିବା ପରେ ବରୁଆ ବୃନ୍ଦାବନ ବରିହାଙ୍କ ଦେହରେ ଲଣ୍ଡାବୀର ଦେବୀ ବିରାଜମାନ କରିଥିଲେ। ଦୂରଦୂରାନ୍ତରରୁ ଶତାଧିକ ଭକ୍ତ ତାଙ୍କର ବିଭିନ୍ନ ମନସ୍କାମନା ପୂରଣ ନିମନ୍ତେ ଅଧିଆ ପଡ଼ିଥିବାର ଦେଖାଯାଇଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ରିନା ମେହେର, ସମିତି ସଦସ୍ୟ ଜୟନ୍ତୀ ମେହେରଙ୍କ ସମେତ ଗାଁର ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ। ପୂଜା କମିଟିର ସଭାପତି ପୀତବାସ ମେହେର, ସମ୍ପାଦକ କୈଳାସ ଝାଲ ଓ ଗଣେଶ ସାହୁ, କୋଷାଧକ୍ଷ ଲୋକନାଥ ମେହେର, ରଞ୍ଜନ ଭୋଇ, ମୁକେଶ ବରିହା, ଅନିଲ ଭୁଏ, ସମୀର ଭୋଲ, ଗୁଣନିଧି ମେହେର, ଜୟକୃଷ୍ଣ ମେହେଉ, ଜିବର୍ଦ୍ଧନ ମେହେର, ଟିକେଲାଲ ମେହେର, ଅକ୍ଷୟ ଭୋଇଙ୍କ ସମେତ ପରିଚାଳନା କମିଟି ଏବଂ ଗ୍ରାମବାସୀଙ୍କ ପରିଚାଳନାରେ ଯାତ୍ରାଟି ଅନୁଷ୍ଠିତ ହୋଇଛି।

# ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପଦ୍ମଲୋଚନ ଦାଶଙ୍କ ଶ୍ରଦ୍ଧାଞ୍ଜଳି ସଭା

**ବରଗଡ଼, ୫।୧୦(ସମିସ):** ଅଗ୍ରଗାମୀ ଯୁବକ ସଂଘ ପରିସରରେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଓ କଣ୍ଠଶିଳ୍ପୀ ପଦ୍ମଲୋଚନ ଦାଶଙ୍କ ଅକାଳ ବିୟୋଗରେ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ଆନୁକୂଲ୍ୟରେ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସର୍ବ ଭାରତୀୟ କଳା ସଂସ୍କୃତି ଫେଡେରେସନର ସଭାପତି ଚୈତନ୍ୟ ପାଇକ, ମିଳିତ କଳାକାର ମଞ୍ଚର ସମ୍ପାଦକ ଡ.ଡୋଳାମଣି ଶତପଥୀ, ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସମ୍ପାଦକ ଗୋପବନ୍ଧୁ ପୁରୋହିତ, ଜିଲ୍ଲା ସଙ୍କୀର୍ତ୍ତନ ପରିଷଦର ସଭାପତି ପ୍ରମୋଦ ଦାଶ, କଣ୍ଠଶିଳ୍ପୀ ଏମଡି ତଫିକ୍ ଖାନ୍, ଚିତ୍ରଶିଳ୍ପୀ ରାଧେ ଶ୍ୟାମ ଭେସ୍ରା, ସର୍ବଭାରତୀୟ କଳା ସଂସ୍କୃତି ପୁରସ୍କାରପ୍ରାପ୍ତ ନୃତ୍ୟ ନିର୍ଦ୍ଦେଶକ ରାଜେଶ ବାରିକ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ପଦ୍ମଲୋଚନ ଦାଶଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିବା ସହ ତାଙ୍କ ଅକାଳ ବିୟୋଗ ବରଗଡ଼ କଳା ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ମତବ୍ୟକ୍ତ କରିଥିଲେ।

# ବୁକୁରାମୁଣ୍ଡାରେ କଲ୍ୟାଣମଣ୍ଡପ, ଦୁର୍ଗାମଣ୍ଡପ ଉଦ୍‌ଘାଟିତ



**ପାଇକମାଳ, ୫।୧୦(ସମିସ):** ପାଇକମାଳ ବ୍ଲକ ବୁକୁରାମୁଣ୍ଡାରେ ଥିବା କଲ୍ୟାଣ ମଣ୍ଡପ ଓ ଦୁର୍ଗା ମଣ୍ଡପ ସାଂସଦ ପ୍ରଦୀପ ପୁରୋହିତଙ୍କ କରକମଳରୁ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଭୂଏ, ଲଖମରା ମଣ୍ଡଳ ସଭାପତି ଟୁନା ଡନସନା, ସରପଞ୍ଚ ପ୍ରତିନିଧି ପରମାନନ୍ଦ ଭୋଇ, ରଙ୍କମଣୀ ବାରିକ, ଲିଙ୍ଗରାଜ ପ୍ରଧାନ, ଅମୃତଲାଲ ଠାକୁର, ଦୁଷ୍ମନ୍ତ ସାହୁ, ହଲଧର ପ୍ରଧାନ, ନିମେଇ ପଟେଲ, ଅନିଲ ମେହେର, ଜୟପ୍ରକାଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସାଂସଦ ଏବଂ ଅତିଥିମାନେ ବୃକ୍ଷ ହିଁ ମଣିଷର ଏକ ଅଙ୍ଗ ଭାବେ ବୋଲି ମତ ରଖିଥିଲେ।

# ସୋଲାର ଲାଇଟ୍ ଲୋକାର୍ପିତ

**ପାଇକମାଳ, ୫।୧୦ (ସମିସ):** କେର୍ମେଲାବାହାଲ ଓ ମାଝୀପାଲି ବସଷ୍ଟାଣ୍ଡରେ ସୋଲାର ଲାଇଟ୍ ସାଂସଦ ପ୍ରଦୀପ ପୁରୋହିତ ଓ ଗୋବର୍ଦ୍ଧନ ଭୂଏଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ରାସ୍ତା ଓ ଗୃହନିର୍ମାଣ ବିଭାଗ ପକ୍ଷରୁ ସୋଲାର ଲାଇଟ୍ ଲଗା ଯାଇଛି। ବିଭାଗର ଏସି ମନୋଜ ପାଣ୍ଡେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ଉପ ସଭାପତି ସରୋଜ ସାମଲ, ଆଇନଜୀବୀ ରାଜ କିଶୋର ସାହୁ, ପାଇକମାଳ ବିଜେପି ମଣ୍ଡଳ ସଭାପତି ଅକ୍ଷୟ ସାହୁ, ପାଇକମାଳ ପୂର୍ବତନ ମଣ୍ଡଳ ବିଜେପି ସଭାପତ କୈଳାସ ଦିଶ୍ରୀ, ମହେନ୍ଦ୍ର ନାଏକ, ପୁରୋଷୋତ୍ତମ ନାଏକଙ୍କ ସହ ଉଭୟ ଗାଁର ଶତାଧିକ ଜନତା ଉପସ୍ଥିତ ଥିଲେ।

# ପ୍ରୟାସର ନାରୀଶକ୍ତି ସ୍ୱରୂପା କାର୍ଯ୍ୟକ୍ରମ

**ପଦ୍ମପୁର, ୫।୧୦(ସମିସ):** ସ୍ୱେଚ୍ଛାସେବୀ ସଂସ୍ଥା ‘ପ୍ରୟାସ’ ତରଫରୁ ସ୍ଥାନୀୟ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ ନାରୀ ଶକ୍ତି ସ୍ୱରୂପା କାର୍ଯ୍ୟକ୍ରମରେ ଜନ୍ମ ନେଇଥିବା ନବଜାତ ଶିଶୁ କନ୍ୟାଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସଭାପତି ପ୍ରକାଶ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜଏଣ୍ଟ ଡିରେକଟର ଫିଜିକାଲ ହେଲ୍‌ଥର ଡାକ୍ତର ଶିବାଶିଷ ମହାନ୍ତି ଯୋଗ ଦେଇଥିଲେ। ନାରୀ ଭ୍ରୁଣ ହତ୍ୟାକୁ ପ୍ରାଧାନ୍ୟ ଦେବା ଅନିର୍ବାଯ୍ୟ ଓ ଏଭଳି ପାପ କାର୍ଯ୍ୟରୁ ଦୂରେଇ ସୃଷ୍ଟିକୁ ସମ୍ମାନ ଦେବାପାଇଁ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ କାର୍ଯ୍ୟରତ ବିଭାଗୀୟ ଡାକ୍ତର ପ୍ରଭାତ ନାରାୟଣ ତ୍ରିପାଠୀ, ସମ୍ପାଦକ ଡ.ସଞ୍ଜିତ ମିଶ୍ର ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ମେଡିଆସେଲ ସଂଯୋଜକ ରଘୁନାଥ ପୁରୀ, ସହ ସମ୍ପାଦକ ସୁମନ୍ତ ସାହୁ, ତୁଳାରାମ ସାହୁ, ଡ.ସୁଦୀପ୍ତ ସାହୁ, ଅନିଲ କାନୁନଗୋ, ଦିଲ୍ଲୀପ ବାରିକ, ସରୋଜ ମେହେର, ଈଶ୍ୱର ସାହା, ଇନ୍ଦ୍ରମଣି ପୁରୋହିତ, ସରୋଜ ପ୍ରସାଦ ଷଡଙ୍ଗୀ, ଅଶୋକ ମିଶ୍ର, ସୁଧୀର ପଣ୍ଡା, ବ୍ରଜ ମୋହନ ସାହୁ, ଅଭୟ ଚରଣ ନାୟକ, ନିରୋଜ ସିହ୍ନା ପ୍ରମୁଖ ଅଂଶଗ୍ରହଣ କରିଥିଲେ।




## ୧୫ତମ ତିହାର ଲୋକ ମହୋତ୍ସବ ଉଦ୍‌ଘାଟିତ

# କଳା, ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ତିହାର ଲୋକ ମହୋତ୍ସବର ଅବଦାନ ଅନସ୍ୱୀକାର୍ଯ୍ୟ



**ବରଗଡ଼, ୫।୧୦(ସମିସ)**

“ପଶ୍ଚିମ ଓଡ଼ିଶାର ଲୋକ କଳା, ସଂସ୍କୃତି ଓ ପରମ୍ପରା ମହାନ୍ ହୋଇଥିବା ବେଳେ ନିଜ ମାଟି ମା’ର କଳା ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ‘ତିହାର’ ଲୋକ ମହୋତ୍ସବର ଅବଦାନ ଅନସ୍ୱୀକାର୍ଯ୍ୟ” ବୋଲି ୧୫ ତମ ତିହାର ଲୋକ ମହୋତ୍ସବ ଉଦ୍‌ଘାଟନ ଅବସରରେ ମତ ପ୍ରକାଶ ପାଇଛି। ତିହାର ଲୋକ ମହୋତ୍ସବ ସମିତିର ସଭାପତି ତଥା ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କ ସଭାପତିତ୍ୱ ଓ ସଂଯୋଜକ ରବି ପଣ୍ଡାଙ୍କ ସଂଯୋଜନାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ଏଥିରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଜି ୧୫ ବର୍ଷରେ ପଦାର୍ପଣ କରିଥିବା ଉତ୍ସବ ଆଗକୁ ଜାରି ରହିବଓ ଆଗାମୀ ବର୍ଷ ଏଠାରେ ସ୍ଥାୟୀ ମଞ୍ଚର ନିର୍ମାଣ କରାଯିବ ବୋଲି ଶ୍ରୀ ମହାନନ୍ଦ ଘୋଷଣା କରିଥିଲେ।

ଏହି ଅବସରରେ ଯୁବ ନାଟ୍ୟକାର, ଅଭିନେତା ଦିଲୀପ ବେହେରାଙ୍କୁ ନାଟକ ରଚନା, ନିର୍ଦ୍ଦେଶନା ଓ ଅଭିନୟ ସକାଶେ ସ୍ୱର୍ଗତ ରାଜେନ୍ଦ୍ର ସାହୁ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା କ୍ରମରେ ଢୋଲ ବଜାଉ ଥିବା ବାଦ୍ୟକାର କଷ୍ଟି ସିକା, ମହୁରିଆ ଗୋବର୍ଦ୍ଧନ ମହାନନ୍ଦ ଓ ବରିଷ୍ଠ କରମ୍ସାନି କଳାକାର କିଶୋର ଚନ୍ଦ୍ର ଭୁଏଙ୍କୁ ମଧ୍ୟ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ପ୍ରଥମ ଦିନ କାର୍ଯ୍ୟକ୍ରମରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ସିଂହପାଲି ୟୁପି ସ୍କୁଲର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି କ୍ରମରେ ଅତାବିରା ଓ ବରଗଡ଼ ଜିଲ୍ଲା ବିଷୟରେ ଜଡିତ ବିଭିନ୍ନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ଓ କୃତି ପ୍ରତିଯୋଗୀଙ୍କୁ ମେଡାଲ ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସଭା ପରେ କଟକ ନଟରାଜ କଳା ପରିଷଦ, ମୟୂରଭଞ୍ଜ ନିଚୁଆପଦାର ଛଉ ନୃତ୍ୟ, ଅତାବିରା ତିହାର କଳା ପରିଷଦ, ସମ୍ବଲପୁର ଟ୍ରାଇବାଲ ଆଣ୍ଡ ଫୋକ ଆର୍ଟ ସେଣ୍ଟରର କଳାକାର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ହୀରାକୁଦ ଜଳସ୍ତର ୬୨୯.୪୭ ଫୁଟ୍, ୯ ଗେଟ୍ ଖୋଲା

**ସମ୍ବଲପୁର, ୫।୧୦ (ସମିସ) :** ହୀରାକୁଦ ଜଳଭଣ୍ଡାର ପୂର୍ଣ୍ଣଗର୍ଭା ହେବାପରେ ଜଳସ୍ତର ବଜାୟ ରଖିବାକୁ ଉଦ୍ୟମ ଜାରି ରହିଛି। ହୀରାକୁଦର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ଆଜି ସକାଳ ୬ଟାବେଳେ ମାତ୍ର ୩ଟି ଗେଟ୍ ଖୋଲାଥିବାବେଳେ ଅପରାହ୍ଣରେ ଆଉ ୬ଟି ଗେଟ୍ ଖୋଲାଯାଇ ଜଳ ନିଷ୍କାସନ ହେଉଛି। ରବିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୪୭ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୬ଟି ଓ ଡାହାଣ ପାର୍ଶ୍ୱର ୩ଟି ଏହିଭଳି ମୋଟ ୯ଟି ସ୍ଲୁଇସ୍ ଗେଟ୍‌ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨, ୨୦, ୮୬୭ ଘନଫୁଟ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧, ୮୨, ୭୪୮ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧, ୪୭, ୫୫୫ ଘନଫୁଟ ଜଳ ନିଷ୍କାସିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୧, ୬୬୧ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୩, ୨୮୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୫୧, ୪୦୦ ଘନଫୁଟ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୧, ୩୯, ୯୫୩ ଘନଫୁଟ, ଖଇରମାଲଠାରେ ୨, ୩୭, ୦୦୦ ଘନଫୁଟ, ବାରମୁଲଠାରେ ୨, ୯୦, ୦୦୦ ଘନଫୁଟ ଏବଂ ମୁଣ୍ଡଳୀଠାରେ ୪, ୭୪, ୬୨୪ ଘନଫୁଟ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୬.୬୦ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୧.୬୪ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୩୦ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

# ରେଢ଼ାଖୋଲରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ନିଷ୍ପତ୍ତିକୁ ବିଧାୟକଙ୍କ ସ୍ୱାଗତ

**ସମ୍ବଲପୁର, ୫।୧୦ (ସମିସ) :** ରେଢ଼ାଖୋଲରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇର୍ କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ନିଷ୍ପତ୍ତି ନେଇଥିବାରୁ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ସ୍ୱାଗତ କରିବାସହ ଖୁସି ପ୍ରକାଶ କରିଛନ୍ତି। ଏହାସହ ଏଥିପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ ରେଢ଼ାଖୋଲବାସୀଙ୍କ ବହୁଦିନର ଦାବି ଥିଲା। ଏହା ପ୍ରତିଷ୍ଠା ହେବାଦ୍ୱାରା ଅଞ୍ଚଳର ମେଧାବୀ ଛାତ୍ରଛାତ୍ରୀ ବହୁସଂଖ୍ୟାରେ ଉପକୃତ ହେବାସହ ଉଚ୍ଚତର ଶିକ୍ଷାପାଇଁ ଭିତ୍ତିଭୂମି ମଜଭୁତ ହେବ ବୋଲି ବିଧାୟକ ଶ୍ରୀ ଆଚାର୍ଯ୍ୟ ଆଶାବ୍ୟକ୍ତ କରିଛନ୍ତି।

# ଆର୍‌ଏସ୍‌ଏସ୍‌ର ବିଜୟା ଦଶମୀ ଓ ଶତାବ୍ଦୀ ବର୍ଷ ପାଳିତ



**ସମ୍ବଲପୁର, ୫।୧୦ (ସମିସ) :** ସମ୍ବଲପୁର ମହାନଗର ବସତି କ୍ରମାଙ୍କ ୧୯ରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଜୟା ଦଶମୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଡ. ଶ୍ୟାମସୁନ୍ଦର ଧର ଏବଂ ମୁଖ୍ୟବକ୍ତା ଭାବେ ବୁର୍ଲା ଭିସୁଟ୍‌ର ସହକାରୀ ପ୍ରଫେସର ସୁଜୟ ସୁଥର ଉପସ୍ଥିତ ରହି ସଂଘ ଓ ଭରତୀୟ ସମାଜର ଅସ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାବ୍ୟତୀତ ସଂଘ ଗତ ୧୦୦ ବର୍ଷ ଭିତରେ କିପରି ଅନେକ ବାଧା ବିଘ୍ନ, ଘାତ ପ୍ରତିଘାତ ସହ୍ୟକରି ଏକ ବୃହତ୍ ସଙ୍ଗଠନ ଭାବେ ଛିଡ଼ା ହୋଇପାରିଛି ତାହା ଉଲ୍ଲେଖ କରିଥିଲେ।

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବୁର୍ଲା ନଗର ତରଫରୁ ୱାର୍ଡ ନମ୍ବର ୨ର ଏ. କଣ୍ଟାପାଲିସ୍ଥିତ କମ୍ୟୁନିଟି ହଲ୍‌ରେ ବିଜୟାଦଶମୀ ଉତ୍ସବ ଓ ଶତାବ୍ଦୀ ବର୍ଷ ପାଳିତ ହୋଇଯାଇଛି। ଏଥିରେ ଯୁବରାଜ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଶ ନିର୍ମାଣ ଓ ରାଷ୍ଟ୍ରଭକ୍ତ ବ୍ୟକ୍ତି ନିର୍ମାଣରେ ସଂଘ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଉଦିତ ଶାସନି, ଆଶୁତୋଷ ବିଶି, ତାପସ ଗଡ଼ତ୍ୟା ପ୍ରମୁଖ ସଞ୍ଚାଳନ କରିଥିବାବେଳେ ଏ.କଣ୍ଟାପାଲି ଅଞ୍ଚଳବାସୀ ଆୟୋଜନରେ ସହଯୋଗ କରିଥିଲେ। ସେହିପରି ୱାର୍ଡ ନମ୍ବର ୫ସ୍ଥିତ ସଦେଇପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାମ୍ନା ପଡ଼ିଆରେ ବିଜୟା ଦଶମୀ ଉତ୍ସବ ଓ ଶତାବ୍ଦୀ ବର୍ଷ ପାଳିତ ହୋଇଯାଇଛି। ଏଥିରେ ରତନ ନାଏକ ମୁଖ୍ୟ ଅତିଥି ଏବଂ ଯଶବିନ୍ଦର ସିଂବିର୍ଡି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଶ୍ରୀ ବିର୍ଡି ସଂଘର ୧୦୦ ବର୍ଷର ଯାତ୍ରା ବିଷୟରେ ଅବଗତ କରାଇବା ସହିତ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ତଥା ସଂଘ ଶାଖା ବିସ୍ତାର ବିଷୟରେ ସୂଚନା ଦେଇଥିଲେ।

## ଦାଦନ ଖଟିବାକୁ ଯାଇ ଶବ ହୋଇ ଫେରିଲେ ଯୁବକ

# ହତ୍ୟା ଅଭିଯୋଗ ଆଣିଲେ ପରିବାର

**ରେଢ଼ାଖୋଲ, ୫।୧୦(ସମିସ)**

ଦାଦନ ଖଟିବାକୁ ଯାଇ ଶବ ହୋଇ ଫେରିଲେ ଯୁବକ। ଏକ ଅଭାବନୀୟ ଘଟଣା ଘଟିଛି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅଧୀନ କଦଳିଗଡ଼ ପଞ୍ଚାୟତ ଅଧୀନ ସୁଦୁମୁଣ୍ଡା ଗାଁରେ। ସୂଚନା ଯୋଗ୍ୟ ଯେ ମୃତକ ଯୁବକ ଜଗନ୍ନାଥ ବାଘ ଦୁଇ ମାସ ତଳେ ଗୁଜୁରାଟ ରାଜ୍ୟର ଅହମଦାବାଦକୁ ଏକ ପ୍ଲାଷ୍ଟିକ କମ୍ପାନୀରେ ଶ୍ରମିକ ଭାବରେ କାର୍ଯ୍ୟ କରିବାକୁ ଯାଇଥିଲେ। ହଠାତ୍ ଗତ ୨ ତାରିଖ ଦିନ ଉକ୍ତ କମ୍ପାନୀରୁ ପରିବାର ଲୋକଙ୍କୁ ଫୋନ୍ ଆସିଲା ଯେ, ଜଗନ୍ନାଥ ଦୁର୍ଘଟଣା ରେ ଗୁରୁତର ହୋଇ ମେଡିକାଲରେ ପଡ଼ିଛନ୍ତି। ଖବର ପାଇ ପରିବାର ଲୋକେ ଅହମଦାବାଦର ସିଭିଲ ହସ୍ପିଟାଲରେ ପହଞ୍ଚିଥିଲେ। ଜଗନ୍ନାଥ ମେଡିକାଲ ରେ ଏକୁଟିଆ ରହି ଚିକିତ୍ସା ହେଉଥିଲେ, ପାଖରେ କେହି ନଥିଲେ, ଗରିବ ପରିବାର କୌଣସି ଉପାୟ ନ ପାଇ ଗୁରୁତର ଜଗନ୍ନାଥକୁ ନିଜ ଭଡ଼ା ଖର୍ଚ୍ଚ କରି ଏକ ଆମ୍ବୁଲାନ୍ସ ସେବା ଜରିଆରେ ରେଢ଼ାଖୋଲ ଆଣୁଥିଲେ। ହେଲେ ଆଣିବା ବାଟରେ ହିଁ ଜଗନ୍ନାଥଙ୍କ ମୃତ୍ୟୁ ଘଟିଥିଲା। ଶେଷରେ ମୃତ ଦେହକୁ ରେଢ଼ାଖୋଲ ଥାନାରେ ଦ୍ୱାରସ୍ଥ ହୋଇ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଲେ। ଗତ ସପ୍ତାହରୁ ଜଗନ୍ନାଥଙ୍କ ପରିବାର ସହିତ ଫୋନ୍ ରେ କୌଣସି ଯୋଗାଯୋଗ ହୋଇ ପାରି ନ ଥିଲା। ସୁସ୍ଥ ସବଳ ମାନସିକ ସ୍ଥିତି ଠିକ ଥିବା ଜଗନ୍ନାଥଙ୍କ କିଭଳି ହଠାତ ଦୁଇ ତାରିଖ ଦିନ ଅସୁସ୍ଥତା ଖବର ଆସିଲା, କଂପାନୀ ମାଲିକ ଏବଂ ସହକର୍ମୀ ମାନେ କାହିଁକି ଘଟଣାକୁ ଲୁଚାଇଲେ, ବେକ, ଅଣ୍ଟା ରେ ଗଭୀର ଆଘାତ ଲାଗିଲା କେମିତି, ମେଡିକାଲରେ ଭର୍ତ୍ତି କରିବାର କେତେ ଦିନ ପୂର୍ବରୁ ଶରୀରରେ ଏଭଳି ଆଘାତ ଲାଗିଛି। ଏ ସଂକ୍ରାନ୍ତରେ ହତ୍ୟା ସନ୍ଦେହ କରିଛନ୍ତି ପରିବାର ଲୋକେ। ଅଭିଯୋଗ କ୍ରମେ ରେଢ଼ାଖୋଲ ପୁଲିସ ଶବ ଜବତ କରି ତଦନ୍ତ ଆରମ୍ଭ କରିଛି।



**ନିଜ ଖର୍ଚ୍ଚରେ ଅହମ୍ମଦାବାଦରୁ ଆସିଲା ମୃତଦେହ**

## ■ ୧୪ରେ ପିସିସିଏଫ୍ କାର୍ଯ୍ୟାଳୟ ଘେରଉ

# ରେଢ଼ାଖୋଲ, ଆଠମଲ୍ଲିକ ଓ ବୌଦ୍ଧ ଡିଭିଜନରୁ ଯୋଗଦେବେ କେନ୍ଦୁପତ୍ର ତୋଳାଳି

**ସମ୍ବଲପୁର/ରେଢ଼ାଖୋଲ, ୫।୧୦ (ସମିସ):** ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଜୟ ମହାନ୍ତିଙ୍କ ଆହ୍ୱାନକ୍ରମେ ରେଢ଼ାଖୋଲ ଡିଭିଜନ, ଆଠମଲ୍ଲିକ ଡିଭିଜନ ଓ ବୌଦ୍ଧ ଡିଭିଜନ ପକ୍ଷରୁ ଏକ ମିଳିତ ପ୍ରସ୍ତୁତି ବୈଠକ ରେଢ଼ାଖୋଲଠାରେ ଅନୁଷ୍ଠିତ ହୋଇଛି। ବୈଠକରେ ଆସନ୍ତା ୧୪ ତାରିଖରେ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟ ଅରଣ୍ୟ ଭବନ ଘେରଉ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଘେରଉରେ ସାରା ଓଡ଼ିଶାରୁ ହଜାର ହଜାର କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀମାନେ ସାମିଲ ହେବେ। ରେଢ଼ାଖୋଲ, ବୌଦ୍ଧ ଏବଂ ଆଠମଲ୍ଲିକ ଡିଭିଜନରୁ ପ୍ରାୟ ଦୁଇ ହଜାରରୁ ଊର୍ଦ୍ଧ୍ୱ ତୋଳାଳି ଓ କର୍ମଚାରୀ ଧାରଣାରେ ଯୋଗଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସମସ୍ତ ତୋଳାଳି ଓ ବନ୍ଧେଇ କର୍ମଚାରୀଙ୍କ ସ୍ୱାର୍ଥରେ ବିଭିନ୍ନ ଦାବି ଉପସ୍ଥାପନ କରାଯିବ ବୋଲି ଜଣାପଡ଼ିଛି। କେନ୍ଦୁପତ୍ର ସିଜିନାଲ କର୍ମଚାରୀଙ୍କ ମାସିକ ମଜୁରୀକୁ ସରକାର ଘୋଷିତ ସର୍ବନିମ୍ନ ମଜୁରୀ ଅନୁପାତରେ ବୃଦ୍ଧି କରାଇବା, କନ୍ୟା ବିବାହ ସହାୟତା ଯୋଜନା କାର୍ଯ୍ୟକାରୀ କରାଯିବା, ବନ୍ଧେଇ ଶ୍ରମିକମାନଙ୍କ ବଣ୍ଡଲ ପ୍ରତି ମଜୁରୀ ବୃଦ୍ଧି ତଥା ତୋଳାଳୀ ଓ ବନ୍ଧେଇ କର୍ମଚାରୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଘୋଷିତ ଟଙ୍କା ୪୬୦ ଟଙ୍କା ଓ ୭୦୦ ଟଙ୍କା ସହାୟତା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଏହାସହ କେଏଲ୍‌ଡିବିରେ ସଂଶୋଧନ, ଜିଏସ୍‌ଟି ବାବଦରେ ଅସୁଲ ଅର୍ଥକୁ ଫେରସ୍ତ ଆଦି ଦାବିକୁ ତୁରନ୍ତ ପୂରଣ କରିବାକୁ ଘେରାଉ ସମୟରେ ଦାବି କରାଯିବ। ବୈଠକରେ ସଂଘର ଉପସଭାପତି ଗୋକୁଳ ମେହେର, ଉପସଭାପତି ବିନୋଦ ପ୍ରଧାନ, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ସଞ୍ଜିତ ମହାନ୍ତି, ସମ୍ପାଦକ ମହମ୍ମଦ ମୁର୍ତ୍ତଜା, ରେଢ଼ାଖୋଲ ଡିଭିଜନ ସମ୍ପାଦକ କିଶୋର ପ୍ରଧାନ, ଦେବଜ୍ୟୋତି ପଟ୍ଟନାୟକ, ଚୁମନ ପ୍ରଧାନ, ନବ ମହାର, ହୃଷିକେଶ ପ୍ରଧାନ, ରମେଶ ଚନ୍ଦ୍ର ପ୍ରଧାନ, ଭିକାରି ଚନ୍ଦ୍ର ପ୍ରଧାନ, ଶଙ୍କର୍ଷଣ ଦେହୁରୀ, ପ୍ରମୋଦ ସାହୁ, ଅଖୋଜ ପ୍ରଧାନ, ଜିତେନ୍ଦ୍ର ଷଣ୍ଢ, ନରୋତ୍ତମ ବେହେରା, ଉମେଶ ଝାଙ୍କର, ଟିକେଇ ଝାଙ୍କର, ନରେନ୍ଦ୍ର କୁମାର ସାହୁ, ଆର୍ଯ୍ୟନ ବହିଦାର, ରମେଶ ପ୍ରଧାନ, ଜନ୍ମେଜୟ ନାୟକ, ଶ୍ରୀବତ୍ସ ବେହେରା, ସୁନାଶିରା ମଲ୍ଲିକ, ରଞ୍ଜିତ ପ୍ରଧାନ ପ୍ରମୁଖ ବହୁ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବରୁ ଅବସର ନେଇଥିବା କିଶୋର ପ୍ରଧାନଙ୍କୁ କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।



# ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ


**ସମ୍ବଲପୁର, ୫।୧୦(ସମିସ):** ବରେଇପାଲି ଥାନା ଅନ୍ତର୍ଗତ ରେମେଡ଼ ଛକରେ ଟ୍ରକ ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତ ଜଣକ ହେଉଛନ୍ତି ଗୋପାଳପାଲିର ଅକ୍ଷୟ କୁମାର ସ୍ୱାଇଁ(୫୨)। ବୌଦ୍ଧ ନିବାସୀ ଅକ୍ଷୟ ବହୁ ବର୍ଷ ହେଲା ସମ୍ବଲପୁରରେ ରହି ଡ୍ରାଇଭର ଭାବେ କାମ କରୁଥିଲେ। ଆଜି ସେ ବାଇକ ନେଇ ରେମେଡ଼ ଆଡ଼କୁ ଚା' ପିଇବାକୁ ଆସୁଥିଲେ। ଏହି ସମୟରେ ଟ୍ରକ(ଏଚଆର୫୬ସି୮୭୬) ତାଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡିବା ପରେ ତାଙ୍କ ଗୋଡ଼ ଚକ ତଳେ ଚାପି ହୋଇଯାଇଥିଲା। ସ୍ଥାନୀୟ ଲୋକେ ଘଟଣାସ୍ଥଳରୁ ଅକ୍ଷୟଙ୍କୁ ଉଦ୍ଧାର କରି ବୁର୍ଲା ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଟ୍ରକ୍ ଚାଳକ ଘଟଣା ସ୍ଥଳରୁ ଫେରାର ହୋଇଛି। ପୁଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ ଓ ବାଇକ ଜବତ କରିବା ସହ ମାମଲା ରୁଜୁ କରି ତଦନ୍ତ କରୁଥିବା ବରେଇପାଲି ଥାନା ଅଧିକାରୀ କହିଛନ୍ତି।

# ଭାରତୀ ସମାଜର ବୈଠକ

**ସମ୍ବଲପୁର, ୫।୧୦ (ସମିସ) :** ଭାରତୀ ସମାଜ ପକ୍ଷରୁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରତୀ ସମାଜର ସଞ୍ଚାଳକ ଭବାନୀଶଙ୍କର ଭୋଇ ସଂଯୋଜନା କରିଥିଲେ। ଭାରତୀୟ ସଂସ୍କୃତି ପାଞ୍ଚ ହଜାର ବର୍ଷର ବୋଲି ଦାବି କରାଯାଉଥିବାବେଳେ ଦିନକୁ ଦିନ ସମାଜ ଭିତରେ ଜାତି, ବର୍ଗ ଏବଂ ଧର୍ମ ନାମରେ ଦୂରତା ବୃଦ୍ଧି ପାଉଥିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ବର୍ତ୍ତମାନ ଚାଲିଥିବା ଜାତିବାଦକୁ ଦୂର କରି ଲୋକଙ୍କୁ ଦେଶର ଇତିହାସ ସଂସ୍କୃତି ଏବଂ ପରମ୍ପରାର ଗୌରବ ବିଷୟରେ କିଭଳି ଅବଗତ କରିହେବ ସେନେଇ କାର୍ଯ୍ୟକ୍ରମ ହାତକୁ ନିଆଯିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଦେଶରେ ଆତ୍ମନିର୍ଭରତାକୁ ବୃଦ୍ଧି କରିବା ପାଇଁ ସ୍ୱଦେଶୀ ଜ୍ଞାନ ଏବଂ ଉତ୍ପାଦନ ଗୁଡ଼ିକର ପ୍ରସାର କରାଯିବା ଜରୁରୀ ବୋଲି ମଧ୍ୟ ମତାମତ ଦିଆଯାଇଥିଲା। ବୈଠକରେ ଦେବୀ ପ୍ରସାଦ ଭୋଇ, ବିରଞ୍ଚି ନାରାୟଣ ନାୟକ, ଗୋପବନ୍ଧୁ ସେନାପତି, ଲଳିତା ଭୋଇ, ସୁଷମା ପ୍ରଧାନ, ରାକେଶ ପଟ୍ଟନାୟକ, ପ୍ରେମ ସାହାଣୀ ପ୍ରମୁଖ ବହୁସଦସ୍ୟ ଉପସ୍ଥିତ ଥିଲେ।

## ଜମନକିରା ତହସିଲ ଅଞ୍ଚଳ ଜମି ହାତେଇବାକୁ ଉଦ୍ୟମ

# ବଳି ପଡ଼ିଛି ବୁଦା ଜଙ୍ଗଲ



**ଜମନକିରା, ୫।୧୦(ସମିସ):** ଜମନକିରା ତହସିଲ ଅଧୀନ ଟିକିବା ପଞ୍ଚାୟତ ବଡ଼ ବାଦିବାହଲ ଗ୍ରାମର କିଛିବର୍ଷ ପୂର୍ବେ ବନ୍ଦଥିବା ସ୍କୁଲ ପଛପଟେ ଥିବା ରକ୍ଷିତ ଥିବା ସ୍ଥାନରେ କେହି ଛୋଟଛୋଟ ଗଛ ଡାଳ କାଟିଥିବାବେଳେ ଗ୍ରାମବାସୀ ନ ଜାଣିପାରିବା ସନ୍ଦେହ ଘେରରେ ରହିଛି। ଗୋଟାଏ ପଟେ ଖବରପାଇ ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ତନାଘନା କରି ଫେରି ଥିବାବେଳେ ଏ ନେଇ ବଡ଼ରମା ରେଞ୍ଜର ଗିରିଧାରି ପ୍ରଧାନଙ୍କୁ ପଚାରିବୁ ଉକ୍ତ ଜାଗାକୁ ମୁଁ ଓ ଉଡ଼ସିଂ ଫରେଷ୍ଟର ଦୁଷ୍ମନ୍ତ ଖସେଲ୍‌ଫ ସହ ବନବିଭାଗ କର୍ମଚାରୀଙ୍କ ଯାଇ ତଦନ୍ତ କରି ଫେରିଥିବା କହିଥିଲେ। କଟିଥିବା ଛୋଟଛୋଟ ଗଛଡାଳ ବନ ବିଭାଗର ନୁହେଁ ବୋଲି କହିଥିଲେ। ତାହା ଜମନକିରା ତହସିଲ ଅଧୀନରେ ଥିବା କହିଥିଲେ। ଉକ୍ତସ୍ଥାନର କ୍ଷିତଓ ଉନ୍ନତ ଯୋଜନା ଯୋଗ୍ୟ ଖାତା ନଂ ୨୦ ସହ ପ୍ଲଟ୍ ନମ୍ବର ୩୭୭ ଥିବା ପ୍ରକାଶ କରିଥିଲେ। ରବିବାର ହେତୁ ଜମନକିରା ତହସିଲଦାରଙ୍କୁ ଯୋଗାଯୋଗ କରାଯାଇ ପାରିନାହିଁ।

# କାର୍ଯ୍ୟସମୟ ୧୦ ଘଣ୍ଟାକୁ ବୃଦ୍ଧି ପାଇଁ ନିଷ୍ପତ୍ତିକୁ ବିରୋଧ

**ସମ୍ବଲପୁର, ୫।୧୦ (ସମିସ) :** ଶ୍ରମିକ ମାନଙ୍କର କାର୍ଯ୍ୟ ନିର୍ଘଣ୍ଟ ସମୟ ୮ ଘଣ୍ଟା ରୁ ୧୦ ଘଣ୍ଟାକୁ ବୃଦ୍ଧି କ୍ୟାବିନେଟ ପ୍ରସ୍ତାବକୁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଗୁଡ଼ିକ ବିରୋଧ କରିବାସହ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ସ୍ମାରକପତ୍ର ପ୍ରଦାନ କରିଛନ୍ତି। କ୍ୟାବିନେଟରେ ମଞ୍ଜୁର କାର୍ଯ୍ୟ ନିର୍ଘଣ୍ଟ ୧୦ ଘଣ୍ଟା ସମୟ ବାତିଲ ନ ହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ଦାବିପତ୍ର ଅନୁଯାୟୀ, ଗତ ସେପ୍ଟେମ୍ବର ୨୯ରେ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ କଳକାରଖାନା ଓ ବାଣିଜ୍ୟ ପ୍ରତିଷ୍ଠାନରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ଦୈନିକ କାର୍ଯ୍ୟକାଳ ୮ ଘଣ୍ଟାରୁ ୧୦ ଘଣ୍ଟାକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ହୋଇଛି। କ୍ୟାବିନେଟ୍‌ର ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବରେ ଶ୍ରମିକ ବିରୋଧୀ। କ୍ୟାବିନେଟ ଏହି ପ୍ରସ୍ତାବରେ ୧୯୪୮ ମସିହା କଳକାରଖାନା ଆଇନ ଓ ୧୯୫୬ ମସିହା ଦୋକାନ ବାଣିଜ୍ୟ ପ୍ରତିଷ୍ଠାନ ଆଇନକୁ ସଂଶୋଧନ କରାଯାଇଛି। ଶତାଧିକ ବର୍ଷ ପୂର୍ବେ ଶ୍ରମିକ ମାନେ ପ୍ରାଣବଳି ଦେଇ ହାସଲ କରିଥିବା ଶ୍ରମିକ ମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ଏପରିକି ରାଜ୍ୟ ତଥା ଜାତୀୟ, ଆନ୍ତର୍ଜାତୀୟସ୍ତରର ଶ୍ରମ ଆଇନକୁ ଉଲଙ୍ଘନ କରୁଛି। ଓଡ଼ିଶା ସରକାର ୨୦୨୪ ମସିହା ଅଗଷ୍ଟ ୧୮ ତାରିଖରେ ଯେଉଁ ସର୍ବନିମ୍ନ ମଜୁରୀ ସଂଶୋଧନ କରି ବିଜ୍ଞପ୍ତି ପ୍ରକାଶ କରିଛନ୍ତି, ସେଥିରେ ୮ ଘଣ୍ଟା ସମୟ ପାଇଁ ସର୍ବନିମ୍ନ ମଜୁରୀ ଘୋଷଣା କରିଛନ୍ତି। ନୂତନ ସର୍ବନିମ୍ନ ମଜୁରୀ ଘୋଷଣା ନକରି କେବଳ କାର୍ଯ୍ୟକାଳ ବୃଦ୍ଧି କରିବା ଦ୍ୱାରା ଶ୍ରମିକ ମାନଙ୍କ କ୍ଷତି ହେବାସହିତ କାର୍ଯ୍ୟକାଳ ବୃଦ୍ଧି ଯୋଗୁଁ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ହାନିକାରକ ହେବ। ୧୦ ଘଣ୍ଟା କାର୍ଯ୍ୟ କରିବା ପରେ ଓଭର ଟାଇମ୍ କରିବା ସେମାନଙ୍କ ପକ୍ଷରେ ସମ୍ଭବପର ହେବନାହିଁ। ଅଧିକାଂଶ ଶ୍ରମିକ ସଂଗଠନ ଓ ସ୍ଥାନୀୟ ଶ୍ରମିକ ସଂଗଠନ ଏହି ଶ୍ରମିକ ବିରୋଧୀ ନୀତି ତଥା ଅନୈତିକତା ପ୍ରସ୍ତାବର ଦୃଢ଼ ପ୍ରତିବାଦ ଓ ବିରୋଧ କରିଛି ଏବଂ ରାଜ୍ୟ କ୍ୟାବିନେଟ ଏହି ପ୍ରସ୍ତାବକୁ ପ୍ରତ୍ୟାହାର କରିବାକୁ ମଧ୍ୟ ଦାବି କରାଯାଇଛି।

ଦାବିପତ୍ର ପ୍ରଦାନ ସମୟରେ ହିନ୍ଦ ମଜଦୂର ସଭା ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଜୟ ମହାନ୍ତି ଓ ଉପସାଧାରଣ ସମ୍ପାଦକ ଗୋକୁଳ ମେହେର, ସିଟୁରୁ ଗଦାଧର କୁଅଁର, ବି. ରମା ରାଓ, ଲଳିତ ପଟ୍ଟନାୟକ, ଏଆଇଟିୟୁସିରୁ ରବୀନ୍ଦ୍ର ମହାନ୍ତି, ଆଇଏନ୍‌ଟିୟୁସିରୁ ରଘୁମଣି ଦାସ, ସଞ୍ଜିତ ମହାନ୍ତି, ମହମ୍ମଦ ମୃତୁଜା, ରୂପେଶ ବାଗ, ଦେବଜ୍ୟୋତି ପଟ୍ଟନାୟକ, ଚୁମନ ପ୍ରଧାନ, ମଧୁସୂଦନ ପ୍ରଧାନ, ସୁଶାନ୍ତ ପଟ୍ଟନାୟକ, ଆର୍ଯ୍ୟନ ବହିଦାର, ସୁକେଶ ସିଂ ପ୍ରମୁଖ ଉପସ୍ଥିତ ଥିଲେ।



## ଗଙ୍ଗାଧର ମେହେର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ

# ବିତୁଛି ସମୟ, ହୋଇପାରୁନି କୋଠା

**ସମ୍ବଲପୁର, ୫।୧୦ (ସମିସ)**

ବର୍ଷବର୍ଷ ଧରି ସମସ୍ୟା ଘେରରେ ରହିଛି ଗଙ୍ଗାଧର ମେହେର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ (କନିଷ୍ଠ ମହାବିଦ୍ୟାଳୟ)। ଅନୁଷ୍ଠାନର ନିଜସ୍ୱ ଜମି ବା କୋଠା ନ ଥିବାରୁ ଶ୍ରେଣୀଗୃହ ପାଇଁ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ପ୍ରଶାସନ ଓ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମହାବିଦ୍ୟାଳୟ କୋଠା କେଉଁସ୍ଥାନରେ ନିର୍ମାଣ ହେବ ତାହାକୁ ନେଇ କୌଣସି ନିଷ୍ପତ୍ତି ହୋଇପାରୁନାହିଁ। ଦଶହରା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମ୍ବଲପୁର ଗସ୍ତ ଅବସରରେ ନାଗରିକ ପ୍ରତିନିଧି ଦଳ ତାଙ୍କୁ ଭେଟି ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ଜମି ସମସ୍ୟା ସମାଧାନ ପାଇଁ ଅନୁରୋଧ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ଗଙ୍ଗାଧର ମେହେର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ସକାଶେ ଜମି ବ୍ୟବସ୍ଥା କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ବାରମ୍ବାର ଆନ୍ଦୋଳନ ଓ ସରକାରୀସ୍ତରରେ ନିଷ୍ପତ୍ତି ସତ୍ତ୍ୱେ ଗଙ୍ଗାଧର ମେହେର କନିଷ୍ଠ ମହାବିଦ୍ୟାଳୟ ସମସ୍ୟାର ସମାଧାନ ହୋଇପାରୁନାହିଁ। ପ୍ରଫେସର କଲୋନୀସ୍ଥିତ ୨.୮ ଏକର ଜମି ଓ ତତ୍‌ସଂଲଗ୍ନ ଜମି ମୋଟ ପ୍ରାୟ ୪ ଏକରା ଜମିକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଠାରେ ନିର୍ମାଣ ହୋଇଥାନ୍ତା ଜିଏମ୍ କନିଷ୍ଠ ମହାବିଦ୍ୟାଳୟ କୋଠା। ପୁଣି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପଛପାର୍ଶ୍ୱରେ ଥିବା ୨.୦୫ ଏକର ଜାଗାକୁ ମଧ୍ୟ ଉକ୍ତ ଅନୁଷ୍ଠାନ ଅଧୀନକୁ ଆଣି ପରବର୍ତ୍ତୀ ସମୟରେ ଛାତ୍ରାବାସ କରିବାକୁ ପ୍ରସ୍ତାବ ହୋଇଥିଲା। ତେବେ, ରାଜସ୍ୱ ବିଭାଗର ନିର୍ଦ୍ଦେଶ ସତ୍ତ୍ୱେ ଜମି ଓ ଜାଗା ଚିହ୍ନଟ ହୋଇପାରୁନାହିଁ।

୧୯୪୪ରେ ସମ୍ବଲପୁର କଲେଜ ଭାବେ ଆରମ୍ଭ ହୋଇଥିବା ପ୍ରି-ୟୁନିଭର୍ସିଟି ଓ ଇଣ୍ଟରମିଡିଏଟ୍ ପାଠ୍ୟକ୍ରମ ପରବର୍ତ୍ତୀ ସମୟରେ ଯୁକ୍ତ-୨ ପାଠ୍ୟକ୍ରମ ହେଲା। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ମଧ୍ୟରେ ଶ୍ରେଣୀଗୃହ, ପରୀକ୍ଷା ହଲ୍ ଆଦିକୁ ନେଇ ବିଭିନ୍ନ ସମୟରେ ଟଣାଓଟରା ଲାଗିରହିଛି। ୧୯୯୮ ମସିହାରେ ଯୁକ୍ତ-୨ ପାଠ୍ୟକ୍ରମକୁ ସରକାର ଉଚ୍ଚଶିକ୍ଷା ବିଭାଗରୁ ସ୍ୱତନ୍ତ୍ର କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଆଣିବାପରେ ଏହି ଅନୁଷ୍ଠାନ ଗଙ୍ଗାଧର ମେହେର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ଭାବେ ନୂତନ ପରିଚୟ ପାଇଲା। କିନ୍ତୁ ୨୬ ବର୍ଷ ପରେ ମଧ୍ୟ ଅନୁଷ୍ଠାନ ନାମରେ ଜମି ବା ନିଜସ୍ୱ କୋଠା ବିଦ୍ୟାର୍ଥୀଙ୍କ ପାଇଁ ଆନୁସଙ୍ଗିକ ସୁବିଧାସୁଯୋଗ ହୋଇପାରିନାହିଁ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଶ୍ରେଣୀଗୃହ ଓ ପରିସର ବ୍ୟବହାର କରାଯାଉଥିବାବେଳେ କେବଳ ଏକ ଛାତ୍ରୀନିବାସରେ ଯୁକ୍ତ -୨ ଛାତ୍ରୀମାନେ ରହୁଛନ୍ତି। ଏହି ଅନୁଷ୍ଠାନରେ ବିଜ୍ଞାନରେ ୨୮୮, କଳାରେ ୫୧୨ ଓ ବାଣିଜ୍ୟରେ ୩୨୦ ଛାତ୍ରଛାତ୍ରୀ ଅଛନ୍ତି। ତେଣୁ ଅନୁଷ୍ଠାନକୁ ୩୬ଟି ଶ୍ରେଣୀ କୋଠରିର ଆବଶ୍ୟକତା ରହିଛି। ବିଡ଼ମ୍ବନାର ବିଷୟ ୧୯୯୮ ମସିହାରେ କନିଷ୍ଠ କଲେଜ ପ୍ରତିଷ୍ଠା ସମୟରେ ଏଠାରେ ବିଜ୍ଞାନ, କଳା ଓ ବାଣିଜ୍ୟରେ ଯେତିକି ସିଟ୍ ଥିଲା ତାହା ୨୭ ବର୍ଷ ପରେ ମଧ୍ୟ ସମାନ ରହିଛି। ବିଜ୍ଞାନ ଛାତ୍ରଛାତ୍ରୀଙ୍କ ଅଭ୍ୟାସ ପାଇଁ ଅତ୍ୟାଧୁନିକ ଉପକରଣଯୁକ୍ତ ଲାବୋରେଟୋରୀ ନାହିଁ। ସେହିପରି ପାଠାଗାର ଅଭାବରୁ ଛାତ୍ରଛାତ୍ରୀଙ୍କ ଏକାଡେମିକ୍ ଉନ୍ନତି ହୋଇପାରୁ ନାହିଁ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନକୁ ଏହି ଅନୁଷ୍ଠାନ ଯିବାପରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୨୦୧୫ ମସିହାରେ ତତ୍କାଳୀନ ଉଚ୍ଚଶିକ୍ଷା ମନ୍ତ୍ରୀ, ବିଧାୟକ, ଜିଲାପାଳ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀ ଏବଂ ସମସ୍ତ ଷ୍ଟେକ୍‌ହୋଲ୍ଡର (ପୁରାତନ ଛାତ୍ରଛାତ୍ରୀ, ଅଧ୍ୟକ୍ଷ, ଅଧ୍ୟାପକ ଅଧ୍ୟାପିକା ଓ ହିତାକାଂକ୍ଷୀ)ଙ୍କ ବୈଠକରେ ବୁଢ଼ାରଜା ପ୍ରଫେସର କଲୋନୀସ୍ଥିତ ଜାଗାରେ ଏହି ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ କୋଠା ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ୧୦ ବର୍ଷ ପରେ ବି ପଦକ୍ଷେପ ଶୂନ। ମହାବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ତଥା ସମ୍ବଲପୁରବାସୀ ଏହି ଅନୁଷ୍ଠାନ ସକାଶେ ଶୀଘ୍ର ଜମି ଯୋଗାଇବା ସହ କୋଠା ନିର୍ମାଣ ପାଇଁ ଦାବି କରିଛନ୍ତି।



# ମନସ୍ୱୀ ସାହୁ ଓ ପ୍ରହଲ୍ଲାଦ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି



**ସମ୍ବଲପୁର, ୫।୧୦ (ସମିସ) :** ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପରିସରରେ କୁଲତା ସମାଜ ପକ୍ଷରୁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଷାବିଦ ପ୍ରହଲ୍ଲାଦ ପ୍ରଧାନ ଏବଂ ସଂଗଠକ ମନସ୍ୱୀ ସାହୁଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସମାଜରେ ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ଦିଗରେ ତାଙ୍କ ଅବଦାନ ଅତୁଳନୀୟ ବୋଲି ବକ୍ତାମାନେ କହିଥିଲେ। ତାଙ୍କ ପ୍ରଚେଷ୍ଟାରେ ୨୦୦ ଗାଁରେ ୮୦୦୦ ସିକିଲ ସେଲ ଟେଷ୍ଟ କରାଯାଇଥିଲା। ସମ୍ବଲପୁର କୁଲତା ସମାଜ ଗଠନ, ରାମଚଣ୍ଡୀ ସେବା ସଦନ, ରଣେଶ୍ୱର ରାମଚଣ୍ଡୀ ମନ୍ଦିର ନିର୍ମାଣ, କୁଲତା ଛାତ୍ରାବାସ ସ୍ଥାପନରେ ମଧ୍ୟ ତାଙ୍କ ଅବଦାନ ଅତୁଳନୀୟ। ସେହିପରି ବିଶିଷ୍ଟ ଗବେଷକ ତଥା ୧୬ଟି ଭାଷାରେ ଦକ୍ଷତା ରଖିଥିବା ଭାଷାବିଦ ପ୍ରହଲ୍ଲାଦ ପ୍ରଧାନଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବୌଦ୍ଧ ଇତିହାସ ଉପରେ ଗବେଷଣା, ପୁରୀ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଭାବେ କାର୍ଯ୍ୟ ଏବଂ ପାଲି ଏବଂ ପ୍ରାକୃତ ଭାଷାରେ ଗବେଷଣା ତାଙ୍କୁ ସବୁଦିନେ ଅମର କରିରଖିବ ବୋଲି ବକ୍ତାମାନେ ମତ ଦେଇଥିଲେ। ଦେବୀ ପ୍ରସାଦ ଭୋଇଙ୍କ ସଂଯୋଜନାରେ କୁଲତା ସମାଜର ଉପସଭାପତି ଦେବୋତ୍ତମ ପ୍ରଧାନ, ସାଧାରଣ ସମ୍ପାଦକ ରଞ୍ଜନ ପାତ୍ର, ପ୍ରଦୀପ ସାହୁ, ଆନନ୍ଦ ପ୍ରଧାନ, ଦେବଦତ୍ତ ସାହୁ, ଅକ୍ଷୟ ପ୍ରଧାନ, ଭକ୍ତବନ୍ଧୁ ପ୍ରଧାନ, ସୁଦାମ ଭୋଇ, ଲିଙ୍ଗରାଜ ପ୍ରଧାନ, ଟଙ୍କଧର ବାରିକ, ସୁରେଶ ବେହେରା, ଭବାନୀ ଶଙ୍କର ଭୋଇ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ସମ୍ପାଦକୀୟ



ତୁମେ ଯଦି ଭିଡ଼ରୁ ଭିନ୍ନ ହୋଇ ଠିଆ ହେବାକୁ ଚାହୁଁଛ, ତେବେ ପଥର ମାଡ଼ର ସାମ୍ନା କରିବାକୁ ମଧ୍ୟ ପ୍ରସ୍ତୁତ ରହିବା ଉଚିତ।
-ଭର୍ଗିଜ୍ କୁରିଏନ୍

ସକାଳ THE SAKALA

## ଭାଗ୍ୟ ଭରସାରେ ରୋଗୀ

କାଶ ଔଷଧ ଖାଇ ମଧ୍ୟପ୍ରଦେଶରେ ୯ ଜଣ ଏବଂ ରାଜସ୍ଥାନରେ ୨ ଜଣ ଶିଶୁଙ୍କ ମୃତ୍ୟୁ ହେବା ପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ତନାଘନା ହୋଇଛି। କୋଲ୍ଡ୍ରିଫ୍ ନାମକ ଉକ୍ତ କାଶ ଔଷଧରେ ଡାଏଥିଲିନ୍ ଗ୍ଲାଇକଲ୍ ଓ ଇଥିଲିନ୍ ଗ୍ଲାଇକଲ୍ ଭଳି ବୃକ୍‌କକୁ କ୍ଷତି କରୁଥିବା ହାନିକାରକ ରାସାୟନିକ ପଦାର୍ଥ ଥିବା ଦୁଇ ପୃଥକ୍ ନମୁନା ପରୀକ୍ଷଣରୁ ଜଣାପଡ଼ିଛି। କୋଲ୍ଡ୍ରିଫ୍ ଔଷଧ ସୁପାରିସ କରିଥିବା ମଧ୍ୟପ୍ରଦେଶର ସମ୍ପୃକ୍ତ ଡାକ୍ତରଙ୍କୁ ଭାରତୀୟ ନ୍ୟାୟ ସଂହିତା ଦଫା ୧୦୫ ଓ ୨୭୬ ଏବଂ ଡ୍ରଗ୍ସ ଆଣ୍ଡ କସ୍‌ମେଟିକ୍ସ ଆକ୍ଟ ୧୯୪୦ ଆଧାରରେ ଗିରଫ କରାଯିବା ସହିତ ଔଷଧ ପ୍ରସ୍ତୁତ କମ୍ପାନୀ ତାମିଲନାଡୁର ସ୍ରେସାନ୍ ଫାର୍ମାସ୍ୟୁଟିକାଲ୍ ବିରୋଧରେ ମାମଲା ରୁଜୁ କରାଯାଇଛି। ବଜାରରୁ ସେହି ଔଷଧ ପ୍ରତ୍ୟାହାର କରି ନିଆଯାଇଛି। ଏହି ଘଟଣା ପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ମାର୍ଗଦର୍ଶିକା ଜାରି କରିଛନ୍ତି। ଏଥିରେ କୁହାଯାଇଛି ଯେ ୫ ବର୍ଷରୁ କମ୍ ବୟସର ଶିଶୁଙ୍କୁ ଥଣ୍ଡା ଓ କାଶ ପାଇଁ କୌଣସି ଔଷଧ ଦେବା ଜରୁରୀ ନୁହେଁ। କିଛିଦିନ ଜଗି ରଖି ଚଳିଲେ ତାହା ଆପେ ଆପେ ଭଲ ହୋଇଯାଏ।

ଏହି ପୃଷ୍ଠଭୂମିରେ ପ୍ରଥମ ପ୍ରଶ୍ନ ଉଠୁଛି ଯେ ଉପରୋକ୍ତ ମାର୍ଗଦର୍ଶିକା ବିଷୟରେ ୧୧ ଜଣ ଶିଶୁଙ୍କ ପ୍ରାଣହାନି ପରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଚେତିଲା କି? ଦ୍ୱିତୀୟ ପ୍ରଶ୍ନ, ଡାକ୍ତରୀ ପାଠ୍ୟକ୍ରମର ଫାର୍ମାକୋଲଜି ବିଷୟରେ ଏ ସମ୍ପର୍କରେ ସ୍ପଷ୍ଟ ଉଲ୍ଲେଖ ରହିଛି କି? ଯଦି ଉଲ୍ଲେଖ ରହିଛି ତେବେ ଡାକ୍ତରମାନେ କାଶ ଔଷଧ ପାଇଁ ସୁପାରିସ କରିଆସୁଛନ୍ତି କିପରି? ଯଦି ନାହିଁ ତେବେ ପାଠ୍ୟକ୍ରମରେ ସଂଶୋଧନ ଆବଶ୍ୟକ ନା ପରିସ୍ଥିତିର ଗମ୍ଭୀରତାକୁ ଦେଖି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏଭଳି ମାର୍ଗଦର୍ଶିକାଟିଏ ଜାରି କରିଦେଲେ? ଜଣେ ସାଧାରଣ ଲୋକର ଏଥିରୁ ସ୍ୱତଃ ଧାରଣାଟିଏ ସୃଷ୍ଟି ହେଉଛି ଯେ ଜନଉତ୍ତେଜନାକୁ ପ୍ରଶମିତ କରିବା ପାଇଁ ସରକାରୀ କର୍ତ୍ତୃପକ୍ଷଙ୍କ ଏହା କେବଳ ଏକ କୌଶଳ। କାରଣ ଏଭଳି ଘଟଣା ନୂଆ ନୁହେଁ। ଗତ ବର୍ଷ ମଧ୍ୟ ଭାରତରେ ତିଆରି ଏକ କାଶ ଔଷଧ ଖାଇ ଆଫ୍ରିକୀୟ ରାଷ୍ଟ୍ର ଗାମ୍ବିଆରେ ୬୬ ପିଲାଙ୍କର ମୃତ୍ୟୁ ଘଟଣା ପରେ ଉକ୍ତ ଔଷଧର ବ୍ୟବହାର ଓ ବିକ୍ରିବଟା ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିଷେଧାଦେଶ ଜାରି କରାଯାଇଥିଲା। ଔଷଧ ବିଷାକ୍ତ କି ନୁହେଁ କିମ୍ବା ତାହାର ଗୁଣାତ୍ମକ ମାନ ଠିକ୍ ଥିଲା କି ନାହିଁ ଜାଣିବା ପାଇଁ ଭାରତୀୟ ଭେଷଜ ନିୟନ୍ତ୍ରଣ କର୍ତ୍ତୃପକ୍ଷ ପଦକ୍ଷେପ ନେଇଥିଲେ। ଫଳାଫଳ ରିପୋର୍ଟ ସାର୍ବଜନିନ ହେଲା ନାହିଁ। ହୁଏତ ଏହା ପଛରେ କିଛି ମଧୁଚନ୍ଦ୍ରିକା ଥାଇପାରେ। ବାସ୍ତବତା ହେଉଛି ଆମ ଦେଶର ଔଷଧ ବଜାରର ହାରାହାରି କାରବାର ବାର୍ଷିକ ପ୍ରାୟ ୫୦୦୦ କୋଟି ଡଲାର। ଭାରତରେ ୩୦୦୦ ରୁ ଅଧିକ ଔଷଧ କମ୍ପାନୀ ଓ ୧୦ ହଜାରରୁ ଊର୍ଦ୍ଧ୍ୱ ଔଷଧ ନିର୍ମାଣକାରୀ ୟୁନିଟ୍ ରହିଛି। ତେଣୁ ଏହାର ସୁଯୋଗ ନେଇ ଅସାମାଜିକ ତତ୍ତ୍ୱମାନେ ନକଲି ଔଷଧ କିମ୍ବା ନିମ୍ନମାନର ଔଷଧ ରାକେଟ୍ ଚଳାଇ ଆସୁଛନ୍ତି। ଆଇନକାନୁନର ଗଳାବାଟ ଦେଇ ସେମାନେ ଖସି ଯାଉଛନ୍ତି। ସେମାନଙ୍କ ବିରୋଧରେ କଠୋର ଦଣ୍ଡବିଧାନ ନ କରି ଡାକ୍ତରଙ୍କୁ ଗିରଫ କରିଦେଲେ ସମସ୍ୟାର ସମାଧାନ ହୋଇଯିବ ନାହିଁ।

ବ୍ୟାଧିର ଦୂରୀକରଣ ଓ ନିରାକରଣରେ ଔଷଧ ଅପରିହାର୍ଯ୍ୟ। ତେଣୁ ଔଷଧର ଗୁଣ ଓ ମାନ ସହିତ କୌଣସି ସାଲିସ୍ କରାଯାଇ ନ ପାରେ କିମ୍ବା ରୋଗୀର ଜୀବନକୁ ବାଜି ଲଗା ଯାଇ ନ ପାରେ। କିନ୍ତୁ ବିଡ଼ମ୍ବନା ହେଉଛି ବିଶ୍ୱର ସର୍ବବୃହତ୍ ଜନବହୁଳ ରାଷ୍ଟ୍ରରେ ରୋଗୀମାନେ କେତେବେଳେ ନକଲି ଓ ଅନଭିଜ୍ଞ ଡାକ୍ତର ତ କେଉଁଠି ଭେଜାଲ୍ ଔଷଧ କବଳରେ ଭାଗ୍ୟ ଓ ଭଗବାନଙ୍କ ସାହାରାରେ ଜିଉଁଛନ୍ତି।

## ତୋତେ ହିଁ ତୁହି ରକ୍ଷା କର

ସମ୍ପ୍ରତି ଇଣ୍ଟରନେଟ୍ ଓ ମୋବାଇଲ୍ ଫୋନ୍ ଉପରେ ମଣିଷର ନିର୍ଭରଶୀଳତା ଯେତିକି ବଢ଼ିଚାଲିଛି ସାଇବର ଅପରାଧ ମଧ୍ୟ ସେତେମାତ୍ରାରେ କାୟା ବିସ୍ତାର କରିଚାଲିଛି। ମଣିଷ ଯେତେ ସହଜ ସୁବିଧା ଓ ସୁଖ ଲୋଡ଼ୁଛି ସେତିକି ଅପରାଧୀଙ୍କ ମାୟାଜାଲ ଭିତରକୁ ପଶିଯାଉଛି। ବିଡ଼ମ୍ବନା ହେଲା ଶିକ୍ଷିତ ଓ ଆଧୁନିକ ପିଢ଼ି ମଧ୍ୟ ସାଇବର ଅପରାଧୀଙ୍କ ମାୟାଜାଲରେ ଫସି ଯାଉଛନ୍ତି। ଏଥିପାଇଁ ଅସଚେତନତାକୁ ଅଧିକ ଦାୟୀ କରାଯାଇପାରେ। ଲୋକଙ୍କୁ ସାଇବର ଅପରାଧୀଙ୍କଠାରୁ ସୁରକ୍ଷା ଦେବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କଠାରୁ ଆରମ୍ଭ କରି ବିଭିନ୍ନ କେନ୍ଦ୍ରୀୟ ସରକାରୀ ସଂସ୍ଥା, ରାଜ୍ୟ ପୁଲିସ୍ ପ୍ରଶାସନ ଓ ଏନ୍‌ଜିଓମାନେ ମଧ୍ୟ ନିୟମିତ ସଚେତନତା କାର୍ଯ୍ୟକ୍ରମ କରି ଆସୁଛନ୍ତି। ତଥାପି ଲୋକମାନେ ସଚେତନ ନ ହୋଇପାରିବା ଦୁର୍ଭାଗ୍ୟର ବିଷୟ। ଅଧିକନ୍ତୁ ଲୋକଙ୍କର ଏହି ଅସଚେତନତା ଓ ଖାମ୍‌ଖିଆଲି ମନୋଭାବ ହିଁ ସାଇବର ଅପରାଧୀଙ୍କୁ ଅଧିକ ସବଳ କରୁଛି।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ପ୍ରକାଶିତ ସଦ୍ୟତମ ରିପୋର୍ଟରେ କର୍ଣ୍ଣାଟକକୁ ସାଇବର ଅପରାଧର ରାଜଧାନୀ ଭାବେ ଦର୍ଶାଯାଇଥିବା ବେଳେ ଓଡ଼ିଶା ୧୦ମ ସ୍ଥାନରେ ରହିଛି। ଜାତୀୟସ୍ତରରେ ସାଇବର ଅପରାଧ ୨୦୨୨ରୁ ୨୦୨୩ ମଧ୍ୟରେ ୩୧.୨% ବଢ଼ି ୮୬, ୪୨୦ଟି ମାମଲା ଦାଏର ହୋଇଛି। ଓଡ଼ିଶାରେ ୨୦୧୦ରୁ ୨୦୨୩ ମଧ୍ୟରେ ସାଇବର ଅପରାଧ ହାର ୩୫ ଗୁଣ ବୃଦ୍ଧି ପାଇଛି। କର୍ଣ୍ଣାଟକ ସିଆଇଡିର କହିବା ଅନୁଯାୟୀ ସାଇବର ଅପରାଧରେ ଅପରାଧୀକୁ ଠାବ କରିବା କାଠିକର ପାଠ। ଏବେ ସାଇବର ଅପରାଧର ଅନେକ କୌଶଳ ଉଦ୍‌ଭାବନ ହେଲାଣି। ଏପରିକି ବିଦେଶର କୌଣସି ଏଟିଏମ୍‌ରେ ଭାରତର ବ୍ୟାଙ୍କ ଆକାଉଣ୍ଟଧାରୀଙ୍କ ଖାତାରୁ ଟଙ୍କା ଉଠାଣ ହେଉଥିବା ଜଣାପଡୁଛି, ଯାହାକୁ ଧରିବା ବହୁ ଖର୍ଚ୍ଚବହୁଳ ଓ ସମୟସାପେକ୍ଷ। ସେହିପରି ଲାପ୍‌ଟପ୍ କିମ୍ବା ମୋବାଇଲ୍ ଫୋନ୍ ଜରିଆରେ ମଧ୍ୟ ସାଇବର ଅପରାଧ ସଂଗଠିତ ହୋଇପାରୁଛି। ଅପରାଧ ଭିଆଇ ଅପରାଧୀ କିଛି ମିନିଟ ମଧ୍ୟରେ ସେ ସ୍ଥାନ ଛାଡ଼ି ଚାଲି ଯାଉଛି। ଏପରିକି ସିମ୍ କାର୍ଡ ସମେତ ମୋବାଇଲ୍ ଫୋନ୍ କିମ୍ବା ଲାପ୍‌ଟପ୍‌କୁ ସେହି ସ୍ଥାନରେ ହିଁ ନଷ୍ଟ କରିଦିଆଯାଉଛି। ସେଭଳି କ୍ଷେତ୍ରରେ ଲୋକେସନ୍ ଟ୍ରାକିଂ ବା ଅପରାଧୀକୁ ଠାବ କରିବା କଷ୍ଟକର ହୋଇପଡୁଛି। ଏବେ କ୍ରିପ୍ଟୋକରେନ୍ସି ଜରିଆରେ ସାଇବର ଅପରାଧର ମାତ୍ରା ବଢ଼ି ଚାଲିଥିବାରୁ ତଦନ୍ତ ପାଇଁ ଆହୁରି ଏକ ଆହ୍ୱାନ ସୃଷ୍ଟି ହୋଇଛି।

ଇଣ୍ଟରନେଟ୍ ଓ କମ୍ପ୍ୟୁଟରର ବହୁଳ ବ୍ୟବହାର, ବିଶେଷକରି କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ଇଣ୍ଟରନେଟ୍ ବ୍ୟବହାରକାରୀ ନିଜ ସୁରକ୍ଷା ପାଇଁ ନିଜେ ସଜାଗ ନ ହେଲେ ରକ୍ଷା ନାହିଁ। ଆମର ବ୍ୟକ୍ତିଗତ ଗୋପନୀୟ ସୂଚନା, ବିଭିନ୍ନ ପ୍ରମାଣପତ୍ର, ଏପରିକି ଆଚରଣ ଓ ଉଚ୍ଚାରଣ ସାମାଜିକ ଗଣମାଧ୍ୟମ ଜରିଆରେ ଅପରାଧୀମାନେ ସଂଗ୍ରହ ଓ ବିକ୍ରି କରି କୋଟି କୋଟି ଟଙ୍କାର କାରବାର କରୁଛନ୍ତି। ତେଣୁ 'ତୋତେ ହିଁ ତୁହି ରକ୍ଷା କର' ଆମ ସମସ୍ତଙ୍କ ପାଇଁ ଆପ୍ତ ବାଣୀ।

## ସହରବାସୀଙ୍କ ହରିତ୍ ସ୍ଥଳ

ବିଦ୍ୟାଧର ମହାରଣା

ଗ୍ରାମାଞ୍ଚଳ ପରିବେଶରେ ମୁକ୍ତବାୟୁ, ସବୁଜକ୍ଷେତ୍ର, ବୃକ୍ଷଲତା, ଶୀତଳ ଛାୟା, ନଦୀଜଳ ଇତ୍ୟାଦି ସ୍ୱାସ୍ଥ୍ୟକର ଜୀବନଯାପନ ପାଇଁ ଅନୁକୂଳ। କିନ୍ତୁ ସହରୀ ପରିବେଶରେ ଏପ୍ରକାର ସୁବିଧା କ୍ୱଚିତ ମିଳିଥାଏ। ପ୍ରଦୂଷିତ ବାୟୁ, ଶବ୍ଦ ପ୍ରଦୂଷଣ, ଅଧିକ ଉତ୍ତାପ, ଜଳାଭାବ, ନାଳନର୍ଦ୍ଦମା, କଂକ୍ରିଟ୍ ଜଙ୍ଗଲ, ଅଧିକ ବର୍ଷାଜନିତ ବନ୍ୟା ଇତ୍ୟାଦି ସହରୀ ଜୀବନକୁ ପ୍ରଭାବିତ କରେ। ଏପରି ପରିବେଶୀୟ, ସ୍ୱାସ୍ଥ୍ୟଗତ ଓ ସାମାଜିକ ସମସ୍ୟାର ସମାଧାନ ପାଇଁ ଅଧିକ ସଂଖ୍ୟାରେ ବୃକ୍ଷଲତା ଓ ହରିତ୍ କ୍ଷେତ୍ରର ଆବଶ୍ୟକତା ସର୍ବତ୍ର ଉପଲବ୍ଧି କରାଯାଏ।

ଭାରତରେ ୪୮୦୦ ନଗରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଛି। ଓଡ଼ିଶାରେ ପାଞ୍ଚଟି ମହାନଗର ନିଗମ, ୬୧ ନଗରପାଳିକା ଓ ୧୨୨ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟକରୁଛି। ଏହି ସହରାଞ୍ଚଳଗୁଡ଼ିକ ପାଇଁ ବହୁ ଅର୍ଥବ୍ୟୟ କରାଯାଇ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଏ। ଯୋଜନା ପ୍ରସ୍ତୁତ ସମୟରେ ସହରାଞ୍ଚଳରେ ବନୀକରଣ ଓ ସବୁଜସ୍ଥଳୀ ହିସାବରେ ପୁଷ୍ପ ବାଟିକା, ଗୋଷ୍ଠୀ ଉଦ୍ୟାନ, ସବୁଜ ଛାତ ଓ ପ୍ରାକୃତିକ ଉଦ୍ୟାନ ପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ। ଏହାଦ୍ୱାରା ସହରରେ ବସବାସ କରୁଥିବା ଲୋକମାନଙ୍କ ବହୁ ସମସ୍ୟା ସମାଧାନ ହୋଇପାରିବ।

ସାଧାରଣତଃ ସହରାଞ୍ଚଳରେ ଚତୁଃପାର୍ଶ୍ୱରେ ଥିବା ଗ୍ରାମାଞ୍ଚଳ ଅପେକ୍ଷା ଅଧିକ ଉତ୍ତାପ ଅନୁଭୂତ ହୁଏ। ଅଧିକ ସଂଖ୍ୟକ ପକ୍କା ଗୃହ ନିର୍ମାଣ, ପିଚୁ ରାସ୍ତା, ଅଧିକ ଗାଡ଼ିମୋଟର ଚଳାଚଳ, ବହୁସଂଖ୍ୟକ ରେଫ୍ରିଜେରେଟର, ବାତାନୁକୂଳନ ଯନ୍ତ୍ର ବ୍ୟବହାର ଯୋଗୁଁ ଏବଂ ଆବଶ୍ୟକ ବୃକ୍ଷଲତା ଅଭାବରୁ ସହରାଞ୍ଚଳ ଏକ ଉତ୍ତପ୍ତ ଦ୍ୱୀପ ହୋଇଯାଏ, ଯାହାକୁ 'ଅର୍ବାନ୍ ହିଟ୍ ଆଇଲଣ୍ଡ' କୁହାଯାଏ। ସହରରେ ରାସ୍ତାଘାଟ, କଂକ୍ରିଟ୍ ଅଟ୍ଟାଳିକା ଇତ୍ୟାଦିଗୁଡ଼ିକର ତାପ ପ୍ରତିଫଳନ କ୍ଷମତା ବହୁତ କମ୍। ଏଗୁଡ଼ିକ ଅଧିକ ଉତ୍ତାପ ଶୋଷଣ କରିବା ଏବଂ ଗାଡ଼ିମୋଟର ଓ କଳ କାରଖାନାଗୁଡ଼ିକରୁ ଅଧିକ ସବୁଜ ଗୃହ ବାଷ୍ପ ନିର୍ଗମନ ଯୋଗୁଁ ଏହି ସମସ୍ୟା ଅଧିକ ହୁଏ। ଏହାର ସମାଧାନ ପାଇଁ ଅଧିକସଂଖ୍ୟକ ବୃକ୍ଷଲତା ରୋପଣ କରିବା ସହିତ ସବୁଜ ବଳୟ ସୃଷ୍ଟି କରିବା ଆବଶ୍ୟକ। ବୃକ୍ଷଲତାଗୁଡ଼ିକ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଓ ଅନ୍ୟ ପ୍ରଦୂଷିତ ବାଷ୍ପ ଶୋଷି ଅମ୍ଳଜାନ ତ୍ୟାଗ କରିବା ସହିତ ଏକ ଶୀତଳ ପରିବେଶ ସୃଷ୍ଟି କରନ୍ତି। ବୃକ୍ଷଲତା ଅଧିକ ଥିଲେ ବର୍ଷାଜଳ ମୃତ୍ତିକା ମଧ୍ୟରେ ସଞ୍ଚିତ ହୋଇ ରହିବା ଫଳରେ ବନ୍ୟାସମସ୍ୟା ଦେଖାଯିବ ନାହିଁ। ବୃକ୍ଷଲତା ଅଧିକ ଥିଲେ ବିଭିନ୍ନ ପ୍ରଜାତିର ଗଛ, ପ୍ରାଣୀ ଓ ଅନ୍ୟାନ୍ୟ ଜୀବ ଏକାଠି ରହି ଜୈବବିବିଧତା ସୁରକ୍ଷିତ ରଖନ୍ତି। ସହରାଞ୍ଚଳ ପାଇଁ ସବୁଜସ୍ଥଳ ଦ୍ୱାରା ଅନୁକୂଳ ପରିବେଶ, ସହରୀ ଉତ୍ତପ୍ତ ଦ୍ୱୀପ ପ୍ରଭାବ ହ୍ରାସ, ଶବ୍ଦ ପ୍ରଦୂଷଣ ହ୍ରାସ ଓ ବର୍ଷାଜଳ ନିୟନ୍ତ୍ରଣ ହୋଇଥାଏ। ସହରନିବାସୀମାନଙ୍କର ସ୍ୱାସ୍ଥ୍ୟ ବିକାଶ ଓ ମାନସିକ ଶାନ୍ତି ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ। ଏପରି ଉପକାରଗୁଡ଼ିକୁ ଆମେ ପରିବେଶ ଜନିତ, ସ୍ୱାସ୍ଥ୍ୟ ଓ ମାନବ କଲ୍ୟାଣ, ପରିବେଶ ସୁରକ୍ଷା ଓ ସାମାଜିକ-ଅର୍ଥନୈତିକ ଜନିତ ଉପକାର ହିସାବରେ ବିଚାର କରିପାରିବା।

ପର୍ଯ୍ୟାବରଣ ସ୍ଥିରତା: ସହରାଞ୍ଚଳରେ ବୃକ୍ଷଲତା ଓ ସବୁଜସ୍ଥଳୀଗୁଡ଼ିକ ଛାୟାପ୍ରଦାନ କରିବା ସହିତ ବାୟୁମଣ୍ଡଳକୁ କ୍ରମାଗତ ଜଳୀୟଅଂଶ ଓ ଅମ୍ଳଜାନ ତ୍ୟାଗ କରିବା ଫଳରେ ଚାରିପାଖରେ ଏକ ଶୀତଳ ପରିବେଶ ସୃଷ୍ଟି ହୁଏ। ଏହାଦ୍ୱାରା ଅଧିକ ଉତ୍ତାପରୁ ରକ୍ଷା ମିଳେ ଏବଂ ଆରାମଦାୟକ ପରିବେଶ ମିଳେ। ବାୟୁମଣ୍ଡଳରୁ ବୃକ୍ଷଲତା ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ବିଷାକ୍ତ ବାଷ୍ପ ଶୋଷଣ କରି ବାୟୁମଣ୍ଡଳକୁ ପରିଷ୍କାର ରଖନ୍ତି ଏବଂ ଅଧିକ ମାତ୍ରାରେ ଅମ୍ଳଜାନ ଯୋଗାଇଥା'ନ୍ତି। ସହରାଞ୍ଚଳଗୁଡ଼ିକରେ ବର୍ଷାଜଳ ଡ୍ରେନ୍ ଦେଇ ଓ ରାସ୍ତା ଉପରେ ବହିଯାଇ ବନ୍ୟା ପରିସ୍ଥିତି ସୃଷ୍ଟି କରନ୍ତି। କିନ୍ତୁ ବୃକ୍ଷଲତା ବର୍ଷାଜଳକୁ ମାଟି ମଧ୍ୟରେ ସଞ୍ଚିତ କରି ଏହି ସମସ୍ୟାର ସମାଧାନ କରନ୍ତି। ସହରାଞ୍ଚଳରେ କ୍ରମାଗତ ପରିବହନ ଯାନ ଚଳାଚଳ କହିବା ଫଳରେ ଶବ୍ଦ ପ୍ରଦୂଷଣ ହୁଏ। ବୃକ୍ଷଲତା ଏପରି ଶବ୍ଦ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ଯୋଗୁଁ ସମସ୍ତେ ସୁଖନିଦ୍ରା ଅନୁଭବ କରନ୍ତି।

ସ୍ୱାସ୍ଥ୍ୟ ଓ ଜନମଙ୍ଗଳ: ସହରୀ ଜୀବନ ଅଧିକ ବ୍ୟସ୍ତ ବହୁଳ। ଏଥିରେ ମାନସିକ ଦୁଶ୍ଚିନ୍ତା ବେଶୀ ଦେଖାଯାଏ। କିନ୍ତୁ ବୃକ୍ଷଲତା ପରିପୂର୍ଣ୍ଣ ସ୍ଥାନ ଓ ପାର୍କଗୁଡ଼ିକରେ କିଛି ସମୟ ବିତାଇଲେ ମାନସିକ ଶାନ୍ତି ମିଳେ। ଏହା ମଧ୍ୟରେ ଚାଲିଲେ, ଦୌଡ଼ିଲେ, ଖେଳିଲେ ଓ ବ୍ୟାୟମ କଲେ ଉଭୟ ଶାରୀରିକ ଓ ମାନସିକ ଶାନ୍ତି ମିଳେ। ମନରେ ଯେତେ ଦୁଃଖ ଥାଉ ପଛକେ ସବୁଜ ଘାସ ବଗିଚା, ଫୁଲ ବଗିଚା ଓ ବିଭିନ୍ନ ବୃକ୍ଷଲତା ନିକଟରେ କିଛି ସମୟ ବିଶ୍ରାମ ନେଲେ ମାନସିକ ଶାନ୍ତି ମିଳେ। ସକାଳ ଓ ସନ୍ଧ୍ୟା ପରିଭ୍ରମଣ କାଳରେ ବିଭିନ୍ନ ବନ୍ଧୁଙ୍କ ସହ ବାର୍ତ୍ତାଳାପ, ଖୁସିବାସରେ ସମୟ ବିତାଇଲେ ବାସ୍ତବିକ ବହୁ ସମସ୍ୟାର ସମାଧାନ ହୋଇଯାଏ। ଏହାଦ୍ୱାରା ଅବସାଦକୁ ନିୟନ୍ତ୍ରଣ କରିହୁଏ। ଯେତେବେଳେ ଉଦାସୀନତା ଦେଖାଯାଏ ସେତେବେଳେ ପାର୍କରେ କିଛି ସମୟ ବୁଲି ଆସିଲେ ଅବସାଦ ଦୂରୀଭୂତ ହୋଇଥାଏ।

ବିଶ୍ରାମ ବେଳେ ଆମେ ଦୈନିକ ୫୫୦ ଲିଟର ଅମ୍ଳଜାନ ବ୍ୟବହାର କରୁ। ପ୍ରତି ମିନିଟରେ ପ୍ରାୟ ୨୨୧ ମିଲିମିଟର ଅମ୍ଳଜାନ ପ୍ରତି ବୟସ୍କ ବ୍ୟକ୍ତିଙ୍କ ଆବଶ୍ୟକତା। ଆମ ନିକଟରେ ଅଧିକ ବୃକ୍ଷ ରହିବା ଆମ ପାଇଁ ଏକ ବରଦାନ। ବୃକ୍ଷ ଅଙ୍ଗାରକାମ୍ଳ ବାଷ୍ପ ଗ୍ରହଣ କରି ଖାଦ୍ୟ ପ୍ରସ୍ତୁତ କରେ ଏବଂ ଅମ୍ଳଜାନ ତ୍ୟାଗ କରେ। ଏହାଛଡ଼ା ବୃକ୍ଷ ଆମର ବହୁ ଆବଶ୍ୟକତା ପୂରଣ କରେ। ପ୍ରାଚୀନ କାଳରେ ବୃକ୍ଷକୁ ଦେବତା ରୂପେ ପୂଜା କରାଯାଉଥିଲା। ଦେବାଳୟ, ପୁଷ୍କରିଣୀ ଓ ବୃକ୍ଷ ଏକାଠି ଏକ ସୁନ୍ଦର ପରିବେଶ ସୃଷ୍ଟି କରିବା ସହିତ ମଣିଷମାନଙ୍କର ବହୁ ଆବଶ୍ୟକତା ପୂରଣ କରୁଥିଲେ। ବୃକ୍ଷର ପ୍ରତ୍ୟେକ ଅଂଶ ଆମ ପାଇଁ ଉପକାରୀ। ସମୁଦ୍ର ମନ୍ଥନ ବେଳେ ହଳାହଳ ବିଷ ପାନ କରିଥିଲେ ପ୍ରଭୁ ନୀଳକଣ୍ଠ। ବୃକ୍ଷ ଆଧୁନିକ ଯୁଗରେ ଆମର ନୀଳକଣ୍ଠେଶ୍ୱର। ଅବସାଦ ଓ ଶାରୀରିକ କ୍ଲାନ୍ତି ମେଣ୍ଟାଇବାକୁ ବୃକ୍ଷ ଛଡ଼ା ଆଉ ସଂସାରରେ କୌଣସି ବସ୍ତୁ ନାହିଁ।

ପରିବେଶ ଜନିତ ଉପକାର: ସବୁଜ ସ୍ଥଳୀରେ ଜୈବବିବିଧତା ସୁରକ୍ଷିତ ରହେ। ବିଭିନ୍ନ ପ୍ରଜାତିର ଉଦ୍ଭିଦ ଓ ପ୍ରାଣୀମାନେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ କରି ପରସ୍ପରକୁ ସାହାଯ୍ୟ କରନ୍ତି। ଏମାନେ ବିଭିନ୍ନ ପ୍ରକାରର ପରିବେଶୀୟ ସେବା ଯୋଗାଇବାରେ କାର୍ପଣ୍ୟ କରନ୍ତି ନାହିଁ, ଯାହାର ସୁଫଳ ଆମେ ସିଧାସଳଖ ପାଉ। ବିଭିନ୍ନ ପ୍ରଜାତିର ଚଢ଼େଇମାନଙ୍କ ରଙ୍ଗବେରଙ୍ଗର ଶରୀର ଓ କିଚିରିମିଚିରି ଶବ୍ଦ କାହାକୁ ବା ଆକୃଷ୍ଟ ନକରେ? ପାର୍କଗୁଡ଼ିକରେ ବିଭିନ୍ନ କିସମର ଔଷଧବୃକ୍ଷ ରୋପଣ କରାଯାଏ। ଏହାର ଚାରିପାଖରେ ବୁଲିଲେ ଆମେ ବହୁତ ଉପକାର ପାଇପାରିବା। କେତେକ ଔଷଧୀୟ ବୃକ୍ଷଲତା ଆମର କେତେକ ରୋଗ ଉପଚାର ପାଇଁ ବ୍ୟବହାର କରାଯାଏ।

ସାମାଜିକ-ଅର୍ଥନୈତିକ ଉପକାର: ସହରର ସବୁଜ ସ୍ଥଳୀ ବିଭିନ୍ନ ମନୋରଞ୍ଜନ ପାଇଁ ଖୋରାକ ଯୋଗାଇ ଥାଏ। ଗୋଷ୍ଠୀ ସହଭାଗିତା ଏଇଠୁ ଆରମ୍ଭ କରାଯାଇପାରେ। ନିରୋଳାରେ ଏକାଠି ବସି ଆମେ କେତେକ ସମସ୍ୟାର ସମାଧାନ କରିପାରିବା। ସାଙ୍ଗ ଓ ବନ୍ଧୁବାନ୍ଧବମାନଙ୍କ ସହିତ କେତେକ ମେଳା ମଉଛବ, ଆଲୋଚନାଚକ୍ର ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଏହା ଏକ ଉପଯୁକ୍ତ ପରିବେଶ।

ଉପରୋକ୍ତ ଉପକାରଗୁଡ଼ିକ ବିଚାର କରି ସହରାଞ୍ଚଳରେ ଯୋଜନା ପ୍ରସ୍ତୁତ କଲା ସମୟରେ ରାସ୍ତାକଡ଼ ବନୀକରଣ, ପିକ୍‌ନିକ୍ ସ୍ଥାନ, ପାର୍କ ଓ ଶିଶୁ ଉଦ୍ୟାନ ବିକାଶ କରାଯିବା ଆବଶ୍ୟକ। ସହରାଞ୍ଚଳରେ ମୁଣ୍ଡ ପିଛା ୧୦-୧୫ ବର୍ଗ ମିଟର ସବୁଜ ସ୍ଥାନ ଆବଶ୍ୟକ। ଛୋଟ ଛୋଟ ପାର୍କ ୦.୧ ରୁ ୦.୫ ହେକ୍ଟର ପରିମିତ ହେବା ଆବଶ୍ୟକ। ପ୍ରତି ୧ ଲକ୍ଷ ଲୋକଙ୍କ ପାଇଁ ୧୦ଟି ଛୋଟ ପାର୍କ ଆବଶ୍ୟକ। ସବୁ ବର୍ଗର ଜନସାଧାରଣ ଯେପରି ସମାନ ସୁବିଧା ପାଇପାରିବେ ସେଥିପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ। ମନେରଖିବା କଥା ଯେପରି ପ୍ରାକୃତିକ ସ୍ଥଳଗୁଡ଼ିକ ସୁରକ୍ଷିତ ରହି ପରିବେଶୀୟ ଯୋଗାଇ ପାରିବେ। ସବୁଜ ସ୍ଥଳୀଗୁଡ଼ିକର ବିକାଶ ହୋଇପାରିଲେ ପ୍ରତିକୂଳ ପରିବେଶ ଜନିତ ସମସ୍ୟାରୁ ଜନସାଧାରଣ ମୁକ୍ତିପାଇବେ ଏବଂ ଶାନ୍ତିପୂର୍ଣ୍ଣ ଜୀବନଯାପନ କରିପାରିବେ। ଏହାସହିତ ପ୍ରତ୍ୟେକ ପରିବାର ନିଜ ଘର ଚାରିପାଖରେ ଓ ଘର ଛାତ ଉପରେ କିଛି ବାଡ଼ିବଗିଚା କରିବା ପାଇଁ ସଚେତନତା ସୃଷ୍ଟି ହେବା ମଧ୍ୟ ଆବଶ୍ୟକ। ଭୁବନେଶ୍ୱର ଆଇଗଣିଆଠାରେ ଅବସ୍ଥାପିତ କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷଣ କେନ୍ଦ୍ର ଆମ ରାଜ୍ୟର ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର ଓ ଜୟପୁରଠାରେ ସଫଳ ଛାତ ବଗିଚା ପାଇଁ ବୈଷୟିକ ସହାୟତା ଦେଇଛନ୍ତି। ସରକାର ବର୍ଷା ଜଳ ଅମଳ ପାଇଁ ଆର୍ଥିକ ସହାୟତା ଦେଇଛନ୍ତି, ଯାହାର ଉପଯୋଗ ସହର ବାସିନ୍ଦା କରିପାରିବେ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

## ଜ୍ଞାନ, ବିଜ୍ଞାନ ଓ ବୈଜ୍ଞାନିକ

ଅଧ୍ୟାପକ ଗୋପବନ୍ଧୁ

ଜ୍ଞାନ କହିଲେ କୌଣସି ବିଷୟରେ ଜାଣିବାକୁ ବା ଅବଗତ ହେବାକୁ ବୁଝାଏ। ଯେଉଁ ବସ୍ତୁ ବା ବିଷୟ ଯାହା ତା'କୁ ସେହି ରୂପରେ ଜାଣିବା ହିଁ ଜ୍ଞାନ। ଗୋଟିଏ ବସ୍ତୁକୁ ଭିନ୍ନ ବସ୍ତୁ ରୂପରେ ଜାଣିଲେ ତାହା ଜ୍ଞାନ ନୁହେଁ। ବିଶ୍ୱରେ ସେହିମାନେ ହେଉଛନ୍ତି ଜ୍ଞାନୀ, ଯେଉଁମାନେ ବିଭିନ୍ନ ବିଷୟରେ ସଠିକ ଜ୍ଞାନ ପ୍ରାପ୍ତ ହୋଇଥା'ନ୍ତି।

ଜ୍ଞାନ ଦୁଇ ପ୍ରକାରର। ପ୍ରତ୍ୟକ୍ଷ ଜ୍ଞାନ ଓ ପରୋକ୍ଷ ଜ୍ଞାନ। ଆମ ଶରୀର ବାହାରେ ଥିବା ପାଞ୍ଚଟି ଇନ୍ଦ୍ରିୟ ଆଖି, ନାକ, କାନ, ଜିଭ ଓ ଚର୍ମ ଦ୍ୱାରା ଆମେ ଯେଉଁ ଜ୍ଞାନ ପାଉ ତାହା ପ୍ରତ୍ୟକ୍ଷ ଜ୍ଞାନ। ଆଖି ଦ୍ୱାରା ଆମେ ଜାଣୁ କାହାର ରଙ୍ଗ କେଉଁ ଭଳିଆ, କାନ ଦ୍ୱାରା ଜାଣୁ କାହାର ଶବ୍ଦ କିପରି, ନାକ ଦ୍ୱାରା ଜାଣୁ କେଉଁ ବସ୍ତୁ କେଉଁ ଗନ୍ଧଯୁକ୍ତ, ଜିଭ ଦ୍ୱାରା ଜାଣୁ କାହାର ସ୍ୱାଦ କିପରି ଓ ଚର୍ମ ଦ୍ୱାରା ଜାଣୁ କେଉଁ ବସ୍ତୁର ଉତ୍ତାପ କେତେ। ଏହା ସହିତ ଅନ୍ୟ ଏକ ଇନ୍ଦ୍ରିୟ ରହିଛି ଯାହାକୁ ଅନ୍ତରେନ୍ଦ୍ରୀୟ କୁହାଯାଏ। ଏହା ଆମ ଶରୀର ସମ୍ବନ୍ଧରେ ଧାରଣା ଦିଏ। ଯେମିତି ପେଟ କାଟିବା, ମନ ଖୁସି ଲାଗିବା, ଉଦାସୀନତା ଇତ୍ୟାଦି। ଏହା ମଧ୍ୟ ପ୍ରତ୍ୟକ୍ଷ ଜ୍ଞାନ ଅନ୍ତର୍ଗତ। ଅନ୍ୟପକ୍ଷରେ ପରୋକ୍ଷ ଜ୍ଞାନ ସିଧାସଳଖ ଇନ୍ଦ୍ରିୟମାନଙ୍କ ଦ୍ୱାରା ମିଳେ ନାହିଁ। ଏହା ଅନୁମାନ ସାହାଯ୍ୟରେ ମିଳେ। ଯେମିତି ଦୂର ପାହାଡ଼ରେ ଧୂଆଁ ବାହାରିବାର ଦେଖି ସେଠାରେ ନିଆଁ ଥିବାର ଜ୍ଞାନ ପାଇବା।

ବିଜ୍ଞାନ କହିଲେ ଶୋଧିତ ଓ ପ୍ରମାଣିତ ଜ୍ଞାନକୁ ବୁଝାଏ। ପ୍ରତ୍ୟକ୍ଷ ଜ୍ଞାନ ଅନେକ ସମୟରେ ଶୋଧିତ ଓ ପ୍ରମାଣିତ ହେବାର ଆବଶ୍ୟକତା ପଡ଼େ। ବେଳେବେଳେ ପ୍ରତ୍ୟକ୍ଷ ଜ୍ଞାନ ଭୁଲ୍ ହୋଇଯାଏ। ମରୁଭୂମିରେ ମରୀଚିକା ଦେଖିବା, ଅକାଶରେ ଉଡ଼ାଜାହାଜ ଛୋଟ ଦିଶିବା, ପଛରୁ କାହାକୁ ଦେଖି ସାଙ୍ଗ ବୋଲି ଭାବିବା ଇତ୍ୟାଦି ଭୁଲ ଜ୍ଞାନ ଜାତ କରାଏ। ଏହି ଭ୍ରମକୁ ଦୂର କରିବା ପାଇଁ ନିଜ ଇନ୍ଦ୍ରିୟମାନଙ୍କୁ ବାରମ୍ବାର ପ୍ରୟୋଗ କରାଯାଏ। ବେଳେବେଳେ ଇନ୍ଦ୍ରିୟମାନଙ୍କ ଶକ୍ତି ବୃଦ୍ଧି ପାଇଁ ବିଭିନ୍ନ ଯନ୍ତ୍ରପାତିର ବ୍ୟବହାର ମଧ୍ୟ କରାଯାଇଥାଏ। ଆଖିର ଶକ୍ତି ବୃଦ୍ଧି ପାଇଁ ଦୂରବୀକ୍ଷଣ ଯନ୍ତ୍ର, କାନର ଶକ୍ତି ବୃଦ୍ଧି ପାଇଁ ଶ୍ରବଣ ଯନ୍ତ୍ର ଇତ୍ୟାଦିରେ ବ୍ୟବହାର କରାଯାଏ। ସେହିପରି ମରୀଚିକା ସୃଷ୍ଟିର କାରଣ ଜାଣିବା ପାଇଁ ଏ ବିଷୟରେ ଅଧ୍ୟୟନ ଓ ବୈଜ୍ଞାନିକ ପ୍ରମାଣର ଆଶ୍ରୟ ନେବାକୁ ପଡ଼େ। ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗର କାରଣ ଜାଣିବା ପାଇଁ ପ୍ରମାଣିତ ଜ୍ୟୋତିର୍ବିଜ୍ଞାନକୁ ଅଧ୍ୟୟନ କାରିବାକୁ ପଡ଼େ। ମୋଟ ଉପରେ କହିବାକୁ ଗଲେ ପ୍ରମାଣିତ ଜ୍ଞାନ ହିଁ ବିଜ୍ଞାନ ଅଟେ। ଅର୍ଥାତ୍ ସତ୍ୟ ଜ୍ଞାନ ହିଁ ବିଜ୍ଞାନ। ପ୍ରକୃତ ସତ୍ୟ ନିକଟରେ ପହଞ୍ଚିବା ବିଜ୍ଞାନର ଲକ୍ଷ୍ୟ। ଯେଉଁମାନେ ସତ୍ୟର ଅନୁସନ୍ଧାନ କରନ୍ତି ସେମାନେ ବୈଜ୍ଞାନିକ।

ବୈଜ୍ଞାନିକ ହେବା ମନୁଷ୍ୟର ପ୍ରାକୃତିକ ଗୁଣ। ପ୍ରଶ୍ନ କରିବା ତା'ର ସ୍ୱଭାବଗତ ଲକ୍ଷଣ। ଜଣେ ବୈଜ୍ଞାନିକର ମୌଳିକ ଗୁଣ ହେଉଛି ପ୍ରଶ୍ନ ପଚାରିବା। ତା'ଚାରିପଟେ ଘଟୁଥିବା ପ୍ରତ୍ୟେକଟି ଘଟଣା ବିଷୟରେ ସେ ଜାଣିବାକୁ ଆଗ୍ରହ ପ୍ରକାଶ କରେ। ଯାହା ସେ ବୁଝିପାରେ ନାହିଁ ତା'କୁ ବୁଝିବା ପାଇଁ ପ୍ରଶ୍ନ କରିଚାଲେ। କୌଣସି ଘଟଣା କାହିଁକି ଘଟୁଛି, ତାହା ପଛରେ କାରଣ କ'ଣ ରହିଛି ତାହା ଜାଣିବା ପାଇଁ ତା'ର ଇଚ୍ଛା ତା'କୁ ବୈଜ୍ଞାନିକ ସ୍ତରକୁ ନେଇଯାଏ। କୌଣସି ଘଟଣା ଆପେ ସଂଗଠିତ ହୁଏ ବୋଲି ସେ ଗ୍ରହଣ କରିପାରେ ନାହିଁ। ଏହା ହିଁ ବୈଜ୍ଞାନିକ ଚେତନା। ସମସ୍ତଙ୍କ ଭିତରେ ଊଣା ଅଧିକେ ଏହି ଚେତନା ରହିଥାଏ। କେବଳ ବିଜ୍ଞାନଗାରରେ କାମ କଲେ ଜଣେ ବୈଜ୍ଞାନିକ ହୋଇଯାଏ ନାହିଁ। ତା' ଭିତରେ ବୈଜ୍ଞାନିକ ଚେତନା ଥିବା ଆବଶ୍ୟକ। ବୈଜ୍ଞାନିକ ଚେତନା କହିଲେ ବୁଝାଏ ସତ୍ୟ ପ୍ରତି ଆଗ୍ରହ ଓ ଅସତ୍ୟ ପ୍ରତି ଅନାଗ୍ରହ। ବୈଜ୍ଞାନିକ ହେବା ପାଇଁ ବିଜ୍ଞାନ ସମ୍ବନ୍ଧରେ ଅଧ୍ୟୟନ ଜରୁରୀ, କିନ୍ତୁ ତା'ଠାରୁ ଅଧିକ ଜରୁରୀ ବୈଜ୍ଞାନିକ ଭାବନାର ବଶବର୍ତ୍ତୀ ହେବା। ବୈଜ୍ଞାନିକ ଭାବନା ତା'ର ଚିନ୍ତାରେ, କଥାରେ ଓ କର୍ମରେ ପ୍ରତିଫଳିତ ହୁଏ।

ସଭ୍ୟତାର ବିକାଶ ସହିତ ବିଜ୍ଞାନର ମଧ୍ୟ ବିକାଶ ହେଉଛି। ଆଦିମ ମନୁଷ୍ୟର ମନରେ ଅଙ୍କୁରିତ ହୋଇଥିବା କାହିଁକିର ପ୍ରଶ୍ନରୁ ଜନ୍ମ ନେଇଛି ବିଜ୍ଞାନ। ବୁଦ୍ଧିମତ୍ତାର ବିକାଶ ତା'କୁ ବୈଜ୍ଞାନିକ ସ୍ତରକୁ ନେଇଯାଇଛି। ସମସ୍ତ ଘଟଣା ପଛରେ କୌଣସି ଦୈବୀଶକ୍ତିର ହାତ ରହିଛି, ଏକଥାକୁ ସେ ଗ୍ରହଣ କରିପାରି ନାହିଁ। କାରଣ ତା' ମନରେ ବୁଦ୍ଧିର ବିକାଶ ସହିତ କାରଣିକତାର ଭାବନା ମଧ୍ୟ ବିକଶିତ ହୋଇଛି। ଏହାକୁ କାର୍ଯ୍ୟକରଣ ନିୟମ ବୋଲି କୁହାଯାଏ। ଏହି ନିୟମ ଜରିଆରେ ପ୍ରାକୃତିକ ଘଟଣାବଳୀକୁ ଠିକଭାବେ ବର୍ଣ୍ଣନା କରାଯାଇପାରେ। ଏ ବିଶ୍ୱବ୍ରହ୍ମାଣ୍ଡର ବିକାଶ ଏହି ନିୟମ ଜରିଆରେ ହେଉଛି। ଏହି ନିୟମ ଅନୁଯାୟୀ ପ୍ରଥମେ କାରଣ ସୃଷ୍ଟି ହୁଏ ଏବଂ ତା'ପରେ କାର୍ଯ୍ୟ ବା ଘଟଣାର ସୃଷ୍ଟି ହୁଏ। କାର୍ଯ୍ୟ ପୁଣି କାରଣକୁ ରୂପାନ୍ତରିତ ହୁଏ ଏବଂ ସେଥିରୁ ନୂଆ କାର୍ଯ୍ୟ ତିଆରି ହୁଏ। ଏହି କ୍ରମରେ ପ୍ରକୃତି ଆଗକୁ ବଢ଼ି ଚାଲିଛି। ଉଦାହରଣ ସ୍ୱରୂପ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେଲେ ଉପକୂଳ ଅଞ୍ଚଳରେ ପ୍ରବଳ ବର୍ଷାହୁଏ, ପ୍ରବଳ ବର୍ଷାହେଲେ ନଈରେ ବଢ଼ି ଆସେ, ନଈ ବଢ଼ି ଆସିଲେ ଚାରିଆଡ଼େ ଜଳ ପ୍ଲାବିତ ହୁଏ। ଫଳରେ ଶସ୍ୟହାନି ହେବା ସହିତ ଅନେକ ଘରଦ୍ୱାର ଭାଙ୍ଗିଯାଏ। ଏହିପରି କାରଣ ଓ କାର୍ଯ୍ୟର କ୍ରମସଂଗଠିତ ହୋଇଚାଲେ। ଏହି କ୍ରମ ମଧ୍ୟରେ ଦେବାଦେବୀ, ଭୂତପ୍ରେତ ଅଥବା କୌଣସି ଅଦୃଶ୍ୟ ଶକ୍ତିର ହାତ ରହିଛି ବୋଲ ବୈଜ୍ଞାନିକ ମନ ଗ୍ରହଣ କରିପାରେ ନାହିଁ।

ବୈଜ୍ଞାନିକ ହେବା ପାଇଁ ହେଲେ ବିଜ୍ଞାନର ପରୀକ୍ଷାଗାର ଜରୁରୀ ନୁହେଁ। ବସ୍ତୁର ଅନୁଧ୍ୟାନ ପାଇଁ ପରୀକ୍ଷାଗାର ଅଥବା ପ୍ରାକୃତିକ ପରିବେଶ ଆବଶ୍ୟକ। କିନ୍ତୁ ଗୁଣଗତ ସ୍ଥିତିର ଅନୁଧ୍ୟାନ ପାଇଁ ବିଜ୍ଞାନଗାର ଅନାବଶ୍ୟକ। ଏଥିପାଇଁ ଲୋଡ଼ା ତର୍କସମ୍ମତ ବିଚାର। ବିଜ୍ଞାନର ଅନୁଗାମୀ ହେବା ଏକ ସାଧନା। ଯେଉଁମାନେ ବିଜ୍ଞାନକୁ ଗ୍ରହଣ କରନ୍ତି ନାହିଁ, ସେମାନେ ପ୍ରାୟତଃ ଅନ୍ଧବିଶ୍ୱାସୀ ଓ ବିବେକବିହୀନ ହୋଇଥା'ନ୍ତି। ନିଜର ପ୍ରକୃତି ପ୍ରଦତ୍ତ ବୁଦ୍ଧିମତ୍ତାକୁ ସେମାନେ ଉପଯୋଗ କରନ୍ତି ନାହିଁ। ତେଣୁ ସମାଜରେ ସେହିମାନେ ଶ୍ରେଷ୍ଠ ଓ ଉନ୍ନତ ଯେଉଁମାନେ ବିଜ୍ଞାନର ଅନୁଗାମୀ ହୁଅନ୍ତି ଏବଂ ବୈଜ୍ଞାନିକ ଚେତନାର ଅଧିକାରୀ ହୋଇଥା'ନ୍ତି।

ବାରିପଦା, ମୋ. ୭୦୦୮୯୭୬୧୮୦

## ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

### ପୁରୁଣୀ

ସୌଭାଗ୍ୟସୁନ୍ଦର

ପୁରୁଣୀ କିମ୍ବା ପୁନର୍ଣ୍ଣବା ସମଗ୍ର ଭାରତ ସମେତ ବିଶ୍ୱବ୍ୟାପୀ ଅନ୍ୟାନ୍ୟ ଉଷ୍ଣମଣ୍ଡଳୀୟ ଓ ଉପ ଉଷ୍ଣମଣ୍ଡଳୀୟ ଅଞ୍ଚଳରେ ବ୍ୟାପକ ଭାବରେ ବଢ଼ିଥାଏ। ଏହାକୁ ଏସିଆ, ଆଫ୍ରିକା, ଉତ୍ତର ଆମେରିକା, ଦକ୍ଷିଣ ଆମେରିକା, କାରିବିଆନ୍, ଦକ୍ଷିଣ ପ୍ରଶାନ୍ତ ମହାସାଗରର ଏକ ମୂଳ ଜାତ ଉଦ୍ଭିଦ ବୋଲି ବିଶ୍ୱାସ କରାଯାଏ। ହିମାଳୟ ସମେତ ଭାରତରେ ଏହା ପ୍ରାୟ ୨୦୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ସବୁଠି ଦେଖାଯାଏ। ଏହି ଔଷଧି ତୃଣ ବିଭିନ୍ନ ଅନାବାଦୀ ଜମି, ରାସ୍ତାକଡ଼ ଓ ଚାଷ କ୍ଷେତରେ ବଢ଼ିଥାଏ। ପ୍ରକୃତରେ ଏହା ଏକ ସ୍ଥିର ଏବଂ ସ୍ୱୟଂ-ନବୀକରଣ ଉଦ୍ଭିଦ। ତେଣୁ ଏହି ତୃଣର ନାମ 'ପୁନର୍ଣ୍ଣବା' ରଖାଯାଇଛି, ଯାହାର ଅର୍ଥ ସଂସ୍କୃତରେ 'ପୁନର୍ଜୀବନ' କିମ୍ବା 'ନବୀକରଣ'।

ପୁରୁଣୀ ଏକ ବହୁବର୍ଷୀୟ ତୃଣ, ଯାହା ପ୍ରାୟ ୧ ମିଟର କିମ୍ବା ତା'ଠାରୁ ଅଧିକ ଲମ୍ବ ପର୍ଯ୍ୟନ୍ତ ବଢ଼ିଥାଏ। ଶାଖାଗୁଡ଼ିକ ବିଭାଜିତ ଏବଂ ବିସ୍ତାରିତ। ପତ୍ରଗୁଡ଼ିକ ସରଳ, ବିପରୀତ, ସାଧାରଣତଃ ୨ ରୁ ୫ ସେମି ଲମ୍ବା, ଉପର ପୃଷ୍ଠରେ ଖରସ ସବୁଜ ଏବଂ ମସୃଣ କେଶ ଥାଏ। ଫୁଲଗୁଡ଼ିକ ପ୍ରାୟ ୫ ମିମି ବ୍ୟାସ ଓ ଲାଲ ରଙ୍ଗର। ଫଳ ଗୋଟିଏ ବିହନଯୁକ୍ତ, ଗୋଲାକାର, ୬-ପାଞ୍ଜାଲିଯୁକ୍ତ, ବହୁତ ଅଠାଳିଆ।

ସିଦ୍ଧ, ୟୁନାନୀ ଓ ଆୟୁର୍ବେଦିକ ପରମ୍ପରାରେ ପୁରୁଣୀ ଏକ ବିସ୍ମୟକର ଔଷଧି। ଏହା ବାତ, କଫ ଓ ପିତ୍ତ - ତ୍ରିଦୋଷରେ ସନ୍ତୁଳନ ରଖେ। ଚରକ ସଂହିତାରେ ଏହାକୁ ଯୌବନ ରକ୍ଷା କରିବାରେ ଏବଂ ବାର୍ଦ୍ଧକ୍ୟକୁ ମନ୍ଥର କରିବାରେ ସାହାଯ୍ୟ କରୁଥିବା ଔଷଧି ମଧ୍ୟରେ ତାଲିକାଭୁକ୍ତ କରାଯାଇଛି। ଏହା କାଶ, ବ୍ରୋଙ୍କାଇଟିସ୍, ଆଜ୍‌ମା ଚିକିତ୍ସାରେ ମହୌଷଧି। ସୁଶ୍ରୁତ ସଂହିତାରେ ଏହା ଶରୀରକୁ ପୁଷ୍ଟିକର ଓ ପୁନର୍ଜୀବିତ କରିବା ପାଇଁ ଜଣାଶୁଣା ଔଷଧି ମଧ୍ୟରୁ ଅନ୍ୟତମ। ଏହାଛଡ଼ା ଦୀର୍ଘକାଳୀନ ମୂତ୍ର ଦୋଷ, ବୃକକ୍ ରୋଗ, ହେପାଟାଇଟିସ, ଜଣ୍ଡିସ୍, ସର୍ଦ୍ଦି, ଜ୍ୱର, ଆଖିରୋଗ, ପୁରୁଣା ହୃଦ୍‌ରୋଗ, ଶରୀରର ସ୍ଥୂଳତା ହ୍ରାସ, ଗଣ୍ଠି ଯନ୍ତ୍ରଣ. ମାଂସପେଶୀର ପ୍ରଦାହ, ସାଇଟିକା ବା ସ୍ନାୟୁ ଦୁର୍ବଳତା, ସ୍ନାୟୁ ବିକାର ଦୂରୀକରଣ ପାଇଁ ପ୍ରଭାବଶାଳୀ ଔଷଧି।

ଏଥିରେ ପ୍ରଦାହ-ବିରୋଧୀ, ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟି-ମାଇକ୍ରୋବାଏଲ୍ ଓ ଆଣ୍ଟି-ସ୍ପାସ୍ମୋଡିକ୍, ହାଇପୋଗ୍ଲାଇସେମିକ୍ ଗୁଣ ଅଛି। ପୁରୁଣି ମଧ୍ୟ ଗ୍ଲୁକୋଜ୍ ସ୍ତର ନିୟନ୍ତ୍ରଣ ଏବଂ ପ୍ଲାଜ୍‌ମା ଇନସୁଲିନ୍ ସ୍ତର ବୃଦ୍ଧିରେ ସହାୟତା କରେ। ଏହା ବିଭିନ୍ନ ସଂକ୍ରମଣ ସୃଷ୍ଟିକାରୀ ଜୀବାଣୁ ଯେପରିକି ଇ. କୋଲାଇ, ଏସ. ଅରିଅସ୍ ଏବଂ ପି. ଏରୁଗିନୋସା ବିରୁଦ୍ଧରେ ଶକ୍ତିଶାଳୀ ଆଣ୍ଟିମାଇକ୍ରୋବାୟଲ୍ କାର୍ଯ୍ୟକଳାପ ପ୍ରଦର୍ଶନ କରେ। ପୁରୁଣୀରେ ଦୁଇଟି ରୋଟେନୋଏଡ୍ ଅଛି, ଯେପରିକି ବୋରହାଭିଆ-ଏ ଓ ବୋରହାଭିଆ-ଐ। ଅନ୍ୟାନ୍ୟ ରାସାୟନିକ ଉପାଦାନ ମଧ୍ୟରେ ଏଥିରେ ବି-ସିଟୋଷ୍ଟେରୋଲ୍, ଏ-୨-ସିଟୋଷ୍ଟେରୋଲ୍, ପାମିଟିକ୍ ଏସିଡ୍, ବି-ସିଟୋଷ୍ଟେରୋଲ୍ ର ବୋରହାଭିଆ ଏସିଡ୍ ଏଷ୍ଟର, ଟେଟ୍ରାକୋସାନୋଇକ୍, ହେକ୍ସାକୋସୋନୋଇକ୍, ହେଣ୍ଟ୍ରିଆକୋଣ୍ଟେନ, ଷ୍ଟେରିକ୍, ଆରାକିଡିକ୍ ଏସିଡ୍, ୟୁରୋସିଲିକ୍ ଏସିଡ୍, ଟ୍ରାଇକୋଣ୍ଟାନୋଲ୍, ବି-ଏକ୍ଡିସୋନ୍, ପୁନର୍ନାଭାଇନ୍ ଇତ୍ୟାଦି ଅଛି। ଉଦ୍ଭିଦରେ ବିଡିପି -୩୦ ନାମକ ଏକ ପ୍ରୋଟିନ୍ ଅଛି, ଯାହା ସମ୍ଭବତଃ ଏକ ରାଇବୋସୋମ୍-ନିଷ୍କ୍ରିୟକାରୀ ପ୍ରୋଟିନ୍। ହାଇପୋକ୍ସାନ୍ଥନ ୯-ଖ-ଆରବିନୋଫୁରାନୋସାଇଡ୍, ସେରାଟାଜେନିକ୍ ଏସିଡ୍, ବୋରଭିନୋନ୍ ଇ ରୁ ର, ଲିରିଓଡେଣ୍ଡ୍ରୋନ୍, ଉର୍ସୋଲିକ୍ ଏସିଡ୍, ଓଲିଆନୋଲିକ୍ ଏସିଡ୍ ଓ ପୁନର୍ନାଭୋସାଇଡ୍ ଭଳି ଶକ୍ତିଶାଳୀ ଜୈବସକ୍ରିୟ ଯୌଗିକଗୁଡ଼ିକର ଏକ ପରିସର ଏହାର ଅନେକ ଚିକିତ୍ସା ଗୁଣ ପାଇଁ ଦାୟୀ ହୋଇପାରେ। ପୁରୁଣୀର କିଛି ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ଅଛି। ଏହା ସ୍ୱାଦରେ ତିକ୍ତ ଓ କଠିନ। ଖାଲି ପେଟରେ କିମ୍ବା ପାଣି ବିନା ପିଇଲେ ଗଳାରେ ଜଳାପୋଡ଼ା ସୃଷ୍ଟି କରି ପାରେ। ଗର୍ଭବତୀ ଓ ୧୨ ବର୍ଷରୁ କମ୍ ବୟସର ଶିଶୁଙ୍କ ପାଇଁ ପୁରୁଣୀ ଦିଆଯିବା ଅନୁଚିତ। ଏହା ଏବେ ବଜାରରେ ଟାବଲେଟ, ପାଉଡର ଓ କ୍ୟାପସୁଲ୍ ଆକାରରେ ଉପଲବ୍ଧ। ଭାରତର ଅନେକ ସ୍ଥାନରେ ପୁରୁଣୀର ପତ୍ରକୁ ପ୍ରାୟତଃ ସବୁଜ ଶାଗ ଭାବରେ ରୋଷେଇରେ ବ୍ୟବହାର କରାଯାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଆଇଆଇଟି ଭୁବନେଶ୍ୱରରେ ନମୋ ସେମିକଣ୍ଡକ୍ଟର ପ୍ରୟୋଗଶାଳାକୁ କେନ୍ଦ୍ରର ଅନୁମୋଦନ

ଭୁବନେଶ୍ୱର, ୫।୧୦(ସମିସ): ଆଇଆଇଟି ଭୁବନେଶ୍ୱରରେ 'ନମୋ ସେମିକଣ୍ଡକ୍ଟର ପ୍ରୟୋଗଶାଳା' ସ୍ଥାପନକୁ କେନ୍ଦ୍ର ସରକାରୀ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପକୁ ସାଂସଦ ହାତ ପାଣ୍ଠି


**ପ୍ରକଳ୍ପ ପାଇଁ ଆନୁମାନିକ ୪.୯୫ କୋଟି ଟଙ୍କା ବ୍ୟୟବରାଦ**

ଯୋଜନା ଅଧୀନରେ ଅର୍ଥ ଯୋଗାଇ ଦିଆଯିବ। ପ୍ରକଳ୍ପ ପାଇଁ ଆନୁମାନିକ ୪.୯୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ପ୍ରକଳ୍ପକୁ ଅନୁମୋଦନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃତଜ୍ଞତା ଜଣାଇଛନ୍ତି।

ସୂଚନାଯୋଗ୍ୟ ଯେ ଭାରତ ସେମିକଣ୍ଡକ୍ଟର ମିଶନ ଅଧୀନରେ ଓଡ଼ିଶାରେ ଦୁଇଟି ସେମିକଣ୍ଡକ୍ଟର ପ୍ରକଳ୍ପ ପାଇଁ କିଛିଦିନ ପୂର୍ବେ ଅନୁମୋଦନ ମିଳିଛି। ଏଥିମଧ୍ୟରୁ ଗୋଟିଏ ହେଉଛି ସିଲିକନ୍ କାର୍ବାଇଡ୍ (ଏସଆଇସି) ଆଧାରିତ ଯୌଗିକ ସେମିକଣ୍ଡକ୍ଟର ପାଇଁ ଏକ ସମନ୍ୱିତ ସୁବିଧା। ଦ୍ୱିତୀୟଟି ହେଉଛି ଏକ ଉନ୍ନତ ଥ୍ରୀଡି ଗ୍ଲାସ୍ ପ୍ୟାକେଜିଂ ସୁବିଧା। ଆଇଆଇଟି ଭୁବନେଶ୍ୱର ପୂର୍ବରୁ ସିଲିକନ୍ କାର୍ବାଇଡ୍ ଗବେଷଣା ଏବଂ ନବସୃଜନ କେନ୍ଦ୍ର କାର୍ଯ୍ୟକାରୀ କରୁଛି। ନୂତନ ପରୀକ୍ଷାଗାର ପ୍ରତିଷ୍ଠାନର ବିଦ୍ୟମାନ କ୍ଲିନ୍ ରୁମ୍ ସୁବିଧାରେ ଯୋଡିବ। ଏହା ଭାରତରେ ସେମିକଣ୍ଡକ୍ଟର ଶିଳ୍ପକୁ ସମର୍ଥନ କରିବା ପାଇଁ ଗବେଷଣା ଓ ବିକାଶ ସୁବିଧା ପ୍ରଦାନ କରିବ ବୋଲି ଜଣାପଡ଼ିଛି।

# କାଳ ହେଲା ରାସ୍ତା ଉପରେ ଅସଜ ଟ୍ରକ୍ ଦୁର୍ଘଟଣାରେ ୨ ମୃତ

ମାଲକାନଗିରି, ୫।୧୦(ସମିସ): ଜୟପୁର-ମାଲକାନଗିରି ୩୨୬ ନମ୍ବର ଜାତୀୟ ରାଜପଥର ମାଲକାନଗିରି ଥାନା ଅନ୍ତର୍ଗତ ତଙ୍ଗଗୁଡ଼ାଠାରେ ଶନିବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣା ଦୁଇଜଣଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ମାଲକାନଗିରି ଥାନା ସିନ୍ଧ୍ରିମାଳ ପଞ୍ଚାୟତର କଂଗବି ଗ୍ରାମର ଭୀମ ଖିଲ ଓ ସୁକୁ ଖିଲ।



ଦୁହେଁ ଏକ ବାଇକ୍‌ରେ ଯାଉଥିବା ବେଳେ ରାସ୍ତା ଉପରେ ଠିଆ ହୋଇଥିବା ଏକ ଲୁହାପଥର ବୋଝେଇ ଟ୍ରକ୍‌କୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ହିଁ ଦୁଇଜଣଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଆଜି ସକାଳେ ସ୍ଥାନୀୟ ଲୋକ ରାସ୍ତାରୋକ କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ରାସ୍ତା ଉପରେ ଖରାପ ହୋଇ ଛିଡ଼ା ହୋଇଥିବା ଉକ୍ତ ଲୁହାପଥର ବୋଝେଇ ଟ୍ରକ୍‌କୁ ଶୀଘ୍ର ହଟାଇବା ପାଇଁ ଦାବି କରିଥିଲେ। ବିକ୍ଷୋଭ ଯୋଗୁଁ ଏହି ଜାତୀୟ ରାଜପଥରେ ସକାଳ ୬ଟାରୁ ଦିନ ୧୦ଟା ପର୍ଯ୍ୟନ୍ତ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ମାଲକାନଗିରି ଏସଡିପିଓ ଦିବ୍ୟରଞ୍ଜନ ଦଳେଇ, ମାଥିଲି ତହସିଲଦାର ମାନସୀ ଭୋଇ, ମାଲକାନଗିରି ଥାନା ଆଇଆଇସି ରିଗାନ କିଣ୍ଡୋ ପ୍ରମୁଖ ସଦଳବଳେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା ଏବଂ ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ପୁଲିସ ଶବଦ୍ୱୟକୁ ଜବତ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଗୋଟିଏ ଦିନରେ ଏକା ସାଙ୍ଗରେ ଦୁଇ ଯୁବକଙ୍କର

**■ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ**
**■ ୪ ଘଣ୍ଟା ଯାତାୟାତ ବାଧାପ୍ରାପ୍ତ**

ମୃତ୍ୟୁ ଘଟିଥିବାରୁ କଂଗଡି ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ସୂଚନା ଅନୁଯାୟୀ, ଏହି ଲୁହାପଥର ବୋଝେଇ ଏକ ଟ୍ରକ୍ ଯୋଗୁଁ ଦୁଇ ଦିନରେ ଦୁଇଟି ଦୁର୍ଘଟଣା ଘଟିସାରିଲାଣି। ଶୁକ୍ରବାର ଦିନ ସେହି ଟ୍ରକ୍‌ରେ ପିଟି ହୋଇ ପାଣ୍ଡ୍ରିପାଣି ପଞ୍ଚାୟତ ସନ୍ୟାସୀଗୁଡ଼ା ଗ୍ରାମର ଦୁଇଜଣ ବାଇକ୍ ଆରୋହୀ ଆହତ ହୋଇଥିଲେ। ସେମାନଙ୍କୁ କୋରାପୁଟ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ୨୪ ଘଣ୍ଟା ନ ପୂରୁଣୁ, ପୁଣି ଶନିବାର ବିଳମ୍ବିତ ରାତିରେ ସେହି ଟ୍ରକ୍‌ରେ ଆଉ ଏକ ବାଇକ୍ ପିଟି ହେବାରୁ ଦୁଇଜଣଙ୍କ ମୃତ୍ୟୁ ହୋଇଛି।

# ନୂଆପଡ଼ାରେ କଂଗ୍ରେସର ନ୍ୟାୟ ଯାତ୍ରାକୁ ମିଳୁନି ଅନୁମତି

ଭୁବନେଶ୍ୱର, ୫।୧୦ (ସମିସ): ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଯୋଗୁଁ କଂଗ୍ରେସର ନ୍ୟାୟ ଯାତ୍ରାକୁ ମିଳୁନି ଅନୁମତି। ଯାହାକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସ କ୍ଷୋଭ ପ୍ରକାଶ କରିଛନ୍ତି। ଶ୍ରୀ ଦାସ କହିଛନ୍ତି ଯେ ୬ ତାରିଖରୁ ନୂଆପଡ଼ାରେ ନ୍ୟାୟ ଯାତ୍ରା ନେଇ ଗତ ୧ ତାରିଖରୁ କଂଗ୍ରେସ ଦଳ ଘୋଷଣା କରିଛି। ସେଥିପାଇଁ ସେ ନୂଆପଡ଼ାରେ ରହିବେ। ସେଠି ଚାରି ଦିନବ୍ୟାପୀ କାର୍ଯ୍ୟକ୍ରମ ହେବ। ମାତ୍ର ଦୁର୍ଭାଗ୍ୟର କଥା, ସେ ଏହି ଘୋଷଣା କରିବା ପରେ ମୁଖ୍ୟମନ୍ତ୍ରୀ ୬ ତାରିଖରେ ନୂଆପଡ଼ା ଯାଉଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ତାଙ୍କୁ ସୁରକ୍ଷା ଦେବାକୁ ବାଧ ହେଉଛି ଓ ଏଥିସହ କଂଗ୍ରେସ କାର୍ଯ୍ୟକ୍ରମ ବାତିଲ କରିବା ପାଇଁ ଆମକୁ କୁହାଯାଉଛି। ଏହାକୁ ନେଇ ଭକ୍ତ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସେ କହିଛନ୍ତ, ଜାଣିଶୁଣି ଆମ କାର୍ଯ୍ୟକ୍ରମ ଭଣ୍ଡୁର କରିବାକୁ ଉଦ୍ୟମ କରଯାଉଛି। କାର୍ଯ୍ୟକ୍ରମ ଘୁଞ୍ଚାଇବାକୁ ପ୍ରଶାସନ ଆମକୁ ଅନୁରୋଧ କରୁଛି। ହେଲେ ଆମେ କାର୍ଯ୍ୟକ୍ରମ ନିଶ୍ଚିତ କରିବୁ ବୋଲି ଭକ୍ତ କହିଛନ୍ତି। ଆବଶ୍ୟକସ୍ଥଳେ ଆମେ ରାସ୍ତା ବଦଳାଇବୁ। ଆମର ସେଠି ୪୦ କିଲୋମିଟର ବାଇକ ଶୋଭାଯାତ୍ରା ହେବ। କୋମନାରୁ ଖରିଆର ରୋଡ୍ ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା ହେବ। ଖରିଆର ରୋଡ୍‌ରେ ଆମର ୧୦ ହଜାର

**କ୍ଷୋଭ ପ୍ରକାଶ କଲେ ଭକ୍ତ**

ଲୋକଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହେବ। ସେ ଆହୁରି କହିଛନ୍ତି ଯେ ଘାସିରାମ ମାଝୀ ହିଁ ଆମର ଚୂଡ଼ାନ୍ତ ପ୍ରାର୍ଥୀ। ନୂଆପଡା ଆମ ସିଟ୍, ଆମେ ଜିତିବୁ ସୁନିଶ୍ଚିତ। ସେଠି ଆମ ଦଳ ଅଧିକ ଭୋଟ୍ ପାଇବ ଓ ଭଲ ସ୍ଥାନ ବଜାୟ ରଖିବାକୁ ସକ୍ଷମ ହେବ। ସେଠିକୁ ମୁଖ୍ୟମନ୍ତ୍ରୀ ଯାଆନ୍ତୁ ବା ଯାହା ବି ହେଉ ଆମର କିଛି ଅସୁବିଧା ହେବନି। ଆମେ ଜୋନ ଗଠନ କରିସାରିଲୁଣି। ଜଣେ ଜଣେ ବିଧାୟକ ଦୁଇଟି ଜୋନକୁ ନିରୀକ୍ଷଣ କରିବେ। ଆମର ପ୍ରସ୍ତୁତ ଶେଷ ହୋଇ ସାରିଲାଣି। କଂଗ୍ରେସ ସେଠି ଜିତିବା ସୁନିଶ୍ଚିତ ବୋଲି ଭକ୍ତ କହିଛନ୍ତି।

# କୁମ୍ଭୀର ମୁହଁରୁ ବର୍ତ୍ତିଲେ ଯୁବକ

କେନ୍ଦ୍ରାପଡ଼ା, ୫।୧୦(ସମିସ): ନଦୀରେ ଗାଧୋଇବା ବେଳେ ଜଣେ ଯୁବକ କୁମ୍ଭୀର ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। କିନ୍ତୁ, ଉପସ୍ଥିତ ବୁଦ୍ଧି ଯୋଗୁଁ ଯୁବକଜଣଙ୍କ ନିଶ୍ଚିତ ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଯୁବକଜଣଙ୍କ ହେଲେ, ମହାକାଳପଡ଼ା ପଞ୍ଚାୟତ ଗୋପାଳପୁର ଗ୍ରାମର ବିଶ୍ୱରଞ୍ଜନ ରାଉତରାୟ। ରବିବାର ସକାଳ ପ୍ରାୟ ୮ ଟାରେ ବିଶ୍ୱରଞ୍ଜନ ଲୁଣା ନଦୀରେ ଗାଧୋଉଥିଲେ। ଏହି ସମୟରେ ଚାରିଫୁଟ୍ ଲମ୍ବର ଏକ କୁମ୍ଭୀର ତାଙ୍କ ବାମପଟ ଗୋଡ଼କୁ କାମୁଡ଼ି ଧରିଥିଲା। ତେବେ ବିଶ୍ୱରଞ୍ଜନ ଏଥିରେ ବିଚଳିତ ନ ହୋଇ ଉପସ୍ଥିତ ବୁଦ୍ଧି ଖଟାଇଥିଲେ। କୁମ୍ଭୀରର ମୁହଁକୁ ସେ ମୁଥ ମାରିବା ସହ ପେଲି ଦେଇଥିଲେ। ସୌଭାଗ୍ୟକୁ କୁମ୍ଭୀରଟି ତାଙ୍କ ଗୋଡ଼ ଛାଡ଼ି ନଦୀ ମଧ୍ୟକୁ ପଳାଇଥିଲା। ପରେ ତାଙ୍କୁ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଆଶୁ ଚିକିତ୍ସା କରାଯିବା ପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଛି। ଏହି ଘଟଣା ଜଣାପଡ଼ିବା ପରେ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି। ଲୁଣାନଦୀ ଉପରେ ନିର୍ଭର କରୁଥିବା ଗୋପାଳପୁର ଗ୍ରାମର ପ୍ରାୟ ୨୦୦ ପରିବାର ଏବେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଗୋପାଳପୁର ଗ୍ରାମ କଡ଼ରେ ଥିବା ଲୁଣାନଦୀରେ ଦୁଇଟି ଗାଧୁଆ ତୁଠ ରହିଛି। ଉକ୍ତ ତୁଠଦ୍ୱୟରେ ତାରବାଡ଼ ବୁଲାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଅପରପକ୍ଷେ, ଗତ ଏକ ମାସ ମଧ୍ୟରେ ମହାକାଳପଡ଼ା ଅଞ୍ଚଳରେ ତିନିଜଣ କୁମ୍ଭୀର ଆକ୍ରମଣର ଶିକାର ହୋଇସାରିଲେଣି।

# ଆଜି ଧରାବତରିବେ ମା' ଗଜଲକ୍ଷ୍ମୀ

ଢେଙ୍କାନାଳ, ୫।୧୦(ସମିସ): ଢେଙ୍କାନାଳ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ପାଇଁ ଗାଁଠୁ ସହର ଉତ୍ସବମୁଖର। ଧନଧାନ୍ୟର ଦେବୀଙ୍କ ଆବାହନ ପାଇଁ ଆବାଳବୃଦ୍ଧବନିତା ତତ୍ପର। ସୋମବାର ରାତିରୁ ମାଆ ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ବୈଦିକ ରୀତିରେ ଆରମ୍ଭ ହେବ। ଗଣପର୍ବ ଲକ୍ଷ୍ମୀ ପୂଜା ପାଇଁ ସମସ୍ତ ପୂଜା ମଣ୍ଡପ ସଜେଇ ହୋଇଗଲାଣି। ଦୋକାନ ବଜାର ସହ ରାସ୍ତାଘାଟ ମାଳମାଳ ଲାଇଟରେ ଝଲସୁଛି।

**ଉତ୍ସବମୁଖର ଢେଙ୍କାନାଳ**

କୁମାର ପୂର୍ଣ୍ଣିମା ଅବସରରେ ଢେଙ୍କାନାଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହେବାକୁ ଯାଉଛି। ଚଳିତ ବର୍ଷ ୪୧ଟି ପୂଜା ମଣ୍ଡପରେ ମାଆ ପୂଜା ପାଇବେ। ସେଥିମଧ୍ୟରୁ ୩୮ ଟି ମଣ୍ଡପକୁ ରାଜ୍ୟ ସରକାର ମାନ୍ୟତା ପ୍ରଦାନ କରିଛନ୍ତି।

ଜିଲ୍ଲାରେ ୧୯୨୩ ମସିହାରୁ ଢେଙ୍କାନାଳ ମୀନାବଜାରର ସ୍ୱର୍ଗତ ଗତିକୃଷ୍ଣ ପଟ୍ଟନାୟକଙ୍କ ଉଦ୍ୟମରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଥିଲା। ଏବେ ଏହା ଗଣ ଉତ୍ସବରେ ପରିଣତ ହୋଇଛି। ମୀନାବଜାର ସହ ଜବାହର ଚୌକ, ଲକ୍ଷ୍ମୀବଜାର, ଗଣେଶ ବଜାର, କାଞ୍ଚନବଜାର, ଆନନ୍ଦବଜାର, କାରିଗରସାହି, ଗୁଡ଼ିଆନାଳୀ, ରାଧାକୃଷ୍ଣ ବଜାର, ପଦ୍ମବଜାର, କୁଞ୍ଜକାନ୍ତ, କୈବଲ୍ୟ ବଜାର, ଜୁବୁଲି ଟାଉନ-୨, ଷ୍ଟେସନ ବଜାର ଅନ୍ନପୂର୍ଣ୍ଣା ପୂଜା ସଂସ୍ଥାନ, ରତ୍ନବଜାର, ଚନ୍ଦନ ବଜାର, ଗାନ୍ଧୀବଜାର, ବସଷ୍ଟାଣ୍ଡ, କୋରିଆଁ, ଦୁର୍ଗାବଜାର, ଦକ୍ଷିଣକାଳୀରେ ପୂଜା ଅନୁଷ୍ଠିତ ହେଉଛି। ପୂଜା ପାଇଁ ସହର ବଜାର ସଜେଇ ହୋଇଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଐତିହ୍ୟ, ସଂସ୍କୃତି ଓ ଭାଇଚାରା ମଧ୍ୟରେ ସହରବାସୀ ପୂଜା ପାଳନ କରୁଛନ୍ତି। ଚଳିତବର୍ଷ ପୂଜା ମଣ୍ଡପଗୁଡ଼ିକ ନୂତନ ଭାବରେ ସଜେଇ ହୋଇଛି। ଉତ୍ସବରେ ମୀନାବଜାରଠାରୁ ଆରମ୍ଭ କରି ବିଭିନ୍ନପ୍ରକାର ଖାଦ୍ୟର ପସରା ମେଲିଛି। ପୂଜା ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥିତ କରିବାକୁ ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ କରାଯାଇଛି। ପୁଲିସ ପ୍ରଶାସନ ତରଫରୁ ପୂଜା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି।

# ଆଗୁଆ ଆସି ହଟହଟା ହବିଷିଆଳି

ପୁରୀ, ୫।୧୦(ସମିସ): ଦିନକ ପରେ ଆରମ୍ଭ ହେବ ଧର୍ମ ମାସ କାର୍ତ୍ତିକ। ପୁଣ୍ୟଭୂମି ଶ୍ରୀକ୍ଷେତ୍ରରେ ରହି କାର୍ତ୍ତିକ ବ୍ରତ ପାଳନ କରିବେ ହବିଷିଆଳି। ଏଥିଲାଗି ଶ୍ରୀକ୍ଷେତ୍ରରେ ହବିଷିଆଳିଙ୍କ ସମାଗମ ହେଲାଣି। ଟ୍ରେନ୍ ଏବଂ ବସ୍ ଯୋଗେ ହବିଷ୍ୟାଳି ମା'ମାନେ ଆସି ପୁରୀରେ ପହଞ୍ଚିଛନ୍ତି। ନିଜସ୍ୱ ଉଦ୍ୟମରେ ବହୁ ସଂଖ୍ୟକ ହବିଷ୍ୟାଳି ରହୁଥିବାବେଳେ ଏ ବର୍ଷ ୨,୫୦୦ ବ୍ରତଧାରୀ ରାଜ୍ୟ ସରକାରଙ୍କ ହବିଷ୍ୟାଳି ଯୋଜନାରେ ରହିବେ। ତେବେ ଗୋଟିଏ ଦିନ ପୂର୍ବରୁ ଆସି ହଟହଟା ହୋଇଛନ୍ତି ହବିଷ୍ୟାଳି। ରବିବାର କେତେଜଣ ବ୍ରତଧାରୀ ହବିଷ୍ୟାଳି ଯୋଜନାରେ ଆସି ବିଭିନ୍ନ ରହଣି କେନ୍ଦ୍ର ସମ୍ମୁଖରେ ପହଞ୍ଚିଛନ୍ତି। ଯେହେତୁ ପ୍ରଶାସନ ପକ୍ଷରୁ ୭ ତାରିଖରେ ହବିଷ୍ୟାଳିଙ୍କୁ ରଖାଯିବ ବୋଲି ଘୋଷଣା କରାଯାଇଛି ତେଣୁ ସେମାନଙ୍କୁ ରହଣି ପ୍ରକୋଷ୍ଠକୁ ଛଡ଼ା ଯାଇ ନ ଥିଲା। ରବିବାର ଅପରାହ୍ଣରେ ମୋଚିସାହି କଲ୍ୟାଣମଣ୍ଡପରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କୁ କଲ୍ୟାଣ ମଣ୍ଡପ କ୍ୟାମ୍ପସ୍‌କୁ ଛଡ଼ାଯାଇଥିଲା। ଶେଡ୍ ତଳେ କିଛି ହବିଷ୍ୟାଳି ବସି ରହିଥିବା ଦେଖିବାକୁ ମିଳିଥିଲା।

ଗତ ଶୁକ୍ରବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି କାର୍ତ୍ତିକ ନୀତି। ରାଧାଦାମୋଦର ବେଶରେ ଦର୍ଶନ ଦେଉଛନ୍ତି ମହାପ୍ରଭୁ। କିନ୍ତୁ ପରମ୍ପରା ଅନୁଯାୟୀ, ହବିଷ୍ୟାଳିମାନେ କାର୍ତ୍ତିକ ମାସ ପ୍ରଥମ ଦିନରୁ କାର୍ତ୍ତିକ ବ୍ରତ ଆରମ୍ଭ କରିଥା'ନ୍ତି। ପ୍ରାତଃରୁ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ସ୍ନାନ କରି ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରନ୍ତି। ଦର୍ଶନ ପରେ ରହୁଥିବା ବିଭିନ୍ନ ମଠ, ଧର୍ମଶାଳା ଏବଂ ଆଶ୍ରୟସ୍ଥଳୀର ତୁଳସୀ ଚଉରା ମୂଳେ ପୂଜା କରିଥା'ନ୍ତି। ଦିନରେ ଗୋଟିଏ ଥର ମହାପ୍ରସାଦ ସେବନ ଅର୍ଥାତ୍ ହବିଷ୍ୟାନ୍ନ କରି କାର୍ତ୍ତିକ ବ୍ରତ ପାଳିଥା'ନ୍ତି। କାର୍ତ୍ତିକ ବ୍ରତ ପାଳନ କରିବା ପାଇଁ ରବିବାର କିଛି ହବିଷ୍ୟାଳି ପୁରୀରେ ପହଞ୍ଚିଛନ୍ତି।


**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
I, Alia Sahu, S/o- Bikhari Sahoo, Resident of Upimara Patana, PO: Tangi, PS: Tangi, Dist.: Khordha, Odisha, PIN-752023 declared by this Affidavit No.: 1112/2025, Dated.04.10.2025. That now onwards I shall be known as **ALIA SAHOO** for all future Purposes.

**AFFIDAVIT**
I VANIMISETTY PRAVAKAR RAO @ VANIMISETTY PRABHAKA, S/o VANIMISETTY LAXMI PATHY resident of Laxmipathy House, N.K.T.Road, Po- P.R.Peta, Ps-Jeypore, Dist- Koraput-764 003, Odisha declare by this Affidavit No.1465, Dated - 03/10/2025, that now onwards I shall be known as **VANIMISETTY PRABHAKAR RAO** for all future purpose.

**AFFIDAVIT**
By virtue of an affidavit before the Executive Magistrate, Tigiria vide No-09/3.10.2025 I Kusuma Rout W/o Rasmikanta Rout of Vill-Somapada, Po-Badabhuin, Ps-Tigiria, Dist-Cuttack that I have changed my name from Kusum Rout to Kusuma Rout. Henceforth I shall be known as Kusuma Rout for all purpose.


# ୧୦୦ ଫୁଟ୍ ତଳକୁ ଖସିଲା ଟ୍ରକ୍



ବରଗଡ଼, ୫।୧୦(ସମିସ): ଅମ୍ବାଭୋନା ସମରଧାରା ବୁଲାଣି ନିକଟରେ ରବିବାର ଏକ ଟ୍ରକ ଭାରସାମ୍ୟ ହରାଇ ରାସ୍ତା ଉପରୁ ପ୍ରାୟ ୧୦୦ ଫୁଟ ତଳକୁ ଖସି ପଡ଼ିଛି। ଏହି ଦୁର୍ଘଟଣାରେ ଟ୍ରକ ଡ୍ରାଇଭର ସୁରକ୍ଷିତ ଥିବା ବେଳେ ଟ୍ରକଟି ବର୍ତ୍ତମାନ ଯାଏଁ ତଳେ ପଡ଼ି ରହିଛି। ଏହି ବୁଲାଣି ରାସ୍ତା ଉପରେ ବିଭିନ୍ନ ସମୟରେ ପୂର୍ବରୁ ମଧ ବାରମ୍ବାର ଦୁର୍ଘଟଣାମାନ ଘଟୁଥିବା ଦେଖାଦେଇଛି। ତେବେ ଆଜି ପୁଣି ଏଭଳି ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି।

# ଜେଲ୍‌ରେ ପୁଲିସର ଚଢ଼ଉ

ବରଗଡ଼, ୫।୧୦(ସମିସ): ଜିଲ୍ଲାର ବିଭିନ୍ନ ଜେଲ୍‌ରେ ବରଗଡ଼ ପୁଲିସ ପକ୍ଷରୁ ରବିବାର ସକାଳେ ଏକା ସାଙ୍ଗରେ ଆକସ୍ମିକ ଚଢ଼ଉ ହୋଇଛି। ବରଗଡ଼ ଏସ୍‌ପି ପ୍ରହ୍ଲାଦ ସହାଇ ମୀନାଙ୍କ ନେତୃତ୍ୱରେ ଜିଲ୍ଲା ଜେଲ

**ନିଶା ସାମଗ୍ରୀ ଜବତ**



ସମେତ ପଦ୍ମପୁର ସବ୍‌ଜେଲ୍ ଓ ସୋହେଲା ସବ୍‌ଜେଲରେ ଏକକାଳୀନ ଭାବେ ଚଢ଼ଉ ହୋଇଥିଲା। ଚଢ଼ଉରେ ଜେଲ୍ ପରିସରରେ ବର୍ଜିତ ଥିବା ଭାଙ୍ଗ, ବିଡି ଓ ଦିଆସିଲି ଆଦି ସାମଗ୍ରୀ ଜବତ କରାଯାଇଛି। ଚଢ଼ଉ ବେଳେ ବରଗଡ଼ ଏସ୍‌ପି ଶ୍ରୀ ମୀନା, ବରଗଡ଼ ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଆସିଷ୍ଟାଣ୍ଟ କଲେକ୍ଟର ମଦନ ପଣ୍ଡା, ଅତିରିକ୍ତ ଏସ୍‌ପି ସୌରଭ ଓତା, ଏସ୍‌ଡିପିଓ ପଦାର ବିନ୍ଦ ତ୍ରିପାଠୀ, ବିଭିନ୍ନ ଥାନା ଅଧିକାରୀ ସମେତ ୪ପ୍ଲାଟୁନ ଫୋର୍ସ ସାମିଲ ଥିଲେ। ବରଗଡ଼ ଜିଲ୍ଲାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଜେଲରେ କଏଦୀଙ୍କ ସୁଧାର ପାଇଁ ଅନେକ କାର୍ଯ୍ୟକ୍ରମ ସବୁ କରାଯାଉଛି। ଏହାପରେ ମଧ ଜେଲ୍ ପରିସରକୁ ବର୍ଜିତ ସାମଗ୍ରୀ କିଭଳି ଆସୁଛି, ତାକୁ ନେଇ ପୁଲିସ ତଦନ୍ତ ଜାରି ରଖିବା ସହ ଜିରୋ-ଟଲରାନ୍ସ ନୀତିରେ ଶୃଙ୍ଖଳା ଆଣିବା ପାଇଁ ଚଢ଼ଉ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତି ମାସରେ ଏମିତି ବିଭିନ୍ନ ସମୟରେ ପୁଲିସ ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ମିଳିତ ଚଢ଼ଉ ହୁଏ ବୋଲି ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ କହିଛନ୍ତି।

# ଧକ୍କା ହୋଇ ଜଳିଗଲା ଦୁଇ ଟ୍ରକ୍

ଅନୁଗୋଳ/ବଁଅରପାଳ, ୫।୧୦(ସମିସ): ୫୫ନମ୍ବର ଜାତୀୟ ରାଜପଥର ବଁଅରପାଳ ଥାନା ତୁଳସୀପାଳ ଗ୍ରାମ ନୂତନ ବାଇପାସ୍ ରାସ୍ତାରେ ଶନିବାର ରାତି ପ୍ରାୟ ୧୧ଟାରେ ପାଉଁଶ ବୋଝେଇ ଟ୍ରକ ସହ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଧକ୍କା ହେବା ପରେ ଉଭୟ ଟ୍ରକ୍ ନିଆଁ ଲାଗି ଜଳିଯାଇଛି। ତେବେ ନିଆଁ ଲାଗିବା ଦେଖି ଦୁଇ ଚାଳକ ଗାଡ଼ିରୁ ଡେଇଁ ପଡ଼ି ଜୀବନ ବଞ୍ଚାଇଛନ୍ତି। ସ୍ଥାନୀୟ ଲୋକଙ୍କ ସୂଚନାନୁଯାୟୀ, ପାଉଁଶ ପକାଇବା ପାଇଁ ହାଇୱା ଗାଡ଼ି ଠିଆ ହୋଇଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ସିମେଣ୍ଟ ବୋଝେଇ ଟ୍ରକ୍ ତାକୁ ପଛରୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଉଭୟ ଗାଡ଼ିରେ ନିଆଁ ଲାଗିଯାଇଥିଲା। ଏହି ଅଗ୍ନିକାଣ୍ଡ ଯୋଗୁଁ ଟ୍ରକ୍‌ରେ ଥିବା ସମସ୍ତ ସିମେଣ୍ଟ ବସ୍ତା ପୋଡ଼ି ନଷ୍ଟ ହୋଇଯାଇଛି। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ବଁଅରପାଳ ଓ ଅନୁଗୋଳରୁ ଦୁଇଟି ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅପରପକ୍ଷେ, ଏହି ଅଗ୍ନିକାଣ୍ଡ ଯୋଗୁଁ ରାସ୍ତାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କଟକ ଅଶାନ୍ତ...

କରାଯାଇଛି। ଆସନ୍ତା ୭ତାରିଖ ପର୍ଯ୍ୟନ୍ତ ଏହି କର୍ଫ୍ୟୁ ବଳବତ୍ତର ରହିବ। ଜରୁରୀକାଳୀନ ସେବାକୁ ବାଦ୍ ଦେଲେ ଅନ୍ୟ ସମସ୍ତ ସେବାକୁ ବନ୍ଦ କରିବାକୁ କୁହାଯାଇଛି। ସହରର କୌଣସି ସ୍ଥାନରେ ଜନସାଧାରଣ ମେଳି କରିପାରିବେ ନାହିଁ। ରାସ୍ତାରେ ଏକତ୍ରିତ ହୋଇ ଲୋକମାନେ ଯିବା ଆସିବା କରିବେ ନାହିଁ। ଦୋକାନ ବଜାର ବନ୍ଦ ରଖିବେ। ଲୋକମାନେ ନିଜ ଘରେ ରହିବା ସହିତ ପୁଲିସ ପ୍ରଶାସନକୁ ସହଯୋଗ କରିବାକୁ କମିଶନର ଶ୍ରୀ ସିଂ ନିବେଦନ କରିଛନ୍ତି।

ସୂଚନାନୁସାରେ, କଟକ ବନ୍ଦକୁ ସଫଳ କରିବା ପାଇଁ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଆଜି ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରାକାରୀମାନେ ପୋତାପୋଖରୀଠାରୁ ଶୋଭାଯାତ୍ରାରେ ଆସି ବକ୍ସିବଜାର, ତିନିକୋଣିଆ ବଗିଚା, ଦରଘାବଜାର, ଚୌଧୁରୀବଜାର ମୁଖ୍ୟ ରାସ୍ତା ଦେଇ ସହର ପରିକ୍ରମା କରିବାକୁ ଯୋଜନା କରିଥିଲା। ଶହଶହ ଶୋଭାଯାତ୍ରାକାରୀ ବଜ୍ରକବାଟୀ ଛକରେ ପହଞ୍ଚିବାରୁ ପୁଲିସ ସେମାନଙ୍କୁ ଅଟକାଇଥିଲା। କିନ୍ତୁ ପୁଲିସର ବାରଣକୁ ନମାନି ସେମାନେ ନାରା ଦେଇ ଦରଘାବଜାର ଆଡ଼କୁ ଅଗ୍ରସର ହୋଇଥିଲେ। ଦରଘାବଜାର ନିକଟରେ ବ୍ୟାରିକେଡ୍ ଦେଇ ପୁଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ଶୋଭାଯାତ୍ରାକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ବ୍ୟାରିକେଡ୍ ଭାଙ୍ଗି ଶହଶହ ଶୋଭାଯାତ୍ରାକାରୀ ଚୌଧୁରୀବଜାର ଆଡ଼କୁ ଅଗ୍ରସର ହୋଇଥିଲେ। ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କୁ ଶୋଭାଯାତ୍ରାକାରୀମାନେ ମାଡ଼ ମାରିଥିଲେ। ଏହା ଭିତରେ ପୁଲିସ ଓ ଶୋଭାଯାତ୍ରାକାରୀଙ୍କ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଡିସିପି ଶ୍ରୀ ଦ୍ୟାନଦେଓ, ୩ ଏସିପି, ଜଣେ ଏଡିସିପି, ୨ଆଇଆଇସି ଗୁରୁତର ଆହତ ହୋଇ ପଡ଼ିଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ପକ୍ଷରୁ ଲାଠିଚାର୍ଜ କରାଯାଇଥିଲା। ପରିସ୍ଥିତି ଅଣାୟତ୍ତ ହେବାରୁ ପୁଲିସ ଟିୟର୍ ଗ୍ୟାସ୍ ମାଡ଼ କରିଥିଲା। ଏବେ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ୩ କମ୍ପାନୀ ଫୋର୍ସ ମୁତୟନ କରାଯାଇଥିବା ବେଳେ ଫୋର୍ସ ପକ୍ଷରୁ ସହରର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଆସନ୍ତାକାଲିର ବନ୍ଦ ବେଳେ ଅପ୍ରୀତିକର ପରିସ୍ଥିତି ଆଶଙ୍କାରେ ସିଟି ହସ୍ପିଟାଲ୍‌ରେ ଏକ ୨୦ ଜଣିଆ ଡାକ୍ତରୀଦଳକୁ ସଜାଗ ରଖାଯାଇଥିବା ବେଳେ କଟକ ବଡ଼ ଡାକ୍ତରଖାନାରେ ୭ଟି ଆଇସିୟୁ ବେଡ୍ ଖାଲି କରାଯାଇଥିବା ସୂଚନା ମିଳିଛି।

ଅନ୍ୟପଟେ ଦରଘାବଜାର ଅଞ୍ଚଳରେ ଉତ୍ତେଜନାମୂଳକ ପରିସ୍ଥିତି ଲାଗି ରହିଛି। ଏଭଳି ପରିସ୍ଥିତିରେ ପୁଲିସ କେଉଁଭଳି ଭାବେ ଶୋଭାଯାତ୍ରାକାରୀଙ୍କୁ ସେଠାକୁ ଛାଡିଲା ଏବଂ ଶୋଭାଯାତ୍ରା ପାଇଁ ପୁଲିସ ଅନୁମତି ଦେଇଥିଲା କି ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିଭଳି ସମ୍ପୃକ୍ତ ଅଞ୍ଚଳ ଉତ୍ତେଜନାପ୍ରବଣ ହୋଇଥିବା ବେଳେ ଏହି ବିଶାଳ ଶୋଭଯାତ୍ରାକୁ ପୁଲିସ କାହିଁକି ମୂଳରୁ ଅଟକାଇଲା ନାହିଁ? ଯଦି ଏ ଦିଗରେ ପୁଲିସ ପଦକ୍ଷେପ ନେଇ ଥାଆନ୍ତା ତାହାଲେ ଏହି ଗଣ୍ଡଗୋଳକୁ ଏଡାଇ ଦିଆଯାଇ ପାରିଥା'ନ୍ତା। ଗୁଇନ୍ଦା ବିଫଳତା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସାଧାରଣରେ ଅଭିଯୋଗ ଉଠିଛି।

### ଜାଲିଆତି ଚେର...

ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେଉଁ ସବୁ ସଂସ୍ଥା ପୂର୍ବରୁ କଳା ତାଲିକାଭୁକ୍ତ ଥିଲା ସେହିସବୁ ସଂସ୍ଥାଗୁଡ଼ିକୁ ପ୍ରଶ୍ନପତ୍ର ପ୍ରସ୍ତୁତି ଓ ପରୀକ୍ଷା ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଥିବା ସଂକ୍ରାନ୍ତରେ ତଥ୍ୟ କ୍ରାଇମବ୍ରାଞ୍ଚ ହାତରେ ଲାଗିଛି। ରଘୁନାଥପୁରସ୍ଥିତ ଶ୍ରୀଲିଙ୍ଗରାଜ ଇନ୍‌ଫୋସେଲ ଅନଲାଇନ୍ ପରୀକ୍ଷା ସେଣ୍ଟରକୁ ସିଲ୍ କରିଛି କ୍ରାଇମବ୍ରାଞ୍ଚ। ଏସଆଇ ଚାକିରି ବିକ୍ରି ଘଟଣାର ଅନ୍ୟତମ ପ୍ରମୁଖ ଅଭିଯୁକ୍ତ ଶଙ୍କର ପୃଷ୍ଟି ଏଠାରେ ନିଜର କାର୍ଯ୍ୟାଳୟ ଖୋଲିଥିଲେ। ଶ୍ରୀଲିଙ୍ଗରାଜ ଇନଫୋସେଲର ପରୀକ୍ଷା ଲ୍ୟାବରେ କୌଣସି ପରୀକ୍ଷା ଉପକରଣ ନ ଥିବା କ୍ରାଇମବ୍ରାଞ୍ଚକୁ ସନ୍ଦେହରେ ପକାଇଛି । ଏଠାରେ ୫ ଓ ୬ ତାରିଖରେ ଲିଖିତ ପରୀକ୍ଷା କରାଯିବାର ବ୍ୟବସ୍ଥା ହୋଇଥିଲା, ମାତ୍ର ଅକସ୍ମାତ ଏଠାରୁ ପରୀକ୍ଷା ନିମନ୍ତେ ଆବଶ୍ୟକ ସାମଗ୍ରୀ କେଉଁଆଡ଼େ ଓ କିଏ ସ୍ଥାନାନ୍ତରିତ କଲା ସେ ସମ୍ପର୍କରେ କ୍ରାଇମବ୍ରାଞ୍ଚ ଅନୁସନ୍ଧାନ ଆରମ୍ଭ କରିଛି। ଏହି ପରିପ୍ରେକ୍ଷୀରେ ଶ୍ରୀଲିଙ୍ଗରାଜ ଇନଫୋସେଲ ଅନଲାଇନ୍ ପରୀକ୍ଷା ସେଣ୍ଟରକୁ କ୍ରାଇମବ୍ରାଞ୍ଚ ସିଲ୍ କରିଛି । ଅପରପକ୍ଷରେ ସିଲିକନ୍ ଟେକ୍ ଲ୍ୟାବର ମାଲିକଙ୍କ ସମେତ ୫ରୁ ଅଧିକ ବ୍ୟକ୍ତିଙ୍କୁ ମାରାଥନ ଜେରାବେଳେ ମଧ କିଛି ସୂରାକ ମିଳିଥିବା କୁହାଯାଉଛି।

ଗତକାଲି କ୍ରାଇମ୍‌ବ୍ରାଞ୍ଚ ଗିରଫ କରିଥିବା ବିଦ୍ୟାଧରପୁରର ବିଶ୍ୱରଞ୍ଜନ ବେହେରା ପୁଲିସ ବାହିନୀର ସ୍ପେସାଲ ସିକ୍ୟୁରିଟି ବାଟାଲିୟନ (ଏସ୍‌ଏସ୍‌ବି)ରେ କାର୍ଯ୍ୟରତ ଥିବା ସୂଚନା ମିଳିଛି । ପୂର୍ବରୁ ସେ ଲୋକସେବା ଭବନ ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସେ କାର୍ଯ୍ୟ କରିଛନ୍ତି । ଆଜି କ୍ରାଇମବ୍ରାଞ୍ଚ ପକ୍ଷରୁ ଜାରି ସୂଚନା ଅନୁସାରେ ବିଶ୍ୱରଞ୍ଜନ ଠକେଇ ସିଣ୍ଡିକେଟର ଜଣେ ମେମ୍ବର ବା ଦଲାଲ ଭାବେ କାମ କରୁଥିଲେ । ତେଣୁ ବିଶ୍ୱରଞ୍ଜନ ଯଦି ଏହି ସିଣ୍ଡିକେଟ୍‌ର ମେମ୍ବର ତେବେ ଏହାର ମୁଖିଆ କିଏ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଚାକିରି ବେପାର ଘଟଣାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଶଙ୍କର ଏବଂ ମୁନ୍ନାକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯିବା ସହ ବିଭିନ୍ନ ଶିକ୍ଷାନୁଷ୍ଠାନର ମାଲିକଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ସେହିପରି ଏହି ବ୍ୟକ୍ତିମାନଙ୍କ ଆର୍ଥିକ କାରବାର ତଥ୍ୟ ଦେବାକୁ ବିଭିନ୍ନ ବ୍ୟାଙ୍କକୁ ଚିଠି ଲେଖାଯାଇଥିବା କ୍ରାଇମ୍‌ବ୍ରାଞ୍ଚ ସୂଚନା ଦେଇଛି ।

### ଶଙ୍କର ପୃଷ୍ଟିର...

ତାଲା ପଡ଼ିଛି। ଶଙ୍କର ପୃଷ୍ଟି ସଂପର୍କରେ ଆଉ ଏକ ସାଂଘାତିକ ତଥ୍ୟ ମଧ ସାମ୍ନାକୁ ଆସିଛି। ମହାରାଷ୍ଟ୍ରର ଜଣେ ବ୍ୟକ୍ତି ସହ ଶଙ୍କର ପୃଷ୍ଟିର ଘନିଷ୍ଠତା ରହିଛି ଓ ସମ୍ପୃକ୍ତ ବ୍ୟକ୍ତିଙ୍କର ରାଜ୍ୟ ସରକାରରେ ବିଶେଷ ପ୍ରଭାବ ରହିଛି। ଶଙ୍କର ପୃଷ୍ଟି ସହ ସେହି ବ୍ୟକ୍ତି ସିଲିକନ୍ ଟେକ୍‌ଲାବ୍ ଓ ରାଜ୍ୟର ବଡ଼ବଡ଼ିଆଙ୍କ ସହ ସାକ୍ଷାତ କରିଥିଲେ। କେବଳ ସେତିକି ନୁହେଁ, ସଂପୃକ୍ତ ବ୍ୟକ୍ତିଙ୍କ ଜରିଆରେ ଶଙ୍କର ପୃଷ୍ଟି ମହାରାଷ୍ଟ୍ରରେ ମଧ ଘର କିଣିଥିବା ଜଣାପଡ଼ିଛି।

### ସଂଶୟରେ ଓସିଏସ୍...

ପ୍ରଘଟ, ଚାକିରି ଅନିୟମିତତା ସରକାରଙ୍କୁ ଅଡୁଆରେ ପକାଇଛି। ଏହି ସମୟରେ ପୁଲିସ ଏସ୍‌ଆଇ ଚାକିରି ବିକ୍ରି ରାକେଟ ଧରାପଡ଼ିବା ପରେ ଓସିଏସ୍, ଅମିନ ଓ ଆର୍‌ଆଇ ଚାକିରି କାହିଁକି ବିକ୍ରି ହେଉ ନ ଥିବ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି ।

ଅପରପକ୍ଷରେ ଆର୍‌ଆଇ, ଅମିନ ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ସରକାର ପରୋକ୍ଷରେ ସ୍ୱୀକାର କରିଥିଲେ। ଜାଲିଆତିର ତଦନ୍ତ ନିର୍ଦ୍ଦେଶ ମଧ ଦେଇଥିଲେ। ମାତ୍ର ତଦନ୍ତ ରିପୋର୍ଟକୁ ସାର୍ବଜନୀନ ନ କରି ସମସ୍ତ ପରୀକ୍ଷାର୍ଥୀଙ୍କୁ ପାସ୍ କରାଇଦେଲେ। ଅନିୟମିତତାରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ପାଖରେ ସରକାର ପହଞ୍ଚପାରି ନ ଥିଲେ। ମାମଲା କୋର୍ଟରେ ପହଞ୍ଚିବା ପରେ ପରୀକ୍ଷାକୁ ସମ୍ପୂର୍ଣ୍ଣ ରଦ୍ଦ କରାଯାଇଛି ଓ ପୁଣି ଥରେ ପ୍ରିଲିମିନାରୀ ପରୀକ୍ଷା ଆସନ୍ତା ୮ ତାରିଖରୁ ଅନୁଷ୍ଠିତ ହେଉଛି। ଅନୁରୂପ ଭାବରେ ଡାକ୍ତରୀ ନାମଲେଖା ପାଇଁ ନେସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପରିଚାଳିତ ନିଟ୍ ୟୁଜି ପରୀକ୍ଷାରେ ବ୍ୟାପକ ଜାଲିଆତି ହୋଇଥିବା ନେଇ ଗତ ଜୁନ୍‌ରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ପରେ ବହୁ ଦଲାଲ୍ ଓ ପରୀକ୍ଷାର୍ଥୀଙ୍କୁ ଗିରଫ କରାଯିବା ସହ ଏହା ପରେ ପରେ ହେବାକୁ ଥିବା ନେଟ୍ ଓ ନିଟ୍-ପିଜି ପରୀକ୍ଷାକୁ ମଧ ସ୍ଥଗିତ ରଖାଯାଇଥିଲା। ପରୀକ୍ଷାର ସୁରକ୍ଷା, ଗୋପନୀୟତା ଓ ସ୍ୱଚ୍ଛତାକୁ ପୁନଃ ଯାଞ୍ଚ କରିବା ପରେ ଯାଇ ପୁନଃ ଉଭୟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ନିକଟରେ ସରକାରୀ ଚାକିରି ବିକ୍ରି ରାକେଟ୍ ଧରା ପଡ଼ିଥିବାରୁ ଏହି ପରୀକ୍ଷା ଦୁଇଟିର ସ୍ୱଚ୍ଛତା ଓ ଗୋପନୀୟତା ନେଇ ମଧ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଆଗକୁ ଅନୁଷ୍ଠିତ ହେବାକୁଥିବା ସମସ୍ତ ନିଯୁକ୍ତି ପରୀକ୍ଷାକୁ ସ୍ୱଚ୍ଛତାର ସହ କରାଯିବାକୁ ସରକାର ଗ୍ୟାରେଣ୍ଟି ଦିଅନ୍ତୁ ଓ ଅଦାଲତ ତତ୍ତ୍ୱାବଧାନରେ ପରୀକ୍ଷା ପରିଚାଳନା ନିମନ୍ତେ ଏକ କମିଟି ଗଠନ କରାଯାଉ ବୋଲି ଆଶାୟୀମାନେ ଦାବି କରିଛନ୍ତି ।

# ବାଲେଶ୍ୱର ସହରରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ



ବାଲେଶ୍ୱର, ୫।୧୦ (ସମିସ): ଗତ ଶୁକ୍ରବାର ବାଲେଶ୍ୱର ସହରରେ ଦୁର୍ଗାପୂଜା ଭସାଣି ଉତ୍ସବ ପରେ ଟାଉନ ଥାନା ଅନ୍ତର୍ଗତ ଫୁଲବଜାର ଅଞ୍ଚଳରେ କୌଣସି କଥାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ତେଣୁ, ସ୍ଥାନୀୟ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ଫେରାଇ ଆଣିବାକୁ ରବିବାର ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଅତିରିକ୍ତ ଏସ୍‌ପି ଦେବଜ୍ୟୋତି ଦାସଙ୍କ ନେତୃତ୍ୱରେ ଏହି ଫ୍ଲାଗ୍‌ମାର୍ଚ୍ଚ ବଳାଙ୍ଗୀ କଲେଜ ନିକଟରୁ ବାହାରି ପାତ୍ରପଡ଼ା ହୋଇ ପୁରୁଣା ବାଲେଶ୍ୱର, ଦରଘାପଡିଆ, ଗଳାପୋଖରୀ ପର୍ଯ୍ୟନ୍ତ ଯାଇଥିଲା। ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ଉଦ୍ଦେଶ୍ୟରେ ଏହି ଫ୍ଲାଗମାର୍ଚ୍ଚ କରାଯାଇଥିବା ଅତିରିକ୍ତ ଏସ୍‌ପି କହିଛନ୍ତି। ଏହି ଫ୍ଲାଗମାର୍ଚ୍ଚରେ ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ଟାଉନ୍ ଥାନା ଅଧିକାରୀ ବିଜୟ କୁମାର ଦାସଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।


**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar, dated 21/08/2025, CF No.- 99/ 21.08.2025. I, Ramagobinda Pradhan, S/o- Pati Pradhan, At-Hrudayaprasad, PO-Karanjamal, PS- Bansada, Dist-Bhadrak, Pin- 756164, declare that I have changed the name of my son from Suvam Mandal to Suvam Pradhan. Henceforth, he shall be known as new name Suvam Pradhan for all purposes.
Ramagobinda Pradhan

**AFFIDAVIT**
I VANIMISETTY ASHALATHA, W/o- VANIMISETTY PRABHAKAR RAO resident of Laxmipathy House, N.K.T. Road, Po- P.R. Peta, Ps-Jeypore, Dist- Koraput - 764003, Odisha declare by this Affidavit No.1466, Dated - 03/10/2025, that now onwards I shall be known as **VANIMISETTY ASHA LATA** for all future purpose.

**AFFIDAVIT**
By virtue of an affidavit sworn before the Executive Magistrate / Tahasildar, Oupada, Dist. Balasore, Odisha on dated 03/10/2025, I M S Raj Ariyan, S/O- Susanta Kumar Nayak, At. Patapur, Po. Oupada , Ps. Oupada, Dist. Balasore, Odisha, Pin- 756049, declare that I have changed my name from Ms Raj Ariyan to M S Raj Ariyan. Henceforth, I will be known as M S Raj Ariyan for all purposes.
M S Raj Ariyan

## ହିର୍ମା ବଳି ଯାତ୍ରାରେ ଯୋଗଦେଲେ ସାଂସଦ

ଝାରସୁଗୁଡ଼ା,୫।୧୦(ସମିସ): ଝାରସୁଗୁଡ଼ା ସଦର ବ୍ଲକ୍ ହିର୍ମା ଓ ତରେଇକେଲା ସ୍ଥିତ ସମଲେଶ୍ୱରୀ ମନ୍ଦିରର ପ୍ରସିଦ୍ଧ ବଳି ଯାତ୍ରାରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ରବିବାର ଯୋଗ ଦେଇଛନ୍ତି। ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ହିର୍ମା ଓ ତରେଇକେଲା ଗାଁରେ ଦେବୀଙ୍କ ବଳିଯାତ୍ରା ପାଳିତ ହେଉଛି। ରବିବାର ବଳିଯାତ୍ରା ଆରମ୍ଭ ହୋଇଥିବା ବେଳେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ପ୍ରଥମେ ତରେଇକେଲା ଓ ପରେ ହିର୍ମା ସମଲେଶ୍ୱରୀ ମନ୍ଦିରକୁ ଯାଇ ମାଙ୍କ ଦର୍ଶନ କରି ବଳିଯାତ୍ରାରେ ସାମିଲ ହୋଇଥିଲେ। ବଳିଯାତ୍ରାରେ ହିର୍ମା ଗାଁର ଅନିଲ ସାହୁ, ଭୋଜରାଜ ସାହୁ, ଦିଲ୍ଲୀପ ବଡ଼େଇ, ରାଧେଶ୍ୟାମ ସାହୁ, ଅନିଲ କିଷାନ ପ୍ରମୁଖ ସହଯୋଗ କରୁଥିବା ବେଳେ ସୋମବାର ଦିନ ବଳିଯାତ୍ରା ସମାପିତ ହେବ।

## ବେଷ୍ଟ ଗ୍ରୁପ୍ ପଦ୍ମପୁର ତରଫରୁ ଅନ୍ନଭୋଗ ବଣ୍ଟନ

ପଦ୍ମପୁର,୫।୧୦(ସମିସ): ଜଗତଜନନୀ ମାଁ ଦୁର୍ଗାଙ୍କ ଧରାବତରଣର ନବମୀ ତିଥିରେ ସ୍ଥାନୀୟ ଭେଉରିଆ ଛକ ସ୍ଥିତ ଟ୍ୟାକ୍ସି ଷ୍ଟାଣ୍ଡ ସମ୍ମୁଖରେ ବେଷ୍ଟ ଗ୍ରୁପ ପଦ୍ମପୁର ଦ୍ୱାରା ଅନ୍ନଭୋଗ ବଣ୍ଟନ କରାଯାଇଛି। ହଜାର ହଜାର ଶ୍ରଦ୍ଧାଳୁ ଏହି ଅନ୍ନଭୋଗକୁ ଗ୍ରହଣ କରିଥିଲେ। ବେଷ୍ଟ ଗ୍ରୁପର ସମସ୍ତ ସଦସ୍ୟ ମାନଙ୍କର ପରିଶ୍ରମ ଦ୍ୱାରା କାର୍ଯ୍ୟକ୍ରମ ସଫଳ ହୋଇଥିଲା।

# କାର୍ ଜାଳିଦେଲେ ଦୁର୍ବୃତ୍ତ

ଝାରସୁଗୁଡ଼ା,୫।୧୦(ସମିସ)




ଏକ୍ସୟୁଭି ୫୦୦ ଗାଡ଼ିରେ କିଛି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏଥିରେ ଗାଡ଼ିଟି ସମ୍ପୂର୍ଣ୍ଣ ଜଳି ଛାରଖାର ହୋଇଯାଇଛି। ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଗାନ୍ଧୀ ଛକ ଫାଣ୍ଡି ଅଧୀନ ଲୋଇସିଂହ ଗାଁର ସୁମିତ ପଟେଲ ଏକ କେମ୍ପରେ ଗାଡି ରଖିଥାନ୍ତି। ଶନିବାର ବିଳମ୍ବିତ ରାତ୍ରିରେ କିଛି ଦୁର୍ବୃତ୍ତ ଚାରିଚକିଆ ଗାଡିଟିକୁ ନିଆଁ ଲଗାଇ ଜାଳି ଦେଇଥିବା ଅଭିଯୋଗ ହୋଇଛି। ଗାଡି ରହିଥିବା କେମ୍ପରେ ଦୁର୍ବୃତ୍ତ ମାନେ ପହଞ୍ଚି ପ୍ରଥମେ ବାହାର ପଟୁ କବାଟ ବନ୍ଦ କରିବା ପରେ ଗାଡିରେ ନିଆଁ ଲଗାଇ ଫେରାର ହୋଇଥିଲେ। ତେବେ ଗାଡ଼ିରେ ନିଆଁ ଲାଗିବା ନେଇ କେମ୍ପରେ ଥିବା ୨ ଜଣ କର୍ମଚାରୀ ରାତିରେ ଫୋନ କରି ଜଣାଇଥିଲେ। ଫଳରେ ସୁମିତ ସେଠାରେ ପହଞ୍ଚି ବାହାର ପଟୁ କବାଟ ଖୋଲିବା ଗାଡିର ନିଆଁକୁ ଆୟତ୍ତ କରା ଯାଇ ପାରିଥିଲା। ମାତ୍ର ସେତବେଳକୁ ଗାଡି ସମ୍ପୂର୍ଣ୍ଣ ଜଳି ଛାରଖାର ହୋଇସାରିଥିଲା। ଏହି ଘଟଣାକୁ ନେଇ ଗାନ୍ଧୀ ଛକ ପୁଲିସ ଫାଣ୍ଡିରେ ସୁମିତ ଲିଖିତ ଅଭିଯୋଗ କରିଥିବା ନେଇ ଜଣାପଡିଛି। ପୂର୍ବ ଶତ୍ରୁତାରୁ ଦୁର୍ବୃତ୍ତ ଏପରି କାଣ୍ଡ ଭିଆଇଥିବା ନେଇ ସ୍ଥାନୀୟରେ ଚର୍ଚ୍ଚା ହେଉଛି। ଘଟଣାସ୍ଥଳକୁ ପୁଲିସ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଛି।

## ଅନ୍ତର୍ଜାତିକ ବୟସ୍କ ନାଗରିକ ଦିବସ

ପଦ୍ମପୁର,୫।୧୦(ସମିସ): ପଦ୍ମପୁର ବରିଷ୍ଠ ନାଗରିକ ସଂଘ ତରଫରୁ ଅନ୍ତର୍ଜାତିକ ବୟସ୍କ ନାଗରିକ ଦିବସ ସଂଘର କାର୍ଯ୍ୟାଳୟରେ ସଭାପତି ଜୟନାରାୟଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି। ମୁଖ୍ୟବକ୍ତା ଭାବେ ଡ.ବାଞ୍ଛାନିଧି ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୌନ୍ତିଆ ସାହୁ ଏବଂ ପୁରନ୍ଦର ଦୋରା ଉପସ୍ଥିତ ଥିଲେ। ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସଂଘର ସଦସ୍ୟ ପ୍ରୀତିରଞ୍ଜନ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ ସାହୁଙ୍କ ରାମାୟଣ ଗୀତିନାଟ୍ୟ ଭାଗ ୧ ପୁସ୍ତକ ଉନ୍ମୋଚିତ

ପଦ୍ମପୁର,୫।୧୦(ସମିସ): ପଦ୍ମପୁରର ନାଟ୍ୟ ଆଶ୍ରମଠାରେ ନାଟ୍ୟକାର ରାଜ ସାହୁଙ୍କ ଦ୍ୱାରା ରଚିତ 'ରାଜ ସାହୁଙ୍କ ରାମାୟଣ ଗୀତିନାଟ୍ୟ ଭାଗ ୧' ପୁସ୍ତକଟି ଉନ୍ମୋଚିତ ହୋଇଯାଇଛି। ସଭାକୁ ପ୍ରଫେସର କେଶ ରଞ୍ଜନ ପଧାନ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟ ସାହୁ, ଅତିଥି ଭାବେ ନାଟ୍ୟକାର ରାଜେନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ଭାବେ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ଅଶୋକ ବହିଦାର ଓ ସମୀକ୍ଷକ ଭାବେ ଅଧ୍ୟାପକ ଡ.ଦୁର୍ଗାଶିଷ ପଟ୍ଟନାୟକ ଯୋଗ ଦେଥିଲେ। କୋଠଘର ଆମ ସାହିତ୍ୟ ପରିବାର ଭୁବନେଶ୍ୱର ଦ୍ୱାରା ପ୍ରକାଶିତ ତଥା ସମ୍ପାଦିକା ଅମ୍ବିକା ସ୍ୱାଇଁଙ୍କ ଦିଗଦର୍ଶନରେ ନାଟ୍ୟକାର ରାଜ ସାହୁଙ୍କ ରାମାୟଣ ଗୀତିନାଟ୍ୟ ଉପରେ ସମୀକ୍ଷକ ଖୁବ ସୁବୋଧ ଶୈଳୀରେ ନାଟ୍ୟର ବିଭିନ୍ନ ଦିଗ ଆଲୋଚନା କରିବା ସହରାଜ ସାହୁଙ୍କ କୌଶଳ ଓ ଲୌକିକତାକୁ ପ୍ରଶଂସା କରିଥିଲେ। ଡ.ଦୁର୍ଗାଶିଷ ପଟ୍ଟନାୟକଙ୍କ ସମୀକ୍ଷାରେ ସମସ୍ତେ ବିମୋହିତ ହୋଇଥିଲେ। ସମୀକ୍ଷକ ଡ.ଦୁର୍ଗାଶିଷ ପଟ୍ଟନାୟକଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଅଭିନେତା ଉଦ୍ଧବ ଘିବିଲା ନାଟ୍ୟକାରଙ୍କର ପ୍ରଚାର ପ୍ରସାର ଦିଗକୁ ଆଲୋକପାତ କରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାବଣପୋଡ଼ି ଓ ଭସାଣି ସହ ଦୁର୍ଗାପୂଜା ସମ୍ପନ୍ନ



ଝାରସୁଗୁଡ଼ା,୫।୧୦(ସମିସ): ଝାରସୁଗୁଡ଼ା ଜିଲ୍ଲା ଗାନ୍ଧୀ ଛକ ଜୟ ଦୁର୍ଗା ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ୪୪ ତମ ଦୁର୍ଗାପୂଜା, ରାବଣପୋଡି ଏବଂ ଭସାଣି ଉତ୍ସବ ସମ୍ପନ୍ନ ହୋଇଛି। ବିଜୟା ଦଶମୀ ଦିନ ଏକ ସୁସଜ୍ଜିତ ରଥରେ ରାମ, ଲକ୍ଷ୍ମଣ, ହନୁମାନ ସହ ବାନର ସେନା ନଗର ପରିକ୍ରମା କରିଥିଲେ। ସ୍ଥାନୀୟ ଗଣ୍ଡଘୋରା ସ୍କୁଲ୍ ପଡିଆରେ ରାବଣପୋଡି ଆୟୋଜିତ ହୋଇଥିଲା। ପ୍ରଭୁ ରାମ ଭୂମିକାରେ ମନିସ ସାହୁ, ଭ୍ରାତା ଲକ୍ଷ୍ମଣ ଭୂମିକାରେ ପ୍ରତୀକ ପାଣିଗ୍ରାହୀ, ମହାବୀର ହନୁମାନ ଭୂମିକାରେ ସଞ୍ଜୀବ ପଶାୟତଙ୍କ ଅଭିନୟ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଚଳିତ ବର୍ଷ ପୂଜା ବାବଦକୁ ୧୫ ଲକ୍ଷରୁ ଅଧିକ ଟଙ୍କା ବ୍ୟୟ କରାଯାଇଥିବା ସୂଚନା ମିଳିଛି। ପୂଜା ପାଇଁ ରୁଦ୍ରପ୍ରତାପ ଭୋଇ ଓ ତାଙ୍କ ପତ୍ନୀ ମମତା ଭୋଇ କର୍ତ୍ତା ଦାୟିତ୍ୱ ଓ ମୁଖ୍ୟ ପୂଜକ ପଣ୍ଡିତ ପ୍ରଦୀପ ମିଶ୍ରଙ୍କ ସହଯୋଗୀ କାଶୀନାଥ ପଣ୍ଡା, ପ୍ରକାଶ ପଣ୍ଡା, ରବି ଶଙ୍କର ଯାଦବ ପୂଜାର୍ଚ୍ଚନାରେ ସହଯୋଗ କରିଥିଲେ। ଭସାଣି ଶୋଭାଯାତ୍ରା ପାଇଁ ବିଭିନ୍ନ ପାରମ୍ପରିକ ଲୋକ ଗୀତ, ବାଦ୍ୟ ଓ ନୃତ୍ୟ ଆଦି ଦଳକୁ ଆମନ୍ତ୍ରଣ କରାଯାଇଥିଲା। ପାରମ୍ପରିକ ଦୁଲଦୁଲି ବାଜା, ଝୁମେର ବାଦ୍ୟ, ଘଣ୍ଟବାଦ୍ୟ, ଲୋକନୃତ୍ୟରେ ମାଁ ଦୁର୍ଗା ଓ ଅନ୍ୟ ଦେବଦେବୀଙ୍କୁ ନଗର ପରିକ୍ରମା କରି କୃତ୍ରିମ ଜଳାଶୟରେ ବିସର୍ଜନ କରାଯାଇଥିଲା। ଆୟୋଜକ ଜୟ ଦୁର୍ଗା ପୂଜା କମିଟିର ସଭାପତି ମଣିରାମ ସିଂହ, ଉପ ସଭାପତି ଗୁରୁଦେବ ବଡ଼ାଇ, ସମ୍ପାଦକ ତପନ ବଡ଼ାଇ, ସହ ସମ୍ପାଦକ ଅମିତ ହୋତା, କୋଷାଧ୍ୟକ୍ଷ ଅଶୋକ ବଡପଣ୍ଡା, ସହ କୋଷାଧ୍ୟକ୍ଷ କିଶୋର ସାହୁଙ୍କ ସମେତ ଜୟ ଦୁର୍ଗା ପୂଜା କମିଟିର ସମସ୍ତ ସଦସ୍ୟ ପୂଜା ପରିଚାଳନାରେ ସହଯୋଗ କରିଥିଲେ।

## ରିଆମାଳ ପ୍ରସିଦ୍ଧ ଦୁର୍ଗାପୂଜା, ରାବଣପୋଡ଼ି ଓ ଭସାଣି

ରିଆମାଳ: ବାମଣ୍ଡା ଗଡର ପ୍ରସିଦ୍ଧ ରିଆମାଳ ଶାରଦୀୟ ଦୁର୍ଗାପୂଜାର ୭୫ ବର୍ଷ ପ୍ଲାଟିନମ୍ ଜୁବୁଲି ମହାଡମ୍ବର ସହ ଉଦ୍‌ଯାପିତ ହୋଇଯାଇଛି। ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ ପୂଜା ମଣ୍ଡପରେ ଜଗତ୍ ଜନନୀ ମାଁ ଦୁର୍ଗା ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ପୂଜା ଅବସରରେ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିବା ଭୁବନେଶ୍ୱର ପ୍ରଧାନ ରାବଣ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ଅଷ୍ଟମୀ ଦିନ ଦେବଗଡ ଆରକ୍ଷୀ ଅଧିକ୍ଷକ ଅନିଲ ମିଶ୍ର, ବିଜେଡି ପୂର୍ବ ଜିଲ୍ଲା ସଭାପତି ଇଂ.ଚିତ୍ତରଞ୍ଜନ ପ୍ରଧାନଙ୍କ ସହ ରିଆମାଳ ସରପଞ୍ଚ ସଂଘ ଯୋଗ ଦେଇଥିବା ବେଳେ ନବମୀ ଦିନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଧର୍ମପତ୍ନୀ ତଥା ବିକାଶ ଫାଉଣ୍ଡେସନ ଅଧକ୍ଷା ମୃଦୁଳା ଠାକୁର, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଦେବଗଡ ଜିଲ୍ଲା ବିଜେପି ସଭାପତି ଅରୁଣ ସାହୁ, ପୂର୍ବ ବିଧାୟକ ସୁବାଷ ପାଣିଗ୍ରାହୀ, ପୂର୍ବ ବିଜେପି ଜିଲ୍ଲା ସଭାପତି ମିନକେତନ ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥି ମାନେ ୭୫ ବର୍ଷ ଉପଲକ୍ଷେ ଏକ ସ୍ମରଣିକା ପୁସ୍ତକ ଉନ୍ମୋଚିତ କରିଥିଲେ। ଦଶମୀ ତିଥି ଅବସରରେ ରାମ, ଲକ୍ଷ୍ମଣ, ହନୁମାନ, ବିଭୀଷଣ ରଥ ଉପରେ ବିରାଜ ମାନ ହୋଇ ନିଜର ସୈନ୍ୟ ସାମନ୍ତ ଧରି ଗାଁ ପରିକ୍ରମା କରିଥିଲେ। ରାବଣ ମଧ୍ୟ ତାଙ୍କର ସୈନ୍ୟ ସାମନ୍ତ ସହ ଗାଁ ପରିକ୍ରମା କରିଥିଲେ। ରିଆମାଳ ହାଇସ୍କୁଲ ପଡିଆରେ ରାବଣପୋଡି ପାଇଁ ବିଶାଳ ରାବଣ ନିର୍ମିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଦେବଗଡ ଜିଲ୍ଲା ପରିଷଦ ସଭାପତି କୌଶିକ ପ୍ରଧାନ, ରିଆମାଳ ବ୍ଲକ୍ ଚେୟାରମ୍ୟାନ ମଧୁସୁଦନ ପ୍ରଧାନ, ସ୍ଥାନୀୟ ସରପଞ୍ଚ ବୀଣାପାଣୀ ନାୟକ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସଭାପତି ପ୍ରମୋଦ ନନ୍ଦ ପରିଚାଳନା କରିଥିବା ବେଳେ ସମ୍ପାଦକ ନାରାୟଣ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆମନ୍ତ୍ରିତ ଅତିଥି ମାନେରାବଣ ଓ ସାଥି କଳାକାର ମାନଙ୍କୁ ମାନପତ୍ର, ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ରାବଣପୋଡି ସହ ଆତସବାଜି କାର୍ଯ୍ୟକ୍ରମ ହୋଇଥିଲା। ଏହାକୁ ଉପଭୋଗ କରିବାକୁ ୧୫ ହଜାରରୁ ଉର୍ଦ୍ଧ୍ୱ ଦର୍ଶକଙ୍କ ଜନସମାଗମ ହୋଇଥିଲା। ଆଜି ଭସାଣି ଯାତ୍ରା ମଧ ହୋଇଥିଲା। ପୂଜା ମଣ୍ଡପରୁ ମାଁଙ୍କୁ ଏକ ଫୁଲରେ ସୁସଜ୍ଜିତ ରଥରେ ବସାଇ ସଂକୀର୍ତ୍ତନ ମଣ୍ଡଳୀ, ଆଦିବାସୀ ନୃତ୍ୟ, ଡିଜେ ଓ ହାର୍ଟ ବିଟ, ଦୁଲଦୁଲି, ବ୍ୟାଣ୍ଡବାଜା ଗୀତରେ ଗାଁ ପରିକ୍ରମା କରାଯାଇଥିଲା। ବାଉଁଶ ୫ରା ନାଳରେ ମାଁଙ୍କୁ ମେଲାଣୀ ଦିଆଯାଇଥିଲା। ରିଆମାଳ ଥାନା ଅଧିକାରୀ ସତ୍ୟବ୍ରତ ରାଉତ ଓ କର୍ମଚାରୀ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। କୋଷାଧ୍ୟକ୍ଷ ଟିକେଶ୍ୱର ନନ୍ଦ, ଉପସଭାପତି ଅମୂଲ୍ୟ ସାହୁ, ଗୋଲବଦନ ବିଶ୍ୱାଳ (ଗୁନୁ), ସହ ସମ୍ପାଦକ ନିରଞ୍ଜନ ବେହେରା, ସରୋଜ ସାହୁ, ସହ ଉପଦେଷ୍ଟା ମଣ୍ଡଳୀରେ ରମାକାନ୍ତ ପ୍ରଧାନ, ତ୍ରିନାଥ ବିଶ୍ୱାଳ, ହରିଶ୍ଚନ୍ଦ୍ର ବିଶ୍ୱାଳ, ଦାମୋଦର ସାହୁ, ପ୍ରକାଶ ବିଶ୍ୱାଳ ସମେତ ସମସ୍ତ ସଦସ୍ୟଙ୍କ ସହଯୋଗରେ ଉଦ୍‌ଯାପିତ ହୋଇଯାଇଛି।



## ସରବାହାଲ ହାଇସ୍କୁଲ୍ ପଡ଼ିଆରେ ରାବଣପୋଡ଼ି

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲାର ଏକ ପ୍ରମୁଖ ଦୁର୍ଗାପୂଜା କମିଟି ଓଁ ଶ୍ରୀ ପୂଜା କମିଟି ସରବାହାଲ ତରଫରୁ ସରବାହାଲ ହାଇସ୍କୁଲ୍ ପଡିଆରେ ରାବଣପୋଡି ଉତ୍ସବ ଧୁମଧାମରେ ଅୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦିପାଳୀ ଦାସ ଏବଂ ତାଙ୍କ ଭାଇ ବିଶାଳ ଦାସ ଯୋଗ ଦେଇଥିଲେ। ଦର୍ଶକଙ୍କ ମନୋରଞ୍ଜନ ପାଇଁ କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରାବଣ ଦହନ ସହିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକ ବେଶ୍ ଉପଭୋଗ କରିଥିଲେ। ଏହି ଅବସରରେ ପୂର୍ବତନ ବିଧାୟିକା ଦିପାଳୀ ଦାସ ଆଜି ଅସତ୍ୟ ଉପରେ ସତ୍ୟର ଜୟ ହୋଇଛି ବୋଲି ମତବ୍ୟକ୍ତ କରିବା ସହିତ ଏହିଭଳି ଲୋକଙ୍କୁ ଠକିଥିବା ବ୍ୟକ୍ତି ମାନଙ୍କୁ ଜନତା ଜନାର୍ଦ୍ଦନ ଜବାବ ଦେବେ ଏବଂ ପୁନଃ ସୁଶାସନ ଫେରିବ ବୋଲି କହିଥିଲେ। ଆଜି ଅଧର୍ମର ବିନାଶ କରି ଧର୍ମ ସ୍ଥାପନ ହୋଇଛି। ଯେଉଁ ମାନେ ଅଧର୍ମର ସାହାଯ୍ୟ ନେଇ ସତ୍ୟ ଲୁଚାଇବା ପାଇଁ ଆମ ଉପରେ ଅନ୍ୟାୟ କରୁଛନ୍ତି ସେମାନଙ୍କୁ ଭଗବାନ କଡା ଜବାବ ଦେବେ ବୋଲି ବିଶାଳ ଦାସ କହିଥିଲେ। ଏହି ରାବଣପୋଡି ଉତ୍ସବରେ ଦିପାଳୀଙ୍କ ମାଆ, ଭାଉଜ ମଧ ଯୋଗଦେଇ ଉତ୍ସାହିତ କରିଥିବା ବେଳେ କାର୍ଯ୍ୟକ୍ରମରେ ସଭାପତି ରବୀନ୍ଦ୍ର ଦୀକ୍ଷିତ, ଉପ ସଭାପତି ପିଣ୍ଟୁ ପାଢ଼ୀ, ରାଜେଶ ପାଢ଼ୀ, ମଣ୍ଟୁ ପଣ୍ଡା, ମାନସରାୟ, ଆଭାସ ଦୀକ୍ଷିତ, ଆଲୋକ ପାଣିଗ୍ରାହୀ, ରବି ନାରାୟଣ ହୋତା, ଲୁଲୁ ପଣ୍ଡା, ଶିବାଶିଷ ପଟ୍ଟନାୟକ ପ୍ରମୁଖ କମିଟିର ସଦସ୍ୟ ଉପସ୍ଥିତ ଥିଲେ।

## ସାଂସ୍କୃତିକ ମହୋତ୍ସବ 'ଅର୍ଘ୍ୟ ଥାଳି' ଓ ପ୍ରତିଭା ଅନ୍ୱେଷଣ ୨୦୨୫ ଉଦ୍‌ଯାପିତ

ବରଗଡ଼,୫।୧୦(ସମିସ): ନିଗମାନନ୍ଦ ବିହାର ଠାରେ ୧୪ ତମ ଶାରଦୀୟ ଦୁର୍ଗା ପୂଜା ଅବସରରେ ଆୟୋଜିତ ହୋଇଥିବା ସାଂସ୍କୃତିକ ମହୋତ୍ସବ 'ଅର୍ଘ୍ୟ ଥାଳି' ଓ ପ୍ରତିଭା ଅନ୍ୱେଷଣ ୨୦୨୫ ଉଦ୍‌ଯାପିତ ହୋଇଯାଇଛି। ପୂଜା କମିଟିର ସଭାପତି ଚନ୍ଦ୍ରଶେଖର କମ୍ପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମ ପ୍ରାରମ୍ଭରେ ପଡାବାସୀ ପୂଜା କମିଟି ସଦସ୍ୟ ତ୍ରିନାଥ ରଥଙ୍କ ଅକାଳ ବିୟୋଗ ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସାଂସ୍କୃତିକ ମହୋତ୍ସବରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ପୂର୍ବ ତନ ନଗରପାଳ ପ୍ରଶାନ୍ତ ବେହେରା ସର୍ବ ଭାରତୀୟ କଳା ଓ ସଂସ୍କୃତି ଫାଉଣ୍ଡେସନର ଅଧକ୍ଷ ଚୈତନ୍ୟ ପାଇକ ପ୍ରମୁଖ ଯୋଗ ଦେଇଥିଲେ। ପୂଜା ସମ୍ପାଦକ ନବୀନ ସାବତ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଉନ୍ନୟନ କମିଟି ସଭାପତି ସଦାଶିବ ସାହୁ ଓ ସମ୍ପାଦକ ଟିକେଲାଲ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ପଡାର ଯୁବ ପ୍ରତିଭା କଳାକାର ଅଙ୍କିତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୁର୍ଗା ମଣ୍ଡପରେ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ପୌରଧ୍ୟକ୍ଷା କଳ୍ପନା ମାଝୀ କାଉନସିଲର ବେଦ ମତି ସେଟ, ଉମାଚରଣ ରାଉତ କବି ନୀତିଶ ଆଚାର୍ଯ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଦୀପ ସାହୁ, ବାଙ୍କା ବିହାରି ସାହୁ, କୁଞ୍ଜ ବିହାରୀ ଭୋଇ, ପ୍ରମୋଦ ସାହୁ, ପଣ୍ଡିତ ସନ୍ତୋଷ ପଣ୍ଡା, ଡ.ଡୋଳାମଣି ଶତପଥୀ, ସରୋଜ ବେହେରା, କପିଳ ବାଗ, ଚନ୍ଦ୍ର କାନ୍ତ ସାହୁ, ଅଧ୍ୟାପକ ରବିନାରାୟଣ ସାହୁ ହେମନ୍ତ ପ୍ରଧାନ, ସନ୍ତୋଷ ପଣ୍ଡା, ଆକା ସେଠି, ଅରୁଣ ସେଟ୍ କୃଷ୍ଣ ଚନ୍ଦ୍ର ସାହୁ ମଦନ ଜେନା, ଚନ୍ଦ୍ରମଣି ଦାସ, ଗୋବିନ୍ଦ ଭୋଇ, କୁଞ୍ଜ ଭୋଇ ଧର୍ମେନ୍ଦ୍ର ପତିଙ୍କ ସମେତ ସମସ୍ତ ପଡାବାସୀ ସହଯୋଗ କରିଥିଲେ।

## ହାତୀ ଆକ୍ରମଣରେ ଜଣେ ମୃତ

ରିଆମାଳ,୫।୧୦(ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ରେଞ୍ଜ ନୁଆଁଡିହି ପଞ୍ଚାୟତ ଅଧୀନ ପୁଡାଡିହି ଗାଁରେ ରବିବାର ସନ୍ଧ୍ୟାରେ ଏକ ଦନ୍ତାହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ପୁଡାଡିହି ଗାଁର ଈଶ୍ୱର ପେଶ୍ନେଇ(୬୨) ବୋଲି ସୂଚନା ମିଳିଛି। କୌଣସି କାର୍ଯ୍ୟରେ ପୁଅ ହେମନ୍ତ ପେଶ୍ନେଇ (୪୦) ସହ ସେ କଦଳୀପାଳ ଗାଁକୁ ଯାଇଥିଲେ। ଫେରୁଥିବା ସମୟରେ ହଠାତ୍ ଦନ୍ତାହାତୀ ଦେଖି ହେମନ୍ତ ବାଇକ୍ ବୁଲାଇ ଫେରୁଥିଲେ। ମାତ୍ର ଈଶ୍ୱର ଜୀବନ ବିକଳରେ ବାଇକ୍‌ରୁ ଓହ୍ଲାଇ ପଡିଥିଲେ। ପୁଅ ହେମନ୍ତ ବାଇକ୍ ନେଇ କିଛି ବାଟ ଆଗେଇ ଯିବା ପରେ ବାପା ଈଶ୍ୱରଙ୍କୁ ହାତୀ ଦଳି ଦେଇଥିଲା। ଖବର ପାଇ ବନବିଭାଗ ଓ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## କଦେଲପିଟା ପୀଠରେ ମାଁ ରାମଚଣ୍ଡୀଙ୍କ ଦଶହରା ପୂର୍ଣ୍ଣିମା ଉତ୍ସବ ପାଇଁ କଳସ ଯାତ୍ରା



ଝାରସୁଗୁଡ଼ା,୫।୧୦(ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ କଦେଲପିଟା ସ୍ଥିତ ମାଁ ରାମଚଣ୍ଡୀଙ୍କ ଦଶହରା ପୂର୍ଣ୍ଣିମା ଉତ୍ସବ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଛି। ସମ୍ପୂର୍ଣ୍ଣ ରୀତିନୀତିରେ ମନ୍ଦିରରୁ ନିକଟସ୍ଥ ପୋଖରୀ ଯାଏଁ ଶୋଭାଯାତ୍ରା କରି ଜଳ ଭର୍ତ୍ତି କଳସ ଆଣି ମନ୍ଦିରରେ କଳସ ସ୍ଥାପନ କରାଯାଇଛି। ଆସନ୍ତାକାଲି ସକାଳ ୮ ଟାରେ ଚଣ୍ଡୀପାଠ ସହ ପୂଜାର୍ଚ୍ଚନା କରାଯିବ। ମଙ୍ଗଳବାର ପୂର୍ଣ୍ଣାହୁତି ସହ ପୂଜା ସମାପନ ହେବ। ଏହି ପୂଜାରେ ସପତ୍ନୀକ ଶ୍ୟାମ ସୁନ୍ଦର ସାହୁ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ସହକର୍ତ୍ତା ଭାବେ ସପତ୍ନୀକ ତେଜରାମ ସାହୁ, କସ୍ତୁରୀ ସାହୁ, ନିତ୍ୟାନନ୍ଦ ପ୍ରଧାନ, ଚମ୍ପାବତୀ ପ୍ରଧାନ, ନେତ୍ରାନନ୍ଦ ପ୍ରଧାନ, କଲ୍ୟାଣୀ ପ୍ରଧାନ, ଗୋପାଳ ବିଶି, ସବ୍ୟା ବିଶି, କିଶୋର ସାହୁ, ଲଳିତା ସାହୁ, ଗଣେଶ୍ୱର ସାହୁ, ତରୁଲତା ସାହୁ ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି। ପୂଜକ ଭାବେ ଜୟପ୍ରକାଶ ମହାପାତ୍ର ଏବଂ ମୁକ୍ତେଶ୍ୱର ପ୍ରଧାନ ପୂଜାର୍ଚ୍ଚନା କରୁଛନ୍ତି। କଳସ ଯାତ୍ରା ଅବସରରେ କଦେଲପିଟା ପୀଠର ସଭାପତି କ୍ଷୀରୋଦ ପ୍ରଧାନ, ସମ୍ପାଦକ ଜଗଦୀଶ ପ୍ରଧାନ, ରମେଶ ସା, କୋଷାଧ୍ୟକ୍ଷ ନିରାକାର ବଡ଼ାଇ ପ୍ରମୁଖଙ୍କ ସହ ଟିକିନାଥ ବଡ଼େଇ, ରାଜେନ୍ଦ୍ର ଭୋଇ, ଖଗେଶ୍ୱର ପ୍ରଧାନ ପ୍ରମୁଖଙ୍କ ସହ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

ଝାରସୁଗୁଡ଼ା,୫।୧୦(ସମିସ): ଝାରସୁଗୁଡ଼ାରେ ଜିଲ୍ଲାସ୍ତରୀୟ ଗାନ୍ଧିଜୀ ଓ ଶାସ୍ତ୍ରୀଜୀ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ସାମୂହିକ ମାଲ୍ୟାର୍ପଣ, ସର୍ବଧର୍ମ ପ୍ରାର୍ଥନା ସଭା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲ୍ଲା ପ୍ରଶାସନ ଓ ଗାନ୍ଧୀ ବିଚାରମଞ୍ଚ ଆନୁକୂଲ୍ୟରେ ଆୟୋଜିତ ଜୟନ୍ତୀ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ ମୁଖ୍ୟଅତିଥି, ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ, ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ନରେନ୍ଦ୍ର ପଣ୍ଡା ଓ ଡାକ୍ତର ସୀତାରାମ ବିର୍ତ୍ତିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବକ୍ତୃତା ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଗାନ୍ଧୀ ବିଚାର ମଞ୍ଚ ପକ୍ଷରୁ ମେହବୁବ ମହତାବ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ବିବେକାନନ୍ଦ ମିଶ୍ର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜୟନ୍ତୀ ଅବସରରେ ସକାଳେ ଝାରସୁଗୁଡ଼ା ପୁରୁଣା ବସଷ୍ଟାଣ୍ଡ ଗୋଲେଇ ଏବଂ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ବେହେରାମାଲ କିସାନ ଛକସ୍ଥିତ ଲାଲବାହାଦୂର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ତାପସ ରାୟ ଚୌଧୁରୀ, ପ୍ରଶାନ୍ତ ନନ୍ଦ, ପବନଲାଲ ସୁଲତାନିଆ, ରାଜେଶ ପାଢ଼ୀ, ବାବାଜୀ ସିଆ, ପ୍ରଣତି ମିଶ୍ର, ବୁଦ୍ଧିଜୀବୀ, ସମାଜସେବୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ନିହାଲ ଭୋଇ, ରାଜେଶ ସେଠ, ଆଲିସ ପଟେଲ, ଜଗନ୍ନାଥ ରାଉତ, କିଙ୍ଗକଙ୍ଗ ନାଏକ, ସମୀର କିସାନ ଓ ମନବୋଧ ବଗର୍ତ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କୋସଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

ଝାରସୁଗୁଡ଼ା,୫।୧୦(ସମିସ): କୋସଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ନୂଆଁଖାଇ ଭେଟଘାଟ୍ ୨୦୨୫ କାର୍ଯ୍ୟକ୍ରମ ଝାରସୁଗୁଡ଼ାର ହୋଟେଲ ମେଘଦୂତ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଓକିଲ ସଂଘ ପୂର୍ବ ସଭାପତି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ତଥା ଗବେଷକ ସୀତାରାମ ବିର୍ତ୍ତିଆ ମୁଖ୍ୟ ଅତିଥି ଭାବେ ଓ ମୁଖ୍ୟ ବକ୍ତା ଭାବେ ସମିତିର ମୁଖ୍ୟ ସଂଯୋଜକ ଅଧିବକ୍ତା ପ୍ରଶାନ୍ତ ମାଝୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ବାର ଆସୋସିଏସନର ସଭାପତି ତ୍ରିନାଥ ଗୋଆଲ, ବିରଞ୍ଚି ସାହୁ, ଝାରସୁଗୁଡ଼ା ବାର ଆସୋସିଏସନର ପୂର୍ବ ସଭାପତି ସିଆରାମ ଦାସ୍, ଆଇନଜୀବୀ ପ୍ରଶାନ୍ତ ତ୍ରିପାଠୀ, ପରିବେଶବିତ୍ ସତ୍ୟନାରାୟଣ ରାଓ, ଭାଗବତ ସା, ସାବର ମଲ୍ ଅଗ୍ରୱାଲ, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ପ୍ରଧାନ, ନାରୀନେତ୍ରୀ ସଂଯୁକ୍ତା ମାଝୀ, ଅମିତା ନାଏକ, ଆରତୀ ଚୌଧୁରୀ, ଲକ୍ଷେଘର ସମାଜ ସଭାପତି ପ୍ରେମ ସାଗର, ଯୁବ ସଂଗଠକ ଗଙ୍ଗାଧର କଣ୍ଟା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ପ୍ରତିଭାବାନ ଯୁବ ସଂଗଠକ, କଳାକାର, ସାମ୍ବାଦିକ, ସମାଜସେବୀଙ୍କ ସମେତ ବହୁ କୋଶଳ ସଂଗଠନ ତଥା କର୍ମକର୍ତ୍ତା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଖ୍ୟାତ କୃଷକ ନେତା ତଥା କୋଶଳ ସଂଗଠକ ସୁରେନ୍ଦ୍ର ସାହୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ସଭାପତି ନୋବଲ ଶର୍ମା, ବ୍ରଜରାଜ ନଗର ସହର ସଭାପତି ନାରାୟଣ ଅଗ୍ରୱାଲ, ଲଖନପୁର ଆବାହକ ଭୋନାଥ ବଡ଼େଇ, ବନମାଳୀ ବିଶ୍ୱାଳ, କୋଶଳ ସେନା କେନ୍ଦ୍ରୀୟ କମିଟି ଉପସଭାପତି ଗଣେଶ ମଟାରି, କୋଶଳ ସେନା ଜିଲ୍ଲା ସଭାପତି ଆକାଶ କଲେଓ, ବିସ୍ମୟ ଭଇଁସା, ମଣ୍ଟୁ ବାବୁ, ବିକାଶ ରୋହିଦାସ, ପ୍ରମୋଦ ରୋହିଦାସ, ବାସୁଦେବ ଧୂରୁଆ, ବର୍ଷା ମେହେର, ସୋନା ଲୋହାର, କୋଶଳ ଯୁବନେତା ଲମ୍ବୋଦର ପଟେଲ, ସମଲପୁରୀ କଣ୍ଠଶିଳ୍ପୀ ମାୟାରାମ ବାର୍ଲା, କୁନିଲତା ସାହୁ, ରାଇଗଡରୁ ଇଂ.ଆଦିତ୍ୟ ପ୍ରଧାନ, ବରଗଡ଼ରୁ ପଶ୍ଚିମ ଓଡ଼ିଶା ଯୁବ ମଞ୍ଚର ଶିବୁ ପାଢ଼ୀ, ଆଦିବାସୀ ନେତା ତ୍ରିଲୋଚନ ଦଣ୍ଡସେନା, ଜିଲ୍ଲା ଛାତ୍ର ସାମ୍ମୁଖ୍ୟ ସଭାପତି ଜିତେନ୍ଦ୍ରିୟ ଧୁରୂଆ, ବସନ୍ତ ପଣ୍ଡା, ତାରିଣୀ ଭୋଇ ପ୍ରମୁଖଙ୍କ ସହ ବହୁ ନେତୃବୃନ୍ଦ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷରେ ସଭାପତି ଗୌରୀ ଶଙ୍କର ତନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଅଢାପଡ଼ା ବିଜୟୀ



ଝାରସୁଗୁଡ଼ା,୫।୧୦(ସମିସ)

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ କୁଶରାଲୋଇ ପଞ୍ଚାୟତ ଅଧୀନ ଲେଛୁଆପଡା ଠାରେ ଆଦିବାସୀ ଯୁବକ ସଙ୍ଘ ଲେଛୁଆପଡା ତରଫରୁ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। କରମଶାନି ପୂଜା ଅବସରରେ ଆୟୋଜିତ ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟରେ ୮ ଟି ଦଳ ଉବୁଡା ଦଳ, ଅଢ଼ାପଡା, ଖେରୁଅଲବାହାଲ, ଲେଛୁଆପଡା, ବାରଗାଡ, ଫଟାମାଲ, ଲଙ୍କାହୁଡା, ସୁନ୍ଦରଗଡ ଦଳ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ଅଢ଼ାପଡା ଦଳ ବିଜୟୀ ହୋଇଥିବା ବେଳେ ଖେରୁଆବାହାଲ ଦଳ ଉପବିଜେତା ହୋଇଛି। ଆଜି ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ସାମାଜିକ କର୍ମୀ ଘନଶ୍ୟାମ ବାରିକ ଓ ନିରଞ୍ଜନ ବନଛୋର ଉଭୟ ଦଳକୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ରେଫରୀ ଭାବେ ନବୀନ ଦେଓ, ସଞ୍ଜୀବ ବାରିକ, ଅରୁଣ ପ୍ରଧାନ, ପରମେଶ୍ୱର ପ୍ରଧାନ, ମେଘ ନାଦ ଓରାମ ଦାୟିତ୍ୱ ନିର୍ବାହ କରିଥିଲେ। ଫକୀର ଓରାମ, ପାଣ୍ଡବ ଓରାମ, ବିଶାଳ ଓରାମ, ରାକେଶ ଓରାମଙ୍କ ସମେତ ଆଦିବାସୀ ଯୁବକ ସଙ୍ଘ ଲେଛୁଆପଡାର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଲେଛୁଆପଡା ଗାଁ ଏକ ବିସ୍ଥାପିତ ଗାଁ ହୋଇଥିବା ବେଳେ ଗ୍ରାମବାସୀ ଏକତ୍ରିତ ହୋଇ କରମସାନି ପୂଜା କରିବା ସହିତ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଥିଲା।

# ୨୦ରୁ ଜାମସେଠ ସାର୍ବଜନୀନ କାଳୀପୂଜା

**ପାଇକମାଳ, ୫।୧୦(ସମିସ):** ପାଇକମାଳ ବ୍ଲକ ଜାମସେଠରେ ହେବାକୁ ଥିବା ସାର୍ବଜନୀନ କାଳୀପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ




ପୂଜା କିପରି ଶାନ୍ତି ଶୃଙ୍ଖଳାରେ ଆୟୋଜିତ ହେବ ସେନେଇ ଆଲୋଚନା ହୋଇଥିଲା। ଏହା ଅକ୍ଟୋବର ୨୦ରୁ ଆରମ୍ଭ ହୋଇ ୨୨ରେ ସମ୍ପନ୍ନ ହେବ। ପୂଜା ସୁପରିଚାଳନା ପାଇଁ ସର୍ବସମ୍ମତି କ୍ରମେ କମିଟି ଗଠନ କରାଯାଇଛି। ସଭାପତି ଭାବେ କ୍ଷିରୋଦ ମାଝୀ, ଉପସଭାପତି ପ୍ରମୋଦ ରାଏ, ସମ୍ପାଦକ ଶତ୍ରୁଘ୍ନ ସାହୁ, କୋଷାଧ୍ୟକ୍ଷ ସନ୍ତୋଷ ପୂଝାରୀ, ସହ କୋଷାଧ୍ୟକ୍ଷ କୁଶଳ ରଣା, ଉପଦେଷ୍ଟା ଭାବେ ଆର୍ତ୍ତତ୍ରାଣ ସାହୁ, ସରୋଜ ପଟ୍ଟନାୟକ, ଅମୀୟ ରଣା, ନାରାୟଣ ପ୍ରଧାନ, ନଟବର ପ୍ରଧାନ, ରମାକାନ୍ତ ପ୍ରଧାନ, ପ୍ରଦୀପ ସାହୁ ଓ କାର୍ଯ୍ୟକାରୀ ସଭ୍ୟ ଭାବେ ଶିବ ପ୍ରଧାନ, ନିରଞ୍ଜନ ପ୍ରଧାନ, ପାର୍ଥ ରଣା, ତ୍ରିନାଥ ରଣା, ପ୍ରଦୀପ ହଂସ, ଦୁଃଖିଧନ ପ୍ରଧାନ, ଅକ୍ଷୟ ପ୍ରଧାନ, ନେତ୍ରାନନ୍ଦ ରଣା, ସୁରେଶ ରଣା, ରବି ରଣା, ପ୍ରତାପ ସାହୁ, ଦେବାଶିଷ ପଟ୍ଟନାୟକ, ମଦନ ଭୋଇ ପ୍ରମୁଖ କମିଟିରେ ଅଛନ୍ତି। ବୈଠକରେ ନେତାଜୀ କ୍ଲବ୍‌ର ସମସ୍ତ ସଦସ୍ୟ ତଥା ଗ୍ରାମବାସୀ ଉପସ୍ଥିତ ଥିବା ବେଳେ ଶେଷରେ ପ୍ରମୋଦ ରାଏ ଧନ୍ୟବାଦ ଦେଇଥିଲେ।

# ଅପପୁଷ୍ଟି ଓ ଯୌତୁକ ନିର୍ଯାତନା ଜନିତ ମୃତ୍ୟୁ ଅଭିଯୋଗ

**ବରଗଡ଼, ୫।୧୦(ସମିସ)**

ଉପଯୁକ୍ତ ଖାଦ୍ୟାଭାବ, ମାନସିକ ଓ ଯୌତୁକ ନିର୍ଯାତନାରୁ ବଧୂ ହତ୍ୟା ଅଭିଯୋଗ ବରଗଡ଼ ଜିଲ୍ଲା ବରାହଗୋଡା ଥାନାରେ ହୋଇଛି। ଭଟଲି ଗାଁର ଗୌରାଙ୍ଗ ସାହୁଙ୍କ ଝିଅ ତୁଳସୀଙ୍କ ବିବାହ ଫେବୃୟାରୀ ୨୦୨୪ରେ ବୈଦିକ ରୀତିନୀତିରେ ବରଗଡ଼ ବ୍ଲକ ଅଧୀନ ତାଳଶ୍ରୀଗିଡା ଗାଁର ରକ୍ଷାକାରୀ ପଧାନଙ୍କ ପୁତ୍ର ସୁଦାମ ପଧାନଙ୍କ ସହ ହୋଇଥିଲା। ବିବାହରେ ଧାର କରଜ କରି ପରିବାର ପକ୍ଷରୁ ଦୁଇ ଚକିଆ ଯାନ ସହିତ ଚାରି ଲକ୍ଷ ଟଙ୍କାର ସାମଗ୍ରୀ ବରକୁ ଦିଆଯାଇଥିଲା। ବିବାହର ତିନି ଚାରି ମାସ ଶ୍ୱଶୁର ଘରେ ରହିବା ପରେ ଶାଶୁ ଦୁଲ୍ଲଭି ପଧାନ ଓ ଶ୍ୱଶୁର ରକ୍ଷାକାରୀ ପଧାନ ସବୁବେଳେ କଟୁ କଥା କହି ଯୌତୁକ କମ ଆଣିଥିବା ଦର୍ଶାଇ ମାନସିକ ନିର୍ଯାତନା ଦେଉଥିବା ନିଜ ମାତା ପିତାଙ୍କ ଆଗରେ ଝିଅ ତୁଳସୀ ଅଭିଯୋଗ କରିଥିଲେ। ଏଥିରେ ସ୍ୱାମୀ ସୁଦାମଙ୍କ ମୌନ ସମ୍ମତି ରହିଥିବା କଥା ପ୍ରକାଶ କରିଥିଲେ। ସବୁ କଥାକୁ ସହ୍ୟ କରି ଶାଶୁ ଘରେ ରହିବାକୁ ଝିଅର ମାତାପିତା ପରାମର୍ଶ ଦେଇଥିଲେ। ଏହି ପ୍ରକାର ଅଭିଯୋଗ ଝିଅ ବାରମ୍ବାର କରି



ଆସୁଥିଲେ ହେଁ ସମୟ କ୍ରମେ ସବୁ ଠିକ ହୋଇ ଯିବାର ଆଶା ନେଇ ଝିଅ ପକ୍ଷ ଚୁପ ରହିଥିଲେ। ଗତ ଅଗଷ୍ଟ ୨୧ରେ ତୁଳସୀ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ହେଲେ ଗର୍ଭବତୀ ଅବସ୍ଥାରେ ଝିଅର ଉପଯୁକ୍ତ ଯତ୍ନ ନିଆ ଯାଇ ନଥିବା ଅଭିଯୋଗ ମଧ୍ୟ ହୋଇଛି। ପ୍ରସବ ପରେ ବିଭିନ୍ନ ସାମାଜିକ ପୁରୁଣା ପ୍ରଥାର ଦୁହାଇ ଦେଇ ଉଦ୍ଦେଶ୍ୟ ମୂଳକ ଭାବେ ଖାଦ୍ୟପେୟ ଦିଆ ଯାଇନଥିବା, ଔଷଧ ମଧ୍ୟ ଠିକ୍ ଭାବେ ଖାଇବାକୁ ଦିଆ ନ ଯିବା ତୁଳସୀ ମାତାପିତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶନିବାର ମଧ୍ୟରାତ୍ରିରେ ତୁଳସୀର ସ୍ୱାସ୍ଥ୍ୟ ଅବସ୍ଥା ଠିକ ନଥିବା ମାତାପିତାଙ୍କୁ ଜଣାଇଥିଲେ। କିନ୍ତୁ ଡାକ୍ତରଖାନାକୁ ଆଣିବା ପୂର୍ବରୁ ତୁଳସୀଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ଅତ୍ୟଧିକ ମାନସିକ ଚାପ ଓ ଜାଣିଶୁଣି ଉପଯୁକ୍ତ ଖାଦ୍ୟାଭାବ ହେତୁ ମୃତ୍ୟୁ ହୋଇଥିବା ତୁଳସୀର ଭାଇ ତାପସରଞ୍ଜନ ସାହୁ ବରାହଗୋଡା ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ବାବଦରେ ଥାନାଧିକାରୀଙ୍କୁ ଯୋଗାଯୋଗ କରିବାରୁ ଝିଅ ପକ୍ଷର ଅଭିଯୋଗ ଗ୍ରହଣ କରିବା ସହ ଶବ ବ୍ୟବଚ୍ଛେଦ ପରେ ଶ୍ୱଶୁର ଘରକୁ ମୃତ ଶରୀର ହସ୍ତାନ୍ତର କରିଥିବା ସୂଚନା ଦେଇଥିଲେ। ଏହା ସହିତ ତୁଳସୀଙ୍କ ହିମୋଗ୍ଲୋବିନ ଓ କ୍ୟାଲସିୟମ ଅଭାବ ଥିବାରୁ ଚିକିତ୍ସିତ ହେଉଥିବା ଶ୍ୱଶୁର ଘର ପକ୍ଷ ଥାନାରେ ଦର୍ଶାଇଥିବା ସୂଚନା ମିଳିଛି। ଏହାର ବିହିତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତୁଳସୀଙ୍କ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି।

## ବାଇକ୍ ଧକ୍କାରେ ୱାର୍ଡମେମ୍ବରଙ୍କ ମୃତ୍ୟୁ

**ଭେଡେନ, ୫।୧୦(ସମିସ):** ଭେଡେନ ବ୍ଲକ ରକ୍ସୁଡା ପଞ୍ଚାୟତ ୭ନମ୍ବର ୱାର୍ଡର ୱାର୍ଡ ମେମ୍ବର କମଲୁ ଭୋଇ (୩୬)ଙ୍କ ବାଇକ ଧକ୍କାରେ ଗୁରୁତର ହେବା ପରେ ଶନିବାର ମଧ୍ୟରାତ୍ରିରେ ଚିକିତ୍ସାଧୀନ ଅବସ୍ଥାରେ



ପରଲୋକ ଘଟିଛି। ସେ ଶନିବାର ସନ୍ଧ୍ୟାରେ ଗର୍ଜନା ଛକ ନିକଟରୁ ଫେରୁଥିବା ବେଳେ ଏକ ଅଜଣା ବାଇକ ତାଙ୍କୁ ଧକ୍କା ଦେଇ ମହୁଲପାଲି ଆଡକୁ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ କମଲୁଙ୍କୁ ଉଦ୍ଧାର କରି ଚିକିତ୍ସାଳୟକୁ ନେଇଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ତାଙ୍କର ପରଲୋକ ଘଟିଥିଲା। ସେ ତାଙ୍କ ପଛରେ ପତ୍ନୀ, ୯ ବର୍ଷର ପୁଅ, ୨ ବର୍ଷର ଝିଅକୁ ଛାଡି ଯାଇଛନ୍ତି। ସରକାରୀ ସହାୟତା ପାଇଁ ପରିବାର ଲୋକଙ୍କ ପକ୍ଷରୁ ଦାବି ହୋଇଛି। ରକ୍ସୁଡା ଫାଣ୍ଡି ପୁଲିସ ଗର୍ଜଣାରୁ ମହୁଲପାଲି ପର୍ଯ୍ୟନ୍ତ ଲାଗିଥିବା ସିସିଟିଭି ଯାଞ୍ଚ କରି ତଦନ୍ତ ଚଳାଇଛି। ତେବେ ସରପଞ୍ଚ ସୁରେନ୍ଦ୍ର କର୍ମୀ ହରିଚନ୍ଦ୍ର ଯୋଜନାରେ ସହାୟତା ପ୍ରଦାନ କରାଯିବା ସୂଚନା ରହିଛି।

## ସମ୍ବଲେଶ୍ୱରୀ ସ୍ତୋତ୍ର ପୁସ୍ତକ ଲୋକାର୍ପିତ

**ବରଗଡ଼, ୫।୧୦(ସମିସ):** ବରଗଡ଼ ଜିଲ୍ଲାର ପଣ୍ଡିତ ରତ୍ନାକର ଦେବତାଙ୍କ ରଚିତ ଶ୍ରୀ ସମ୍ବଲେଶ୍ୱରୀ ସ୍ତୋତ୍ର ଲୋକାର୍ପିତ ହୋଇଯାଇଛି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁସ୍ତକକୁ ଲୋକାର୍ପିତ କରିଥିଲେ। ପ୍ରାଚୀନ କାଳରୁ ମାଁ ସମଲେଶ୍ୱରୀ ପୁରାପଲ୍ଲୀରେ ପୂଜା ପାଇ ଆସୁଛନ୍ତି। ଅନେକ ରାଜାଙ୍କ ତଥା ଗାଁ ଗୁଡିକରେ ଇଷ୍ଟଦେବୀ ଭାବେ ମଧ୍ୟ ସେ ବିରାଜିତା। ହେଲେ କୌଣସି ମନ୍ଦିରରେ ତାଙ୍କ ପାଇଁ ସ୍ତୋତ୍ରାଦି ଦେଖିବାକୁ ମିଳେନାହିଁ। ଶେଷ୍ଠ ମାଁଙ୍କ ପୂଜା ପାଇଁ ସ୍ତୋତ୍ର ଆବଶ୍ୟକତାକୁ ଉପଲବ୍ଧି କରି ପଣ୍ଡିତ ଶ୍ରୀ ଦେବତା ଏହି ସ୍ତୋତ୍ର ଲେଖିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଓ ଲେଖକ ପଣ୍ଡିତ ରତ୍ନାକର ଦେବତାଙ୍କ ସମେତ ବହୁ ବରେଣ୍ୟ ପଣ୍ଡିତ ଏବଂ ଅତିଥି ଉପସ୍ଥିତ ଥିଲେ।

## ସ୍ନାତକ ମହିଳା ମହାବିଦ୍ୟାଳୟରେ ମହାତ୍ମା ଗାନ୍ଧୀ ଜୟନ୍ତୀ

**ବରପାଲି, ୫।୧୦(ସମିସ):** ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ ପରିସରରେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ଏବଂ ଓଡ଼ିଆ ବିଭାଗ ମୁଖ୍ୟ ଯତୀନ୍ଦ୍ର ସାହୁଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ଓ ସମାପ୍ତି ସଙ୍ଗୀତ ଗାନ କରାଯାଇଥିଲା। ରାଜନୀତି ବିଜ୍ଞାନ ଅଧ୍ୟାପିକା ପୁନମ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ସସ୍ମିତା ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ନେପାଳ ବିଶ୍ୱାଳ, ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ ଅଧ୍ୟାପିକା ପିଙ୍କି ବାରିକ, ଜ୍ୟୋତି ସାହୁ, ଶୋଭାବତୀ ପଧା, ମନୀଷା ଭୋଇ, ପରିଣିତା ପଧାନ, ଯାଜ୍ଞସେନୀ ପଟେଲ, ବିନ୍ଦେଶ୍ୱ ଖମ୍ପା, ନୃପରାଜ ବରିହା, ତ୍ରିପୁରା ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ବରଗଡ଼ରେ ଫ୍ରି ଆନେମିଆ ଓ କ୍ୟାନସର୍ ସ୍କ୍ରିନିଂ କ୍ୟାମ୍ପ

**ବରଗଡ଼, ୫।୧୦(ସମିସ):** ବରଗଡ଼ରେ ସ୍ୱାସ୍ଥ୍ୟ ସମ୍ପର୍କିତ ଫ୍ରି ଆନେମିଆ ଓ କ୍ୟାନସର୍ ସ୍କ୍ରିନିଂ କ୍ୟାମ୍ପ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ବାଗଚି ଶ୍ରୀ ଶଙ୍କରା କ୍ୟାନସର୍ ଉଦ୍‌ଘାଟନ କରିଥିଲେ। ଏହାପରେ କର୍କଟରୋଗ ବିଶେଷଜ୍ଞ ଡ.ସତ୍ୟରୂପା ମହାପାତ୍ର ଓ ଡ.ଦେବିକ ଙ୍କ ଉପସ୍ଥିତିରେ ବରଗଡ଼ର ୧୦୩ ଜଣଙ୍କୁ ସ୍ୱାସ୍ଥ୍ୟ ପରାମର୍ଶ ଦେଇଥିଲେ। ଯେଉଁଥିରେ ମୁଖ୍ୟତଃ



କେନ୍ଦ୍ର ଓ ଗବେଷଣା ଅନୁଷ୍ଠାନ ଭୁବନେଶ୍ୱର, ବରଗଡ଼ ନାଗରିକ ମଞ୍ଚ, ଏନଡି କ୍ଲିନିକର ମିଳିତ ଆନୁକୂଲ୍ୟରେ ଶିବିର ଅନୁଷ୍ଠିତ ହୋଇଥିଲା। ଏହି କ୍ୟାମ୍ପକୁ ବରଗଡ଼ ସିଡିଏମଓ କୁବେର ଚନ୍ଦ୍ର ମହନ୍ତ ସିକଲିନ, ଥାଲାସେମିଆ, ରକ୍ତହୀନତା, କର୍କଟରୋଗ ଇତ୍ୟାଦି ଉପରେ ପରାମର୍ଶ ହୋଇଥିଲା। ଏହାପରେ ସଚେତନତା କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବରଗଡ଼ରେ ଶୀଘ୍ର କ୍ୟାନସର୍ ହସ୍ପିଟାଲ କାର୍ଯ୍ୟକ୍ଷମ କରିବାକୁ ସରକାର ପଦକ୍ଷେପ ନେଉଥିବା କହିଥିଲେ। ମହିଳା ମାନଙ୍କ ମଧ୍ୟରେ ରକ୍ତହୀନତା ସଂଖ୍ୟା ବଢ଼ି ଚାଲୁଥିବାରୁ ଡାକ୍ତରଙ୍କ ପରାମର୍ଶ କରି ସରକାରଙ୍କ ବିଭିନ୍ନ ଔଷଧ ସେବନ କରିବା ଓ ସମୟ ସମୟରେ ସ୍ୱାସ୍ଥ୍ୟ ପରୀକ୍ଷା କରେଇବାକୁ ଡ.ସତ୍ୟରୂପା ମହାପାତ୍ର କହିଥିଲେ। ପଶ୍ଚିମ ଓଡ଼ିଶାରେ ସିକିଲ ସେଲ ରୋଗୀଙ୍କ ସଂଖ୍ୟା ବହୁ ଥିବାରୁ ଏହାର ଆଗୁଆ ଚିହ୍ନଟ କରିବାର ଆବଶ୍ୟକତା ରହିଥିବା ଡ.ନିଶାନ ଦେବତା କହିଥିଲେ। ନାଗରିକ ମଞ୍ଚର ସଭାପତି ତଥା ଆଇନଜୀବୀ ଭାଗ୍ୟଦେବ ସରାଫ ଶିବିରର ସଂଯୋଜନା କରିବା ସହ ଅନ୍ୟ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ଏଥିରେ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ହରଦିପ ସିଂ, ନିରଞ୍ଜନ ମୁଦୁଲି, ଚନ୍ଦ୍ରଶେଖର ବାଗ, ରମେଶ ମହାପାତ୍ର, ଆଇନଜୀବୀ ନିଧୁବନ ବିହାରୀ ପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଦୁଇ ପଡ଼ୋଶୀଙ୍କ ସୀମା ବିବାଦର ଉଗ୍ରରୂପ

# ମାଟି ପାଚେରି ଭାଙ୍ଗିବା ନେଇ ଥାନାରେ ମାମଲା



**ଅତାବିରା, ୫।୧୦(ସମିସ):** ଅତାବିରା ଥାନା ଅଧୀନ ଟୋପ ପଞ୍ଚାୟତ ପରମାନପୁର ଗାଁର ବାଳମୁକୁନ୍ଦ ସାହୁଙ୍କ ଘର ପାଚେରିକୁ ପଡ଼ୋଶୀ ମହେନ୍ଦ୍ର ବେହେରା, ତାଙ୍କ ପୁଅ ରିକନ ଓ ସ୍ତ୍ରୀ ମାଳତିଙ୍କ ସମେତ ୧୦ ଜଣ ଶନିବାର ସନ୍ଧ୍ୟାରେ ଭାଙ୍ଗି ଦେଇଥିବା ନେଇ ଅତାବିରା ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏ ନେଇ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତମାନେ ଘର ଭିତରକୁ ପଶି ଅତର୍କିତ ଭାବେ ଆକ୍ରମଣ କରି ପରିବାରର ମହିଳା ଲୋକଙ୍କୁ ଅସଦାଚରଣ କରିଥିଲେ ଏବଂ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଏ ନେଇ ଥାନାଧିକାରୀଙ୍କୁ ପଚାରିବାରୁ ଦୁଇ ପରିବାର ମଧ୍ୟରେ ପୂର୍ବରୁ ବହୁବାର ଗଣ୍ଡଗୋଳ ହୋଇ ଥାନାରେ ମାମଲା ରହିଥିବା ସୂଚନା ମିଳିଥିଲା। ନ୍ୟାୟାଳୟରେ ଜମି ମାମଲା ବିଚାରାଧୀନ ରହିଛି ବୋଲି ମଧ୍ୟ ଜଣାପଡ଼ିଛି।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ

**ଭେଡେନ, ୫।୧୦(ସମିସ):** ଭେଡେନ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଧାନଆଚାର୍ଯ୍ୟ ଅଶ୍ୱିନୀ ବାରିକ, ସମ୍ମାନିତ ଅତିଥି ଭାବେ ପ୍ରଧାନଆଚାର୍ଯ୍ୟ ଲକ୍ଷଣ ଚିନ୍ଦା ଯୋଗ ଦେଇଥିଲେ। ବିଦ୍ୟାଳୟର ପୂର୍ବତନ ଛାତ୍ରୀ ସୋନାଲି ଦାଶ ମଞ୍ଚ ପରିଚାଳନା କରିଥିବା ବେଳେ ସମିକ୍ଷା ପଣ୍ଡା ସଭା ସଂଯୋଜନା କରିଥିଲେ। ପୂର୍ବତନ ଛାତ୍ର ଅଂଶୁମାନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟା ମନ୍ଦିରର ୧୭ ଜଣ ପୂର୍ବତନ ଛାତ୍ରଛାତ୍ରୀ ଯୋଗଦେଇ ସାହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହିକ୍ରମରେ ଦେବେଶ ମହାପାତ୍ର ଏବଂ ଅଂଶୁମାନ ପଣ୍ଡା ସଙ୍ଗୀତ ପରିବେଷଣ କରିଥିଲେ।

# କମଗାଁରେ ବନ୍ୟ ପ୍ରାଣୀ ସପ୍ତାହ

**ବରଗଡ଼, ୫।୧୦(ସମିସ):** ବନ୍ୟପ୍ରାଣୀ ଓ ସେମାନଙ୍କର ଆବାସସ୍ଥଳୀର ସୁରକ୍ଷା ନିମନ୍ତେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବରଗଡ଼ ବନାଞ୍ଚଳ ଅଧୀନରେ ଥିବା କମଗାଁ ସ୍ଥିତ ବନ କାର୍ଯ୍ୟାଳୟ ପରିସରରେ ୭୧ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ବରଗଡ଼ ବନାଞ୍ଚଳ ଅଧିକାରୀ ଆରତି ନେଗୀଙ୍କ ଅଧ୍ୟକ୍ଷତାରେ ବୈଠକରେ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କମଗାଁର ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲ, ପରିବେଶବିତ୍ ସ୍ୱୟଂପ୍ରକାଶ, ସରପଞ୍ଚ ଦମୟନ୍ତୀ ନାଏକ, ଗବେଷକ ଆକାଶ ପଧାନ, ବନ୍ୟପ୍ରାଣୀ ବିଭାଗର ଉପ ବନାଞ୍ଚଳ ଅଧିକାରୀ ନୀଳାଞ୍ଚଳ ଜେନା ଓ



ସ୍ଥାନୀୟ ବନ ସୁରକ୍ଷା ସମିତିର ସଭାପତି ଟଙ୍କଧର ପ୍ରଧାନ ଯୋଗ ଦେଇଥିଲେ। ବନପାଳ ଶଶୀକାନ୍ତ ମଲ୍ଲିକ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ବନାଞ୍ଚଳ ଅଧିକାରୀ ନେଗୀ ବନ୍ୟ ପ୍ରାଣୀ ସପ୍ତାହ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥାପନ କରିଥିଲେ। ଶେଷରେ ସମସ୍ତ ଅତିଥି, ପ୍ରକୃତିପ୍ରେମୀ ଏବଂ ବନ କର୍ମଚାରୀ ବନ୍ୟପ୍ରାଣୀ ସୁରକ୍ଷା ସମ୍ପର୍କିତ ପ୍ଲାକାର୍ଡ ଧରି ସ୍ଲୋଗାନ ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରିବା ପାଇଁ କମଗାଁ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ସ୍ଥାନୀୟ ବନପାଳ କୈଳାଶ ମାଝୀ, ବନରକ୍ଷୀ କିଶୋର ସେଠ ଓ ଫରେଷ୍ଟ ଗାର୍ଡ ସୁମନ୍ତ ମିର୍ଦ୍ଧା ପ୍ରମୁଖ ସହଯୋଗ କରିଥିଲେ।

## ମାଧୋ ସିଂହ ଚଳଚ୍ଚିତ୍ର ପାଇଁ ପ୍ରସ୍ତୁତି

**ବିଜେପୁର, ୫।୧୦(ସମିସ):** ବରଗଡ଼ ଜିଲ୍ଲା ଘେଁସ ଜମିଦାର ସହିଦ ମାଧୋ ସିଂହଙ୍କ ଜୀବନୀ ଉପରେ ଜାତୀୟସ୍ତର ସିନେମା ନିର୍ମାଣ କରିବା ପାଇଁ ରିଦ୍ଧି ଟ୍ରଷ୍ଟ ପକ୍ଷରୁ ଅଭିମନ୍ୟୁ ଭବନ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରୀ/କୋଶଲୀ ଓ ହିନ୍ଦୀ ଭାଷାରେ ନିର୍ମାଣ ହେବାକୁ ଯାଉଛି 'ମାଧୋ ସିଂହ ଦ ଅନ୍‌ସଙ୍ଗ ହିରୋ' ଚଳଚ୍ଚିତ୍ର। ସାହିତ୍ୟ ସଂସଦ ସଭାପତି ସୁଶାନ୍ତ ମିଶ୍ରଙ୍କ ପୌରୋହିତ୍ୟରେ ପଦ୍ମଶ୍ରୀ ହଲଧର ନାଗ, ଡ.ସୁବାସ ମେହେର, ଆଶୋକ ପୁଜାହାରୀ, ଉତ୍ପଳ ଭୋଇ, ନାରାୟଣ ଭୋଇ ପ୍ରମୁଖ ଗବେଷକମାନେ ଏଥିରେ ଚଳଚ୍ଚିତ୍ର ନିର୍ମାତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ରିଦ୍ଧି ଟ୍ରଷ୍ଟର ଅଧ୍ୟକ୍ଷ ତଥା ଚଳଚ୍ଚିତ୍ର ନିର୍ମାତା ସାତାରାମ ଭୋଇ, ନିର୍ଦ୍ଦେଶକ ପ୍ରଦୀପ ଡି ମାଝୀ, ସହ ନିର୍ଦ୍ଦେଶକ ରାଜେନ୍ଦ୍ର ବାଗ, ସ୍କ୍ରିନ ପ୍ଲେ ଲେଖକ ଉଜ୍ଜ୍ୱଳ ମାହାର ଚଳଚ୍ଚିତ୍ର ରୂପରେଖ ସଂକ୍ରାନ୍ତରେ ଉପସ୍ଥାପନ କରିଥିଲେ। ବିଞ୍ଝାଲ ସମାଜର ଲୋଚନ ବରିହା, ନିର୍ମଳ ବରିହା, ପ୍ରକାଶ ବରିହା, ସାମାଜିକ କର୍ମୀ ତୁଳସୀ ବାରିକ, ସୁକାନ୍ତ ମାହାର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ୧୮୫୭ ମସିହାର ଭାରତୀୟ ମୁକ୍ତି ସଂଗ୍ରାମରେ ବ୍ରିଟିଶ ସରକାର ବିରୋଧରେ ସ୍ୱର ଉତ୍ତୋଳନ କରି ମାଧୋ ସିଂହ ଓ ତାଙ୍କ ୪ ପୁଅଙ୍କ ବଳିଦାନ ଇତିହାସ ପୃଷ୍ଠାରେ ବିରଳ। ବଳିଦାନର ଏହି ବିରଳ ଅଧ୍ୟାୟକୁ ଜାତୀୟସ୍ତରରେ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସିନେମା ମାଧ୍ୟମରେ ରିଦ୍ଧି ଟ୍ରଷ୍ଟ ପକ୍ଷରୁ ଉଦ୍ୟମ କରାଯାଉଛି।

# ସୋହେଲା ହାଇସ୍କୁଲ ୧୯୮୬ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ



**ସୋହେଲା, ୫।୧୦(ସମିସ):** ସୋହେଲା ହାଇସ୍କୁଲ ୧୯୮୬ ବ୍ୟାଚ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ସୋହେଲା ନିକଟସ୍ଥ ଇଚ୍ଛାପାଲି ମୁଖ୍ୟମନ୍ତ୍ରୀ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦିବଙ୍ଗତ ସହପାଠୀ ମାନଙ୍କ ସ୍ମୃତିରେ ଏକ ମିନିଟର ନୀରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହାପରେ ବନ୍ଧୁମିଳନର ଉଦ୍ଦେଶ୍ୟ ସମ୍ପର୍କରେ ସତ୍ୟନାରାୟଣ ଦେବତା, ପ୍ରକାଶ ସାହୁ, ଧନଞ୍ଜୟ ପଣ୍ଡା, ଗଜେନ୍ଦ୍ର ମିଶ୍ର, ପ୍ରଶାନ୍ତ ଭୋଇ ନିଜ ନିଜ ମତ ରଖିଥିଲେ। କବି ନୀତିଶ ଆଚାର୍ଯ୍ୟଙ୍କ ସଂଯୋଜନାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସୋହେଲା ଅଞ୍ଚଳର ଗଣ୍ୟମାନ୍ୟ ବ୍ୟକ୍ତିରୂପେ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ଡାକ୍ତର ଶିଶିର ସାହୁ, ଶିକ୍ଷକ ଦୁଃଖିଶ୍ୟାମ ପାଣିଗ୍ରାହୀ ଏବଂ ନିମାଇଁ ଚରଣ ଭୋଇଙ୍କ ଶ୍ରୀଫଳ, ପୁଷ୍ପମାଲ୍ୟ, ଉପଢୌକନ ତଥା ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ତଥା ଅନ୍ୟ ରାଜ୍ୟରେ ବସବାସ କରୁଥିବା ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ସହପାଠୀ ଯୋଗଦେଇ ଥିଲେ। ପ୍ରକାଶ ସାହୁ, ଗିରିଶ ସାହୁ, ସୁରେନ୍ଦ୍ର ମେହେର, ହରି ଅଗ୍ରୱାଲ, ରାଜୁ ଅଗ୍ରୱାଲ, ସତ୍ୟନାରାୟଣ ଦେବତା, ପ୍ରଶାନ୍ତ ଭୋଇ, ମନୋଜ ଭୋଇ, ଦୁର୍ଗା ମହାନ୍ତି, ଗଜେନ୍ଦ୍ର ମିଶ୍ର, ସହଦେବ ପାତ୍ର, ଚକ୍ର ପାତ୍ର, ଭାଗ୍ୟଧର ଭୋଇ, ଗୋବିନ୍ଦ ପଧାନ, ନୀଳକଣ୍ଠ ସେନାପତି, ଧନଞ୍ଜୟ ପଣ୍ଡା, ଦାମୋଦର ମିଶ୍ର, ସୁଶାନ୍ତ ପାଣିଗ୍ରାହୀ, ପ୍ରଦୀପ ଦେବତା, ସଚିନ୍ଦ୍ର ମେହେର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଓକିଲ ଦ୍ୟୁତିଶ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଭେରୁଆମୁଣ୍ଡାରେ ଡାଲଖାଇ ନୃତ୍ୟ

**ପାଇକମାଳ, ୫।୧୦(ସମିସ):** ପାଇକମାଳ ବ୍ଲକ ଜାମସେଠ ଭେରୁଆମୁଣ୍ଡାରେ ଗଉଁଟିଆ ପଡ଼ା ନିକଟରେ ଡାଲଖାଇ ନୃତ୍ୟ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିମନ୍ତ୍ରିତ ଅତିଥି ଭାବେ ଜାମସେଠ ସରପଞ୍ଚ ଆର୍ତ୍ତତ୍ରାଣ ସାହୁ, ମୁଖ୍ୟ ବକ୍ତା ବିପିନ ବିହାରୀ ସାହୁ ଓ ସମ୍ମାନିତ ଅତିଥି ଭାବେ କେଶବ ସାହୁ, ଧନୁ ବରିହା, ବସନ୍ତ ଗଉଁଟିଆ, ଶଙ୍କର ଗଉଁଟିଆ, ରତ୍ନାକର ମାଝୀ, ଯାଦବ ମାଝୀ, ତ୍ରିଲୋଚନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରୁପ ନୃତ୍ୟରେ ପ୍ରଥମ ଭେରୁଆମୁଣ୍ଡା କସ୍ତୁରୀ ଗ୍ରୁପ, ଦ୍ୱିତୀୟ ଜୋଙ୍କାଲି ଗନ୍ଧମାର୍ଦ୍ଦନ ଗ୍ରୁପ, ତୃତୀୟ ବିଲାସପୁର ରିମିଝିମ ଗ୍ରୁପ ଓ ସିଙ୍ଗଲ ଗ୍ରୁପରେ ପ୍ରଥମ ପାଇକମାଳର ଲକ୍ଷ୍ମୀପ୍ରିୟା ମିର୍ଦ୍ଧା, ଦ୍ୱିତୀୟ ଭେରୁଆମୁଣ୍ଡାର ଗୀତାଞ୍ଜଳି ମାଝୀ ଓ ତୃତୀୟରେ



ଖଣ୍ଡିଆପାଲିର ସୋନାଲି ବରିହା ପ୍ରମୁଖ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବ୍ରଜରାଜ ସାହୁ ମଞ୍ଚ ପରିଚାଳନା କରିଥିଲେ। ଡାଲଖାଇ ପୂଜା କମିଟିର ସଭାପତି କସ୍ତୁରୀ ମାଝୀ, ସମ୍ପାଦିକା କମଳା ମାଝୀ ସମେତ କମିଟିର କର୍ମକର୍ତ୍ତାମାନେ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରସ୍ତର ଶିଳ୍ପୀ ମହାଦେବ ଭୋଇଙ୍କ ଜୟନ୍ତୀ

**ବରଗଡ଼, ୫।୧୦(ସମିସ):** ରାଜ୍ୟପାଳ ଏବଂ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ କୁଲ୍ଲା ପ୍ରାଥମିକ ସ୍କୁଲର ପ୍ରଧାନଶିକ୍ଷକ ସ୍ୱର୍ଗତ କର୍ମଯୋଗୀ ମହାଦେବ ଭୋଇଙ୍କ ୯୫ ତମ ଜନ୍ମ ଜୟନ୍ତୀ ଅମ୍ବାଭୋନା ବ୍ଲକ କୁଲ୍ଲାପାଲି ଗ୍ରାପ ନିକଟସ୍ଥ ଲାଇନସରା ଗ୍ରାମବାସୀ ଏବଂ ପାକ୍ଷିକ ପତ୍ରିକା କୋଶଳଟାଇମ୍ସ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ସଭାରେ ପତ୍ରିକାର ସମ୍ପାଦକ ପ୍ରଭାତ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରିନ୍ସିପାଲ ଡ.ନେପାଳ ପ୍ରଧାନ ମୁଖ୍ୟ ଅତିଥି, ଶିକ୍ଷକ ଟଙ୍କଧର ପ୍ରଧାନ ମୁଖ୍ୟବକ୍ତା, ସମାଜସେବୀ ସୁରେଶ ପ୍ରଧାନ ଏବଂ ଶିକ୍ଷକ ବୈଷ୍ଣବ ଭୋଇ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସ୍ୱର୍ଗତ ମହାଦେବ ଭୋଇଙ୍କ ଛାତ୍ର ଅଶୀତିପର ନବଘନ କାଳୋ ଏବଂ ପୁରଞ୍ଜନ ସେଠଙ୍କୁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସଭାରେ ଅଙ୍ଗିରା ବେହେରା, ଟଙ୍କଧର ପ୍ରଧାନ, ପ୍ରେମାନନ୍ଦ ସା, ମହେନ୍ଦ୍ର ପଧାନ ପ୍ରମୁଖ ସ୍ୱର୍ଗତ ଭୋଇଙ୍କ ସ୍ମୃତିଚାରଣ କରିଥିଲେ। ଉପସ୍ଥିତ ଶିଶୁ ମାନଙ୍କୁ ଖାତା ଏବଂ କଲମ ବଣ୍ଟନ କରାଯାଇଥିଲା। ଶିକ୍ଷକ



ମନୋହର ସାହୁ ସଭାକାର୍ଯ୍ୟ ସଂଯୋଜନା କରିଥିଲେ। ପରେ କୋଶଳଟାଇମ୍ସର ଆବାହକ ବରିଷ୍ଠ ସମାଜସେବୀ ପ୍ରେମାନନ୍ଦ ସା କଲେଜ ଛାତ୍ରୀ ସୁବାସିନୀ ଧରାଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ଅର୍ଥର ବ୍ୟବସ୍ଥା କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ କଲେଜ ଛାତ୍ରୀ ସୁବାସିନୀ ଧରା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଗାଁ ମଧ୍ୟରେ ଦୁଇଟି ବରଗଛ ସଭାର ସ୍ମାରକୀ ସ୍ୱରୂପ ରୋପଣ କରାଯାଇଥିଲା।

**ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକଆଉଟ୍ ଫୁଟବଲ୍ ପ୍ରତିଯୋଗିତା**

# ପ୍ରି କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ କଦଳୀପାଲି ବିଜୟୀ



**ବରଗଡ଼, ୫।୧୦(ସମିସ)**

ବରଗଡ଼ ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଲେଙ୍କୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକ ଆଉଟ୍ ଫୁଟବଲ ପ୍ରତିଯୋଗିତାର ଆଜି ତୃତୀୟ ପ୍ରି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ଘୁଲିପାଲି ଦଳକୁ ହରାଇ କଦଳୀପାଲି ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚ୍‌ରେ କଦଳୀପାଲି ଦଳ ଆକ୍ରମଣ ଜାରି ରଖି ମ୍ୟାଚ୍‌କୁ ୩-୧ ଗୋଲରେ ଜିତି ନେଇଥିଲା। ଦଳ ପକ୍ଷରୁ ଶକ୍ତିମାନ୍ ମିର୍ଦ୍ଧା ୩ଟି ଯାକ ଗୋଲ ଦେଇଥିଲେ ବେଳେ ଅତୁଲ ନେଗୀ ଏକମାତ୍ର ଗୋଲ ଦେଇଥିଲେ। ମ୍ୟାଚ୍‌କୁ ଶ୍ରୀନିବାସ ରାଓ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସନ୍ତୋଷ ପଟେଲ, ଶୁଭମ ପାତ୍ର ସହଯୋଗ କରିଥିଲେ। ଅନିଲ ବାଗ ଚତୁର୍ଥ ରେଫ୍ରି ଥିଲେ। ମ୍ୟାଚ୍ ପରେ ଶକ୍ତିମାନ ମିର୍ଦ୍ଧାଙ୍କୁ ଗଙ୍ଗାଧର ପ୍ରଧାନ, ନବାବ ଖାଁ ଓ ଘନଶ୍ୟାମ ପଟେଲ ଅତିଥି ଭାବେ ଯୋଗଦେଇ ପୁରସ୍କୃତ କରିଥିଲେ। ସୋମବାର ନଗେନ ପାଲି ଓ ସୋହେଲା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

ସକାଳ THE SAKALA



www.sakalaepaper.com

## ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

# ୨ ମାସରେ ୫୫ ଦୁର୍ଘଟଣା, ୩୫ ମୃତ୍ୟୁ

ଭବାନୀପାଟଣା, ୫ ।୧୦(ସମିସ)



କଳାହାଣ୍ଡି ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଚନ୍ଦ୍ର କୁମାର ଦରଖାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ପ୍ରାରମ୍ଭରେ ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ ସମସ୍ତଙ୍କୁ ସ୍ୱାଗତ କରାଇ ବୈଠକରେ ଆଲୋଚ୍ୟ କାର୍ଯ୍ୟସୂଚୀ ଆଲୋଚନା କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। କଳାହାଣ୍ଡି ଜିଲ୍ଲା ଏମଭି. ରାଜସ୍ୱ ଆଦାୟ ପ୍ରୋଗ୍ରେସିଭ୍ ହାରରେ ଗତ ଅଗଷ୍ଟ ଓ ସେପ୍ଟେମ୍ବର ଦୁଇ ମାସ ମଧ୍ୟରେ ଆଦାୟ ଲକ୍ଷ୍ୟ ଧାର୍ଯ୍ୟ ୭.୯୦ କୋଟି ରହିଥିବା ବେଳେ ୬.୫୦କୋଟି ଆଦାୟ କରି ରାଜସ୍ୱ ଆଦାୟରେ କଳାହାଣ୍ଡି ଜିଲ୍ଲା ଆଗରେ ଥିବା ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ସାମନ୍ତରାୟ ସୂଚନା ଦେଇଥିଲେ। ଜିଲ୍ଲାର ବିଭିନ୍ନ ସ୍ଥାନରେ, ଘାଟି ଅଞ୍ଚଳରେ ରାସ୍ତା ଖରାପ ଥିବା ଯୋଗୁଁ ବିଭିନ୍ନ ସମୟରେ ରାସ୍ତା ଦୁର୍ଘଟଣା ଘଟି ଲୋକଙ୍କର ପ୍ରାଣ ହାନି ହେଉଥିବାରୁ ଖରାପ ଥିବା ରାସ୍ତା ଘାଟ ମରାମତି କାମ ତୁରନ୍ତ କରିବା ପାଇଁ ଅତିରିକ୍ତ ଜିଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହାତୀବ୍ରିଜକୁ ସଂଯୋଗ କରୁଥିବା ବାଷ୍ପଗୁଡ଼ା ରାସ୍ତାର ଗାଡ଼ଖାଲ ନଥିବାରୁ ବହୁ ସମୟରେ ଦୁର୍ଘଟଣା ଘଟୁଛି। ସେହିପରି ଜୟପାଟଣା ନବରଙ୍ଗପୁରକୁ ସଂଯୋଗ କରୁଥିବା ରାସ୍ତା ଟୁଲୁଘାଟି ରାସ୍ତାର ଗାଡ଼ଖାଲ ନଥିବାରୁ ବହୁ ସମୟରେ ଦୁର୍ଘଟଣାର ଶିକାର ହୋଇ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ଜୟପାଟଣା ଠାରୁ ପରୁଆଗୁଡ଼ା ରାସ୍ତା, ଟେମରା ଠାରୁ ବଡ଼ ଦେରେଙ୍ଗା, ବଡକୁଟ୍ରୁ ଠାରୁ ପାତ୍ରବସା ରାସ୍ତା, ଫର୍ଲିଙ୍ଗଖଣ୍ଡ ଠାରୁ ଜାଖମ୍, ପିଡିସାଲ ଠାରୁ ଲାଞ୍ଜିଗଡ଼, ମୁଖପାଲି ଠାରୁ ଚାରବାହାଲ ରାସ୍ତା, କଦଳୀ ଘାଟି ଲାଞ୍ଜିଗଡ଼ ରାସ୍ତାର ଅବସ୍ଥା ବହୁତ୍ ଖରାପ ଥିବାରୁ ବିଭିନ୍ନ ସମୟରେ ଯାତ୍ରୀଙ୍କର ଦୁର୍ଘଟଣା ଘଟି ମୃତ୍ୟୁମୁଖରେ ପଡୁଛନ୍ତି ଏହି ସବୁ ରାସ୍ତାର ଆବଶ୍ୟକ ମରାମତି, ଗାଡ଼ଖାଲ ର ନିର୍ମାଣ ବ୍ୟବସ୍ଥା ତୁରନ୍ତ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରଖାନ ପରାମର୍ଶ ଦେଇଥିଲେ। ସୂଚନା ଅନୁଯାୟୀ ଗତ ଅଗଷ୍ଟ ମାସ ୨୦୨୫ ରେ ୩୨ ଟି ସଡକ ଦୁର୍ଘଟଣାରେ ୨୧ ଜଣଙ୍କର ପ୍ରାଣ ହାନି ଘଟିଛି, ସେହିପରି ଗତ ସେପ୍ଟେମ୍ବର ମାସରେ ୨୩ ଟି ସଡକ ଦୁର୍ଘଟଣାରେ ୧୪ ଜଣଙ୍କର ମୃତ୍ୟୁ ହୋଇଛି। ଗତ ଏହି ଦୁଇ ମାସ ମଧ୍ୟରେ ଘଟିଥିବା ୫୫ଟି ସଡକ ଦୁର୍ଘଟଣାରେ ୪୪ଟି ବାଇକ୍ ଦୁର୍ଘଟଣା ରହିଛି। ଏସବୁ ଓଭରସ୍ପିଡ୍, ମଦ୍ୟପାନ, ବିନା ହେଲମେଟ ରେ ଗାଡି ଚାଳନା ଯୋଗୁଁ ଘଟିଛି। ହେଲମେଟ ଚେକିଂ କଡାକଡି କରିବା ସହିତ ସଡ଼କ ସୁରକ୍ଷା ଜୀବନ ରକ୍ଷା ନିୟମ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ବିଶେଷ କରି ଶିକ୍ଷାନୁଷ୍ଠାନମାନଙ୍କରେ ସଡକ ସୁରକ୍ଷା ଆଇନ୍ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ, ଯୁବପିଢ଼ି ଙ୍କୁ ସଚେତନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ୍ ହେବା ପାଇଁ ପରାମର୍ଶ ଦିଆଯାଇଛି। ଆଞ୍ଚଳିକ ପରିବହନ ବିଭାଗୀୟ କାର୍ଯ୍ୟର ଅଗ୍ରଗତି, ସଡ଼କ ସୁରକ୍ଷା, ଦୁର୍ଘଟଣା ଜନିତ ମୃତ୍ୟୁ, ଟ୍ରାଫିକ ସମସ୍ୟା, ବେପରୁଆ ଗାଡି ଚାଳକଙ୍କ ପାଇଁ ଦଣ୍ଡ ବିଧାନ, ସଡ଼କ ସୁରକ୍ଷା ନିୟମକୁ କଡାକଡି ପାଳନ ଦିଗରେ ସଚେତନତା କାର୍ଯ୍ୟକ୍ରମ ଇତ୍ୟାଦି ସମ୍ପର୍କରେ ଆଲୋଚନା କରଯାଇଥିଲା। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ, ଅଧିକ୍ଷଣ ଯନ୍ତ୍ରୀ ପୂର୍ତ୍ତ ବିଭାଗ ଶିବାଜୀ ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଲଧର ନିଆଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସୀଙ୍ଗ ରାଉତ, ଏମ୍‌ଭିଆଇ, ମିଥୁନ ପ୍ରଧାନ, କମିଟିର ସଦସ୍ୟ ଉମାଶଙ୍କର କର, ଶାନ୍ତନୁ କୁମାର ବେହେରା, ଓଏସ୍ଆରଟିସି ଜିଲ୍ଲା ପରିଚାଳକ ସ୍ୱଦେଶ କୁମାର ପାତ୍ର, ଜିଲ୍ଲା ବେସରକାରୀ ବସ୍ ଏସୋସିଏସନର କର୍ମକର୍ତ୍ତା, ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗୀୟ ଅଧିକାରୀ, ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

## ମନମୁଣ୍ଡା ବାଇପାସରେ ଜଳୁନି ଷ୍ଟ୍ରିଟ ଲାଇଟ୍

ଶଗଡ଼ା, ୫ ।୧୦(ସମିସ): କନ୍ଧମାଳ ବ୍ଲକ ମନମୁଣ୍ଡା ବାଇପାସରେ ଲାଗିଥିବା ଷ୍ଟ୍ରିଟ ଲାଇଟ୍‌ଗୁଡ଼ିକରୁ ଅନେକ ଲାଇଟ ଦୀର୍ଘ ଦିନ ହେବ ଅଚଳ ହୋଇ ପଡ଼ିଛି। ଅଚଳ ଷ୍ଟ୍ରିଟ ଲାଇଟ୍ ମରାମତି କରିବାକୁ ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି; ହେଲେ ଲୋକଙ୍କ କଥାକୁ ଅଣଦେଖା କରାଯାଉଛି। ଏହାର କୌଣସି ସମାଧାନ ହେଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଷ୍ଟ୍ରିଟଲାଇଟ୍ ଗୁଡ଼ିକ ଅଚଳ ହୋଇ ପଡ଼ିଥିବାରୁ ରାତିରେ ଚୋରି ଡକାୟତି ଭଳି ଅନେକ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାର ଆଶଙ୍କା ଦେଖା ଦେଇଛି। ଲୋକେ ଏହି ରାସ୍ତା ଦେଇ ଯାତାୟତ ବେଳେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ସୂଚନାଯୋଗ୍ୟ, ୨୦୨୨ ମସିହା ଜୁଲାଇ ୩୧ରେ ତତ୍କାଳୀନ ଜିଲ୍ଲାପାଳ ହେମ୍ବ୍ରମ୍ ବିଶ୍ୱ ଅବସର ଗ୍ରହଣ କରିବା ପୂର୍ବ ଦିନ ତରବରିଆ ଭାବରେ ଏହାକୁ ଉଦ୍‌ଘାଟନ କରିଥିଲେ।

## ଫାର୍ମ ନାଁରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ, ଚାରା ଦେଖା ନାହିଁ

ମ. ରାମପୁର, ୫ ।୧୦(ସମିସ): ରାଜ୍ୟ ସରକାର ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ନେଇ ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା ବେଳେ କିଛି ଅସାଧୁ କର୍ମଚାରୀ ଏହାକୁ ବାଟବଣା କରିବା ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଅଞ୍ଚଳର କୃଷିଜୀବୀ। ପ୍ରାପ୍ତସୂଚନା ମତେ କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକ ଅଞ୍ଚଳର ମଦନପୁର ଗ୍ରାମରେ ୫-୫ ଏକର ବିଶିଷ୍ଟ ଏକ ସରକାରୀ ଉଦ୍ୟାନ କୃଷି ଫାର୍ମ ରହିଛି। କିନ୍ତୁ ଉକ୍ତ ଫାର୍ମର ରକ୍ଷଣାବେକ୍ଷଣ ଅଭାବରୁ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଫାର୍ମରେ କିଛି ଆମ୍ବଚାରା ଉତ୍ପାଦନ ଛଡ଼ା ଅନ୍ୟ କିଛି ହେଉନାହିଁ। କିନ୍ତୁ ଏହି ଫାର୍ମରେ ବିଭିନ୍ନ ଫଳ ଫୁଲ ପରିବା ଉତ୍ପାଦନ ରକ୍ଷଣାବେକ୍ଷଣ ଓ ଆନୁସାଙ୍ଗିକ ବ୍ୟବସ୍ଥା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିଲେ ହେଁ ଏହାର କୌଣସି ସଫଳ ରୂପାୟନ ହେଉ ନାହିଁ। ଫାର୍ମର ଜଣେ ଓଭରସିଅର ଓ ଜଣେ ଆମ୍ବ ଜଳମୀ ଦାୟିତ୍ୱରେ ଥିବା ଶ୍ରମିକଙ୍କୁ ଛାଡିଦେଲେ ଏଠି କୌଣସି ସରକାରୀ କର୍ମଚାରୀ ନାହାନ୍ତି। କିନ୍ତୁ ଦାୟିତ୍ୱରେ ଥିବା ନରେଶ ତାଣ୍ଡି ନାମକ ଓଭରସିଅର୍ ନୂଆପଡ଼ା ଖଡ଼ିଆଲରେ ରହି ଫାର୍ମର ସର୍ବସ୍ୱ ଉକ୍ତ ଶ୍ରମିକଙ୍କ ହାତରେ ନ୍ୟସ୍ତ କରିଥିବା ଅଭିଯୋଗ ହେଉଛି। ଯାହାଫଳରେ ଫାର୍ମକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକେ ଏଥିରୁ ନିରାଶ ହୋଇ ଘରୋଇ ନର୍ସରୀ ଓ ହାଟ ଗୁଡିକରେ ବିକ୍ରି କରୁଥିବା ବଙ୍ଗାଳୀ ପାଖରୁ ଚଢ଼ା ଦରରେ ବିଭିନ୍ନ ଚାରା କିଣି ନୟାନ୍ତ ହେଉଥିବା କହିଛନ୍ତି। ତେବେ ଡବଲ ଇଞ୍ଜିନ ନାରା ଦେଉନଥିବା ସରକାରର କୃଷି ମନ୍ତ୍ରୀ ତଥା ଉପମୁଖ୍ୟ ମନ୍ତ୍ରୀ ଶ୍ରୀ ସିଂହଦେଓ ଆଗାମୀ ଦିନରେ ଏପରି ଅଳସୁଆ କର୍ମଚାରୀଙ୍କ ପ୍ରତି କି ପଦକ୍ଷେପ ନେଉଛନ୍ତି ତାହା ପରବର୍ତ୍ତୀ ସମୟରେ ଜଣାପଡ଼ିବ।

## କାଳୀ ପୂଜା ପାଇଁ ପ୍ରସ୍ତୁତି

କେସିଙ୍ଗା, ୫ ।୧୦(ସମିସ): ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ କେସିଙ୍ଗା କାଳୀପୂଜା କମିଟି ପକ୍ଷରୁ ମହା ଆଡମ୍ବରରେ କାଳୀପୂଜା ଅନୁଷ୍ଠିତ ହେବା ପାଇଁ ସ୍ଥିରୀକୃତ ହେଇଛି ।ସେଥିପାଇଁ ସ୍ଥାନୀୟ ପଶୁଡାକ୍ତର ଖନା ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ପୂଜାର ରୂପରେଖ ସହିତ ପୂଜାର ବିଭିନ୍ନ ଦାୟିତ୍ୱ ସହଯୋଗୀଙ୍କୁ ଅର୍ପଣ କରାଯାଇଥିଲା ଚଳିତ ବର୍ଷ ମାଁଙ୍କ ପୂଜା ଅକ୍ଟୋବର ୨୦ ଆରମ୍ଭ ହୋଇ ଅକ୍ଟୋବର ୨୪ ତାରିଖରେ ବିସର୍ଜନ ହେବ ବୋଲି କମିଟି ପକ୍ଷରୁ କୁହାଯାବା ସହିତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରତିଦିନ ବିନାମୂଲ୍ୟ ରେ ଭୋଗର ସୁବ୍ୟବସ୍ଥା କରାଯିବ ପାଇଁ ବୈଠକରେ ନିଷ୍ପତି ହୋଇଛି ।ଚଳିତ ବର୍ଷ ସଭାପତି ଭାବରେ ରଶ୍ମିରଞ୍ଜନ ମିଶ୍ର, ସମ୍ପାଦକ ଭାବରେ ରମେଶ ପୁଟେଲ, ସହ ସମ୍ପାଦକ ଭାବରେ ନବୀନ ରାଓ ଏବଂ କୋଷାଧ୍ୟକ୍ଷ ଭାବରେ ମନୋଜ ସେଠୀ ଓ ସୁନିଲ ସୁନାଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ବୈଠକରେ ପୂଜା କମିଟିର ସମସ୍ତ ୮୦ ସଦସ୍ୟ ମାନେ ଉପସ୍ଥିତ ଥିଲେ।

## ରେଙ୍ଗସାପାଲିରେ ୪୭ତମ ଦୁର୍ଗାପୂଜା

ଗୋଲାମୁଣ୍ଡା, ୫ ।୧୦(ସମିସ): କଳାହାଣ୍ଡି ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ରେଙ୍ଗସାପାଲି ଗ୍ରାମରେ ୪୭ ତମ ଦୂର୍ଗାପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ଦୀର୍ଘ ଚତୁର୍ଦ୍ଦଶରୁ ଉଦ୍ଧ ବର୍ଷ ହେଲା ଏହି ବର୍ଷ ୪୭ ବର୍ଷ ରେ ପାଦ ଦେଲା ରେଙ୍ଗସାପାଲି ଦୂର୍ଗାପୂଜା। ସମସ୍ତ ଗ୍ରାମବାସୀ ଏବଂ ଅଞ୍ଚଳବାସୀଙ୍କ ସହାୟ ସହଯୋଗ ଦ୍ୱାରା ମହାଆଡ଼ମ୍ବରରେ ପ୍ରତ୍ୟହ ବର୍ଷ ମାଁ ଜଗତ ଜନନୀଙ୍କ ପୂଜା ପାଳିତ ହୋଇଆସୁଅଛି ଅତି ଆନନ୍ଦର ସହ ଏହିବର୍ଷ ମଧ୍ୟ ତା ୨୮, ୦୯, ୨୦୨୫ ରିଖ ଠାରୁ ଆରମ୍ଭ ହୋଇ ତା ୦୩, ୧୦, ୨୦୨୫ ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା, ଏହି ଅବସରେ ଜଗତ ଜନନୀ ମାଁ ଦୂର୍ଗାଙ୍କ ପୂଜା, ଚଣ୍ଡିପାଠ, ଘଣ୍ଟ ଶଙ୍ଖ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠୁଥିଲା ବେଳେ ମନୋରଞ୍ଜନ ନିମନ୍ତେ ପ୍ରତ୍ୟହ ରାତ୍ର ପୌରାଣିକ ସହ କାଳ୍ପନିକ ଲୋକ ନାଟକ ପ୍ରଦର୍ଶିତ ହୋଇଥିଲା ଏବଂ ଶେଷ ଦିନରେ ଭଷାଣି ଯାତ୍ରା ମଧ୍ୟ ମହାସମାରୋହରେ ପାଳିତ ହୋଇଥିଲା ଦୂର୍ଗାପୂଜା କମିଟି ତଥା ସମସ୍ତ ଗ୍ରାମବାସୀ, ଅଞ୍ଚଳବାସୀଙ୍କ ସହାୟ ସହଯୋଗରେ ଶାନ୍ତି ଶୃଙ୍ଖଳାର ସହ ୪୭ତମ ଦୂର୍ଗାପୂଜା ପରିସମାପ୍ତି ହୋଇଯାଇଛି। ଦେବୀ ଦୁର୍ଗାଙ୍କ ଦର୍ଶନ ତଥା ନାଟକ ଦେଖିବା ନିମନ୍ତେ ଆଖପାଖର ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ, ମାଆଙ୍କ ଦର୍ଶନ କରିବା ସହ ନାଟକର ମଧ୍ୟ ଉପଭୋଗ କରିଥିଲେ। ସେହିଭଳି ଗୋଲାମୁଣ୍ଡା, ମହାଲିଙ୍ଗ, ଲାଞ୍ଜି, ଗର୍ଗାବ, ଫରଙ୍ଗ, ବୃନ୍ଦାବାହାଲ, ଆମଗୁଡ଼ା, ଚିଚିଆ, ପ୍ରମୁଖ ଜାଗାରେ ମଧ୍ୟ ଦୂର୍ଗା ପୂଜା ପାଳିତ ହୋଇଯାଇଛି।

## ପ୍ରଜାପିତା ବ୍ରହ୍ମାକୁମାରୀ ତରଫରୁ ଦୈବୀ ଚୈତନ୍ୟ ମଣ୍ଡପ

ବୌଦ୍ଧ, ୫ ।୧୦(ସମିସ): ପୁରୁଣାକଟକର ଭୈରବୀ ପୀଠରେ ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ସହଯୋଗରେ ଏକ ଚୈତନ୍ୟ ଦେବୀ ମଣ୍ଡପର ଆୟୋଜନ କରାଯାଇଥିଲା। ଏହି ଦେବୀ ମଣ୍ଡପରେ ଚୈତନ୍ୟ ରୂପରେ ଦେବୀ ଦୁର୍ଗା, ଦେବୀ ଲକ୍ଷ୍ମୀ, ଦେବୀ ସରସ୍ୱତୀ, ମହିଷାସୁର, ଭାରତ ମାତା ଓ ବ୍ରହ୍ମାକୁମାରୀଙ୍କୁ ଆବାହନ କରାଯାଇଥିଲା। ଭବ୍ୟ ମଣ୍ଡପ ଓ ସୁସଜ୍ଜିତ ବେଶ ତଥା ସ୍ଥିରତା ଓ ଏକାଗ୍ରତାର ପ୍ରତିମୂର୍ତ୍ତି ସମସ୍ତଙ୍କୁ ଆକର୍ଷିତ ଓ ବିମୋହିତ କରିଦେଇଥିଲା। ବି.କେ. କବିତା ଭଉଣୀ, ପୁରୁଣା କଟକ ସରପଞ୍ଚ ଭ୍ରାତା ଅଶୋକ ସେଠୀ, ଭ୍ରାତା ମନୋଜ ଅଗ୍ରୱାଲା ଓ ବି.କେ. ସରୋଜ ମଣ୍ଡପକୁ ଉଦ୍‌ଘାଟନ କରିଥିଲେ।

## ଜାତୀୟ ରାଜପଥ ବିଭାଗର ଅବହେଳା

- ନୂଆପଡ଼ା ନେତାଜୀ ଛକରେ ବିରାଟ ଗର୍ତ୍ତ
- ଏନ୍ଏସି ପକ୍ଷରୁ ଅସ୍ଥାୟୀ ସମାଧାନ



ନୂଆପଡ଼ା, ୫ ।୧୦(ସମିସ): ନୂଆପଡ଼ା ଜିଲ୍ଲା ସଦର ମହକୁମାସ୍ଥିତ ନେତାଜୀଛକ ନିକଟରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଯିବା ରାସ୍ତାରେ ଜାତୀୟ ରାଜପଥ ବିଭାଗର ଅବହେଳା ଯୋଗୁଁ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଶେଷରେ ସ୍ଥାନୀୟ ଏନ୍ଏସି ବିଭାଗ ଥାପଥୁପ କରିବାପରେ ଅସ୍ଥାୟୀ ଭାବେ ସମାଧାନ ହୋଇଛି। ପ୍ରକାଶ ଯେ ଜାତୀୟ ରାଜପଥ ୩୫୩ ନିର୍ମାଣ ସମୟରେ ବିଭାଗୀୟ ଯନ୍ତ୍ରୀ ଏବଂ ଅଧିକାରୀମାନଙ୍କ ଅପାରଗତା ଯୋଗୁଁ ଅଦରକାରୀ ଭାବେ ଡ୍ରେନେଜ ବ୍ୟବସ୍ଥା ନିର୍ମାଣ କଲେ। ଆଜିକୁ ଆଠ ଦଶ ବର୍ଷ ହେବ କୌଣସି କାମକୁ ଆସୁନାହିଁ। ବରଂ ଏକ ଅଳିଆ ଆବର୍ଜନା କୁଣ୍ଡ ଭାବରେ ବ୍ୟବହାର ହୋଇ ଆସୁଛି। ତେବେ ଏହି ସ୍ଥଳରେ ନିର୍ମାଣ ହୋଇଥିବା ଡ୍ରେନକୁ ଠିକ ଭାବରେ ଢାଙ୍କୁଣି ନଦେଇ ଖୋଲା ଛାଡିଦେଇଥିବାବେଳେ ଖାଲି ମାଟି ମୋରମ ପୋତି ଦିଆଯାଇଥିଲା। ଗତ ଦୁଇ ଦିନର ଲଗାଣ ବର୍ଷାରେ ମାଟି ସବୁ ଖାଇଯାଇ ଗର୍ତ୍ତ ସୃଷ୍ଟି ହୋଇଥିଲା। ସକାଳେ ଦେଖିଲା ବେଳକୁ ବିରାଟ ଗର୍ତ୍ତ। ଏହା ଉପରେ ଆମ ପ୍ରତିନିଧି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପରେ ଏନ୍ଏସି ତରଫରୁ ମାଟି ମୋରମ ଦିଆଯାଇଛି। ହେଲେ ଏହା ଏକ ଅସ୍ଥାୟୀ କାମ, ଆଗକୁ ମଧ୍ୟ ବିପଦ ରହିଛି। ତେଣୁ ଜାତୀୟ ରାଜପଥ ବିଭାଗ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି। ଏଭଳି ବିଭାଗୀୟ ଅବହେଳାର ତଦନ୍ତ କରି ଜିଲ୍ଲାପାଳ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି ହେଉଛି।

## ଲଗାଣ ବର୍ଷାରେ ହେକ୍ଟର ହେକ୍ଟର ଧାନଚାଷ ନଷ୍ଟ

କୋମନା, ୫ ।୧୦(ସମିସ): ଲଗାଣ ବର୍ଷାରେ ନୂଆପଡ଼ା ଜିଲ୍ଲା କୋମନା ବ୍ଲକର ବିଭିନ୍ନ ଅଞ୍ଚଳର ଚାଷୀଙ୍କ ହେକ୍ଟର ହେକ୍ଟର ଚାଷ ଜମିରେ ପାଣି ଜମି ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି ।ବିଶେଷ କରି ବ୍ଲକର ପଏର ଓ ମହୁଲଭଟା ଗ୍ରାମର ଚାଷୀଙ୍କ ପାଚିଲା ଓ ବାହାରୁଥିବା ଧାନ ବନ୍ୟା ପାଣି ପ୍ରବାହିତ ଯୋଗୁଁ ବିଶେଷ ନଷ୍ଟ ହୋଇଥିବା ଖବର ସାମ୍ନାକୁ ଆସିଛି। ଏନେଇ ଚାଷୀମାନେ ସ୍ଥାନୀୟ ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କୁ ଲିଖିତ ଜଣାଇଛନ୍ତି। ପଏର ଗ୍ରାମର ଟଗରେଶ୍ୱର ଖମାରୀ, ସମେତ ବହୁଚାଷୀଙ୍କ ଧାନ ଫସଲ ନଷ୍ଟ ହୋଇଥିବା ବେଳେ ମହୁଲଭଟା ଗ୍ରାମର ଦଶରୁ ଶବରଙ୍କ ପାଚିଲା ଧାନ ୧ ଏକର ନଷ୍ଟ ହୋଇଛି। ଏଭଳି ଅଦିନିଆ ବର୍ଷା ଯୋଗୁଁ ପଏର ଗ୍ରାମର ଉପରି ଭାଗରେ ଥିବା ନୃସିଂଘନାଥ ଡ୍ୟାମ୍ ଭାଙ୍ଗିବାରୁ ତଳି ଅଞ୍ଚଳର ଚାଷଜମି ଜଳମଗ୍ନ ହୋଇ ଧନ ଫସଲ କ୍ଷତି ହୋଇଛି ।ପ୍ରଶାସନ ତଦନ୍ତ କରି କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି।



## ଉପନିର୍ବାଚନ ନିଶ୍ଚିତ :ଦୁର୍ଗା ମଣ୍ଡପରେ ନେତାଙ୍କ ଭିଡ଼



ନୂଆପଡ଼ା, ୫ ।୧୦(ସମିସ): ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଉପ ନିର୍ବାଚନ ପାଇଁ ସରକାର ସବୁଜ ସଙ୍କେତ ଦେଲେଣି ଯେ ବିହାର ନିର୍ବାଚନ ସହ ନୂଆପଡ଼ାରେ ନିର୍ବାଚନ ହେବା ଏକ ପ୍ରକାର ନିଶ୍ଚିତ। ରାଜନୈତିକ ଦଳ ଗୁଡିକରେ ମଧ୍ୟ ଉଷ୍ମତା ଦେଖାଦେଲେଣି। ଆଗକୁ ସମସ୍ତଙ୍କୁ ଟିକେଟ ଚିନ୍ତା। ରାଜନୈତିକ ଦଳ ଗୁଡିକ ଟିକେଟ ଘୋଷଣା କରିନଥିଲେ ବି ଆଶାୟୀ ପ୍ରାର୍ଥୀମାନେ ପ୍ରଚାର କାର୍ଯ୍ୟକୁ ଆରମ୍ଭ କରିଦେଲେଣି। ବର୍ତ୍ତମାନ ପାର୍ବଣ ଋତୁ ଚାଲିଥିବା ହେତୁ ନେତାମାନଙ୍କ ଟାର୍ଗେଟରେ ରହିଛି ପୂଜା ମଣ୍ଡପ ।ଏହିକ୍ରମରେ ବିଜେଡିରୁ ସ୍ୱର୍ଗତ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ନିଜ ଦଳୀୟ ସମର୍ଥକଙ୍କୁ ନେଇ ଦିନରାତି ଏକାକାର କରି ବୁଲୁଥିବା ବେଳେ କଂଗ୍ରେସର ଘାସିରାମ ମାଝୀ ମଧ୍ୟ କଂଗ୍ରେସର ଅପ୍ରତିଦ୍ୱନ୍ଦୀ ନେତାଭାବରେ ପ୍ରଚାରରେ ମାତିଗଲେଣି। ଅନ୍ୟପକ୍ଷେ ବିଜେପିରେ ଏକ ପ୍ରକାର ଅନ୍ତର୍ଦ୍ୱନ୍ଦ୍ୱ ବାରି ହୋଇ ପଡୁଛି। ଏଥିପାଇଁ ଗତ ଥର ବିଜେପିରୁ ନିର୍ବାଚନ ଲଢି ଥିବା ଅଭିନନ୍ଦନ ପଣ୍ଡା ଗୋଟିଏ ପଟେ ଦଳୀୟ ସମର୍ଥକଙ୍କୁ ନେଇ ଘୁରି ବୁଲୁଥିବା ବେଳେ ଯଦୁମଣି ପାଣିଗ୍ରାହୀ, ପ୍ରସନ୍ନ କୁମାର ପାଢ଼ୀ ମଧ୍ୟ ଦାବିଦାର ହୋଇପଡ଼ିଥିବା ତାଙ୍କର ପ୍ରଚାର ଶୈଳୀରୁ ବାରି ହୋଇପଡୁଛି। ପୂଜା ମଣ୍ଡପ ଗୁଡିକରେ ଏହି ନେତାମାନେ ପହଞ୍ଚି ପୂଜା ଦେଖୁଥିବା ବେଳେ ପୂଜକ, ଗାଁର ବଡମୁଣ୍ଡିଆଙ୍କ ଆଶୀର୍ବାଦ ଭିକ୍ଷା କରୁଥିବା ଦେଖାଯାଉଛି। ନିର୍ବାଚନ ଘୋଷଣା ପୂର୍ବରୁ ପାର୍ବଣ ବଜାର ଗରମ ହେବାରେ ଲାଗିଛି। ଆଗକୁ କେବଳ ଔପଚାରିକତା ବାକି ରହି ଯାଇଛି।

## ୧୨ ବର୍ଷରେ ସିଙ୍ଗଝରର ଶ୍ରୀରାମ ପୂଜା



ସିନାପାଲି, ୫ ।୧୦(ସମିସ): ପାର୍ବଣରେ ମା' ଦୁର୍ଗାଙ୍କ ସହିତ ପ୍ରଭୁ ଶ୍ରୀରାମଙ୍କ ପୂଜା ବିଭିନ୍ନ ସ୍ଥାନରେ ମହା ଆଡମ୍ବର ସହକାରେ ପାଳନ କରାଯାଇଛି। ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ସିଂଗଝର ଗ୍ରାମରେ ପ୍ରଭୁ ରାମଚନ୍ଦ୍ର ଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ୧୨ତମ ବର୍ଷରେ ପଦାର୍ପଣ କରିଥିବା ବେଳେ ଗତ ୨୮ ତାରିଖ ଦିନ ଠାରୁ ଆରମ୍ଭ ହୋଇ ଏକ ସପ୍ତାହ ପର୍ଯ୍ୟନ୍ତ ପୂଜା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସକାଳ ଆଳତୀ ସନ୍ଧ୍ୟା ଧୂପ ନୈବେଦ୍ୟରେ ଶ୍ରଦ୍ଧାଳୁ ତଥା ରାମ ଭକ୍ତ ମାନେ ହଜି ଯାଇଥିଲେ। ୫ ତାରିଖ ସନ୍ଧ୍ୟାରେ ମହାପ୍ରଭୁଙ୍କ ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିରାଟ ପଟୁଆରରେ ଅନେକ ସାଂସ୍କୃତିକ ଦଳ ମଧ୍ୟରେ ପ୍ରଭୁ କୋଦଣ୍ଡଧାରୀ ବିଦାୟ କାଳୀନ ବିସର୍ଜନ ହେବ ବୋଲି କମିଟି ସୂଚନା ଦେଇଛି। ଚଳିତ ବର୍ଷ ପୂଜାର ସଭାପତି ଭାବରେ ପ୍ରେମ ସିଂ ମାଝି, ଉପସଭାପତି କୁମେଶ୍ୱର ମାଝି, ସମ୍ପାଦକ ରୋହିତ କୁମାର ମାଝି, କୋଷାଧ୍ୟକ୍ଷ ଲଳିତ ଅଗ୍ରୱାଲ, ଯୁଗ୍ମ ସମ୍ପାଦକ ଫୁଲସିଂ ମାଝି ରହିଥିବା ବେଳେ କର୍ତ୍ତା ଭାବରେ ଦୀନେଶ ମାଝି ଓ ତାଙ୍କ ପତ୍ନୀ ପୂର୍ଣ୍ଣମୀ ମାଝି ରହିଥିବା ବେଳେ ପୂଜକ ଭାବରେ ଧ୍ରୁବ ଷଡ଼ଙ୍ଗୀ କାର୍ଯ୍ୟ ନିର୍ବାହ କରିଥିଲେ। ତପରାଜ ମାଝି, ଅଶୋକ ମାଝି, ଆକାଶ ନାଏକ, ତପନ ମାଝି, କରନ ମାଝି, ତିରନ ମାଝି, ଅମନ ଅଗ୍ରୱାଲ, ଭୁତେଶ ବୈଠାରୁ, ସୁବାଷ ବୈଠାରୁ, ବିରେନ୍ଦ୍ର ମାଝି, ଅଜୁ ମାଝି, ପୁସ୍ତମ୍ ନାଏକ, ଡୋଳା ନାଏକ ସମେତ ଅନେକ ଦାୟିତ୍ୱ ନେଇ ପୂର୍ଣ୍ଣ ସହଯୋଗ କରିଥିଲେ।

## ବୌଦ୍ଧ ଜିଲ୍ଲାରେ ୮ ରୁ ନିଯୁକ୍ତି ଶିବିର

ବୌଦ୍ଧ, ୫ ।୧୦(ସମିସ): ବୌଦ୍ଧ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟର ମିଳିତ ସହଯୋଗରେ ଭାରତୀୟ ସୁରକ୍ଷା କମ୍ପାନୀ ପକ୍ଷରୁ ବୌଦ୍ଧ ଜିଲ୍ଲାର ୩ଟି ବ୍ଲକର ଶିକ୍ଷିତ ଯୁବକଙ୍କ ନିମନ୍ତେ ନିଯୁକ୍ତି ଶିବିର ଅନୁଷ୍ଠିତ ହେବ। ଚଳିତ ମାସ ୮ରୁ ୧୦ ପର୍ଯ୍ୟନ୍ତ ଏହି ନିଯୁକ୍ତି ଶିବିର ଆୟୋଜିତ ହେବ। ସୁରକ୍ଷା ଯବାନ, କ୍ୟାସ ସର୍ଭିସ, ସୁରକ୍ଷା ଅଧିକାରୀ ପଦବୀ ପାଇଁ ସମସ୍ତ ବ୍ଲକ କାର୍ଯ୍ୟାଳୟରେ ଚୟନ ଓ ପଞ୍ଜିକରଣ ଶିବିର ଅନୁଷ୍ଠିତ ହେବ। ହରଭଙ୍ଗା ବ୍ଲକରେ ୮ ତାରିଖରେ ହେବାକୁ ଥିବାବେଳେ କଣ୍ଟାମାଳ ବ୍ଲକରେ ୯ ତାରିଖ ଏବଂ ବୌଦ୍ଧ ବ୍ଲକରେ ୧୦ ତାରିଖରେ ଏହି ଶିବିର ଅନୁଷ୍ଠିତ ହେବ। ଏଥିପାଇଁ ପ୍ରାର୍ଥୀଙ୍କ ବୟସ ୧୯ ବର୍ଷରୁ ୪୦ ବର୍ଷ ପର୍ଯ୍ୟନ୍ତ ରହିଛି। ଅବସର ବୟସ ସୀମା ୬୫ ବର୍ଷ ରହିଛି। ପ୍ରାରମ୍ଭିକ ବେତନ ୧୪ ହଜାରରୁ ୨୫ ହଜାର ଏବଂ ଶିକ୍ଷାଗତ ଯୋଗ୍ୟତା ୧୦ ପାସ୍ କିମ୍ବା ଫେଲ୍, ଓଜନ ୫୬ କେଜିରୁ ୯୦ କେଜି ହୋଇଥିବା ଦରକାର। ତେବେ ମନୋନୀତ ପ୍ରାର୍ଥୀମାନଙ୍କୁ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ପକ୍ଷରୁ ପ୍ରଶିକ୍ଷଣ ଦିଆଯିବ। ପଞ୍ଜିକରଣ ଶୁଳ୍କ ୩୫୦ ଟଙ୍କା ରହିଛି। ଏହା ଅନଲାଇନ ମାଧ୍ୟମରେ ପୈଠ କରିବାକୁ ପଡ଼ିବ। ନିର୍ଦ୍ଧାରିତ ତାରିଖରେ ନିଜର ଶିକ୍ଷାଗତ ଯୋଗ୍ୟତାର ସମସ୍ତ ପ୍ରମାଣପତ୍ର, ଆଧାରକାର୍ଡ (ଅରିଜିନାଲ ଏବଂ ଜେରକ୍ସ) ତଥା ପାସପୋର୍ଟ ସାଇଜ ଫଟୋ ସହ ଚୟନ ସ୍ଥାନ ରେ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି।

- ପ୍ରବାସୀ ଶ୍ରମିକ ସଚେତନତା ସଭା

## ପ୍ଲାଷ୍ଟିକ ବର୍ଜନ ଉପରେ ସଚେତନତା



ନୂଆପଡ଼ା, ୫ ।୧୦(ସମିସ): ନୂଆପଡ଼ା ଜିଲ୍ଲା ବେଲଟୁକୁରୀ ପଞ୍ଚାୟତରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନଖଣ୍ଡ ଅଧିକାରୀ ଖଡ଼ିଆଳ ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ବିଡ଼ିଓ ରୋହିତ ଭୋଇ, ତହସିଲଦାର ପ୍ରଣବ ରଞ୍ଜନ ସାହୁ, ସ୍ଥାନୀୟ ସରପଞ୍ଚ ପୂଜା ଚନ୍ଦ୍ରକାର, ସମିତି ସଭ୍ୟ ନିଲ କମଲ ଚନ୍ଦ୍ରକାର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ନୂଆପଡ଼ା ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମସ୍ତ ଅତିଥି, ଅଧିକାରୀ ତଥା ଜନସାଧାରଣଙ୍କୁ ସ୍ୱାଗତ କରି ସଭା ପରିଚାଳନା କରିଥିଲେ।

ଜିଲ୍ଲାପାଳ ସମସ୍ତଙ୍କୁ ସମ୍ବୋଧନ କରି କହିଲେ ଯେ ଘର ପାଖରେ ବିଭିନ୍ନ ଶ୍ରମଭିତ୍ତିକ କାମ ତଥା ବ୍ୟବସାୟ ଆରମ୍ଭ କରିବା ପାଇଁ ସହଜ ଋଣ ମିଳୁଥିବାରୁ ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ନ ଯିବା ପାଇଁ ସମସ୍ତେ ପଣ କରନ୍ତୁ। ଜିଲ୍ଲା ପ୍ରଶାସନ ସମସ୍ତ ଶ୍ରମିକଙ୍କୁ ଖାଦ୍ୟ, ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ ସୁବିଧା ସହିତ ଜୀବନ ଜୀବିକା ନିର୍ବାହ ପାଇଁ ବିଭିନ୍ନ ଯୋଜନାରେ ସାମିଲ କରିବା ପାଇଁ ପଦକ୍ଷେପ ନେଉଛନ୍ତି। ଯେଉଁମାନେ ଗତ ବର୍ଷ ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ଯାଇଥିଲେ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସମସ୍ତ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ସମସ୍ତେ ମିଶି ନୂଆପଡ଼ାକୁ ପ୍ରବାସୀ ଶ୍ରମିକ ଏବଂ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲାରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଥିଲେ ।ଏହି ଅବସରରେ ପଞ୍ଚାୟତ ପାଇଁ ଏକ ବର୍ତ୍ତନ ବ୍ୟାଙ୍କର ଶୁଭ ଉଦ୍‌ଘାଟନ ହୋଇଥିଲା ।ସମାରୋହରେ ଝିଅ ପାଇଁ ଗଛଟିଏ ଏବଂ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ନୂଆପଡ଼ା ବିଡ଼ିଓ, ସିଡିପିଓ, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଆୟୋଜନ କରିଥିଲେ।

# ବିନା ସୂଚନା ଫଳକରେ ଚାଲିଛି କାମ

- ପର୍ଲା ଆଦର୍ଶ ବିଦ୍ୟାଳୟ ଛାତ୍ର ଆବାସ ନିର୍ମାଣ
- ଆରମ୍ଭରୁ ନିମ୍ନମାନ କାମକୁ ନେଇ ଗ୍ରାମବାସୀ କ୍ଷୁବ୍ଧ

ଧର୍ମଗଡ଼, ୫ ।୧୦(ସମିସ)



ସରକାରି ଉନ୍ନୟନ ମୂଳକ କାମର ସମ୍ପୂର୍ଣ୍ଣ ବିବରଣୀ ଜନସାଧାରଣ ଜାଣିବା ପାଇଁ କାମ ଆରମ୍ଭରେ ସୂଚନା ଫଳକ ଲଗେଇବାକୁ ବାଧ୍ୟତାମୂଳକ ଥିବା ନିୟମ ରହିଛି ।ଏଥିପାଇଁ ସରକାରଙ୍କ କଡା ନିର୍ଦ୍ଦେଶ ରହିଛି। ଏଥିରେ କାମ ହେଉଥିବା ବିଭାଗ, ତାର ବ୍ୟୟବରାଦ ଅର୍ଥ ପରିମାଣ, କାର୍ଯ୍ୟ ଆରମ୍ଭ ତାରିଖ, କାମ ଶେଷ ଅବଧି ଓ ଠିକାଦାରଙ୍କ ନାମ ସହ ତତ୍ତ୍ୱବଧାନ ଯନ୍ତ୍ରୀଙ୍କ ନାମ ଉଲ୍ଲେଖ ରଖା ଯିବା ବ୍ୟବସ୍ଥା ରହିଛି। ହେଲେ ଧର୍ମଗଡ଼ ବ୍ଲକ ପର୍ଲା ଆଦର୍ଶ ବିଦ୍ୟାଳୟ ଠାରେ ବାଳକ ଆବାସିକ ଗୃହ ବିନା ସୂଚନା ଫଳକରେ ନିର୍ମାଣ ହୋଇଥିବା ଦେଖା ଯାଇଛି। ଯାହା ଜନସାଧାରଣ ବିବରଣୀ ପାଇବାରେ ବଞ୍ଚିତ ହେଉଥିବା ନେଇ ଉତ୍ତେଜନା ପ୍ରକାଶ ପାଉଛି। ଅନ୍ୟପଟେ ଆରମ୍ଭରୁ କାମ ନିମ୍ନମାନର ହେଉଥିବା ଅଭିଯୋଗ ହେଉଥିବା ବେଳେ ତାର ସ୍ଥାୟୀତ୍ୱକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଆଦର୍ଶ ବିଦ୍ୟାଳୟ ପରିସରରେ ଗତ କିଛିଦିନ ତଳୁ ଛାତ୍ରଙ୍କ ଆବାସ ବିଲ୍ଡିଂ କାମ ଆରମ୍ଭ ହୋଇଛି। ବିମ ସବୁ ଉଠିବା ସମୟରେ ସେତେବେଳେ ଭଲ ଭାବେ ପାଣି ଦିଆଯାଉ ନ ଥିବା ଲୋକେ ଅଭିଯୋଗ ଉଠିଥିଲା। ହେଲେ ବିଭାଗ ଯନ୍ତ୍ରୀ ଅଭିଯୋଗକୁ ଅଣଦେଖା କରି ଠିକାଦାରଙ୍କୁ ଘଣ୍ଟ ଘୋଡେଇ ଥିଲେ। ସୂଚନାଫଳକ ନ ଥିବାରୁ ଠିକାଦାରଙ୍କ ପରିଚୟ ଜଣାପଡୁ ନଥିଲେ ହିଁ ଅଞ୍ଚଳର ଜଣେ ଠିକାଦାର କାମ କରୁଥିବା କୁହାଯାଏ। ଯେଉଁ ଠିକାଦାରଙ୍କ ନାମରେ ପୂର୍ବରେ ଅନେକ ଉନ୍ନୟନ କାମ ନିମ୍ନମାନ ର ହୋଇଥିବା ଉଦାହରଣ ଥିବା ଆଲୋଚନା ହୁଏ। ତେବେ ବିଭାଗୀୟ ଯନ୍ତ୍ରୀ ସମରେନ୍ଦ୍ର ବିଶ୍ୱାଳଙ୍କ କହିବା ଅନୁଯାୟୀ ଏହି କାମ ପାଇଁ ପ୍ରାୟ ୪କୋଟିରୁ ଉର୍ଦ୍ଧ୍ୱ ଅର୍ଥ ବ୍ୟୟବରାଦ ଥିବା କୁହାଯାଉଥିବା ବେଳେ ଠିକାଦାର ଙ୍କ ପାଇଁ ସୁନା ଅଣ୍ଡା ଦିଆ କୁକୁଡ଼ା ପାଲଟିଛି। ଲୋକଙ୍କ କହିବା ମତେ ବିନା ଯନ୍ତ୍ରୀଙ୍କ ଉପସ୍ଥିତିରେ ଠିକାଦାର କାମ ଆଗେଇ ଥିବା ବେଳେ ବର୍ତ୍ତମାନ ନିର୍ମାଣ କାମ ମଧ୍ୟ ବର୍ତ୍ତିକୁ ପହଞ୍ଚିଛି ।ହେଲେ ନିର୍ମାଣ କାମର ସ୍ଥାୟୀତ୍ୱ ଉପରେ ଗ୍ରାମବାସୀ ସନ୍ଦେହ ପ୍ରକାଶ କରିବା ସହ ଗାଁରେ ଅସନ୍ତୋଷ ଦେଖାଦେଇଛି। ବିଭାଗୀୟ ଯନ୍ତ୍ରୀ ସମରେନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ ସୂଚନା ଫଳକ ଟଙ୍ଗା ଯିବା ଉପରେ ପ୍ରଶ୍ନ କରାଯାଇଥିଲେ- ସେତେବେଳେ ସୂଚନା ଫଳକ ନିର୍ମାଣ ପାଇଁ ଦିଆଯାଇଥିବା କହିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ଲଗା ନ ଯିବା ନିହାତି ଯନ୍ତ୍ରୀଙ୍କ ଠିକାଦାର ପ୍ରତି ସହାନୁଭୂତି ଥିବା ଚର୍ଚ୍ଚା ହୁଏ। ଅନ୍ୟପଟେ ନିମ୍ନମାନ କାମ ପ୍ରଶ୍ନକୁ ବିଭାଗ ଯନ୍ତ୍ରୀ ଖଣ୍ଡନ କରିଛନ୍ତି। ତେବେ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ନିଜ ଲୋକ ଶତ୍ରୁ ସାଜିବେ। ପରିବାର ଲୋକଙ୍କ ସହିତ ସମୟ ବିତାଇବେ। କୋର୍ଟ କଚେରୀ ମାମଲାର ସମାଧାନ ହେବ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିବ। ଚକ୍ଷୁଜନିତ ସମସ୍ୟା ଭୋଗିପାରନ୍ତି। ଯୋଗ ଏବଂ ପ୍ରାଣାୟାମ କରନ୍ତୁ। ବ୍ୟବସାୟୀଙ୍କୁ ବଢ଼ାଇବାକୁ ପ୍ରୟାସ କରିବେ।

**ମିଥୁନ:** ସମ୍ପର୍କୀୟଙ୍କ ସହିତ ଭେଟ ହେବ। ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। କ୍ରୋଧ ନିୟନ୍ତ୍ରଣ କରନ୍ତୁ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ପାରିବାରିକ ଜୀବନ ସୁଖମୟ ହେବ।

**କର୍କଟ:** ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ଅଫିସ୍ କର୍ମୀଙ୍କ ସହଯୋଗ ମିଳିବ। ପେଟଜନିତ ସମସ୍ୟା ଦେଖାଦେବ। ଉଧାର ଧନ ଫେରିପାଇବେ।

**ସିଂହ:** ଆଶା କରିଥିବା ବିଷୟରୁ ନିରାଶ ହୋଇପାରନ୍ତି। କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ। ଯେକୌଣସି ପରିସ୍ଥିତିକୁ ମୁକାବିଲା କରନ୍ତୁ। ଧାର କରଜ କରିବାରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଧନଧାନ୍ୟ ବୃଦ୍ଧି ହେବ। ଭାବପ୍ରବଣ ହୋଇ ଭୁଲ୍ ନିଷ୍ପତ୍ତି ନେଇ ପାରନ୍ତି। ନୂତନ ବ୍ୟବସାୟ ପୂର୍ବରୁ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ। ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ଇଚ୍ଛା ପୂରଣ ହେବ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୭୬୨- ବ୍ରିଟିଶ୍ ସୈନିକ ଫିଲିପାଇନ୍ସର ମାନିଲାକୁ କବ୍ଜା କଲେ।
- ୧୯୧୨- ଆମେରିକୀୟ ସେନା ନିକାରଗୁଆ ସହର ଲିୟୋନ ଉପରେ କବ୍ଜା କଲା।
- ୧୯୮୩- ପଞ୍ଜାବରେ ରାଷ୍ଟ୍ରପତି ଶାସନ ଲାଗୁ କରାଗଲା।
- ୧୯୮୭- ଫିଜି ଗଣରାଜ୍ୟ ଭାବେ ଘୋଷିତ ହେଲା।
- ୧୯୯୯- ସଂଯୁକ୍ତ ରାଷ୍ଟ୍ର ନିରସ୍ତ୍ରୀକରଣ ସମ୍ମିଳନୀ ଭିଏନାରେ ଆରମ୍ଭ ହେଲା।

# ସ୍ୱାସ୍ଥ୍ୟ ଖରାପ କରୁଛି ହ୍ୟାଣ୍ଡ ଡ୍ରାୟର



ସାଧାରଣତଃ ହାତ ଧୋଇବା ପରେ ଏହାକୁ ପୋଛି ଶୁଖାଇବା ପାଇଁ ଲୋକେ ପେପର୍ ଟାୱେଲ, ରୁମାଲ, ଟିସୁ ଆଦି ବ୍ୟବହାର କରନ୍ତି। ହେଲେ ଆଜିକାଲି ଅନେକ ଶୌଚାଳୟରେ ହାତକୁ ଶୁଖାଇବା ପାଇଁ ହ୍ୟାଣ୍ଡ ଡ୍ରାୟର ବ୍ୟବହାର କରାଯାଉଛି। ହାତକୁ ଶୁଖାଇବା ପାଇଁ ଏହା ବେଶ୍ ସୁବିଧା ଉପାୟ ବୋଲି ଲୋକେ ଭାବୁଛନ୍ତି। ହେଲେ ଅନେକ ଗବେଷଣାରୁ ଜଣାପଡ଼ିଛି ଯେ, ସର୍ବସାଧାରଣ ସ୍ଥାନରେ ଲଗାଯାଉଥିବା ହ୍ୟାଣ୍ଡ ଡ୍ରାୟର ଆଦୌ ସୁରକ୍ଷିତ ନୁହେଁ। ବାୟୋଲୋଜିଷ୍ଟ ଡା. ଲାରା ଗୋଞ୍ଜାଲେଜ୍ ସର୍ବସାଧାରଣ ସ୍ଥାନରେ ଲାଗିଥିବା ହ୍ୟାଣ୍ଡ ଡ୍ରାୟରର ବିପଦ ସମ୍ପର୍କରେ ଲୋକଙ୍କୁ ଚେତାଇଛନ୍ତି। ଶୌଚାଳୟରେ ପୂର୍ବରୁ ହିଁ ଜୀବାଣୁ ଏବଂ ଭୂତାଣୁ ଆଦି ଥାନ୍ତି। ଯେତେବେଳେ ହ୍ୟାଣ୍ଡ ଡ୍ରାୟର ବ୍ୟବହାର କରାଯାଏ, ଏହା ଟଏଲେଟ୍‌ରୁ ବାହାରୁଥିବା ମାଇକ୍ରୋଅର୍ଗାନିଜମ୍‌କୁ ଟାଣିଥାଏ। ଫଳରେ ଏହା ସିଧାସଳଖ ହାତକୁ ଆସେ। ସେହିପରି ଏହା କେବଳ ହାତକୁ ନୁହେଁ, ବରଂ ପୂରା ଶୌଚାଳୟକୁ ଅପରିଷ୍କାର କରିଥାଏ। ଅନ୍ୟପଟେ ଅଧିକ ପବନ ଯୁକ୍ତ ଜେଟ୍ ଡ୍ରାୟର ଏହି ବିପଦକୁ ଆହୁରି ବଢ଼ାଇ ଦିଏ। କାରଣ ଏହି ଦୂଷିତ କଣିକା, ହାତ, ପୋଷାକ ଏବଂ ଆଖପାଖ ଜିନିଷରେ ବ୍ୟାପିଯାଏ। ଏହାଦ୍ୱାରା ଡ୍ରାୟର ବ୍ୟବହାର କରୁଥିବା ଲୋକେ ଜୀବାଣୁର ଅଧିକ ନିକଟବର୍ତ୍ତୀ ହୋଇଥାନ୍ତି। ଏହି ଡ୍ରାୟର ଛୋଟ ପିଲା ଓ ବୟସ୍କଙ୍କ ପାଇଁ ଅଧିକ ବିପଜ୍ଜନକ କାରଣ ସେମାନଙ୍କର ରୋଗପ୍ରତିରୋଧକ ଶକ୍ତି କମ୍ ହୋଇଥିବାରୁ ଏଥିରୁ ସେମାନଙ୍କୁ ସଂକ୍ରମଣ ହେବା ଆଶଙ୍କା ଅଧିକ ଥାଏ। ସେହିପରି ଏହାକୁ ମଧୁମେହ, କର୍କଟ କିମ୍ବା ଅନ୍ୟ ରୋଗରେ ପୀଡ଼ିତ ଲୋକେ ବ୍ୟବହାର କରିବା ଅନୁଚିତ। କାରଣ ଏମାନଙ୍କର ରୋଗପ୍ରତିରୋଧକ ଶକ୍ତି କମ୍ ଥାଏ। ଏହାବାଦ୍ ଫୁଡ୍ ଇଣ୍ଡଷ୍ଟ୍ରି, ହସ୍‌ପିଟାଲ, ଏବଂ କ୍ଲିନିକ୍‌ରେ କାମ କରୁଥିବା ଲୋକେ ମଧ୍ୟ ଏହାଦ୍ୱାରା ଶୀଘ୍ର ସଂକ୍ରମିତ ହେବା ଆଶଙ୍କା ଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ହାତ ଶୁଖାଇବା ପାଇଁ ପେପର ଟାୱେଲ ସବୁଠୁ ସୁରକ୍ଷିତ। କାରଣ ଏହା ଶୀଘ୍ର ହାତର ଆର୍ଦ୍ରତାକୁ ଶୋଷି ନିଏ। ସବୁଠୁ ବଡ଼ କଥା ହେଲା, ଏହାଦ୍ୱାରା ଜୀବାଣୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବ୍ୟାପିବା ଆଶଙ୍କା କମ୍ ଥାଏ।

## ହିମାଚଳର ନିଆରା ପରମ୍ପରା

# ବିନା ବରରେ ବିବାହ



ବିବାହକୁ ନେଇ ଆମ ଦେଶରେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ରୀତିନୀତି, ପ୍ରଥା, ପରମ୍ପରା ଦେଖିବାକୁ ମିଳିଥାଏ। ଏହି କ୍ରମରେ ହିମାଚଳ ପ୍ରଦେଶରେ ମଧ୍ୟ ବିବାହକୁ ନେଇ ଏକ ନିଆରା ପରମ୍ପରା ପ୍ରଚଳିତ। ଖଞ୍ଜର ବିବାହ ନାମରେ ପରିଚିତ ଏହି ପରମ୍ପରା ହିମାଚଳ ପ୍ରଦେଶର କୁଲ୍ଲୁ, ଶିମ୍‌ଲା, କିନ୍ନୌର ଅଞ୍ଚଳରେ ଦେଖିବାକୁ ମିଳିଥାଏ। ଏହି ପରମ୍ପରା ଅନୁଯାୟୀ, ବିବାହ ପାଇଁ ବର, କନିଆ ଘରକୁ ଯାଇ ନ ଥାଏ। ବର ବଦଳରେ ଛୁରୀ ବରଯାତ୍ରୀ ସହ କନିଆ ଘରକୁ ଯାଇଥାଏ। ଏହି ଛୁରୀକୁ ବରର ପ୍ରତୀକ ଭାବେ ଜଣାଯାଏ। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ବିବାହ ସମୟରେ ବର ଘରୁ ମଧ୍ୟ ବାହାରି ନ ଥାଏ। ଅନ୍ୟ ବିବାହ ଭଳି ଏଥିରେ ରୋଷଣି, ନୃତ୍ୟ, ଗୀତର ଆସର ଦେଖିବାକୁ ମିଳେନାହିଁ। ବରପକ୍ଷରୁ ୫,୭ କିମ୍ବା ୧୧ ଜଣ କନିଆ ଘରକୁ ଯାଇଥାନ୍ତି। ଏହି ଦଳର ନେତୃତ୍ୱ ବରର ବଡ଼ ଭାଇ କିମ୍ବା କେହି ନିକଟ ସମ୍ପର୍କୀୟ ନେଇଥାନ୍ତି। ବରର ପ୍ରତୀକାତ୍ମକ ଭାବେ ସେହି ଛୁରୀଟି ସେ ସଙ୍ଗରେ ନେଇଥାନ୍ତି। ବର, ବଦଳରେ ଛୁରୀରେ ବିବାହର ସମସ୍ତ ରୀତିନୀତି କରାଯାଇଥାଏ। କନିଆ ଘରେ ହଳଦୀ, ମେହେନ୍ଦୀ ବିଭିନ୍ନ ପରମ୍ପରା ଛୁରୀ ସାହାଯ୍ୟରେ କରାଯାଇଥାଏ। ସମସ୍ତ ରୀତିନୀତି ପୂର୍ଣ୍ଣ ହେବା ପରେ, ଛୁରୀକୁ ସାଥିରେ ନେଇ କନିଆ ବର ଘରକୁ ଯାଇଥାଏ। ସେଠାରେ ସେ ପ୍ରଥମ କରି ବରକୁ ଦେଖେ। ବାହାଘରର ଶେଷ ରୀତିନୀତିଗୁଡ଼ିକ ବର ଘରେ କରାଯାଏ। ବର ଛୁରୀ ନେଇ କନିଆ ମଥାରେ ସିନ୍ଦୂର ଦିଏ। କୁହାଯାଏ, ଏହି ପରମ୍ପରା ଆର୍ଥିକ ସମସ୍ୟାକୁ ଦୃଷ୍ଟିରେ ରଖି ଆରମ୍ଭ ହୋଇଥିଲା। ହିମାଚଳ ପ୍ରଦେଶ ଭଳି ପାହାଡ଼ିଆ ଅଞ୍ଚଳରେ ଭୋଜିଭାତ, ଭବ୍ୟ ରୋଷଣି ଆଦି କରିବା କଠିନ ଓ ବ୍ୟୟ ବହୁଳ ହୋଇଥାଏ। ତେଣୁ କନିଆ ଘର ଉପରେ ଆର୍ଥିକ ବୋଝ ନ ପଡ଼ିବା ପାଇଁ ଏହି ପରମ୍ପରାର ଆରମ୍ଭ କରାଯାଇଥିଲା। ସେହିଭଳି ଏଠାରେ ପ୍ରଚଳିତ ଆଉ କିଛି ଲୋକକଥା ଅନୁସାରେ, ହିମାଚଳର ଘାଟି ଅଞ୍ଚଳରେ ବର ବିବାହ ପାଇଁ କନିଆ ଘରକୁ ଯିବାକୁ ଲୋକେ ସୁରକ୍ଷିତ ମନେ କରୁ ନ ଥିଲେ। ସେଥିପାଇଁ ଏଭଳି ଏକ ପ୍ରଥାର ଆରମ୍ଭ କରାଯାଇଥିବା କୁହାଯାଏ। ସେହିପରି ଏଠାରେ ପ୍ରଚଳିତ ଅନ୍ୟ ଲୋକକଥା ଅନୁସାରେ, ଛୁରୀକୁ କନିଆର ରକ୍ଷକ କୁହାଯାଏ। ଏହା କନିଆକୁ ଏକ ନୂଆ ଘରକୁ ଯିବା ପୂର୍ବରୁ ସବୁପ୍ରକାର ନକାରାତ୍ମକତାରୁ ରକ୍ଷା କରିଥାଏ ବୋଲି ବିଶ୍ୱାସ ରହିଛି। ଅବଶ୍ୟ ଏବେ ଏଠାରେ ଏଭଳି ବିବାହ ବହୁତ କମ୍ ଦେଖିବାକୁ ମିଳୁଛି। ଏହା କେବଳ ପାହାଡ଼ିଆ ଘାଟି ଅଞ୍ଚଳରେ ଦେଖିବାକୁ ମିଳୁଛି।

# 'ଫୋର୍ସ ୩'ରେ ମୀନାକ୍ଷୀ



ଦୀର୍ଘ ନଅ ବର୍ଷ ପରେ ଜନ୍ ଅବ୍ରାହମ୍‌ଙ୍କ 'ଫୋର୍ସ' ସିରିଜ୍‌ର ତୃତୀୟ ଫିଲ୍ମ 'ଫୋର୍ସ ୩' ଆସିବାକୁ ଯାଉଛି। ୨୦୨୨ରେ ଜନ୍ 'ଫୋର୍ସ'ର ରାଇଟ୍‌ସ କିଣିବା ସହ ଏହି ସିରିଜ୍‌ର ତୃତୀୟ ଫିଲ୍ମ ଖୁବ୍‌ଶୀଘ୍ର ଆଣିବେ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ଇତିମଧ୍ୟରେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି। ଫିଲ୍ମର ପ୍ରିପ୍ରଡକ୍ସନ କାମ ସରିଯାଇଛି। ଆସନ୍ତା ନଭେମ୍ବରରୁ ଏହାର ସୁଟିଂ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ସବୁଠୁ ବଡ଼ କଥା ହେଉଛି, ଏହାର ହିରୋଇନ୍‌ଙ୍କୁ ଇତିମଧ୍ୟରେ ଫାଇନାଲ କରାଯାଉଛି। ସାଉଥ୍‌ର ଲୋକପ୍ରିୟ ଅଭିନେତ୍ରୀ ମିନାକ୍ଷୀ ଚୌଧୁରୀଙ୍କୁ ଏଥିରେ ନାୟିକା ପାଇଁ ଫାଇନାଲ କରାଯାଇଛି। ତେବେ ୨୮ ବର୍ଷୀୟା ମିନାକ୍ଷୀ ପ୍ରଥମ ଥର ପାଇଁ ୫୨ ବର୍ଷୀୟ ଜନ୍‌ଙ୍କ ସହ ପରଦା ଉପରେ ଏକାଠି ନଜର ଆସିବେ। ଏହି ଫିଲ୍ମ ମାଧ୍ୟମରେ ମୀନାକ୍ଷୀ ବଲିଉଡ୍‌ରେ ଡେବ୍ୟୁ କରିବେ। ଭବ ଧୂଲିଆଙ୍କ ନିର୍ଦ୍ଦେଶିତ 'ଫୋର୍ସ ୩' ଏକ ଆକ୍ସନ୍ ଭିତ୍ତିକ ଡ୍ରାମା ହେବ। ଜନ୍ ଏବେ ରାକେଶ ମାରିଆଙ୍କ ବାୟୋପିକ୍ ଫିଲ୍ମର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହାର ସୁଟିଂ ଅକ୍ଟୋବର ଶେଷ ବେଳକୁ ସରିଯିବ। ଏହାପରେ ଜନ୍ 'ଫୋର୍ସ ୩'ର ସୁଟିଂ ଆରମ୍ଭ କରିବେ।

# କୁମାର ପୂର୍ଣ୍ଣିମା



**ଆଶ୍ୱିନ ମାସ ପୂର୍ଣ୍ଣିମା ତିଥିରେ ପାଳନ କରାଯାଏ କୁମାର ପୂର୍ଣ୍ଣିମା। ଏହା ଶରତ ପୂର୍ଣ୍ଣିମା ଭାବେ ମଧ୍ୟ ପରିଚିତ। ଏହିଦିନ ମା' ଲକ୍ଷ୍ମୀଙ୍କର ଆରାଧନା କରାଯାଉଥିବାରୁ ଏହାକୁ ଗଜଲକ୍ଷ୍ମୀ ପୂଜା କୁହାଯାଏ। ଏହାକୁ ମୁଖ୍ୟତଃ କୁମାରୀ କନ୍ୟାମାନଙ୍କର ପର୍ବ ରୂପେ ବିବେଚନା କରାଯାଏ।**

କୁମାରୀମାନେ କାର୍ତ୍ତିକେୟଙ୍କ ଭଳି ସୁନ୍ଦର ଜୀବନସାଥୀ ପାଇବା ପାଇଁ ଏହାକୁ ପାଳନ କରନ୍ତି। ଏହିଦିନ ପୂଜା କଲେ ଭଲ ବର ମିଳେ ବୋଲି ବିଶ୍ୱାସ ରହିଛି। ସନ୍ଧ୍ୟାରେ ଜହ୍ନ ଆସିଲେ କୁମାରୀ ମାନେ ଚାନ୍ଦ ପୂଜା କରନ୍ତି। ସେହିପରି ଏହିଦିନ ତୁଳସୀ ଚଉରା, ଚନ୍ଦ୍ର , ସୂର୍ଯ୍ୟ ଓ କାର୍ତ୍ତିକଙ୍କର ପୂଜା କରାଯାଇ ଧନ, ଯଶ ଓ ପୌରୁଷ କାମନା କରାଯାଏ। ଅନ୍ୟପଟେ କୁମାରୀମାନେ ବଡ଼ି ଭୋରରୁ ଉଠି ସ୍ନାନକର୍ମ ସାରି ନୂତନ ବସ୍ତ୍ର ପରିଧାନ କରନ୍ତି। ଏହାପରେ ବୃନ୍ଦାବତୀଙ୍କ ପାଖରେ ଆଞ୍ଜୁଳାରେ ସାତ ପ୍ରକାର ଫଳ ନେଇ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଅର୍ପଣ କରନ୍ତି। ଏହାକୁ ଆଞ୍ଜୁଳା ଟେକା କୁହାଯାଏ। ଏହାବାଦ୍ ଚଉଳା ମୂଳ ଲିପି ଝୋଟିଚିତା ପକାନ୍ତି। ଖଇ, ଗୁଆ, କଦଳି, କସି କାକୁଡ଼ି, ନଡ଼ିଆ, ଜହ୍ନି, ଆଖୁ ଆଦି ଫଳ ଫୁଲ ପୂଜା କରାଯାଏ। ତେବେ ସନ୍ଧ୍ୟାରେ କୁମାରୀମାନେ ଏକତ୍ର ହୋଇ ଚଉରା ମୂଳେ ଚାନ୍ଦ ପୂଜା କରନ୍ତି। ଭୋଗ ପାଇଁ ଖଇ, ନଡ଼ିଆ, କଦଳୀ, ଛେନା, ଦହି, କ୍ଷୀର ଆଦି ମିଶାଇ ଚକଟା ପ୍ରସ୍ତୁତ କରାଯାଏ। ଏହାକୁ ଚାନ୍ଦ ଚକଟା କୁହାଯାଏ। ଏହି ଚକଟା ପୁନେଇଁ ଜହ୍ନରେ ଭୋଗ ଲାଗି ହୁଏ। ପୂଜା ସରିଲା ପରେ ଭୋଗ ଖାଇ କୁମାରୀ କନ୍ୟାମାନେ ଉପବାସ ଭାଙ୍ଗିଥାନ୍ତି। ପୂଜା ପରେ ଗାଁ ଗହଳିର ଝିଅମାନେ ଗୀତ ଗାଇ ପୁଚି ଖେଳିଥାନ୍ତି।

## ସ୍ୱସ୍ତିକ ଚିହ୍ନର ମହତ୍ତ୍ୱ

**ସନାତନ ଧର୍ମରେ ସ୍ୱସ୍ତିକ ଚିହ୍ନର ବିଶେଷ ମହତ୍ତ୍ୱ ଅଛି। କୌଣସି ଶୁଭକାର୍ଯ୍ୟର ଆରମ୍ଭ ସ୍ୱସ୍ତିକ ଚିହ୍ନରୁ ହୋଇଥାଏ। ଧାର୍ମିକ ମାନ୍ୟତାନୁସାରେ, ସ୍ୱସ୍ତିକ ଚିହ୍ନକୁ ଘରେ ଅଙ୍କନ କରିବା ଦ୍ୱାରା ସକାରାତ୍ମକ ଶକ୍ତି ସଞ୍ଚାର ହୁଏ। ଏହା ବାସ୍ତୁଦୋଷ ଦୂର କରିବାରେ ସାହାଯ୍ୟ କରେ।**

- ପୂଜା ଏବଂ ଘରର ମୁଖ୍ୟ ଦ୍ୱାରରେ ସ୍ୱସ୍ତିକ ଚିହ୍ନ ଅଙ୍କନ କରିବା ଭଲ। ଏହା ଘରର ବାସ୍ତୁଦୋଷ ଦୂର କରିଥାଏ।
- ବ୍ୟବସାୟ ସ୍ଥଳରେ କୌଣସି ପ୍ରକାର ବାସ୍ତୁଦୋଷ ଥିଲେ ପୂର୍ବ, ଉତ୍ତର-ପୂର୍ବ ଏବଂ ଉତ୍ତର ଦିଗରେ ସ୍ୱସ୍ତିକ ଚିହ୍ନ ଅଙ୍କନ କରିବା ଉଚିତ।



- ଏହି ସ୍ଥାନରେ ଅଷ୍ଟଧାତୁ ବା ତମ୍ବା ନିର୍ମିତ ସ୍ୱସ୍ତିକ ଚିହ୍ନକୁ ଲଗାଇପାରିବେ।
- ପଢ଼ାରେ ବିଦ୍ୟାର୍ଥୀଙ୍କ ଧ୍ୟାନ କେନ୍ଦ୍ରିତ କରିବା ପାଇଁ ପଢ଼ା ଘରର ଦକ୍ଷିଣ-ପଶ୍ଚିମ ଦିଗରେ ସ୍ୱସ୍ତିକ ଚିହ୍ନ କରିବା ଭଲ।
- ସ୍ୱସ୍ତିକ ଚିହ୍ନ ପାଖରେ ଜୋତା ଚପଲ ରଖିବା ବାସ୍ତୁ ସମ୍ମତ ନୁହେଁ।

# ସ୍ୱସ୍ତି

# ପବିତ୍ର କାର୍ତ୍ତିକ ମାସ

ଆରମ୍ଭ ହେବ ପବିତ୍ର କାର୍ତ୍ତିକ ମାସ। ଭଗବାନ ବିଷ୍ଣୁ ଏବଂ ଲକ୍ଷ୍ମୀ ମା'ଙ୍କ ପ୍ରିୟ ମାସ ହେଉଛି କାର୍ତ୍ତିକ। ଏହି ମାସରେ ତୁଳସୀ ପୂଜାର ସ୍ୱତନ୍ତ୍ର ବିଧାନ ଅଛି। କୁହାଯାଏ, ଏହି ମାସରେ ଭଗବାନ ବିଷ୍ଣୁ ଯୋଗନିଦ୍ରାରୁ ଜାଗ୍ରତ ହୁଅନ୍ତି। ଉକ୍ତ ମାସରେ ମା' ଲକ୍ଷ୍ମୀ ଧରାପୃଷ୍ଠରେ ଭ୍ରମଣ କରନ୍ତି ଏବଂ ଭକ୍ତଙ୍କୁ ଅପାର ଧନ ଦିଅନ୍ତି। ତେବେ କାର୍ତ୍ତିକ ମାସରେ ତୁଳସୀ ପୂଜାର ବିଶେଷ ମହତ୍ତ୍ୱ ଅଛି। ଏଣୁ ଏହି ମାସ ତୁଳସୀ ଗଛ ଲଗାଇବାର ସର୍ବୋତ୍ତମ ସମୟ। ଏହି ମାସରେ ତୁଳସୀ ପୂଜା କରିବା ଦ୍ୱାରା ସମସ୍ତ ମନସ୍କାମନା ପୂରଣ ହୁଏ। ଘର ଅଗଣାର ମଝାମଝିରେ ତୁଳସୀ ଗଛ ଲଗାଇବା ଉଚିତ। ଏହାକୁ ଶୋଇବା ଘର ନଚେତ୍ ବାଲକୋନିରେ ଲଗାଇପାରିବେ। ପ୍ରାତଃକାଳରେ ତୁଳସୀ ଚଉଁରା ମୂଳେ ଜଳ ଅର୍ପଣ କରନ୍ତୁ ଏବଂ ଏହାର ଚତୁଃପାର୍ଶ୍ୱରେ ବେଢ଼ା କରନ୍ତୁ। ସେହିପରି କାର୍ତ୍ତିକ ମାସରେ ନିୟମିତ ସକାଳେ ଓ ସନ୍ଧ୍ୟାରେ ଘିଅ ଦୀପ ପ୍ରଜ୍ୱଳନ କରିବା ଉଚିତ। ତୁଳସୀ ପୂଜା ସମୟରେ ତୁଳସୀ ମନ୍ତ୍ର ଅବଶ୍ୟ ଉଚ୍ଚାରଣ କରନ୍ତୁ। ଏହାସହ ତୁଳସୀ ଚଉଁରାରେ ସ୍ୱସ୍ତିକ ଚିହ୍ନ ଅଙ୍କନ କରିବା ଶୁଭ ବୋଲି କୁହାଯାଏ। ମଙ୍ଗଳବାର ଦିନ ତୁଳସୀ ପତ୍ରକୁ ହନୁମାନଙ୍କଠାରେ ଲାଗି କଲେ ଧନ ପ୍ରାପ୍ତି ହୁଏ। ଅନ୍ୟପଟେ କାର୍ତ୍ତିକ ମାସରେ ଖାଦ୍ୟରେ ତୁଳସୀ ପତ୍ର ଉପଯୋଗ କଲେ ଘରେ ଶସ୍ୟର ଅଭାବ ରହେ ନାହିଁ।



# ଶ୍ରୀମଦ୍ ଭାଗବତରେ ପୁରଞ୍ଜନ ଉପାଖ୍ୟାନ

ଶିବନାରାୟଣ ମହାପାତ୍ର

('ଶ୍ରୀମଦ୍ ଭାଗବତରେ ପୁରଞ୍ଜନ ଉପାଖ୍ୟାନ'ର ଗତ ସଂସ୍କରଣରେ 'ପୁରଞ୍ଜନ ଉପାଖ୍ୟାନ' ନାମ କିଭଳି ହେଲା ସେ ସମ୍ପର୍କରେ କୁହାଯାଇଥିଲା। ଏଥର ପୁରଞ୍ଜନ ଉପାଖ୍ୟାନ ସମ୍ପର୍କରେ କୁହାଯାଇଛି)

ଉପାଖ୍ୟାନଟି ଏହିପରି:

ପୁରଞ୍ଜନ ଓ ଅଭିଜ୍ଞାତ ଦୁଇ ଜଣ ପରମ ମିତ୍ର ଥିଲେ ଏବଂ ସେମାନଙ୍କର ସମ୍ପର୍କ ଅତି ନିବିଡ ଥିଲା। ଅଭିଜ୍ଞାତ ସହିତ ମିଶିକରି ଥିବା ପର୍ଯ୍ୟନ୍ତ ପୁରଞ୍ଜନର ସମୟ ଅତି ସୁନ୍ଦର ଭାବରେ ଅତିବାହିତ ହେଉଥିଲା ଏବଂ ସେ ଆନନ୍ଦିତ ଥିଲା।

ଏକଦା ପୁରଞ୍ଜନର ସହର ଭ୍ରମଣ ପାଇଁ ଇଚ୍ଛା ହେଲା। ବିଭିନ୍ନ ସହର ପରିଭ୍ରମଣ କରି ପୁରଞ୍ଜନ ହିମାଳୟର ଦକ୍ଷିଣ ଦିଗରେ ଥିବା ଏକ ସହରରେ ପହଞ୍ଚିଲା। ସେହି ସହରରେ ନବଦ୍ୱାର ବିଶିଷ୍ଟ ଏକ ଦ୍ୱି ତଳ ପ୍ରାସାଦ ଦେଖିଲା। ସେହି ପ୍ରାସାଦରେ ଉପରେ ସାତ ଗୋଟି ଓ ତଳେ ଦୁଇ ଗୋଟି, ଏ ଭଳି ୯ ଗୋଟି ଦ୍ୱାର ଥିଲା। ସେହି ପ୍ରାସାଦର ପାଞ୍ଚ ଗୋଟି ପ୍ରାଚୀର ମଧ୍ୟ ଥିଲା।

ସେହି ପ୍ରାସାଦ ଭିତରେ ଜଣେ ସୁନ୍ଦରୀ କନ୍ୟା ବାସ କରୁ ଥିଲା - ତା'ର ନାମ ପୁରଞ୍ଜନୀ। ପୁରଞ୍ଜନୀଙ୍କୁ ପାଞ୍ଚ ଫଣା ବିଶିଷ୍ଟ ଏକ ସର୍ପ ଘେରି ରହି ଥିଲା। ପୁରଞ୍ଜନୀର ଦଶ ଜଣ ଅଙ୍ଗ ରକ୍ଷକ ଓ ଜଣେ ସେନାପତି ଥିଲେ। ପୁରଞ୍ଜନୀ ଦୁଇ ଚକ ବିଶିଷ୍ଟ ଏକ ରଥରେ ଭ୍ରମଣ କରୁଥିଲା ଓ ଏହାକୁ ପାଞ୍ଚଟି ଘୋଡା ଟାଣୁ ଥିଲେ।

ପୁରଞ୍ଜନୀ ଅବିବାହିତ ଥିଲା। ପୁରଞ୍ଜନଙ୍କୁ ଦେଖି ପୁରଞ୍ଜନୀ ବିବାହ ପ୍ରସ୍ତାବ ଦିଅନ୍ତେ ପୁରଞ୍ଜନ ଆଗ୍ରହ ସହକାରେ ପୁରଞ୍ଜନୀ ଙ୍କୁ ବିବାହ କଲା। ଉଭୟ ପୁରଞ୍ଜନ ଓ ପୁରଞ୍ଜନୀଙ୍କ ସମୟ ଅତି ଖୁସୀ ରେ ଅତିବାହିତ ହେଲା। ପୁରଞ୍ଜନ ପୁରଞ୍ଜନୀଙ୍କ ପ୍ରତି ଏତେ ବିମୋହିତ ହୋଇ ଗଲା ଯେ, ପୁରଞ୍ଜନୀ ଯାହା କହେ, ପୁରଞ୍ଜନ ବିନା ଦ୍ୱିଧାରେ ମାନି ଯାଏ। ପୁରଞ୍ଜନୀ ହସିବାକୁ କହିଲେ ପୁରଞ୍ଜନ ହସେ, ପୁରଞ୍ଜନୀ କାନ୍ଦିବାକୁ କହିଲେ ପୁରଞ୍ଜନ କାନ୍ଦେ।

ଏଇ ଭଳି ଭୋଗ ବିଳାସ ରେ ସମୟ ଅତିବାହିତ ହେଲା ଓ କାଳ କ୍ରମେ ପୁରଞ୍ଜନ ଓ ପୁରଞ୍ଜନୀ ଅନେକ ସନ୍ତାନ ସନ୍ତତିଙ୍କ ପିତା ମାତା ହେଲେ।

କିଛି କାଳ ଅତିବାହିତ ହେବ ପରେ ଜରା ନାମକ ଏକ ଅତି କଦର୍ଯ୍ୟ ଚେହେରା ବିଶିଷ୍ଟ ନରଙ୍କର ପୁରଞ୍ଜନଙ୍କ ଉପରେ ନଜର ପଡିଲା। ଜରା ପୁରଞ୍ଜନଙ୍କୁ ବିବାହ କରିବାକୁ ଚାହିଁଲା। ଜରାର ଚେହେରା ଏତେ କଦର୍ଯ୍ୟ ଥିଲା ଯେ ତାକୁ କେହି ବିବାହ କରୁ ନ ଥିଲେ। ଜରାର ଚଣ୍ଡବେଗ ନାମକ ଜଣେ ବନ୍ଧୁ ଥିଲା। ତା'ର ତିନିଶହ ପଞ୍ଚଷଠି ଜଣ ଧଳା ଓ ତିନିଶହ ପଞ୍ଚଷଠି ଜଣ କଳା ସୈନିକ ଥିଲେ। ଚଣ୍ଡବେଗ ସାହାଯ୍ୟରେ ଜରା ପୁରଞ୍ଜନୀ ଓ ପୁରଞ୍ଜନ ଙ୍କୁ ଆକ୍ରମଣ କଲା। ଏହି ଆକ୍ରମଣରେ ଉଭୟ ମୃତ୍ୟୁ ବରଣ କଲେ। ମାତ୍ର ପୁରଞ୍ଜନ ପୁରଞ୍ଜନୀ ପ୍ରତି ଏତେ ବିମୋହିତ ଥିଲେ ଯେ ମୃତ୍ୟୁ ବେଳେ ପୁରଞ୍ଜନୀକୁ ଝୁରି ଝୁରି ମୃତ୍ୟୁ ବରଣ କଲା। କୁହାଯାଏ, ମଣିଷ ଯାହାକୁ ଝୁରି ମୃତ୍ୟୁ ବରଣ କରେ, ସେହି ଯୋନିରେ ପରବର୍ତ୍ତୀ ଜନ୍ମ ପାଏ। ଏହି ସତ୍ୟରେ ପୁରଞ୍ଜନ ପରଜନ୍ମରେ ବିଦେହ ଦେଶର ରାଜାଙ୍କ କନ୍ୟା ଭାବରେ ଜନ୍ମ ନେଲା। ତା'ର ନାଁ ରହିଲା ବୈଧର୍ବୀ। ପରବର୍ତ୍ତୀ ଅବସ୍ଥାରେ ସେ ମଳୟ ଦେଶର ରାଜକୁମାର ମଳୟଧ୍ୱଜଙ୍କୁ ବିବାହ କଲା।

ଏକଦା ଶିକାର ଖେଳୁ ଖେଳୁ ମଳୟଧ୍ୱଜ ମୃତ୍ୟୁ ବରଣ କଲେ। ତତ୍କାଳିନ ପ୍ରଥା ଅନୁଯାୟୀ ବୈଧର୍ବୀ ମଳୟଧ୍ୱଜଙ୍କ ଚିତାରେ ସତୀ ହେବାକୁ ଚେଷ୍ଟା କରୁଥିବା ଅବସ୍ଥାରେ ଅଭିଜ୍ଞାତ ଆବିର୍ଭାବ ହେଲେ। ନିଜର ଅନ୍ତରଙ୍ଗ ବନ୍ଧୁଙ୍କର ଅବସ୍ଥା ଦେଖି ଅତ୍ୟନ୍ତ ଦୁଃଖିତ ହେଲେ। ପୁରଞ୍ଜନଙ୍କୁ ନିଜର ପରିଚୟ ଦେଇ ପୁନର୍ବାର ପୂର୍ବ ଅବସ୍ଥାକୁ ଫେରିଯିବାକୁ ଅନୁରୋଧ କଲେ।

ଇଏ ହେଲା ଉପାଖ୍ୟାନର ମାର୍ମିକ କଥା।

(କ୍ରମଶଃ...)

କେଶୁରା
ମୋ: ୮୨୪୯୨୧୩୦୪୦

**ମହିଳା ବିଶ୍ୱକପ୍‌ରେ କ୍ରାନ୍ତି ଗୌଡ ଓ ଦୀପ୍ତି ଶର୍ମାଙ୍କ ଚମତ୍କାର ବୋଲିଂ**

# ପାକିସ୍ତାନକୁ ୮୮ ରନ୍‌ରେ ହରାଇଲା ଭାରତ

କଲମ୍ବୋ,୫।୧୦(ସମିସ)



କ୍ରାନ୍ତି ଗୌଡ଼ (୩/୨୦), ଦୀପ୍ତି ଶର୍ମା (୩/୪୫) ଓ ସ୍ନେହ ରାଣା (୨/୩୮)ଙ୍କ ଚମତ୍କାର ବୋଲିଂ ବଳରେ ଏଠାରେ ରବିବାର ଅନୁଷ୍ଠିତ ମହିଳା ବିଶ୍ୱକପ୍ ମ୍ୟାଚ୍‌ରେ ଭାରତ ୮୮ ରନ୍‌ରେ ପାକିସ୍ତାନକୁ ପରାସ୍ତ କରିଛି। ଏହା ଫଳରେ ଭାରତ ୨ଟି ମ୍ୟାଚ୍‌ରୁ ୨ଟି ବିଜୟ ସହ ପଏଣ୍ଟ ଟେବଲର ପ୍ରଥମ ସ୍ଥାନରେ ରହିଛି। ଅନ୍ୟ ପକ୍ଷରେ ପ୍ରଥମ ମ୍ୟାଚ୍‌ରେ ୭ ୱିକେଟରେ ବାଂଲାଦେଶଠାରୁ ହାରିଥିବା ପାକିସ୍ତାନ ଏଠାରେ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ପ୍ରଥମ ମ୍ୟାଚ୍‌ରେ ଭାରତ ୫୯ ରନ୍‌ରେ ଶ୍ରୀଲଙ୍କାକୁ ହରାଇଥିଲା। ବିଶାଖାପାଟଣାରେ ଅକ୍ଟୋବର ୯ ତାରିଖରେ ଭାରତ ତାହାର ତୃତୀୟ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ।

ଏଠାରେ ବିବାଦୀୟ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୨୪୭ ରନ୍ କରିଥିଲା। ଦଳ ପକ୍ଷରୁ ହର୍ଲିନ ଦେଓଲ ସର୍ବାଧିକ ୪୬ ଓ ରିଚା ଘୋଷ ବିସ୍ଫୋରକ ୩୫ ରନ୍ କରି ଅପରାଜିତ ରହିଥିଲେ। ଜବାବରେ ୨୪୮ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ପାକିସ୍ତାନ ୪୩ ଓଭରରେ ମାତ୍ର ୧୫୯ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ୩ଜଣ ବ୍ୟାଟର ଡବଲ ଫିଗର ଛୁଇଁଥିଲାବେଳେ ସିଦ୍ରା ଅମିନ ଲଢୁଆ ବ୍ୟାଟିଂ କରି ସର୍ବାଧିକ ୮୧ ରନ୍ ଓ ନାତାଲିଆ ପରଭେଜ ୩୩ ରନ୍ କରିଥିଲେ। ଭାରତର କ୍ରାନ୍ତି ଗୌଡଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

### ରେଫରିଙ୍କ ଲାଗି ଟସ୍ ଜିତିଲା ପାକିସ୍ତାନ

ଏହି ମ୍ୟାଚ୍‌ର ପ୍ରଥମ ଘଟଣା ଟସ୍‌କୁ ନେଇ ବିବାଦ ହୋଇଥିଲା। ଏଥିରେ ଭାରତ ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରିବାକୁ ପାକିସ୍ତାନୀ ଅଧିନାୟିକା ଫାତିମା ସାନା ଆମନ୍ତ୍ରଣ କରିଥିଲେ। ଭାରତ ଉନ୍ନତ ହାରରେ ରନ୍ ସଂଗ୍ରହ କରିଥିଲାବେଳେ ୪୮ ରନ୍‌ରେ ପ୍ରଥମ ୱିକେଟ ହରାଇଥିଲା। ଉପଅଧିନାୟିକା ସ୍ମୃତି ମନ୍ଧାନା ୨୩ ରନ କରିଥିଲାବେଳେ ଫାତିମା ତାଙ୍କୁ ଏଲବିଡବ୍ଲ୍ୟୁ ଆଉଟ କରି ପାକିସ୍ତାନକୁ ବ୍ରେକ୍ ଥ୍ରୁ ଦେଇଥିଲେ। ମନ୍ଧାନାଙ୍କ ଆଉଟ ପରେ ଭାରତ ନିୟମିତ ୱିକେଟ ହରାଇଥିଲା। କିନ୍ତୁ ଦଳର ସମସ୍ତ ବ୍ୟାଟର କିଛି ନା କିଛି ରନ୍ କରିବା ଫଳରେ ସ୍କୋରବୋର୍ଡ ଆଗକୁ ବଢ଼ିଥିଲା। କୌଣସି ଖେଳାଳି ଅର୍ଦ୍ଧଶତକ କରିବାରେ ସମର୍ଥ ହୋଇ ନ ଥିଲାବେଳେ ନଂ-୩ ହର୍ଲିନ ଦେଓଲ ସର୍ବାଧିକ ୪୬ ରନ୍ କରିଥିଲେ। ଓପନର ପ୍ରତୀକା ରାୱଲ ୩୧, ଅଧିନାୟିକା ହରମନ୍‌ପ୍ରୀତ କୌର ୧୯, ଜେମିମା ରୋଡ୍ରିଗ୍ସେଜ୍ ୩୨ ରନ୍ କରିବାକୁ ସମର୍ଥ ହୋଇଥିଲେ। ୧୫୯ ରନ୍‌ରେ ଦଳ ୫ମ ୱିକେଟ ହରାଇବା ପରେ ଭାରତର ସ୍କୋର ୨୦୦ ଭିତରେ ସୀମିତ ରହିବ ବୋଲି ଆଶଙ୍କା ପ୍ରକାଶ ପାଇଥିଲା। ଅଲରାଉଣ୍ଡର ଦୀପ୍ତି ଶର୍ମା ୩୩ ବଲ୍‌ରେ ୨୫, ସ୍ନେହ ରାଣା ୨୦ ଓ ଶେଷ ଭାଗରେ ୱିକେଟ କିପର ରିଚା ଘୋଷ ଅପରାଜିତ ୩୫ ରନ୍ କରିବା ଫଳରେ ଦଳ ୨୪୭ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ରିଚା ମାତ୍ର ୨୦ ବଲ୍ ଖେଳି ୩ ଚୌକା ଓ ୨ ଛକା ସହ ୩୫ ରନ୍ କରିଥିଲେ। ଶେଷ ଭାଗରେ କ୍ରାନ୍ତି ଗୌଡ଼ ୪ ବଲ୍‌ରୁ ୮ ରନ୍ କରିଥିଲେ ମଧ୍ୟ ଫାଷ୍ଟ ବୋଲର ଡାଏନା ବେଗ୍ ୨ଟି ୱିକେଟ ନେଇ ଭାରତର ରନ୍ ହାରକୁ ଅଟକାଇଥିଲେ।

ପାକିସ୍ତାନ ପକ୍ଷରୁ ଡାଏନା ସର୍ବାଧିକ ୪ଟି ୱିକେଟ ନେଇଥିଲେ। ସାଦିଆ ଇକ୍‌ବାଲ ଓ ଅଧିନାୟିକା ଫାତିମା ସାନା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏହି ବିଜୟ ପରେ ପାକିସ୍ତାନ ବିପକ୍ଷରେ ଭାରତ ଅପରାଜେୟ ରେକର୍ଡ ବଜାୟ ରଖିଛି।

## ଖେଳକୁ ଅଟକାଇଲା ଟସ୍ ଓ ଧୂଆଁ




କଲମ୍ବୋ,୫।୧୦(ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ ହାଇଭୋଲଟେଜ୍ ମହିଳା ବିଶ୍ୱକପ୍ ମ୍ୟାଚ୍ ମଧ୍ୟ ପଡ଼ିଆ ବାହାରର ଘଟଣାକୁ ନେଇ ଚର୍ଚ୍ଚାରେ ରହିଛି। ଏହି ମ୍ୟାଚ୍‌ରେ ଟସ୍‌କୁ ନେଇ ପ୍ରଥମେ ଭୁଲ ବୁଝାମଣା ହୋଇଥିଲା। ଟସ୍ ପକାଇବାବେଳେ ଭାରତୀୟ ଅଧିନାୟିକା ହରମନପ୍ରୀତ୍ କୌର ଟସ୍ ପକାଇଥିଲେ। ପାକିସ୍ତାନୀ ଅଧିନାୟିକା ଫାତିମା ସାନା ଟେଲ କଲ କରିଥିଲେ ମଧ୍ୟ ମ୍ୟାଚ୍ ରେଫରି ସାନ୍ଦ୍ରେ ଫ୍ରିଜ୍ ହେଡ କଲ କରିଥିଲେ ବୋଲି କହିଥିଲେ। ଫଳରେ ଫ୍ରିଜ୍‌ଙ୍କ ଯୋଗୁଁ ଭାରତ ଟସ୍ ହାରିଥିଲା। ସେହିପରି ଖେଳ ମଝିରେ ପଡ଼ିଆରେ ପୋକ ଉଡିଥିଲେ। ଏହାକୁ ଘଉଡ଼ାଇବା ଲାଗି ଆୟୋଜକମାନେ ପଡ଼ିଆରେ ଧୂଆଁ ପ୍ରୟୋଗ କରିଥିଲେ। ଯାହା ଫଳରେ କିଛି ସମୟ ଖେଳ ବନ୍ଦ ରହିଥିଲା। ସେହିପରି ପାକିସ୍ତାନ ଇନିଂସରେ ବ୍ୟାଟିଂ କରୁଥିବା ମୁନିବା ଅଲିଙ୍କୁ କ୍ରାନ୍ତି ଗୌଡ଼ ବୋଲିଂରେ ଏଲ୍‌ବିଡବ୍ଲ୍ୟୁ ଆଉଟ ଲାଗି ଆବେଦନ କରିଥିଲେ। ଏହି ସମୟରେ ମୁନିବା କ୍ରିଜ୍‌ରେ ନ ଥିବା ଜାଣି ଦୀପ୍ତି ଶର୍ମା ୱିକେଟ ଭାଙ୍ଗିଦେଇଥିଲେ। ବଲ ଖେଳିବା ପରେ ମୁନିବା ପପିଙ୍ଗ୍ କ୍ରିଜ୍‌କୁ ଛୁଇଁଥିଲେ, କିନ୍ତୁ ଏହାକୁ ଅମ୍ପାୟାର ଦେଖି ନ ଥିଲେ। କିନ୍ତୁ ୱିକେଟକୁ ବଲ ହିଟ୍ କଲାବେଳେ ତାଙ୍କ ବ୍ୟାଟ୍ କିମ୍ବା ଗୋଡ଼ ପପିଙ୍ଗ୍ କ୍ରିଜ୍‌ରେ ନ ଥିଲା। ଏଣୁ ତାଙ୍କୁ ଆଉଟ ଦିଆଯାଇଥିଲା। ଏହାକୁ ବିରୋଧ କରି ଫାତିମା ସାନା ଖେଳାଳିଙ୍କୁ ବାହାରକୁ ଆସିବା ଲାଗି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କୋଚ୍‌ଙ୍କ ପରାମର୍ଶ କ୍ରମେ ପାକିସ୍ତାନ ଖେଳାଳି ଏଥିରୁ ବିରତ ରହିଥିଲେ।


■ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍

## ୨୨ ପଦକ ସହ ଭାରତର ଶ୍ରେଷ୍ଠ ପ୍ରଦର୍ଶନ

ନୂଆଦିଲ୍ଲୀ,୫।୧୦(ଏଜେନ୍ସି): ସ୍ଥାନୀୟ ଜବାହରଲାଲ ନେହରୁ ଷ୍ଟାଡିୟମରେ ଅନୁଷ୍ଠିତ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିଅନସିପ୍‌ର ଦ୍ୱାଦଶ ସଂସ୍କରଣରେ ଆୟୋଜକ ଭାରତ କ୍ୟାରିଅର ଶ୍ରେଷ୍ଠ ପ୍ରଦର୍ଶନ କରିଛି। ୬ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୭ କାଂସ୍ୟ ସହ ମୋଟ୍ ୨୨ ପଦକ ଜିତି ପଦକ ତାଲିକାର ୫ମ ସ୍ଥାନରେ ରହି ଏହି ମେଗା ଇଭେଣ୍ଟରୁ ଅଭିଯାନ ଶେଷ କରିଛି। ମହିଳା ୧୦୦ ମି ଟି୧୨ରେ ସିମରନ ଶର୍ମା, ପୁରୁଷ ହାଇଜମ୍ପ ଟି୪୭ରେ ନିଶଦ କୁମାର, ପୁରୁଷ ଜାଭେଲିନ୍ ଥ୍ରୋ ଏଫ୍୬୪ରେ ସୁମିତ ଆଣ୍ଟିଲ, ପୁରୁଷ ଜାଭେଲିନ୍ ଏଫ୍ ୪୪ରେ ସନ୍ଦୀପ ସଞ୍ଜୟ ସାଗର, ପୁରୁଷ ଜାଭେଲିନ୍ ଏଫ୍୪୬ରେ ରିଙ୍କୁ ହୁଡା ଓ ପୁରୁଷ ହାଇଜମ୍ପ ଟି୬୩ରେ ଶୈଳେଶ କୁମାର ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ। ଏହି ଚାମ୍ପିଅନସିପ୍ ଗତ ୨୭ ତାରିଖରୁ ଆରମ୍ଭ ହୋଇ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ୧୦୪ଟି ଦେଶରୁ ୨,୦୦୦ ଆଥଲେଟ୍ ଅଂଶଗ୍ରହଣ କରିଥିଲେ।



## ସିଡନୀ ଗ୍ରେଡ୍ କ୍ରିକେଟରେ ହରଜସ୍ ସିଂହଙ୍କ ବିସ୍ଫୋରକ ତ୍ରିଶତକ



ସିଡନୀ, ୫।୧୦ (ଏଜେନ୍ସି): ୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜୟୀ ଅଷ୍ଟ୍ରେଲିଆ କ୍ରିକେଟର୍ ହରଜସ୍ ସିଂହ ସିଡନୀ ଗ୍ରେଡ୍ କ୍ରିକେଟ୍‌ର ଏକ ମ୍ୟାଚରେ ବିସ୍ଫୋରକ ତ୍ରିଶତକୀୟ ପାଳି ଖେଳିଛନ୍ତି। ୱେଷ୍ଟର୍ଣ୍ଣ ସୁବୁରବର୍ସ ଦଳ ପକ୍ଷରୁ ଖେଳୁଥିବା ହରଜସ୍ ୧୪୧ ବଲରେ ୩୧୪ ରନ ସଂଗ୍ରହ କରିଥିଲେ। ୨୦ ବର୍ଷୀୟ ଏହି ଭାରତୀୟ ବଂଶୋଦ୍ଭବ ପଞ୍ଜାବୀ ଖେଳାଳି ତାଙ୍କ ତ୍ରିଶକୀୟ ପାଳିରେ ୩୫ଟି ଛକା ଓ ୧୪ଟି ଚୌକା ମାରିଥିଲେ। ଫଳରେ ତାଙ୍କ ଦଳ ୫୦ ଓଭରରେ ୫ ୱିକେଟ ହରାଇ ୪୮୩ ରନର ବିଶାଳ ସ୍କୋର କରିଥିଲା। ସିଡନୀ ଗ୍ରେଡ୍ କ୍ରିକେଟ୍ ଇତିହାସରେ ଏହା ୩ୟ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର। ଏଥିପୂର୍ବରୁ ୧୯୦୩ ମସିହାରେ ଭିକ୍ଟର ଟ୍ରମ୍ପର ୩୩୫ ଓ ୨୦୦୭ରେ ଫିଲ୍ ହ୍ୟୁଗ୍ସ ୩୨୧ ରନ କରିଥିଲେ। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ପ୍ରାରମ୍ଭରେ ଅଷ୍ଟ୍ରେଲିଆ ଦଳ ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଥିବାବେଳେ ହରଜସ୍ ଏଥିରେ ପ୍ରମୁଖ ସଦସ୍ୟ ରହିଥିଲେ।

**ରାଜମାତା ଜିଜାବାଇ ଟ୍ରଫି**

## ଗୋଆକୁ ହରାଇଲା ଓଡ଼ିଶା



କଟକ,୫।୧୦(ସମିସ): ୩୦ତମ ବରିଷ୍ଠ ମହିଳା ଜାତୀୟ ଫୁଟବଲ ଚାମ୍ପିଅନସିପ୍ ରାଜମାତା ଜିଜାବାଇ ଟ୍ରଫି ଫାଇନାଲ ରାଉଣ୍ଡର ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ବିଜୟୀ ହୋଇଛି। ଛତିଶଗଡ ନାରାୟଣପୁରର ଆରକେଏମ ଆଶ୍ରମ ଗ୍ରାଉଣ୍ଡରେ ଆଜି ଓଡ଼ିଶା ୪-୨ ଗୋଲରେ ଗୋଆକୁ ପରାସ୍ତ କରିଥିଲା। ଖେଳର ପ୍ରଥମାର୍ଦ୍ଧରେ ୩ଟି ଗୋଲ ସ୍କୋର କରି ଓଡ଼ିଶା ମ୍ୟାଚ୍‌ରେ ଆଧିପତ୍ୟ ବିସ୍ତାର କରିଥିଲା। ଅଧିନାୟିକା ପ୍ୟାରୀ ଖାଖା ୧୫ତମ ଏବଂ ୧୬ତମ ମିନିଟରେ ଲଗାତର ଦୁଇଟି ଗୋଲ ସ୍କୋର କରିଥିଲେ। ୩୫ତମ ମିନିଟରେ ସତ୍ୟବତୀ ଖାଡିଆ ଦଳ ପାଇଁ ୩ୟ ଗୋଲ ଦେଇଥିଲେ। ଖେଳର ଦ୍ୱିତୀୟାର୍ଦ୍ଧରେ ଗୋଆ ପକ୍ଷରୁ କରିସ୍ମା ପୁରୁଷୋତ୍ତମ ୫୬ ଏବଂ ୬୪ତମ ମିନିଟରେ ଦୁଇଟି ଗୋଲ ଦେବା ଯୋଗୁଁ ମ୍ୟାଚ୍‌ର ସ୍ଥିତି ୩-୨ରେ ପହଞ୍ଚିଥିଲା। ଅବଶିଷ୍ଟ ସମୟରେ ଗୋଆ ଗୋଟିଏ ଗୋଲ ସୁଝାଇ ପାରିନଥିବା ବେଳେ ଓଡ଼ିଶା ଅଧିନାୟିକା ପ୍ୟାରୀ ବ୍ୟକ୍ତିଗତ ୩ୟ ଗୋଲ ଦେଇ ଓଡ଼ିଶାକୁ ବିଜୟୀ କରାଇଥିଲେ। ପ୍ରକାଶଥାଉକି, ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୦-୧ ଗୋଲରେ ପଶ୍ଚିମବଙ୍ଗ ଠାରୁ ପରାସ୍ତ ହୋଇଛି। ୭ ତାରିଖରେ ଛତିଶଗଡ ବିପକ୍ଷରେ ଓଡ଼ିଶା ୩ୟ ମ୍ୟାଚ୍ ଖେଳିବ।

## ରସେଲ ଜିତିଲେ ସିଙ୍ଗାପୁର ଫର୍ମୁଲା-୧ ଗ୍ରାଁ ପ୍ରି




ସିଙ୍ଗାପୁର, ୫।୧୦(ଏଜେନ୍ସି): ବ୍ରିଟେନର ମର୍ସିଡିଜ ଡ୍ରାଇଭର ଜର୍ଜ ରସେଲ ଏଥର ସିଙ୍ଗାପୁର ଫର୍ମୁଲା-୧ ଗ୍ରାଁପ୍ରିରେ ଟାଇଟଲ ଜିତିଛନ୍ତି। ରବିବାର ସ୍ଥାନୀୟ ମେରିନା ବେ ସର୍କିଟରେ ଅନୁଷ୍ଠିତ ଚୂଡାନ୍ତ ରେସ୍‌ରେ ୨୭ ବର୍ଷୀୟ ରସେଲ ମ୍ୟାକ୍ସ ଭର୍ଷ୍ଟାପେନ ଓ ଲାଣ୍ଡୋ ନୋରିସ୍‌ଙ୍କୁ ପଛରେ ପକାଇ ଚଳିତ ସିଜନରେ ତାଙ୍କ ଦ୍ୱିତୀୟ ଟାଇଟଲ ହାସଲ କରିଛନ୍ତି। ମାତ୍ର ୫ ସେକେଣ୍ଡ ପାଇଁ ଭର୍ଷ୍ଟାପେନଙ୍କୁ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ରସେଲ ୧ ମିନିଟ୍ ୪୦:୨୨.୩୬୭ ସେକେଣ୍ଡ ସମୟ ନେଇ ଶୀର୍ଷରେ ରହିଥିଲେ। ଭର୍ଷ୍ଟାପେନ ଅଧିକ ୫.୪୩୦, ମ୍ୟାକଲରେନ୍‌ର ଲଣ୍ଡୋ ନୋରିସ୍ ଅଧିକ ୬.୦୬୬ ସେକେଣ୍ଡ ସମୟ ନେଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଅଷ୍ଟ୍ରେଲିଆର ମ୍ୟାକଲରେନ ଡ୍ରାଇଭର ଓସ୍କାର ପିଆଷ୍ଟ୍ରି ଚତୁର୍ଥ ଓ ଇଟାଲୀର ମର୍ସିଡିଜ ଡ୍ରାଇଭର ଆନ୍ଦ୍ରିଆ କିମି ଆଣ୍ଟୋନେଲି ୫ମ ସ୍ଥାନରେ ରହିଥିଲେ।

## ପ୍ରଭସିମରନଙ୍କ ଶତକ: ଭାରତ-ଏ'ର ଦିନିକିଆ ସିରିଜ୍ କବ୍‌ଜା

କାନପୁର,୫।୧୦ (ଏଜେନ୍ସି): ପ୍ରଭସିରନ ସିଂହଙ୍କ ଶତକ, ଶ୍ରେୟସ ଆୟର ଓ ରିୟାନ ପରାଗଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ରବିବାର ଅନୁଷ୍ଠିତ ତୃତୀୟ ତଥା ଶେଷ ଦିନିକିଆରେ ଭାରତ-ଏ' ସଂଘର୍ଷ କରି ୨ ୱିକେଟରେ ଅଷ୍ଟ୍ରେଲିଆ-ଏ'କୁ ପରାସ୍ତ କରିଛି। ଏହା ଫଳରେ ୩ ମ୍ୟାଚ୍ ଦିନିକିଆ ସିରିଜ୍‌କୁ ଭାରତ-ଏ' ୨-୧ ବ୍ୟବଧାନରେ ଜିତିନେଇଛି। ପୂର୍ବରୁ ଦଳ ମଧ୍ୟ ଟେଷ୍ଟ ସିରିଜ୍ କବ୍‌ଜା କରିଥିଲା। ଏହି ମ୍ୟାଚ୍‌ରେ ପ୍ରଭସିରନ ସିଂହ ୬୮ ବଲ୍‌ରେ ୮ ଚୌକା ଓ ୭ଛକା ସହ ୧୦୨, ଅଧିନାୟକ ଶ୍ରେୟସ ଆୟର ଓ ରିୟାନ ପରାଗ ୬୨ ରନ୍ ଲେଖାଏଁ କରିବା ଫଳରେ ଅଷ୍ଟ୍ରେଲିଆ-ଏ' ପ୍ରଦତ୍ତ ୩୧୮ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ-ଏ' ୮ ୱିକେଟ ହରାଇ ସଂଗ୍ରହ କରିନେଇଥିଲା। ପୂର୍ବରୁ ଅର୍ଶଦୀପ ସିଂହ ଓ ହର୍ଷିତ ରାଣା ୩ଟି ଲେଖାଏଁ ୱିକେଟ ନେବା ସତ୍ତ୍ୱେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ-ଏ' ୩୧୭ ରନ୍ କରିଥିଲା।

## ଜାତୀୟ ହ୍ୱିଲ୍ ଚେୟାର ରଗବୀରେ ଟାଇଟଲ୍ ବଜାୟ ରଖିଲା ଓଡ଼ିଶା




ଭୁବନେଶ୍ୱର, ୫।୧୦ (ସମିସ): ମଧ୍ୟପ୍ରଦେଶର ଗ୍ୱାଲିୟରରେ ଅକ୍ଟୋବର ୩ରୁ ୫ ତାରିଖ ଯାଏ ଚାଲିଥିବା ୭ମ ଜାତୀୟ ହ୍ୱିଲଚେୟାର ରଗବୀ ଚାମ୍ପିଅନସିପ୍‌ରେ ଓଡ଼ିଶା ଚାମ୍ପିଅନ ହୋଇଛି। ଫାଇନାଲରେ ଓଡ଼ିଶା ହ୍ୱିଲଚେୟାର ରଗବୀ ଦଳ ୧୬-୧୧ ସ୍କୋରରେ ରାଜସ୍ଥାନକୁ ପରାସ୍ତ କରିଥିଲା। ଏଥିସହ ଓଡ଼ିଶା ଟାଇଟଲ୍ ବଜାୟ ରଖିବାରେ ମଧ୍ୟ ସଫଳ ହୋଇଛି। ଭାରତୀୟ ହ୍ୱିଲଚେୟାର ରଗବୀ ମହାସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ଗତ ସଂସ୍କରଣରେ ମଧ୍ୟ ଓଡ଼ିଶା ଦଳ ଟାଇଟଲ ଜିତିଥିଲା। ସୁରେନ୍ଦ୍ର ଜେନା ୧୦ ଜଣିଆ ଓଡ଼ିଶା ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ସେହିଭଳି ଉଦିତ ହରପାଲ୍ ମ୍ୟାନେଜର ଭାବେ ଗସ୍ତ କରିଥିଲେ।

**ଓଡ଼ିଶା ଦଳ**: ଲିଟନ ସାହୁ, ବିକ୍ରମାଦିତ୍ୟ ଜେନା, ପ୍ରଶାନ୍ତ ନାୟକ, ଗୌତମ ସିଂ, ସୁଜିତ କୁମାର ନନ୍ଦ, ଆକାଶ ବାଞ୍ଛୋର, ସୁଧୀର ମଲ୍ଲିକ, ମୁରଲି ବେନିଆନ।

**ପିକେ ରଥ ସ୍ମାରକୀ ଚେସ୍**

## ଆୟୁଷ୍ମାନ ଚାମ୍ପିଅନ

ଭୁବନେଶ୍ୱର, ୫।୧୦ (ସମିସ): କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧'ର ଛାତ୍ର ଆୟୁଷ୍ମାନ ବେହେରା ୫ମ ପିକେ ରଥ ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ୍ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ରବିବାର ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଆୟୁଷ୍ମାନ ଓ ବିଜେଇଏମ୍ ସ୍କୁଲ-୧ର ସାଇକ୍ରିଷ୍ଣା ସାମଲ ସମାନ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ବୁକୋଲଜ୍‌ରେ ଆୟୁଷ୍ମାନ ପ୍ରଥମ ଓ ସାଇକ୍ରିଷ୍ଣା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ୟୁନିଟ୍-୮ ଡିଏଭି'ର ଦୁଇ ଭାଇ ଆତୀଶ ନନ୍ଦ ଓ ଆରିଶ ନନ୍ଦ ସମାନ ପଏଣ୍ଟ ରଖିଥିଲେ ମଧ୍ୟ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଖଣ୍ଡଗିରି ମଦର୍ସ ପବ୍ଲିକ ସ୍କୁଲ୍‌ର ପ୍ରୀତମ ହୋତା ମଧ୍ୟ ନନ୍ଦ ଭାଇଙ୍କ ସହ ସମାନ ପଏଣ୍ଟ ରଖିଥିଲେ ମଧ୍ୟ ୫ମ ସ୍ଥାନରେ ରହିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟକୁ ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ କେଭି-୧ର ବରିଷ୍ଠ ଶିକ୍ଷକ ପୁରୁଷୋତ୍ତମ ବେହେରା ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।



● ବିନୁ ମଙ୍କଡ଼ ଟ୍ରଫି

## ସମ୍ବିତଙ୍କୁ ରାଜ୍ୟ ଦଳର ନେତୃତ୍ୱ

କଟକ,୫।୧୦(ସମିସ): ୧୯ବର୍ଷରୁ କମ୍ ବାଳକ ବିନୁ ମଙ୍କଡ ଟ୍ରଫି ଆସନ୍ତା ୯ ତାରିଖରୁ ଆରମ୍ଭ ହେବ। ଏଥି ନିମନ୍ତେ ୧୮ ଜଣିଆ ରାଜ୍ୟ ଦଳ ଘୋଷଣା କରାଯାଇଛି। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସମ୍ମିଳନୀ କକ୍ଷରେ ରାଜ୍ୟ ଜୁନିୟର ଦଳ ଚୟନ କମିଟି ଅଧକ୍ଷ ନଟରାଜ ବେହେରା ଏବଂ ୧୯ବର୍ଷରୁ କମ୍ ବାଳକ ଦଳର ମୁଖ୍ୟ କୋଚ୍ ପ୍ରଭଞ୍ଜନ ମଲ୍ଲିକ ଉପସ୍ଥିତ ରହି ଦଳ ଘୋଷଣା ନେଇ ସୂଚନା ଦେଇଥିଲେ।

ଘୋଷିତ ୧୮ ଜଣିଆ ଦଳରେ ସମ୍ବିତ ବେଜ୍ ଅଧିନାୟକ ରହିଛନ୍ତି। ଦଳରେ ଶୁଭାଶିଷ ମଲ୍ଲିକ, ପାନକଳ ମୋକ୍ଷିତ(ୱିକେଟ କିପର), ଆୟୂଷ ଚାନ୍ଦ, ପ୍ରୟାନ ସାମଲ, ବିଶ୍ୱଜିତ ପ୍ରଧାନ, ଆଦିତ୍ୟ ଆନନ୍ଦ, ରୁଦ୍ରପ୍ରସାଦ ମଲ୍ଲିକ, ଅଭିରୂପ ଦାସ(ୱିକେଟ କିପର), ମୃତ୍ୟୁଞ୍ଜୟ ମହାପାତ୍ର(ୱିକେଟ କିପର), ପ୍ରିୟାଂଶୁ ମହାନ୍ତି, କ୍ରୀଷ୍ଣା ମହାନ୍ତି, ଶିବୁନ ନନ୍ଦ, ଜନ୍ମେଜୟ ଜେନା, ଅର୍ଣ୍ଣବ ଶତପଥୀ, ଦିବ୍ୟମ ଛପାଡିଆ, ପିୟୂଷ ମନ୍ତ୍ରୀ, ସୟଦ ଟି ଅହମ୍ମଦ ସ୍ଥାନ ପାଇଛନ୍ତି। ହରିୟାଣା ଲାହଲିସ୍ଥିତ ଚୌଧୁରୀ ବଂଶୀଲାଲ କ୍ରିକେଟ ଷ୍ଟାଡିୟମରେ ଗୁଜରାଟ ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ।

## ତୃତୀୟଥର ଲାଗି ଇରାନୀ କପ୍ ଜିତିଲା ବିଦର୍ଭ



ନାଗପୁର, ୫।୧୦ (ଏଜେନ୍ସି)

ରଣଜୀ ଟ୍ରଫି ଚାମ୍ପିଅନ ବିଦର୍ଭ ଦଳକୁ ଆଉ ଏକ ବଡ଼ ସଫଳତା ମିଳିଛି। ଏଠାରେ ଅନୁଷ୍ଠିତ ଇରାନୀ କପ୍‌ରେ ଘରୋଇ ବିଦର୍ଭ ଚାମ୍ପିଅନ ହୋଇଛି। ଅକ୍ଷୟ ୱାଡକରଙ୍କ ନେତୃତ୍ୱାଧୀନ ବିଦର୍ଭ ୯୩ ରନରେ ଅବଶିଷ୍ଟ ଭାରତ ଦଳକୁ ପରାସ୍ତ କରିବା ସହ ୩ୟଥର ଲାଗି ଏହି ସମ୍ମାନଜନକ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଛି। ବିଦର୍ଭ ଏଥିପୂର୍ବରୁ ୨୦୧୭-୧୮ ଓ ୨୦୧୮-୧୯ ସିଜନରେ କ୍ରମାଗତ ଭାବେ ଇରାନୀ କପରେ ଚାମ୍ପିଅନ ହୋଇଥିଲା। ବିଦର୍ଭର ପ୍ରଥମ ପାଳିରେ ୧୪୩ ରନର ମାରାଥନ ଶତକୀୟ ପାଳି ଖେଳିଥିବା ଅଥର୍ବ ତାଇଡେ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ଏହି ମ୍ୟାଚରେ ବିଦର୍ଭ ପକ୍ଷରୁ ଧାର୍ଯ୍ୟ ୩୬୧ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଅବଶିଷ୍ଟ ଭାରତ ରବିବାର ମ୍ୟାଚର ଅନ୍ତିମ ତଥା ୫ମ ଦିବସରେ ଦ୍ୱିତୀୟ ପାଳିରେ ୨୬୭ ରନ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଯଶ ଧୁଲ ସର୍ବାଧିକ ୯୨ ରନ କରିଥିଲେ। ସେହିଭଳି ବ୍ୟାଟିଂକ୍ରମର ୮ମ ସ୍ଥାନରେ ଆସିଥିବା ମାନବ ସୂତାର ୧୧୩ ବଲରେ ୫୬ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ ମଧ୍ୟ ଅବଶିଷ୍ଟ ଭାରତ ଦଳକୁ ଜିତାଇପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱିକେଟ୍‌କିପର ଇଶାନ କିଶାନ ୩୫, ଅଧିନାୟକ ରଜତ ପଟିଦାର ୧୦, ଅଭିମନ୍ୟୁ ଇଶ୍ୱରନ ୧୭ ରନ କରିଥିଲେ। ବୋଲିଂରେ ପ୍ରତିପକ୍ଷ ବିଦର୍ଭର ବୋଲର ହର୍ଷ ଦୁବେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସେ ସର୍ବାଧିକ ୪ଟି ଏବଂ ଆଦିତ୍ୟ ଠାକରେ ଓ ଯଶ ଠାକୁର ୨ଟି ଲେଖାଏ ୱିକେଟ ନେଇ ବିଦର୍ଭକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ଏହି ପାଞ୍ଚଦିବସୀୟ ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ବିଦର୍ଭ ପ୍ରଥମ ପାଳିରେ ୩୪୨ ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଅବଶିଷ୍ଟ ଭାରତ ୨୧୪ ରନରେ ସୀମିତ ରହିଥିଲା। ଏହାପରେ ୧୨୮ ରନରେ ଆଗୁଆ ଥିବା ବିଦର୍ଭ ୨ୟ ପାଳିରେ ୨୩୨ ରନରେ ଅଲଆଉଟ୍ ହୋଇଥିଲା। ଉଲ୍ଲେଖଯୋଗ୍ୟ, ରଣଜୀ ଚାମ୍ପିଅନ ହୋଇଥିବା ଦଳ ଏବଂ ଅବଶିଷ୍ଟ ଭାରତ ଏକାଦଶ ମଧ୍ୟରେ ଇରାନୀ କପ୍ ଖେଳାଯାଇଥାଏ।

### ସଂକ୍ଷିପ୍ତ ସ୍କୋର

**ଅବଶିଷ୍ଟ ଭାରତ ପ୍ରଥମ ଇନିଂସ**
୨୧୪ (ରଜତ ପାଟିଦାର-୬୬, ଅଭିମନ୍ୟୁ ଈଶ୍ୱରନ-୫୨, ଯଶ ଠାକୁର-୪/୬୬)।

**ବିଦର୍ଭ ପ୍ରଥମ ଇନିଂସ**
୩୪୨ (ଅର୍ଥବ ତାଇଡେ-୧୪୩, ଯଶ ରାଠୋଡ-୯୧, ଆକାଶଦୀପ-୩/୫୧)।

**ଅବଶିଷ୍ଟ ଭାରତ ଦ୍ୱିତୀୟ ଇନିଂସ**
୨୬୭ (ଯଶ ଧୂଲ ୯୨, ମାନବ ସୂତାର-୫୬ ନଟ୍‌ଆଉଟ, ହର୍ଷ ଦୁବେ-୪/୭୩)।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS